# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୮/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, December 18/2024 | Page 16 | ₹ 7.00 | SAMBALPUR

୫୧ଶ ଭାଗ ୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 25 | ମୂଲ୍ୟ ₹୭/-


# ଅଲିଭ୍ ରିଡ୍‌ଲେଙ୍କୁ ବାଉଁଶ ଟାୱାର ବିପଦ

ଗହୀରମଥାର ବିସ୍ତୃତ ବେଳାଭୂମିରେ ପ୍ରତିବର୍ଷ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ଅଲିଭ୍ ରିଡ୍‌ଲେଙ୍କ ଗଣ ଅଣ୍ଡାଦାନ ଅନେକଙ୍କୁ ଆକର୍ଷିତ କରିଥାଏ। ସାମୁଦ୍ରିକ ଅଭୟାରଣ୍ୟରେ ବିରଳ କଇଁଛଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ମାଛଧରା ଉପରେ ୭ ମାସ ପାଇଁ କଟକଣା ଜାରି କରାଯାଇଛି। ଏହାସତ୍ତ୍ୱେ ରାଜ୍ୟ ତଥା ବାହାର ମତ୍ସ୍ୟଜୀବୀ ଲୋଭରେ ଏଠାକୁ ମାଛ ଧରିବାକୁ ଆସୁଛନ୍ତି। ପୋଲିସ ଓ ବନ ବିଭାଗ କର୍ମଚାରୀ ପାଟ୍ରୋଲିଂ ପାଇଁ ଉପକୂଳକୁ ଯିବା ପୂର୍ବରୁ ମତ୍ସ୍ୟଜୀବୀଙ୍କୁ ସେମାନଙ୍କ ଗତିବିଧି ସମ୍ପର୍କରେ କେତେଜଣ ସ୍ଥାନୀୟ ଲୋକ ଗୁପ୍ତ ସୂଚନା ଦେଇ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି। ଏହି ସୂଚନା ପ୍ରେରଣର ମାଧ୍ୟମ ପାଲଟିଛି ବାଉଁଶ ଟାୱାର। ବାଉଁଶରେ ଭେରି ହାଇ ଫ୍ରିକ୍ୱେନ୍ସି (ଭିଏଚ୍‌ଏଫ୍)ଯୁକ୍ତ ଟ୍ରାଞ୍ଜିଷ୍ଟର ଯନ୍ତ୍ର ଖଞ୍ଜି ତଥ୍ୟ ପ୍ରେରଣ କରାଯାଉଥିବାରୁ ପାଟ୍ରୋଲିଂ ସମ୍ପର୍କରେ ଆଗୁଆ ଜାଣିପାରି ମତ୍ସ୍ୟଜୀବୀମାନେ ସତର୍କ ହୋଇଯାଉଛନ୍ତି। ଫଳରେ ଅଧିକାରୀମାନେ ଉପକୂଳରୁ ସମୁଦ୍ରକୁ ଯାଇ ଖାଲିହାତରେ ଫେରୁଛନ୍ତି। ଏହା ଅଲିଭ୍ ରିଡ୍‌ଲେଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବା ସହ ସାମୁଦ୍ରିକ, ଆଞ୍ଚଳିକ ଓ ଜାତୀୟ ନିରାପତ୍ତା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି ପରିବେଶବିତ୍‌ମାନେ ସତର୍କ କରାଇଛନ୍ତି। ତେବେ ପୋଲିସ ପ୍ରଶାସନ କିମ୍ବା ବନବିଭାଗ ଏ ନେଇ ଟେର ନ ପାଇବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

## ମତ୍ସ୍ୟଜୀବୀଙ୍କୁ ଗୁପ୍ତ ସୂଚନା ପଠାଉଛନ୍ତି ସ୍ଥାନୀୟ ଲୋକେ

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ କାର୍ଯ୍ୟାଳୟ ସଂଲଗ୍ନ ରଟପଙ୍କ ଗାଁରେ ଥିବା ବାଉଁଶ ଟାୱାର।

**ମହାକାଳପଡ଼ା, ୧୭।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥାରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ପାଇଁ ସାମୁଦ୍ରିକ ଅଭୟାରଣ୍ୟକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଅଲିଭ୍ ରିଡ୍‌ଲେ କଇଁଛଙ୍କ ଜୀବନ ପ୍ରତିବିପଦ ଆଶଙ୍କା କରି ୨୦୨୪ ନଭେମ୍ବର ୧ରୁ ୨୦୨୫ ମେ ୩୧ ପର୍ଯ୍ୟନ୍ତ ୭ ମାସ ମାଛଧରା ଉପରେ କଟକଣା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ମାଛ ଧରିବାକୁ ଟ୍ରଲର, ଡଙ୍ଗା ଓ ମତ୍ସ୍ୟଜୀବୀମାନଙ୍କୁ ବାରଣ କରାଯାଇଛି। ହେଲେ ବ୍ଲକର ତନ୍ତିଆପାଳ, ରଟପଙ୍କ, ଶାସନପେଟା, ନରସିଂହପୁର ଓ ସୁନିତି ଗାଁର କେତେଜଣ ମତ୍ସ୍ୟଜୀବୀ ଓ ଗହୀରମଥା ରେଞ୍ଜ କାର୍ଯ୍ୟାଳୟରେ ଥିବା ଅସ୍ଥାୟୀ କର୍ମଚାରୀଙ୍କ ଘରେ ୨୦ରୁ ଊର୍ଦ୍ଧ୍ୱ ବାଉଁଶରେ ବେତାର ଯନ୍ତ୍ର ଖଞ୍ଜି ସେଥିରୁ ବାହାରକୁ ଗୁପ୍ତରେ ତଥ୍ୟ ଓ ବାର୍ତ୍ତା ପହଞ୍ଚାଯାଉଛି। ଟାୱାର ଭାବେ ବ୍ୟବହୃତ ଏହି ଉଚ୍ଚ କ୍ଷମତାସମ୍ପନ୍ନ ଯନ୍ତ୍ର ଜରିଆରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଭୌଗୋଳିକ ଅବସ୍ଥିତିର ଚିକିତ୍ସା ଖବର ବାହାର ଅଞ୍ଚଳ ଟ୍ରଲରର ମତ୍ସ୍ୟଜୀବୀଙ୍କୁ ଜଣାଇ ଦିଆଯାଉଛି। ସେହିପରି ଟାୱାର ନିର୍ମାଣଠାରୁ ତନ୍ତିଆପାଳ ସାମୁଦ୍ରିକ ଥାନା ୧ କି.ମି. ଦୂରରେ ରହିଛି। ଏଥିରେ ପୋଲିସର ନୀରବତା ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ଗୋଇନ୍ଦା ବିଭାଗ ପାଖରେ ମଧ୍ୟ କୌଣସି ସୂଚନା ନ ଥିବାରୁ ରାଜ୍ୟ ଓ ଦେଶ ପାଇଁ ବିପଦ ସୃଷ୍ଟି ହୋଇଛି। ଏହାକୁ ନେଇ ବନ ବିଭାଗ ଚିନ୍ତାରେ ପଡ଼ିଛି।

ସୂଚନାଯୋଗ୍ୟ, ଉପରୋକ୍ତ ୫ଟି ଗାଁର ପରିବାରର ୫୦୦ ମତ୍ସ୍ୟଜୀବୀ ବାଲେଶ୍ୱର, ଭଦ୍ରକ, ଦୀଘା, ପଶ୍ଚିମବଙ୍ଗ ଅଞ୍ଚଳ ଟ୍ରଲରରେ କାମ କରୁଛନ୍ତି। ନିଷିଦ୍ଧାଞ୍ଚଳ ମଧ୍ୟରେ କୌଣସି ଟ୍ରଲର ମାଛ ଧରୁଥିବା ସୂଚନା ପାଇ ବନ ବିଭାଗର ପାଟ୍ରୋଲିଂ ଟିମ୍ ସମୁଦ୍ରକୁ ଯିବାବେଳକୁ ଏମାନେ ଉକ୍ତ ☞ ପୃଷ୍ଠା–୪

# ଲୋକ ସଭାରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍ ଆଗତ

- 'ଏକଚ୍ଛତ୍ରବାଦ' କହିଲେ ବିରୋଧୀ
- ଜେପିସିକୁ ପଠାଯିବ: ଶାହା

**ନୂଆଦିଲ୍ଲୀ, ୧୭।୧୨ (ପି.ଟି.)**

ଦେଶରେ ଏକସଙ୍ଗେ ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକର ନିର୍ବାଚନ କରାଇବା ଲକ୍ଷ୍ୟରେ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍‌କୁ ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ମଙ୍ଗଳବାର ପାର୍ଲାମେଣ୍ଟର ନିମ୍ନ ସଦନରେ ଉପସ୍ଥାପନ କରିଛନ୍ତି। ତେବେ ବିପକ୍ଷ ଦଳଗୁଡ଼ିକ ଏହାକୁ ସଂଘବାଦ ଉପରେ ଆକ୍ରମଣ ଏବଂ ଏକଚ୍ଛତ୍ରବାଦ କହି ଦୃଢ଼ ବିରୋଧ କରିଥିଲେ। ଏହି ବିଲ୍ ରାଜ୍ୟଗୁଡ଼ିକ ଉପଭୋଗ କରୁଥିବା କ୍ଷମତାରେ ହସ୍ତକ୍ଷେପ କରିବ ନାହିଁ ବୋଲି ଜବାବରେ ମେଘୱାଲ କହିଥିଲେ।

ଲୋକ ସଭାରେ ପ୍ରାୟ ୯୦ ମିନିଟ୍‌ର ବିତର୍କ ଏବଂ ଡିଭିଜନ ଭୋଟ ପରେ ୧୨୯ତମ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରାଯାଇଥିଲା। ଆବଶ୍ୟକ ଦୁଇ–ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଲ୍ ବିଫଳ ହୋଇଛି। ଗୃହରେ ମୋଟ ୪୬୧ ସଦସ୍ୟ ଉପସ୍ଥିତ ଥିବା କୁହାଯାଉଥିବାବେଳେ ବିଲ୍ ସପକ୍ଷରେ ୨୬୯ ସଦସ୍ୟ ଭୋଟ ଦେଇଥିଲେ। ତେବେ ବିଲ୍‌କୁ ୧୯୮ ସଦସ୍ୟ ବିରୋଧ କରିଥିଲେ। ବିଲ୍ ଗୃହୀତ ହେବା ପାଇଁ ଦୁଇ–ତୃତୀୟାଂଶ ଅର୍ଥାତ୍ ୩୦୭ ଜଣ ସଦସ୍ୟଙ୍କ ଆବଶ୍ୟକତା ରହିଛି। ନୂଆ ପାର୍ଲାମେଣ୍ଟରେ ପ୍ରଥମ ଥର ପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ବ୍ୟବସ୍ଥା ଜରିଆରେ ଡିଭିଜନ ଭୋଟ ହୋଇଥିଲା।

| ଗୃହରେ ଉପସ୍ଥିତ ଥିଲେ | |
|---|---|
| ୪୬୭ | |
| ବିଲ୍ ପାରିତ ପାଇଁ ଆବଶ୍ୟକ | |
| ୩୦୭ ଭୋଟ | |
| ସପକ୍ଷରେ | ବିରୋଧରେ |
| ୨୬୯ | ୧୯୮ |

ବ୍ୟବସ୍ଥାପିକା ପ୍ରକ୍ରିୟା, ଦକ୍ଷତା ବୃଦ୍ଧି ଏବଂ ଭୋଟିଂରେ ସ୍ୱଚ୍ଛତା ପାଇଁ ଆଧୁନିକୀକରଣ ଦିଗରେ ଏହା ଏକ ଉଲ୍ଲେଖନୀୟ ପରିବର୍ତ୍ତନ ବୋଲି କୁହାଯାଉଛି।

ୱାନ୍ ନେଶନ, ୱାନ୍ ଇଲେକ୍ସନ ବିଲ୍ ସମେତ ଆଇନ ମନ୍ତ୍ରୀ ମେଘୱାଲ ପଣ୍ଡିଚେରୀ, ଦିଲ୍ଲୀ ଏବଂ ଜମ୍ମୁ–କଶ୍ମୀରରେ ବିଧାନସଭା ନିର୍ବାଚନ ଲୋକ ସଭା ନିର୍ବାଚନ ସହ କରାଇବା ପାଇଁ କେନ୍ଦ୍ରଶାସିତ ଅଞ୍ଚଳ ସଂଶୋଧନ ବିଲ୍ ଆଗତ କରିଥିଲେ। ପ୍ରସ୍ତାବିତ ବିଲ୍‌ଗୁଡ଼ିକ ମୌଳିକ ଢାଞ୍ଚା ସିଦ୍ଧାନ୍ତ ଉପରେ ଆକ୍ରମଣ ନୁହେଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ବିଲ୍‌ଗୁଡ଼ିକ ସମ୍ବିଧାନ ଉପରେ ଆକ୍ରମଣ ଏବଂ ଗଣତନ୍ତ୍ରର ହତ୍ୟା ତଥା ଅଧିନାୟକବାଦ ଓ ଏକଚ୍ଛତ୍ରବାଦ ଆଣିବା ପାଇଁ ଉଦ୍ୟମ ବୋଲି ବିରୋଧୀ ଅଭିଯୋଗ କରିବା ସହ ତୁରନ୍ତ ପ୍ରତ୍ୟାହାର କରିନେବାକୁ ଦାବି କରିଥିଲେ। ଜୋର୍‌ଦାର ବିରୋଧ ମଧ୍ୟରେ ବିଲ୍ ଉପରେ ଅଧିକ ବିଚାରବିମର୍ଶ ପାଇଁ ଏହାକୁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଇବା ପାଇଁ ସରକାର ପ୍ରସ୍ତୁତ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ବିଲ୍‌କୁ ଜେପିସିକୁ ପଠାଇବା ନିମନ୍ତେ ପରାମର୍ଶ ଦେଇଥିବାବେଳେ କେନ୍ଦ୍ର କ୍ୟାବିନେଟ ମଧ୍ୟ ଏହାକୁ ଅନୁମୋଦନ କରିଥିଲା। ଜେପିସିରେ ବିଚାରବିମର୍ଶ ପରେ ଗୃହରେ ପୁନର୍ବାର ଆଲୋଚନା କରାଯିବ ବୋଲି ଶାହା କହିଥିଲେ।

ବିପକ୍ଷ ଦଳଗୁଡ଼ିକରୁ ଏନ୍‌ସିପି (ଶରଦ ପାୱାର ଗୋଷ୍ଠୀ)ର ଏମ୍‌ପି ସୁପ୍ରିୟା ସୁଲେ, କଂଗ୍ରେସର ମନୀଷ ତିୱାରୀ, ତୃଣମୂଳ କଂଗ୍ରେସର କଲ୍ୟାଣ ବାନାର୍ଜୀ, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ ଏବଂ ଡିଏମ୍‌କେର ଟି.ଆର୍. ବାଲୁ ପ୍ରମୁଖ ବିରୋଧର ☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

## ସ୍ନୋ ପାଉଡର ଲଗାଅନାହିଁ

# ଜିଏ ଓଏସ୍‌ଡି ହେଲେ ବିଷ୍ଣୁପଦ

**ଭୁବନେଶ୍ୱର, ୧୭।୧୨ (ଅନିଲ ଦାସ)**

୧୯୯୫ ବ୍ୟାଚ୍ ଆଇଏଏସ୍ ଅଫିସର ସଚିବ ବିଷ୍ଣୁପଦ ସେଠୀଙ୍କୁ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ପଦବୀରୁ ହଟାଇ ଦେଇଛନ୍ତି। ତାଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ବଦଳି କରାଯାଇଛି।

ବିଷ୍ଣୁପଦ ସେଠୀ

ଏ ନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତାଙ୍କ ନାମରେ ଟେଣ୍ଡର ଫିକ୍ସିଂ ଭଳି ମାମଲାରେ ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା କୁହାଯାଉଛି। ☞ ପୃଷ୍ଠା–୪

# ବିସ୍ଫୋରଣରେ ରୁଷିଆ ଜେନେରାଲ ନିହତ

ଇଗୋର କିରିଲୋଭ୍

**ମସ୍କୋ, ୧୭।୧୨**

ବୋମା ବିସ୍ଫୋରଣରେ ରୁଷିଆର ବରିଷ୍ଠ ଜେନେରାଲ ଇଗୋର କିରିଲୋଭ୍‌ଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି। ମସ୍କୋସ୍ଥିତ ତାଙ୍କ ଆପାର୍ଟମେଣ୍ଟ ବିଲ୍ଡିଂ ବାହାରେ ଏକ ସ୍କୁଟରରେ ଲୁଚାଇ ରଖାଯାଇଥିବା ବୋମା ବିସ୍ଫୋରଣ ହୋଇଥିଲା। ରୁଷିଆ ସେନାର ଆଣବିକ, ଜୈବ ଏବଂ ରାସାୟନିକ ସୁରକ୍ଷା ବଳର ମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ କିରିଲୋଭ୍‌ଙ୍କ ବିରୋଧରେ ୟୁକ୍ରେନ୍‌ର ସୁରକ୍ଷା ସେବା ବିଭାଗ ଆପରାଧିକ ଅଭିଯୋଗ ଆଣିବାର ଦିନକ ପରେ ବିସ୍ଫୋରଣରେ ସେ ନିହତ ହୋଇଛନ୍ତି। ସିକ୍ରେଟ୍ ସର୍ଭିସ୍ ଏହି ଆକ୍ରମଣ କରାଇଥିବା ୟୁକ୍ରେନ୍‌ର ଜଣେ ଅଧିକାରୀ କହିଛନ୍ତି। କିରିଲୋଭ୍‌ଙ୍କ ସହାୟକ ମଧ୍ୟ ବିସ୍ଫୋରଣରେ ପ୍ରାଣ ହରାଇଛନ୍ତି।

ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ୫୪ ବର୍ଷୀୟ କିରିଲୋଭ୍‌ଙ୍କ କାର୍ଯ୍ୟ ପାଇଁ ବ୍ରିଟେନ୍, କାନାଡା ସମେତ ଅନେକ ଦେଶ ତାଙ୍କ ବିରୋଧରେ କଟକଣା ଲଗାଇଥିଲେ। ସେ ଯୁଦ୍ଧରେ ବେଆଇନ ରାସାୟନିକ ଅସ୍ତ୍ର ବ୍ୟବହାର ପାଇଁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ସୋମବାର ୟୁକ୍ରେନ୍ ସିକ୍ୟୁରିଟି ସେବା (ଏସ୍‌ବିୟୁ) ତାଙ୍କ ବିରୋଧରେ ଆପରାଧିକ ମାମଲାର ତଦନ୍ତ ଆରମ୍ଭ କରିଥିଲା। ତାଙ୍କୁ ଯୁଦ୍ଧ ଅପରାଧୀ ଭାବେ ଅଭିଯୁକ୍ତ କରାଯାଇଛି। ୨୦୨୨ ଫେବୃଆରୀରୁ ରୁଷିଆ ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଚଳାଇଥିବାବେଳେ ୪,୮୦୦ରୁ ଅଧିକ ଥର ରାସାୟନିକ ଅସ୍ତ୍ର ବ୍ୟବହାର କରିଥିବା ଏସ୍‌ବିୟୁ ରେକର୍ଡ କରିଛି। ପ୍ରଥମ ବିଶ୍ୱଯୁଦ୍ଧରେ ପ୍ରଥମ ଥର ବ୍ୟବହୃତ ହୋଇଥିବା ବିଷାକ୍ତ ଗ୍ୟାସ୍ କ୍ଲୋରୋପିକ୍ରିନ୍‌କୁ ରୁଷିଆ ୟୁକ୍ରେନ୍ ସୈନ୍ୟଙ୍କ ବିରୋଧରେ ବ୍ୟବହାର କରିଥିବା ଗତ ମେ'ରେ ଆମେରିକା ପରରାଷ୍ଟ୍ର ବିଭାଗ କହିଥିଲା। ତେବେ ମସ୍କୋ ଅଭିଯୋଗକୁ ଖଣ୍ଡନ କରିବା ସହ କିଭ୍ ଯୁଦ୍ଧରେ ବିଷାକ୍ତ ସାମଗ୍ରୀ ☞ ପୃଷ୍ଠା–୪

# କେଜିରୁ ପିଜି ସାନ୍ତାଳୀ ଭାଷାରେ ଶିକ୍ଷା: ମୁଖ୍ୟମନ୍ତ୍ରୀ

ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରାଯାଉଛି।

**କେନ୍ଦୁଝର, ୧୭।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ସାନ୍ତାଳୀ ଭାଷା ଭାରତର ଅନ୍ୟ ଆଦିବାସୀ ଭାଷା ତୁଳନାରେ ୧ ନମ୍ବର ସ୍ଥାନ ଅଧିକାର କରିଛି। ଏହି ଭାଷାଭାଷୀ ଲୋକେ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି। ସାନ୍ତାଳୀ ଭାଷାର ବିକାଶ ପାଇଁ ବାଜପାୟୀ ସରକାରରେ ପ୍ରଥମେ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ନରେନ୍ଦ୍ର ମୋଦି ମଧ୍ୟ ଏହି ସମ୍ପ୍ରଦାୟର ବିକାଶ ପାଇଁ ବଦ୍ଧପରିକର। ତେଣୁ ଓଡ଼ିଶାରେ କେଜିରୁ ପିଜି (ପ୍ରାଥମିକସ୍ତରରୁ ବିଶ୍ୱବିଦ୍ୟାଳୟ) ପର୍ଯ୍ୟନ୍ତ ସାନ୍ତାଳୀ ଭାଷାରେ ଶିକ୍ଷା ଦିଆଯିବ ବୋଲି ୩ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ସାନ୍ତାଳୀ ଭାଷାରେ ଅଭିଭାଷଣ ପ୍ରଦାନ କରିଥିଲେ। କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼ ଜିଲାରେ ସାନ୍ତାଳ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରୁଛନ୍ତି। ଦୀର୍ଘଦିନ ହେଲା ଏହି ଜାତିର ଲୋକେ ଯେଉଁ ଦାବି କରିଆସୁଛନ୍ତି ତାହା ପୂରଣ କରାଯିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ମୁଖ୍ୟମନ୍ତ୍ରୀ ରାଇସୁଆଁ ଏୟାରଷ୍ଟ୍ରିପ୍‌ରେ ପହଞ୍ଚି ପ୍ରଥମେ ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏଶନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏୟାରଷ୍ଟ୍ରିପ୍‌ଠାରେ ପ୍ରଶାସନ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ପରେ ଦଳୀୟ କର୍ମୀ, ନେତା, ସ୍ଥାନୀୟ ଲୋକେ ତାଙ୍କୁ ସ୍ୱାଗତକରିବା ସହ ଏକ ଶୋଭାଯାତ୍ରାରେ ବାଲିଆଗୋଡ଼ା ଗ୍ରାମସ୍ଥିତ ଅଲ୍ ଇଣ୍ଡିଆ ସାନ୍ତାଳୀ ରାଇଟର୍ସ ଆସୋସିଏଶନର ୭ମ ବାର୍ଷିକ ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ। ଆସୋସିଏଶନ ପକ୍ଷରୁ ସେଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସାନ୍ତାଳ ସମ୍ପ୍ରଦାୟର ଉନ୍ନତି ଲାଗି ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ମୁକୁନା ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇଥିଲେ। ☞ ପୃଷ୍ଠା–୪

## ସଂକ୍ଷେପରେ

### ୨୦୨୫ରେ ପୁନର୍ଗଠନ ହେବ ଏନ୍‌ଟିଏ

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ୨୦୨୫ରୁ ସବୁ ନିଯୁକ୍ତି ପରୀକ୍ଷା ପରିଚାଳନା କରିବ ନାହିଁ। ଏହା କେବଳ ଉଚ୍ଚତର ଶିକ୍ଷା ପ୍ରବେଶିକା ପରୀକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଘୋଷଣା କରିଛନ୍ତି। ଆସନ୍ତାବର୍ଷ ଏନ୍‌ଟିଏ ପୁନର୍ଗଠିତ ହେବା ସହ ନୂଆ ପଦବୀ ସୃଷ୍ଟି ହେବ। ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଗତବର୍ଷ ଅନୁଷ୍ଠିତ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି)ରେ ପ୍ରଶ୍ନପତ୍ର ଲିକ୍ ହେବା ଓ ଅନ୍ୟାନ୍ୟ ତ୍ରୁଟି କାରଣରୁ ପରୀକ୍ଷାକୁ ବାରମ୍ବାର ବାତିଲ କରିବାକୁ ପଡ଼ିଥିଲା। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଇସ୍ରୋର ପୂର୍ବତନ ମୁଖ୍ୟ ଆର୍. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିସକ୍ରମେ ସରକାର ଏନ୍‌ଟିଏ ପୁନର୍ଗଠନ କରିବାକୁ ଯାଉଛନ୍ତି। ଏନ୍‌ଇଇଟି ପୂର୍ବଭଳି କାଗଜ କଲମରେ ହେବ ନା କମ୍ପ୍ୟୁଟର ଭିତ୍ତିକ ପରୀକ୍ଷା (ସିବିଟି)କୁ ପରିବର୍ତ୍ତନ କରାଯିବ, ସେନେଇ ଶିକ୍ଷା ମନ୍ତ୍ରଣାଳୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ପରାମର୍ଶ କରୁଛି। କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ–ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି–ୟୁଜି) ପୂର୍ବଭଳି ବର୍ଷକୁ ଥରେ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ସ୍କୁଲରେ ଗୁଳି, ୩ ମୃତ

ୱାଶିଂଟନ, ୧୭।୧୨

ଆମେରିକାର ୱିସ୍କୋନ୍ସିନ୍ ରାଜ୍ୟ ମେଡିସନ୍‌ସ୍ଥିତ ଏକ ଘରୋଇ ଖ୍ରୀଷ୍ଟିଆନ ସ୍କୁଲରେ ମଙ୍ଗଳବାର ଗୁଳିକାଣ୍ଡ ଘଟି ୩ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ସ୍କୁଲ ପରିସରରେ ଗୁଳି ଚଳାଇଥିବା ଆତତାୟୀର ମୃତଦେହ ମିଳିଥିବା ପୋଲିସ କହିଛି। ସେହିପରି ଜଣେ ଛାତ୍ର ଓ ଜଣେ ଶିକ୍ଷକଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଆହତଙ୍କ ମଧ୍ୟରେ ୫ ଜଣ ଛାତ୍ର ଓ ଜଣେ ଶିକ୍ଷକ ରହିଛନ୍ତି। ଉକ୍ତ ପ୍ରାଇଭେଟ୍ ସ୍କୁଲରେ ପ୍ରାୟ ୪୦୦ ଛାତ୍ର ପଢୁଥିଲେ। ଗୁଳିକାଣ୍ଡ ଘଟିବା ସମୟରେ ସ୍କୁଲ ମଧ୍ୟରେ ଛାତ୍ରମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଟ୍ରକ୍‌କୁ ପିଟିଲା ବସ୍: ୬ ମୃତ

ଭାବନଗର, ୧୭।୧୨

ଗୁଜରାଟର ଭାବନଗରରୁ ମହୁବା ଯାଉଥିବା ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୬ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ ଜଣ ଆହତ ହୋଇଛନ୍ତି। ଭାବନଗର ଜିଲା ଟ୍ରାପାଜ୍ ଗ୍ରାମ ନିକଟସ୍ଥ ଏକ ହାଇୱେରେ ସାମ୍ନା ପଟୁ ଆସୁଥିବା ଏକ ଡମ୍ପର ଟ୍ରକ୍ ସହ ଏହି ଯାତ୍ରୀବାହି ବସ୍ ଧକ୍କା ହୋଇଥିଲା। ସମସ୍ତ ଆହତଙ୍କୁ ଭାବନଗର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

### ବାପାଙ୍କୁ ଜିଅନ୍ତା ଜାଳିଦେଲେ ପୁଅ

ଲକ୍ଷ୍ନୌ,୧୭।୧୨

ଉତ୍ତରପ୍ରଦେଶର ନିଗୋହାନ ଅଞ୍ଚଳ ଅନ୍ତର୍ଗତ ରାମପୁର ଗ୍ରାମରେ ସମ୍ପତ୍ତି ବିବାଦକୁ ନେଇ ଜଣେ ୨୬ ବର୍ଷୀୟ ଯୁବକ ତାଙ୍କ ବାପାଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ପୋଲିସ ଧର୍ମେଶ ରାଓ୍ୱତ ଏବଂ ତାଙ୍କୁ ହତ୍ୟାରେ ସହଯୋଗ କରିଥିବା ବାନ୍ଧବୀ ସଙ୍ଗୀତା (୨୪)ଙ୍କୁ ଗିରଫ କରିଛି। ରାମୁ ରାଓ୍ୱତ୍ ଗୁରୁବାର ରାତିରେ ଚାଷଜମି ଜଗିବାକୁ ଯାଇଥିଲେ। ଶୁକ୍ରବାର ସକାଳେ ତାଙ୍କ ଦଗ୍ଧ ମୃତଦେହ ଜମିରେ ଥିବା ବୋର୍‌ୱେଲରୁ ମିଳିଥିଲା। ଏନେଇ ରାମୁଙ୍କ ଝିଅ ଜୁଲି ପୋଲିସରେ ଏତଲା ଦେଇଥିଲେ। ପୋଲିସ ଧର୍ମେଶ ଓ ଅନ୍ୟମାନଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ସେ ଅପରାଧ ମାନିଯାଇଥିଲେ। ପରିବାରର ୨.୫ ବିଘା ଚାଷଜମିରୁ ବାପା ତାଙ୍କୁ ବଞ୍ଚିତ କରିଥିବା ସନ୍ଦେହ କରି ଧର୍ମେଶ ତାଙ୍କୁ ହତ୍ୟା କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# କଂଗ୍ରେସ ଅଭିବ୍ୟକ୍ତି ସ୍ୱାଧୀନତା ସଙ୍କୁଚିତ କରିଥିଲା: ଶାହା

ନୂଆଦିଲ୍ଲୀ,୧୭।୧୨(ପି.ଟି.)

**ରାଜ୍ୟ ସଭାରେ ସମ୍ବିଧାନ ବିତର୍କ**

- କଂଗ୍ରେସ ସୃଷ୍ଟ ସ୍ଥିତି ପାଇଁ ଏକସଙ୍ଗେ ନିର୍ବାଚନ ବିଲ୍ ଆଣିବାକୁ ବାଧ ହେଲୁ: ନଡ୍ଡା
- ମଣିପୁରରେ ସାମ୍ବିଧାନିକ ଅଧିକାର ନିଲମ୍ବିତ ହୋଇଛି: ବିରୋଧୀ

ଭାରତୀୟ ସମ୍ବିଧାନର ୭୫ବର୍ଷର ଗୌରବମୟ ଯାତ୍ରା ଉପରେ ମଙ୍ଗଳବାର ରାଜ୍ୟ ସଭାରେ ଆଲୋଚନାରେ ଭାଗନେଇ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ଏହିଦଳ ୭୭ ଥର ସମ୍ବିଧାନ ବଦଳାଇପାରିଥିବାବେଳେ ଅଭିବ୍ୟକ୍ତି ସ୍ୱାଧୀନତାକୁ ସଙ୍କୁଚିତ କରିବା ପାଇଁ ଏକ ଧାରା ଯୋଡ଼ିଥିଲା। 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍ ପାଇଁ ସମ୍ବିଧାନ ସଂଶୋଧନର ଆବଶ୍ୟକ ଥିବାବେଳେ କଂଗ୍ରେସ ଏହାକୁ ବିରୋଧ କରିପାରିବ ନାହିଁ ବୋଲି ଶାହା କହିଛନ୍ତି। ଇନ୍ଦିରା ଗାନ୍ଧୀ ସମ୍ବିଧାନରେ ଆଉ ଏକ ସଂଶୋଧନ ଆଣି ପାର୍ଲାମେଣ୍ଟ ନାଗରିକମାନଙ୍କୁ ଦେଇଥିବା ମୌଳିକ ଅଧିକାରକୁ ସଙ୍କୁଚିତ କରିଥିଲେ। ଅନୁଚ୍ଛେଦ ୧୯ଏ କ'ଣ ପାଇଁ ଅଣାଯାଇଥିଲା ବୋଲି ଶାହା ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ସଂଶୋଧନର ଆବଶ୍ୟକତା ସମ୍ପର୍କରେ ଶାହା ଗୃହକୁ ଅବଗତ କରାଇଥିଲେ।

ସମ୍ବିଧାନ ବିତର୍କରେ ଭାଗନେଇ ରାଜ୍ୟ ସଭାରେ ଗୃହର ନେତା ଜେ.ପି. ନଡ୍ଡା କହିଥିଲେ, କଂଗ୍ରେସ ଏହାର ନିଜସ୍ୱ ଫାଇଦା ପାଇଁ ସମ୍ବିଧାନ ସଂଶୋଧନ କରୁଥିଲା। ଏହାର ପୂର୍ବବର୍ତ୍ତୀ କାର୍ଯ୍ୟ ରାଜ୍ୟଗୁଡ଼ିକରେ ସରକାର ଭାଙ୍ଗିଦେଉଥିଲା ଏବଂ ବିଭିନ୍ନ ସମୟରେ ନିର୍ବାଚନ କରିବାକୁ ପଡୁଥିଲା। ସେଥିପାଇଁ 'ଏକ ରାଷ୍ଟ୍ର, ଏକ ନିର୍ବାଚନ' ବିଲ୍ ଆଣିବା ଜରୁରୀ ହୋଇପଡ଼ିଛି ବୋଲି ନଡ୍ଡା କହିଛନ୍ତି। ସେ ଆହୁରି କହିଥିଲେ, କଂଗ୍ରେସ ତୁଷ୍ଟୀକରଣ ରାଜନୀତି କରୁଛି ଏବଂ ଧର୍ମ ଆଧାରିତ ସଂରକ୍ଷଣ ଆଣିବାକୁ ଉଦ୍ୟମ ଚଳାଇଛି। ଜରୁରିକାଳୀନ ସ୍ଥିତି ଜାରି ପାଇଁ କଂଗ୍ରେସ କ୍ଷମା ମାଗିଥିବା କଥା କହୁଥିବାବେଳେ ଭାଜପା ଅଧ୍ୟକ୍ଷ ଏହାକୁ ଖଣ୍ଡନ କରିଛନ୍ତି। ଯଦି କଂଗ୍ରେସ ଏହାର କାର୍ଯ୍ୟ ପାଇଁ ଅନୁତପ୍ତ, ତେବେ ଏମର୍ଜେନ୍ସି ଜାରିର ୫୦ତମ ବର୍ଷରେ ଆସନ୍ତା ବର୍ଷ ଜୁନ୍ ୨୫ରେ ହେବାକୁ ଥିବା 'ସମ୍ବିଧାନ ହତ୍ୟା ଦିବସ' ପାଳନରେ ସାମିଲ ହେବା ଉଚିତ ବୋଲି ନଡ୍ଡା କହିଛନ୍ତି।



ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା

ବିରୋଧୀ ସଦସ୍ୟମାନେ ମଣିପୁରରେ ସାମ୍ବିଧାନିକ ଅଧିକାର ନିଲମ୍ବିତ ହୋଇଥିବା ପ୍ରସଙ୍ଗ ଉଠାଇଥିଲେ। ଭାଜପା ଏମ୍‌ପିମାନେ ସମ୍ବିଧାନ ବିତର୍କ ବେଳେ ଏହି ପ୍ରସଙ୍ଗ ଉଠାଉ ନ ଥିବାରୁ ଟିଏମ୍‌ସି ଏବଂ ସିପିଆଇ(ଏମ୍) ସଦସ୍ୟମାନେ ନିନ୍ଦା କରିଥିଲେ। ସମ୍ବିଧାନ ଜନସାଧାରଣଙ୍କୁ ଦେଇଥିବା ସମସ୍ତ ଅଧିକାର ମଣିପୁରବାସୀଙ୍କୁ ଫେରାଇବାରେ ବିଫଳ ହୋଇଥିବା ଉତ୍ତରପୂର୍ବାଞ୍ଚଳର ଶାସକ ଦଳ ଏମ୍‌ପିମାନେ ଇସ୍ତଫା ଦେବା ଆବଶ୍ୟକ ବୋଲି ଟିଏମ୍‌ସି ସଦସ୍ୟ ସୁସ୍ମିତା ଦେବ କହିଥିଲେ। ଆସାମରେ ନାଗରିକମାନଙ୍କୁ ଭାଜପା ଶ୍ରେଣୀବଦ୍ଧ କରି ସେମାନଙ୍କୁ ଭିନ୍ନ ଭିନ୍ନ ଅଧିକାର ଦେଇଥିବା ସେ ଅଭିଯୋଗ କରିଥିଲେ। ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) ଯେଉଁଭଳି ପରିଚାଳିତ ହେଉଛି, ସେଥିରେ ସମାନତା ନାହିଁ। ସରକାର ଗୋଟିଏ ନିର୍ବାଚନ, ଜଣେ ନେତା ଓ ଗୋଟିଏ ଧର୍ମ ଚାହାନ୍ତି ବୋଲି ଟିଏମ୍‌ସି ନେତ୍ରୀ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ଦାୟିତ୍ୱ ନିର୍ବାହ ପାଇଁ ମଣିପୁର ଯାଇ ଗୃହରେ ଏମ୍‌ପିମାନଙ୍କୁ ଦେଉଥିବା ୧୧ ମନ୍ତ୍ରକୁ ସେଠାରେ କାର୍ଯ୍ୟକାରୀ କରନ୍ତୁ ବୋଲି ସିପିଆଇ(ଏମ୍) ସଦସ୍ୟ ଜନ୍ ବ୍ରିଟାସ୍ କହିଥିଲେ।

ଭାଜପା ବାରମ୍ବାର ଦେଶର ପ୍ରଥମ ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ କରୁଥିବାରୁ ଆର୍‌ଜେଡି ନେତା ମନୋଜ କୁମାର ଝା ଏହି ଦଳକୁ ସମାଲୋଚନା କରିଥିଲେ। ଜବାହରଲାଲ୍ ନେହେରୁ ସଂସଦୀୟ ଗଣତନ୍ତ୍ରର ପ୍ରତୀକ ଥିଲେ। ଘରର ତଳ ମହଲା ନିର୍ମାଣ ସବୁଠୁ କଷ୍ଟକର ହୋଇଥାଏ। ନେହେରୁ, ଆମ୍ବେଡ୍‌କର, ପଟେଲ ମୂଳଦୁଆ ନିର୍ମାଣ କରିଥିଲେ। ଭାଜପା–ଏନ୍‌ଡିଏ ଦ୍ୱିତୀୟ ଏବଂ ତୃତୀୟ ମହଲା ନିର୍ମାଣ କରୁଛନ୍ତି। ଆପଣମାନେ ଆଉ ୫ ମହଲା ନିର୍ମାଣ କରିପାରନ୍ତି, କିନ୍ତୁ ମୂଳଦୁଆ ବିନା ସେଗୁଡ଼ିକ କୌଣସି କାମକୁ ନୁହେଁ, ଏହାକୁ ସବୁବେଳେ ମନେ ରଖିବାକୁ ହେବ ବୋଲି ଝା କହିଥିଲେ।

# ୨୨ ବର୍ଷ ପରେ ଫେରିଲେ ପାକିସ୍ତାନରେ ଫସିଥିବା ଭାରତୀୟ ମହିଳା

ପୋଲିସ ଅଧିକାରୀଙ୍କ ସହ ହମିଦା ବାନୋ।

ମୁମ୍ବାଇ, ୧୭।୧୨

ମୁମ୍ବାଇର ହମିଦା ବାନୋ ୨୨ ବର୍ଷ ପରେ ଭାରତ ଫେରିଛନ୍ତି। ୨୦୦୨ରେ ଦୁବାଇରେ ଚାକିରି ଦେବାର ଲାଳସା ଦେଖାଇ ଜଣେ ଟ୍ରାଭେଲ ଏଜେଣ୍ଟ ତାଙ୍କୁ ପାକିସ୍ତାନ ପଠାଇ ଦେଇଥିଲେ। ଦୁବାଇରେ ଜଣେ ରୋଷେୟା ଭାବେ ତାଙ୍କୁ ନିଯୁକ୍ତି ମିଳିବ ବୋଲି ହମିଦାଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଏହା ବଦଳରେ ତାଙ୍କୁ ପାକିସ୍ତାନର ସିନ୍ଧ୍ ରାଜ୍ୟ ହାଇଦ୍ରାବାଦ ଜିଲାକୁ ନିଆଯାଇଥିଲା। ସୋମବାର ହମିଦା କରାଚିରୁ ଫ୍ଲାଇଟ ଯୋଗେ ଲାହୋର ଆସିଥିଲେ ଓ ପରେ ସେ ୱାଘା ବର୍ଡର ଦେଇ ଭାରତ ଫେରିଥିଲେ। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରାଳୟର ଅଧିକାରୀମାନେ ତାଙ୍କୁ ବିଦାୟ ଦେଇଥିଲେ।

ପୂର୍ବରୁ ହମିଦା ମୁମ୍ବାଇର କୁର୍ଲା ରେଲୱେ ଷ୍ଟେଶନ ନିକଟରେ ରହୁଥିଲେ। ହମିଦା ୪ ପିଲାଙ୍କ ମା' ଥିଲେ ଏବଂ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପରିବାରର ଖର୍ଚ୍ଚ ସମ୍ଭାଳୁଥିଲେ। ତେଣୁ ବେଶି ରୋଜଗାର କରିବା ପାଇଁ ସେ ଦୁବାଇ ଯିବାକୁ ଇଚ୍ଛା ପ୍ରକାଶ କରିଥିଲେ। ହମିଦାଙ୍କ ଅନୁପସ୍ଥିତିରେ ପରିବାରର ଅନ୍ୟ ସଦସ୍ୟ ତାଙ୍କ ଝିଅ ମାନଙ୍କର ଲାଳନପାଳନ କରିଥିଲେ। ଭାରତ ଫେରିବା ପରେ ହମିଦା କହିଛନ୍ତି, ସେ କେବେ ଭାରତ ଫେରିବାକୁ ସକ୍ଷମ ହେବେ ବୋଲି ଭାବି ନ ଥିଲେ। ୨୨ ବର୍ଷ ପରେ ନିଜ ପରିବାର ଓ ଝିଅମାନଙ୍କୁ ପାଇ ସେ ବେଶ୍ ଖୁସି। ପ୍ରକାଶ ଯେ, ହମିଦା ପାକିସ୍ତାନରେ ଜଣେ ବ୍ୟକ୍ତିଙ୍କୁ ବିବାହ ମଧ୍ୟ କରିଥିଲେ। ତାଙ୍କର କୋଭିଡ୍‌ରେ ମୃତ୍ୟୁ ହୋଇଯାଇଥିଲା। ଏହାପରେ ସେ କରାଚୀରେ ତାଙ୍କ ସାବତ ପୁଅଙ୍କ ସହ ରହୁଥିଲେ।

# ବାଂଲାଦେଶ ସଂଖ୍ୟାଲଘୁଙ୍କୁ କଂଗ୍ରେସ ଏମ୍‌ପିଙ୍କ ସମର୍ଥନ

ବାଂଲାଦେଶର ସଂଖ୍ୟାଲଘୁଙ୍କ ସମର୍ଥନରେ ପାର୍ଲାମେଣ୍ଟ ପରିସରରେ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ବିରୋଧୀ ଏମ୍‌ପି ବିକ୍ଷୋଭ କରୁଛନ୍ତି।

ନୂଆଦିଲ୍ଲୀ,୧୭।୧୨(ପି.ଟି.)

ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଅନେକ କଂଗ୍ରେସ ଏମ୍‌ପି ବାଂଲାଦେଶରେ ଅତ୍ୟାଚାରର ସମ୍ମୁଖୀନ ହୋଇଥିବା ହିନ୍ଦୁ ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ନ୍ୟାୟ ଦାବିରେ ମଙ୍ଗଳବାର ପାର୍ଲାମେଣ୍ଟ ଭବନ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। 'ବାଂଲାଦେଶର ସଂଖ୍ୟାଲଘୁଙ୍କ ସହ ରହିଛୁ' ଲେଖାଥିବା ହ୍ୟାଣ୍ଡବ୍ୟାଗ୍ ଧରି ସେମାନେ ବିକ୍ଷୋଭ କରିଥିଲେ। ପାଲେଷ୍ଟିନୀୟଙ୍କୁ ସମର୍ଥନ କରି ପ୍ରିୟଙ୍କା ସୋମବାର ପାଲେଷ୍ଟାଇନ୍ ଲେଖାଥିବା ବ୍ୟାଗ୍ ନେଇ ପାର୍ଲାମେଣ୍ଟ ଯାଇଥିବାବେଳେ ମଙ୍ଗଳବାର ବାଂଲାଦେଶ ସଂଖ୍ୟାଲଘୁଙ୍କ ସମର୍ଥନରେ ବ୍ୟାଗ୍ ନେଇଥିଲେ। ବାଂଲାଦେଶରେ ଅସୁବିଧାରେ ପଡ଼ିଥିବା ଲୋକଙ୍କୁ ସରକାର ସମର୍ଥନ ଯୋଗାଇ ଦିଅନ୍ତୁ ଓ ବାଂଲାଦେଶ ଅନ୍ତରୀଣ ସରକାରଙ୍କ ନିକଟରେ ପ୍ରସ୍ତାବ ଉଠାନ୍ତୁ ବୋଲି ସୋମବାର ଶୂନ୍ୟକାଳରେ ପ୍ରିୟଙ୍କା କହିଥିଲେ।

### ସମ୍ବଲ ମନ୍ଦିର ଅଞ୍ଚଳରୁ ହିନ୍ଦୁ ପରିବାର ୧୯୭୮ ଦଙ୍ଗାରେ ପଳାୟନ କରିଥିଲେ

ବରେଲୀ,୧୭।୧୨

୧୯୭୮ ଦଙ୍ଗା ପରେ ୪୬ ବର୍ଷ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ସମ୍ବଲର ଶିବ–ହନୁମାନ ମନ୍ଦିର ଗତ ୧୪ ତାରିଖରେ ଖୋଲିବା ପରେ ସେଠାରେ ଭଜନ କୀର୍ତ୍ତନ ଲାଗିରହିଛି। ଖଗୁ ସରାଇରେଥିବା ଏହି ମନ୍ଦିର ୧୯୭୮ ଦଙ୍ଗା ସମୟରୁ ତାଲା ପଡ଼ିଥିଲା। ଦଙ୍ଗା ଯୋଗୁ ସେଠାରେ ରହୁଥିବା ହିନ୍ଦୁ ପରିବାରଗୁଡ଼ିକ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ୮୨ ବର୍ଷୀୟ ବିଷ୍ଣୁ ଶରନ ରସ୍ତୋଗୀ ଦଙ୍ଗା ସମୟର ଭୟାବହତାକୁ ମନେ ପକାଇଛନ୍ତି। ଦଙ୍ଗା ହେବା ଯୋଗୁ ଆମେ ସୁରକ୍ଷା ପାଇଁ ମନ୍ଦିର ଛାଡ଼ି ପଳାଇଲୁ। ମନ୍ଦିରରେ କେହି ଅନୁପ୍ରବେଶ କରି ନ ଥିବାବେଳେ ତାହା ପରିତ୍ୟକ୍ତ ହୋଇ ପଡ଼ିରହିଥିଲା। ରସ୍ତୋଗୀ ତାଙ୍କ ପୈତୃକ ସମ୍ପତ୍ତି ବିକ୍ରି କରିଦେଇଥିଲେ। ସେହି ସମୟରେ ସେଠାରେ ୨୫ରୁ ୩୦ ହିନ୍ଦୁ ପରିବାର ରହୁଥିଲେ ବୋଲି ରସ୍ତୋଗୀ କହିଛନ୍ତି। ରହିଥିଲେ। ନଏଡା ଅଥରଟି କାର୍ଯ୍ୟାଳୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଲୋକେଶ ଏମ୍. ନିଜ କାର୍ଯ୍ୟାଳୟରେ ଲାଗିଥିବା ସିସିଟିଭି କ୍ୟାମେରାରୁ ଉକ୍ତ

# ନାବାଳକଙ୍କୁ ୧୭ ଖଣ୍ଡ କରି ପୋତିଦେଲେ

ଲକ୍ଷ୍ନୌ,୧୭।୧୨

ଉତ୍ତରପ୍ରଦେଶରେ ଜଣେ ୧୫ ବର୍ଷର ବାଳକ କ୍ଷେତରେ କାମ କରୁଥିବାବେଳେ ହାର୍ଭେଷ୍ଟରରେ ଫସିଯାଇ ପ୍ରାଣ ହରାଇଥିଲେ। ତଙ୍କର ଶରୀର ୧୭ ଖଣ୍ଡ ହୋଇଥିବାବେଳେ ଅପରାଧ ଲୁଚାଇବା ପାଇଁ ବିଭିନ୍ନ ସ୍ଥାନରେ ପୋତିଦିଆଯାଇଛି। ଏହି ଘଟଣାରେ ସଞ୍ଜୟ ବର୍ମା (୨୪) ଏବଂ ଲବକୁଶ (୧୮)ଙ୍କୁ ଗିରଫ କରାଯାଇଛି। ବାହାରିଚ୍‌ର ଗାୟତ୍ରୀ ନଗରରେ ରହୁଥିବା ବିକ୍ରମ ନାମକ ଉକ୍ତ ବାଳକ ୧୦ ଦିନ ହେଲା ନିଖୋଜ ଥିଲେ। ବାହାରିଚ୍ ଏସ୍‌ପିଙ୍କ କହିବା ଅନୁଯାୟୀ, ଗତ ୬ ତାରିଖରେ ବିକ୍ରମ କ୍ଷେତରେ ସଞ୍ଜୟ ବର୍ମାକୁ ସହାୟତା କରୁଥିଲେ। ଟ୍ରାକ୍ଟର ଅପରେଟିଂ ବେଳେ ବିକ୍ରମ ଖସିପଡ଼ି ହାର୍ଭେଷ୍ଟର ଭିତରେ ରହିଯାଇଥିଲେ। ଆହତ ବିକ୍ରମକୁ ସାହାଯ୍ୟ କରିବା ବଦଳରେ ଅଭିଯୁକ୍ତ ତାଙ୍କୁ ଖଣ୍ଡଖଣ୍ଡ କରିଦେବା ପାଇଁ ହାର୍ଭେଷ୍ଟରରେ ଘୋଷାଡ଼ିଥିଲେ। ପ୍ରମାଣ ନଷ୍ଟ ପାଇଁ ସେହି ଖଣ୍ଡଗୁଡ଼ିକୁ ସଞ୍ଚୟ ଜମିରେ ବିଭିନ୍ନ ସ୍ଥାନରେ ପୋତିଦେବା ସହ ତାଙ୍କ ପୋଷାକ ଓ ଜୋତାକୁ ପାଖରେ ଥିବା ଏକ ପୋଖରୀରେ ଫିଙ୍ଗିଦେଇଥିଲେ। ଗତ ୧୫ ତାରିଖରେ ବିକ୍ରମଙ୍କ ପୋଷାକ ଓ ଜୋତା ମିଳିବା ପରେ ନିଖୋଜ ମାମଲା ନୂଆ ମୋଡ଼ ନେଇଥିଲା। ପୋଲିସ ସଞ୍ଜୟ ଏବଂ ଲବକୁଶଙ୍କୁ ଗିରଫ କରି ପଚରାଉଚରା କରିବାରୁ ସେମାନେ ଅପରାଧ ସ୍ୱୀକାର କରିଥିଲେ। ପୋଲିସ ଦିନସାରା ଜମିକୁ ଖୋଳି ୧୭ ଖଣ୍ଡ ମୃତଦେହ ବାହାର କରିଛି। ପରିଚୟ ସ୍ପଷ୍ଟହେବା ପାଇଁ ଡିଏନ୍‌ଏ ପରୀକ୍ଷା ନିମନ୍ତେ ପଠାଯିବା ସହ ବ୍ୟବଚ୍ଛେଦ ଚାଲିଛି।

# ୧.୭ କେ.ଜି. ସୁନା ଚୋରାଚାଲାଣ: ଏୟାର ଇଣ୍ଡିଆ କ୍ରିଉ ସଦସ୍ୟ ଗିରଫ

ଚେନ୍ନାଇ, ୧୭।୧୨

ତାମିଲନାଡୁର ଚେନ୍ନାଇ ଏୟାରପୋର୍ଟରେ କଷ୍ଟମ ବିଭାଗର ଅଧିକାରୀମାନେ ମଙ୍ଗଳବାର ୨ଟି ପୃଥକ ଚୋରାଚାଲାଣ ଘଟଣାର ପର୍ଦ୍ଦାଫାସ କରିଛନ୍ତି। ଦୁବାଇରୁ ଚେନ୍ନାଇ ଆସିଥିବା ଏୟାର ଇଣ୍ଡିଆର ଏକ ଫ୍ଲାଇଟର କ୍ରିଉ ସଦସ୍ୟ ସୁନା ଚୋରାଚାଲାଣ କରୁଥିବାବେଳେ ଅଧିକାରୀମାନେ ତାଙ୍କୁ ଧରିଥିଲେ। ସେ ୧.୭ କେ.ଜି. ର ୨୪ କ୍ୟାରେଟ ସୁନା ଅନ୍ତବସ୍ତ୍ର ମଧ୍ୟରେ ଲୁଚାଇ ଆଣିଥିଲେ। ଏହି ଚୋରାଚାଲାଣ ପାଇଁ ଉକ୍ତ କ୍ରିଉ ସଦସ୍ୟ ଓ ଅନ୍ୟ ଜଣେ ଯାତ୍ରୀଙ୍କୁ ଗିରଫ କରାଯାଇଛି। ସେହିପରି ଚେନ୍ନାଇ ଏୟାରପୋର୍ଟରେ କୋକିନ୍ ଚୋରାଚାଲାଣ କରୁଥିବାବେଳେ କଷ୍ଟମ ବିଭାଗର ଅଧିକାରୀମାନେ କେନିଆର ଜଣେ ମହିଳାଙ୍କୁ ଗିରଫ କରିଛନ୍ତି। ତାଙ୍କଠାରୁ ୧.୪ କେ.ଜି. ର କୋକିନ୍ ହସ୍ତଗତ ହୋଇଛି। ଉକ୍ତ ମହିଳା ଜଣକ ଇଥୋପିଆନ ଏୟାରଲାଇନ୍ସର ଏକ ବିମାନ ଯୋଗେ ଇଥୋପିଆର ରାଜଧାନୀ ଆଦସ୍ ଆବାବାରୁ ଚେନ୍ନାଇ ଆସିଥିଲେ।

# କାର୍ଯ୍ୟରେ ଅବହେଳା, ୩୦ ମିନିଟ୍ ଠିଆହୋଇ କାମକଲେ କର୍ମଚାରୀ

ନଏଡା, ୧୭।୧୨

ଉତ୍ତରପ୍ରଦେଶର ନଏଡା ଅଥରିଟି କାର୍ଯ୍ୟାଳୟ ଅନ୍ତର୍ଗତ ଆବାସିକ ପ୍ଲଟ୍ ବିଭାଗରେ ଏକ ବୃଦ୍ଧ ଦମ୍ପତିଙ୍କ କାମ ଠିକ୍ ଭାବେ ନ କରିବାରୁ ବିଭାଗର ସମସ୍ତ କର୍ମଚାରୀଙ୍କୁ ୩୦ ମ

# ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜିଏମ୍‌ଙ୍କୁ ସିବିଆଇ ଜେରା

**ଭୁବନେଶ୍ୱର, ୧୭।୧୨**
**(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜଣଙ୍କ ପରେ ଜଣଙ୍କୁ ମାରାଥନ୍ ଜେରା କରୁଛି। ମଙ୍ଗଳବାର ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେଶନ(ଇଣ୍ଡିଆ) ଲିଃର ଇଷ୍ଟ୍ କୋଷ୍ଟ ଜେନେରାଲ ମ୍ୟାନେଜର ବି. କେ. ସିଂଙ୍କୁ ଜେରା କରାଯାଇଛି। ନୋଟିସ୍ ପାଇ ସିଂ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସରେ ହାଜର ହେବା ପରେ ତାଙ୍କୁ ପଚରାଉଚରା କରାଯାଇଛି। ଡିସେମ୍ବର ୭ରେ ସିବିଆଇ ଚଢ଼ାଉ ହୋଇଥିବାବେଳେ ଏହାର ୩ ଦିନ ପୂର୍ବରୁ ଅର୍ଥାତ ୪ ତାରିଖରେ ପ୍ରମୁଖ ସଚିବ ବିଷ୍ଣୁପଦଙ୍କୁ ଭେଟିବା ପାଇଁ ବ୍ରିଜ୍ ଆଣ୍ଡ୍ ରୁଫ୍ କର୍ପୋରେଶନ କମ୍ପାନୀ ପକ୍ଷରୁ ଏକ ଅନୁମତି ପତ୍ର ଦିଆଯାଇଥିଲା। ଏହାର ପରଦିନ ଅର୍ଥାତ୍ ୫ତାରିଖରେ ଲୋକସେବା ଭବନରେ ବିଷ୍ଣୁପଦଙ୍କୁ ସଂସ୍ଥାର

**ଲାଞ୍ଚ କାରବାର ବେଳେ କାର୍‌ରୁ ୧୦ ଲକ୍ଷ ଜବତ ଘଟଣା**

**▪ ଆଜି ସିବିଆଇରେ ହାଜର ହୋଇପାରନ୍ତି ବିଷ୍ଣୁପଦ**

ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ଓ ଇଷ୍ଟ୍ କୋଷ୍ଟ ଜେନେରାଲ ମ୍ୟାନେଜର ବି.କେ. ସିଂ ସାକ୍ଷାତ କରି ବିଭିନ୍ନ ପ୍ରକଳ୍ପ ବାବଦରେ ଆଲୋଚନା କରିଥିଲେ। ତେବେ ଏହି ଭେଟଘାଟ ବେଳେ କ'ଣ କ'ଣ ଆଲୋଚନା ହୋଇଥିଲା, ଅନ୍ୟ କିଛି ଡିଲ୍ ହୋଇଥିଲା କି ଏଭଳି ଦିଗକୁ ନେଇ ସିବିଆଇର ତଦନ୍ତ ଅଧିକାରୀ ସିଂଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସିବିଆଇ ସମନ୍ କରିଥିବା ସତ୍ତ୍ୱେ ସେ ଏଯାଏ ହାଜର ହୋଇ ନିଜ ପକ୍ଷ ରଖିନାହାନ୍ତି। ତେବେ ବୁଧବାର ବିଷ୍ଣୁପଦ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସରେ ହାଜର ହୋଇପାରନ୍ତି ବୋଲି ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ବଦଳରେ ଦିଲ୍ଲୀ ସିବିଆଇ ଅଫିସରେ ବିଷ୍ଣୁପଦ ହାଜର ହେବେ ବୋଲି ଚିଠି ଲେଖି ଜଣାଇଥିଲେ। ହେଲେ ସିବିଆଇ ପକ୍ଷରୁ ତାଙ୍କୁ ଏଥିପାଇଁ ଅନୁମତି ଦିଆଯାଇ ନ ଥିଲା। ମାମଲାର ତଦନ୍ତ ଅଧିକାରୀ ଭୁବନେଶ୍ୱରରେ ଥିବାରୁ ତାଙ୍କୁ ଭୁବନେଶ୍ୱର ସିବିଆଇ ଅଫିସରେ ହାଜର ହେବାକୁ କୁହାଯାଇଛି। ଏପରି କି ମଧ୍ୟାହ୍ନ ୧୨ଟା ସୁଦ୍ଧା ବିଷ୍ଣୁପଦଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି। ଅପରପକ୍ଷରେ ଗିରଫ ହୋଇ ଜେଲରେ ଥିବା ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ ଜିଜିଏମ୍ ଚଞ୍ଚଳ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ତଥା କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ରଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର ହେବାର ଅଛି।




ବିଶିଷ୍ଟ ତବଲା ଉସ୍ତାଦ ଜାକିର ହୁସେନଙ୍କୁ ମଙ୍ଗଳବାର ପୁରୀ ବେଳାଭୂମିରେ ବାଲୁକାକଳା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ।

## ମିଲରଙ୍କୁ ରାଜସ୍ୱ ମନ୍ତ୍ରୀଙ୍କ କଡ଼ା ଚେତାବନୀ

**ନବରଙ୍ଗପୁର, ୧୭।୧୨**
**(ସଦାଶିବ ପ୍ରହରାଜ)**

ଧାନକିଣା ପ୍ରକ୍ରିୟା ପାଇଁ ଜିଲା ଯୋଗାଣ ବିଭାଗ ସହ ଏଗ୍ରିମେଣ୍ଟ କରୁ ନ ଥିବା ମିଲରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ମନ୍ତ୍ରୀ ଦିନକିଆ ନବରଙ୍ଗପୁର ଗସ୍ତରେ ଆସି ମଙ୍ଗଳବାର ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ କରିଥିବା ସମୀକ୍ଷା ବୈଠକରେ ଏଭଳି ଚେତାବନୀ ଦେଇଛନ୍ତି। ଯେଉଁ ମିଲରମାନେ ଏଗ୍ରିମେଣ୍ଟ କରିବେ ନାହିଁ, ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏପରିକି ଧାନ ସଂଗ୍ରହ ପ୍ରକ୍ରିୟାରେ ଯେଉଁମାନେ ଅବରୋଧ କରିବାକୁ ଚେଷ୍ଟା କରିବେ, ସେମାନେ କଳ୍ପନା କରି ନ ଥିବା ଭଳି ଦଣ୍ଡ ସରକାର ଦେବେ। ଗରିବ ଓ ଚାଷୀଙ୍କ ପାଇଁ ସରକାର ସବୁବେଳେ ରହିଥିବା ସେ କହିଛନ୍ତି।

# ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି ଆରମ୍ଭ

**ପ୍ରଥମ ଦିନରେ ଭାରାବନ୍ଧା କାମ ସରିଲା**

**ପୁରୀ, ୧୭।୧୨**
**(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ମରାମତି ସଂକ୍ରାନ୍ତ ସର୍ଭେ ରିପୋର୍ଟ ମିଳିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗର ନିଷ୍ପତ୍ତି କ୍ରମେ ତଥା ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରଥମ ଦିନରେ ଭିତର ରତ୍ନଭଣ୍ଡାରରେ ଲୁହାଭାରା ବନ୍ଧାଯାଇଛି। ଫଳରେ ଏ ନେଇ ଦୀର୍ଘଦିନ ଧରି ଚାଲିଥିବା କଳ୍ପନାଜଳ୍ପନା ଏବଂ ଅପେକ୍ଷାର ଅନ୍ତ ଘଟିଛି। ତେବେ ବୁଧବାର ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ଥିବାରୁ ମରାମତି କାର୍ଯ୍ୟ ବନ୍ଦ ରହିବ। ସେହିପରି ମରାମତି ସମୟରେ ଭକ୍ତମାନେ ବାହାରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ମଙ୍ଗଳବାର ମରାମତି କାର୍ଯ୍ୟ ପୂର୍ବରୁ ଶ୍ରୀମନ୍ଦିର ନୀତି ପ୍ରଶାସକ ଯାଇ ଜିଲା ଟ୍ରେଜେରିରୁ ରତ୍ନଭଣ୍ଡାର ଚାବି ଆଣିଥିଲେ। ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ପରେ ୧୫ରୁ ୨୦ ଜଣ କୁଶଳୀ ଶ୍ରମିକ ରତ୍ନଭଣ୍ଡାରକୁ ଯାଇ କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନଙ୍କ ସହ ଏକ୍ସପର୍ଟ ଟିମ୍, ଶ୍ରୀମନ୍ଦିର ବୈଷୟିକ ଟିମ୍, ଏଏସ୍‌ଆଇ ପୁରୀ ସର୍କଲର ଅଧିକାରୀମାନେ ରହିଥିଲେ। ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ କହିଛନ୍ତି, ପ୍ରଥମ ଦିନ ଭିତର ଭଣ୍ଡାରରେ ଭାରା ବନ୍ଧା ସରିଛି। ପ୍ରାୟ ୨୦ଫୁଟ୍ ଉଚ୍ଚର ଲୁହାଭାରା ବନ୍ଧାଯାଇଛି। ଭାରା ବ୍ୟବହାର କରି କାନ୍ଥ, ଛାତ ଓ ବିଭିନ୍ନ ସ୍ଥାନରେ ଥିବା ଫାଟ ମରାମତି କରାଯିବ। ଦିନକୁ ୪ରୁ ୫ ଘଣ୍ଟା କାର୍ଯ୍ୟ ହେବ। ବୁଧବାର ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି ରହିଥିବାରୁ ମରାମତି କାର୍ଯ୍ୟ ବନ୍ଦ ରହିବ। ପରଦିନଠାରୁ ପୁଣି କାମ ଆରମ୍ଭ ହେବ। ପ୍ରାଥମିକ ଭାବେ ଚୂନ ପ୍ଲାଷ୍ଟରକୁ ହଟାଯିବ। ପରେ ଫାଟ ଥିବା ପଥରଗୁଡ଼ିକ ପ୍ରତିସ୍ଥାପନ କରାଯିବ। ନୀଳଗିରିରୁ ଆସୁଥିବା ଉନ୍ନତମାନର ପଥରରେ ମରାମତି କାର୍ଯ୍ୟ ହେବ ବୋଲି ଗଡ଼ନାୟକ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ମରାମତି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଶୃଙ୍ଖଳିତ ନୀତିକାନ୍ତି ଓ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଏଏସ୍‌ଆଇ ୩ମାସ ସମୟ ମାଗିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା କାର୍ଯ୍ୟ ସାରିବାକୁ କୁହାଯାଇଛି। ଯେଉଁଦିନ ମହାପ୍ରଭୁଙ୍କ ନୀତି ରହିବ ତଥା ଭକ୍ତଙ୍କ ଅଧିକ ସମାଗମ ହେବ, ସେହିଦିନ କାର୍ଯ୍ୟ ବନ୍ଦ ରହିବ। ଏସ୍‌ପି ବିନିତ୍ କୁମାର ଅଗ୍ରୱାଲ କହିଛନ୍ତି, ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ମରାମତି କାମ ଆରମ୍ଭ ହୋଇଛି। ଯେତେଶୀଘ୍ର ସମ୍ଭବ କାମ ସାରିବାକୁ କୁହାଯାଇଛି। ଏହାପରେ ଅଳଙ୍କାର ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ। ଅନ୍ୟପକ୍ଷରେ ଦୀର୍ଘସ୍ଥାୟୀ ମରାମତି ନିମନ୍ତେ ବିଭିନ୍ନ ମହଲରେ ଦାବି କରାଯାଇଛି।

# ଆଜି ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି

**ପୁରୀ, ୧୭।୧୨**
**(ଅଜିତ୍ କୁମାର ମହାନ୍ତି)**

ଧନୁ ସଂକ୍ରାନ୍ତିଠାରୁ ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଦୀର୍ଘ ୧ ମାସ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ପହିଲି ଭୋଗ ଲାଗି କରାଯାଇଥାଏ। ପହିଲି ଭୋଗ ମାସରେ ଦୈନିକ ଦିବା ପହୁଡ଼ ନୀତି ହେବାର ପରମ୍ପରା ରହିଛି। ତେବେ ପହିଲି ଭୋଗ ମାସରେ ଦର୍ଶନାର୍ଥୀଙ୍କ ଅତ୍ୟଧିକ ଭିଡ଼ ରହିବା ସହିତ

**ସାଢ଼େ ୩ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ**

ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପାଇଁ ସମୟ ଆବଶ୍ୟକ ହେଉଥିବାରୁ ଦୈନିକ ଦିବା ପହୁଡ଼ କରାନଯାଇ କେବଳ ପରମ୍ପରାର ପ୍ରତୀକ ସ୍ୱରୂପ ପହିଲି ଭୋଗ ମାସରେ ଗୋଟିଏ ଦିନ ଦିବାପହୁଡ଼ କରାଯିବାକୁ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ମହାପ୍ରଭୁଙ୍କ ଦିବା ପହୁଡ଼ ନୀତି କରାଯିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେଣୁ ବୁଧବାର ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦିବା ପହୁଡ଼ ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଉକ୍ତ ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆହତ ମୟୂରକୁ ଉଦ୍ଧାରକଲେ ସତ୍ୟଜିତ୍

ସତ୍ୟଜିତ୍ ଗଡୁଆ

**ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ୍‌ର ପ୍ରକୃତିପ୍ରେମୀ ସତ୍ୟଜିତ୍ ଗଡୁଆ ଏକ ଆହତ ମୟୂର ଉଦ୍ଧାର କରିଛନ୍ତି। ଖଜୁରିଆପାଲି ଗ୍ରାମର ପାର୍ଶ୍ୱବର୍ତ୍ତୀ ଚାନ୍ଦିଲି ସଂରକ୍ଷିତ ଜଙ୍ଗଲ ନିକଟରେ ଉକ୍ତ ମୟୂରଟି କୌଣସି କାରଣରୁ ଅସୁସ୍ଥ ଅବସ୍ଥାରେ ପଡିରହିଥିଲା। ଏନେଇ ଖବର ପାଇ ସତ୍ୟଜିତ୍ ସେହି ସ୍ଥାନକୁ ଯାଇ ମୟୂରଟିକୁ ଉଦ୍ଧାରକରି ତୁରନ୍ତ ଘରୋଇ ଚିକିତ୍ସା ଆରମ୍ଭ କରିଥିଲେ। ଆହତ ମୟୂରକୁ ଗ୍ଲୁକୋଜ ପାଣି ପିଆଇବା ସହ ତା'ର ଡେଣାରେ ଆଘାତ ଲାଗିଥିବା ସ୍ଥାନରେ ବଟା ହଳଦୀ ପ୍ରଲେପ ଦେଇ ପରଗୁଡିକ ପୁନଃ ସଜାଡ଼ିଥିଲେ। କିଛି ସମୟ ରଖିବା ପରେ ମୟୂରଟିକୁ ତା'ର ଉପଯୁକ୍ତ ବାସସ୍ଥଳୀରେ ଛାଡ଼ି ଦେଇଥିଲେ। 'ଜୀବେ ଦୟା ପରମ ଧର୍ମ'କୁ ପାଥେୟକରି ନିଜ କର୍ତ୍ତବ୍ୟ ଜାରି ରଖିଛନ୍ତି ବୋଲି ସତ୍ୟଜିତ୍ କହିଛନ୍ତି। ଏବେ ଜଙ୍ଗଲ ନିଆଁ, ବନ୍ୟପ୍ରାଣୀଙ୍କ ସୁରକ୍ଷା, ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ପ୍ରକୃତିର ସଂରକ୍ଷଣ ପ୍ରତି ସମସ୍ତେ ଦାୟିତ୍ୱବାନ୍ ରହିବା ପାଇଁ ସେ ନିବେଦନ କରିଛନ୍ତି। ପ୍ରକୃତିପ୍ରେମୀ ସତ୍ୟଜିତ୍‌ଙ୍କ ଏଭଳି କାର୍ଯ୍ୟକୁ ଜନସାଧାରଣରେ ପ୍ରଶଂସା କରାଯାଉଛି।

# ବିକାଶ ନାମରେ ପ୍ରକୃତିକୁ ଲୁଟ୍ ଚାଲିଛି

**ଭୁବନେଶ୍ୱର, ୧୭।୧୨**
**(ବନ୍ଦନା ସେଠୀ)**

ପୃଥିବୀରେ ଜଳବାୟୁ ପରିବର୍ତ୍ତନ ପ୍ରାକୃତିକ ଭାବରେ ପ୍ରତି ୧ ଲକ୍ଷ ବର୍ଷରେ ହୋଇଥାଏ। ମାତ୍ର ଗତ ଶହେ କୋଡ଼ିଏ ବର୍ଷ ଭିତରେ ଏହା ସମ୍ପୂର୍ଣ୍ଣ ଭାବରେ ବଦଳିବାରେ ଲାଗିଛି। ଆଇପିସିସି ରିପୋର୍ଟ ଅନୁସାରେ, ଏବେ ପ୍ରତିବର୍ଷ ପୃଥିବୀରୁ ୨୭ ହଜାର ଜୀବଜନ୍ତୁ ଲୋପପାଉଛନ୍ତି। ଏହି ଧାରା ଜାରି ରହିଥିଲେ ଆଗାମୀ ୪୦ରୁ ୬୦ବର୍ଷ ମଧ୍ୟରେ ୧୦ ଲକ୍ଷ ଜୀବଜନ୍ତୁ ପୃଥିବୀ ପୃଷ୍ଠରୁ ଲୋପପାଇଯିବେ। ସରକାର ତଥା କର୍ପୋରେଟମାନେ ବିକାଶ ନାଁରେ ଜଙ୍ଗଲ, ଜମି, ନଦୀ, ସମୁଦ୍ରକୁ ଯେଭଳି ଲୁଣ୍ଠନ କରୁଛନ୍ତି, ସେଥିରେ ମଣିଷ ମଧ୍ୟ ବଞ୍ଚିବା ସମ୍ଭବପର ହେବନାହିଁ ବୋଲି ଗ୍ରୀନ୍ ପିସ୍ ଏନ୍‌ଭାଇରନ୍‌ମେଣ୍ଟ ଟ୍ରଷ୍ଟ ଅଧ୍ୟକ୍ଷ ସୌମ୍ୟ ଦତ୍ତ କହିଛନ୍ତି। ମଙ୍ଗଳବାର ଲୋହିଆ ଏକାଡେମୀଠାରେ

**ପ୍ରତିବର୍ଷ ପୃଥିବୀରୁ ୨୭ହଜାର ଜୀବଜନ୍ତୁ ଲୋପପାଉଛନ୍ତି**

ଏନ୍‌ଏପିଏମ୍‌ର ଇକୋଲୋଜିକାଲ ଫୋରମ, ସେଣ୍ଟର ଫର୍ କ୍ଲାଇମେଟ୍ ଜଷ୍ଟିସ୍ ଓ ଲୋହିଆ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଜଳବାୟୁ ଓ ପରିବେଶ ନ୍ୟାୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୌମ୍ୟ କହିଲେ, ଜାତିସଂଘର ଜଳବାୟୁ ପରିବର୍ତ୍ତନ ଡେସ୍କ ଅନୁଯାୟୀ ୨୦୩୦ ସୁଦ୍ଧା କାର୍ବନ ଉତ୍ସର୍ଜନ ୪୫% ନ କମିଲେ ଆଗାମୀ ଦିନରେ ହେବାକୁ ଥିବା ବଡ଼ ବିଧ୍ୱଂସକୁ ରୋକିପାରିବ ନାହିଁ। ସମଦୃଷ୍ଟିର ସମ୍ପାଦକ ସୁଧୀର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ପ୍ରଫେସର ସୁଧୀର ରାଉତ, ପ୍ରଫେସର ସୁନ୍ଦର ନାରାୟଣ ପାତ୍ର, ପ୍ରଫେସର ଜୟକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଦେଶରେ ଚାଲିଥିବା ଅବାରିତ ଖଣି ଖନନ ଓ ପରିବେଶ ପ୍ରଦୂଷଣ ବିଷୟରେ ଆଲୋକପାତ କରିଥିଲେ। ଏହାକୁ ନ ରୋକିଲେ ମାନବ ସଭ୍ୟତା ତିଷ୍ଠି ରହିପାରିବ ନାହିଁ ବେଲି ଚେତାବନୀ ଦେଇଥିଲେ। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିବାବେଳେ ଲୋହିଆ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ ସ୍ୱାଗତ ଭାଷଣ ଏବଂ ମାନସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ 'ଓଡ଼ିଶାର ପ୍ରାକୃତିକ ସଂସାଧନର ସଂରକ୍ଷଣ ଓ ସମ୍ବର୍ଦ୍ଧନ' ଶୀର୍ଷକ ଆଲୋଚନାଚକ୍ର ଏବଂ ଶେଷ ଅଧିବେଶନରେ 'ଜଳ ପରିବେଶ ଓ ସଂରକ୍ଷଣ' ଉପରେ ଆଲୋଚନା ହୋଇଥିଲା।

# ସର୍ବାଧିକ ବୟସସୀମା କୋହଳ ପାଇଁ ହାଇକୋର୍ଟଙ୍କ ଆଦେଶ

**କଟକ, ୧୭।୧୨ (କାର୍ତ୍ତିକ ସାହୁ)**

ଓଡ଼ିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ସମ୍ପର୍କିତ ମାମଲାର ଶୁଣାଣି କରି ସର୍ବାଧିକ ବୟସସୀମା କୋହଳ କରିବାକୁ ହାଇକୋର୍ଟ ମଙ୍ଗଳବାର ଆଦେଶ ଦେଇଛନ୍ତି। ଆବେଦନକାରୀ ଆଦିତ୍ୟ ମିର୍ଦ୍ଧା ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଏକାଧିକ ଆବେଦନର ଶୁଣାଣି କରି ବିଚାରପତି ଡ. ଏସ୍. କେ. ପାଣିଗ୍ରାହୀ ଏହି ଆଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ପୋଲିସରେ ୪୦୫ଟି ଡ୍ରାଇଭର ପଦରେ ନିଯୁକ୍ତି ପାଇଁ ପୋଲିସ ସିଲେକ୍ସନ ବୋର୍ଡ ପକ୍ଷରୁ ଗତ ଅକ୍ଟୋବର ୭ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଥିରେ ଦର୍ଶାଯାଇଥିଲା

**ଓଡ଼ିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ମାମଲା**

ଯେ, ଓଡ଼ିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ନିମନ୍ତେ ଗତ ଜାନୁଆରୀ ୧ ତାରିଖ ସୁଦ୍ଧା ପ୍ରାର୍ଥୀଙ୍କ ବୟସ ୧୮ରୁ ୨୩ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ତଦନୁଯାୟୀ ପ୍ରାର୍ଥୀମାନେ ଏହି ପଦବୀ ନିମନ୍ତେ ଆବେଦନ କରିଥିଲେ। କରୋନା ସମୟରେ ନିଯୁକ୍ତି ବନ୍ଦ ଥିବାବେଳେ ୨୦୨୧ ମସିହା ପରେ ପ୍ରଥମ ଥର ପାଇଁ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତେବେ ନିୟମିତ ଭାବେ ନିଯୁକ୍ତି ପ୍ରକ୍ରିୟା ହୋଇ ନ ଥିବାରୁ ଓଡ଼ିଶା ପୋଲିସରେ ଡ୍ରାଇଭର ନିଯୁକ୍ତି ନିମନ୍ତେ ବୟସ ସୀମା କୋହଳ କରିବାକୁ ଏକାଧିକ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନିଯୁକ୍ତି ନିମନ୍ତେ ନିୟମିତ ଅନ୍ତରରେ ବିଜ୍ଞପ୍ତି ପ୍ରକାଶ ପାଉ ନ ଥିବାରୁ ସେମାନେ ବଞ୍ଚିତ ହେଉଥିବା ଦର୍ଶାଇଥିଲେ। ହାଇକୋର୍ଟ ସର୍ବାଧିକ ବୟସ ସୀମା କୋହଳ କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ପ୍ରାର୍ଥନା କରାଯାଇଥିଲା। ହାଇକୋର୍ଟ ଏକାଧିକ ଆବେଦନକୁ ଗ୍ରହଣ କରି ମଙ୍ଗଳବାର ଉପରୋକ୍ତ ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପ୍ରିୟରଞ୍ଜନ ସିଂ, ଯୁଗଳ କିଶୋର ପଣ୍ଡା, ବିପ୍ଳବ ପି. ବାହାଲି, କ୍ଷୀରୋଦ ରାଉତ, ଅନୁରା

**ଆଜିର ମନ୍ତବ୍ୟ**

କଂଗ୍ରେସ ସବୁବେଳେ ଚାଷୀଙ୍କ ସ୍ୱାର୍ଥ ସମ୍ପର୍କରେ ବଡ଼ ବଡ଼ କଥା କହୁଛି। କିନ୍ତୁ ନିଜେ କିଛି କରୁନାହିଁ କି ଅନ୍ୟମାନଙ୍କୁ କରିବାକୁ ଦେଉନାହିଁ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନୀ, ସ୍ଥାନ: ବେଣୁପୁର, ବାଲିଅନ୍ତା ବ୍ଲକ, ସମୟ: ସକାଳ ୮ଟା।
- ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ଏଜି ରିକ୍ରେସନ କ୍ଲବ ପଡ଼ିଆ, ପୁରୁଣା ଏଜି କଲୋନୀ, ୟୁନିଟ୍-୪, ସମୟ: ସକାଳ ୯ଟା।
- ରାଜ୍ୟସ୍ତରୀୟ ସରଗିଫୁଲ ଉତ୍ସବ, ସ୍ଥାନ: ଆଦିବାସୀ ମେଳା ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ବଶିଷ୍ଠ ନାଗରିକ ମହାସଂଘର ୧୪ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ବିଜେବି ୭୩ର ୩୪ତମ ବନ୍ଧୁମିଳନ, ସ୍ଥାନ: ଅନ୍ଧମୂକବଧିର ସଭାଗୃହ, ସତ୍ୟନଗର, ସମୟ: ପୂର୍ବାହ୍ନ ୧୧ଟା।
- ଉଇ ଫର୍ ୟୁ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାମ୍ବାଦିକ ଭବନ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା।
- ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୧୦୮ ଫୁଟର ସ୍ମାରକୀ ପତାକା ଉତ୍ତୋଳନ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା ୧୫।
- ବ୍ୟଙ୍ଗ ସାହିତ୍ୟାସର, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ, ସମୟ: ଅପରାହ୍ନ ୫ଟା ୩୦।
- ସଙ୍ଗୀତ କାର୍ଯ୍ୟକ୍ରମ 'ଚିର ସବୁଜ ଗୀତ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ନାଗରିକ ସମାଜର ଷୋଡ଼ଶ ସ୍ୱନକ୍ଷତ୍ର ଦିବସ, ସ୍ଥାନ: ହୋଟେଲ କେଶରୀ, ସମୟ: ସନ୍ଧ୍ୟା ୬ଟା।

## କଟକ

- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ଅର୍ଜୁନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ ପରିସର, ନୂଆପାଟଣା, ତିଗିରିଆ, ସମୟ: ପୂର୍ବାହ୍ନ ୧୦ଟା।
- ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଖ୍ରୀଷ୍ଟ କଲେଜ ପକ୍ଷରୁ ଖ୍ରୀଷ୍ଟମାସ୍ କ୍ୟାରୋଲ, ସ୍ଥାନ: କଲେଜ ପରିସର, ସମୟ: ଅପରାହ୍ନ ୫ଟା।

## ପୁରୀ

- ଭୀମ ଭୋଇ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ସତ୍ୟବାଦୀ ମହୋତ୍ସବ ନିମନ୍ତେ ସମନ୍ୱୟ ବୈଠକ, ସ୍ଥାନ: ସତ୍ୟବାଦୀ ବ୍ଲକ ନିକଟସ୍ଥ କଲ୍ୟାଣ ମଣ୍ଡପ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଭୀମଭୋଇ ଭିନ୍ନକ୍ଷମ ଶିବିର, ସ୍ଥାନ: ରଘୁନାରାୟଣ ବିଦ୍ୟାଳୟ ପଡିଆ, ମାର୍କୋଣା, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଶିଶୁ ମହୋତ୍ସବ, ସ୍ଥାନ:ବରୀ ସରକାରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଭୋଗରାଇ କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଭୁଷଣ୍ଡେଶ୍ୱର ମହାଦେବ ପରିସର, ଭୋଗରାଇ, ସମୟ: ଅପରାହ୍ନ ୨ଟା।

## ଭଦ୍ରକ

- ଏସ୍‌ୟୁଜେର ଜିଲାସ୍ତରୀୟ ବୈଠକ, ସ୍ଥାନ: ଚାରିଘରିଆ ରୋଟାରୀ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜୟ ଦିବସ ସମାରୋହ, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଲାୟନ୍ସ କ୍ଲବ୍ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଅଛି ଯଦି ଦିଅ ନାହିଁ ଯଦି ନିଅ', ସ୍ଥାନ: ଟାଉନ ଥାନା ଛକ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଅଭିରାମ ପଣ୍ଡା ସ୍ମୃତି ସଂସଦର ବାର୍ଷିକୋତ୍ସବ, ସ୍ଥାନ: ଚିଙ୍ଗୁଡ଼ିପୁର ସ୍ୱାମୀ ବିବେକାନନ୍ଦ ଗୁରୁକୁଳ ଆଶ୍ରମ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ ସମାରୋହ, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଦି ମାତୃଭାରତୀ ବୈଠକ, ସ୍ଥାନ:ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲପାଲ ବଡସାହି ବ୍ଲକ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ମେରି ଖ୍ରୀଷ୍ଟମାସ, ସ୍ଥାନ: ବୁଗୁଡା ଶୋଭନୀୟ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- କୁଜଙ୍ଗ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଅଲିଭରିଡ୍‌ଲେ କଇଁଛ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମାଛଧରା ବନ୍ଦର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା କ୍ରିକେଟ ସୁପରଲିଗ ମ୍ୟାଚରେ ଗୋପବନ୍ଧୁ କ୍ରିକେଟ କ୍ଲବ ବନାମ କେନ୍ଦ୍ରାପଡ଼ା ଟାଇଗର୍ସ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଧନୁଯାତ୍ରା ମହୋତ୍ସବ, ସ୍ଥାନ: କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଜ୍ଞାନଯଜ୍ଞ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ଛତିଆ ଇସ୍କନ ଗ୍ରୁପ ପକ୍ଷରୁ ଭଜନ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ସମଗ୍ର ଶିକ୍ଷା ନୟାଗଡ଼ ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ, ସ୍ଥାନ: ନୟାଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ:ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୨ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକର ରାଜପାଟଣା ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା

- ଉପଖଣ୍ଡସ୍ତରୀୟ ଚଇତି ଉପଲକ୍ଷେ ଭଲିବଲ ଟୁର୍ନାମେଣ୍ଟ, ସ୍ଥାନ: ମିନି ଷ୍ଟାଡିୟମ, ଗୁଣପୁର , ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଚଇତି ମହୋତ୍ସବ, ସ୍ଥାନ: ଆଇଓବି ବ୍ୟାଙ୍କ ପଛ ପଡ଼ିଆ, ବିଷମକଟକ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ଜିଲାସ୍ତରୀୟ ସ୍କାଉଟ ଓ ଗାଇଡର ପ୍ରଶିକ୍ଷଣ ଶିବିର, ସ୍ଥାନ : କିଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ : ସକାଳ ୭ଟା।
- ସମ୍ବଲପୁର ଲୋକ ମହୋତ୍ସବ ପ୍ରେକ୍ଷାଳୟ ଉପସମିତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ମଧ୍ୟାହ୍ନ ୧୨ଟା।
- ସମୟ: ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ୫୩ ତମ ବାର୍ଷିକ କ୍ରୀଡା ମହୋତ୍ସବ ୨୦୨୪, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ସକାଳ ୯ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ସ୍କାଉଟ ଗାଇଡ କ୍ୟାମ୍ପର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବାଳକ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ମାହେଶରୀ କ୍ରିକେଟ ଟୁର୍ନାମେଣ୍ଟର ଷଷ୍ଠ ଦିବସ, ସ୍ଥାନ: କାନପୁର,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ପାରାୟଣ, ସ୍ଥାନ: ଲୁଟୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ ଟା।
- ଧନୁଯାତ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଉଲୁଣ୍ଡା, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧୀଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୧୧ଟା।
- ପଦ୍ମପୁର ଲୋକ ମହୋତ୍ସବ ପର୍ବ, ସ୍ଥାନ: ଅଶୋକ ପଡ଼ିଆ, ପଦ୍ମପୁର, ସମୟ: ଅପରାହ୍ନ ୫ଟା।
- ରାଜ୍ୟସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସରକାରୀ ବାଳକ ହାଇସ୍କୁଲ ଖେଳ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ଏକଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଭିକାମପାଲି ଖେଳ ପଡ଼ିଆ, ସମୟ: ସକାଳ ୮ଟା ୩୦।
- ସେଣ୍ଟ ଥୋମାସ ଇଂଲିଶ ସ୍କୁଲ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କାଳୀ ମନ୍ଦିର ରୋଡ଼ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ହନୁମାନ କଥାର ୧୦୫ତମର
- ଅନ୍ତିମ ଦିବସ, ସ୍ଥାନ: ଶ୍ରୀ ରାଣୀସତୀ ଦାଦି ମନ୍ଦିର, ସରବାହାଲ ରୋଡ଼, ସମୟ: ଅପରାହ୍ନ ୩ଟା।

## ରାଉରକେଲା

- ରାଉରକେଲାରେ ବାର୍ଷିକ କ୍ରୀଡ଼ା ମହୋତ୍ସବ ଶୁଭାରମ୍ଭ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ଖବରଦାତା ସମ୍ମିଳନୀ, ସ୍ଥାନ: ପାନପୋଷ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ବିଦ୍ୟା ବିକାଶ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ସକାଳ ୮ଟା ୩୦।
- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦେବଗଡ଼ର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ସ୍କୁଲ ପଡ଼ିଆ, ସମୟ: ସକାଳ ୯ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ଅପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ଦେବଗଡ଼, ସମୟ: ସକାଳ ୯ଟା।
- ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ଦୃଷ୍ଟି ବ୍ୟାୟାମକୁ ନେଇ ୫ ଦିନିଆ ପ୍ରଶିକ୍ଷଣ ଶିବିର, ସ୍ଥାନ: ରିଆମାଳ ବ୍ଲକ, ଖିଲେଇ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଥମିକ ଚିକିତ୍ସା ତାଲିମ ଶିବିର, ସ୍ଥାନ: ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ସମାଧି ପୀଠର ବାର୍ଷିକ ଉତ୍ସବ ଉପଲକ୍ଷେ ଆଲୋଚନାଚକ୍ର, ସ୍ଥାନ: ଜୁନାଗଡ଼ ଶ୍ରୀଅରବିନ୍ଦ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।

## ବୌଦ୍ଧ

- ଅଷ୍ଟମ ଗଡଜାତ ଲୋକ ମହୋତ୍ସବ ପଲ୍ଲିଶ୍ରୀ ମେଳା ଚତୁର୍ଥ ଦିନ, ସ୍ଥାନ: ସାଧୁଚରଣ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ବୀରନରସିଂହପୁର, ହରଭଙ୍ଗା, ସମୟ: ସନ୍ଧ୍ୟା ୭ଟା।

# ଭଉଡ଼ା ନେବାକୁ ଆସି ବୃଦ୍ଧଙ୍କ ମୃତ୍ୟୁ

**ସମ୍ବଲପୁର,୧୭।୧୨**
**(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ୍ ବରଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟକୁ ମଙ୍ଗଳବାର ଭତ୍ତା ନେବାକୁ ଆସିଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଛଚାନାପାଲି ଗ୍ରାମର ରବିନ ଧରେଇ(୬୫)। ପୂର୍ବାହ୍ନ ପ୍ରାୟ ୧୧ଟାରେ ରବିନ ବାର୍ଦ୍ଧକ୍ୟ ଭତ୍ତା ବାବଦ ଟଙ୍କା ନେଇ ସାରିବା ପରେ ହଠାତ୍ ତଳେ ପଡ଼ିଯାଇଥିଲେ। ତାଙ୍କୁ ପାଖରେ ଥିବା ଲୋକେ ଓ ପଞ୍ଚାୟତ କର୍ମଚାରୀ ସମ୍ବଲପୁର ହସ୍ପିଟାଲ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧମା ଥାନା ପୋଲିସ ମେଡିକାଲରେ ପହଞ୍ଚି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ବରଗାଁ ସରପଞ୍ଚ ପ୍ରଭାସିନୀ ହୋତା କହିଛନ୍ତି, ସକାଳେ ରବିନ ପଞ୍ଚାୟତ କାର୍ଯ୍ୟାଳୟ ଆସି ଭତ୍ତା ଟଙ୍କା ନେଇଥିଲେ। ତେବେ କେହି କିଛି ବୁଝିବା ପୂର୍ବରୁ ସେଠାରେ ସେ ପଡ଼ିଯାଇଥିଲେ। ସରକାରଙ୍କ ନିର୍ଦ୍ଦେଶରେ ଯେଉଁମାନେ ଭତ୍ତା ନେବାକୁ ଆସିପାରୁ ନାହାନ୍ତି ସେମାନଙ୍କ ଘରକୁ ଯାଇ ପଞ୍ଚାୟତ କର୍ମଚାରୀ ଭତ୍ତା ଟଙ୍କା ଯାଇ ପ୍ରଦାନ କରୁଛନ୍ତି। ତେବେ ରବିନ ସୁସ୍ଥ ଥିଲେ ଓ ନିଜେ ଭତ୍ତା ନେବାକୁ ଆସୁଥିଲେ। ଏହି ଦୁଃଖଦ ଖବର ପରେ ତାଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସେ କହିଛନ୍ତି।

# ମୋଦିଙ୍କ ନେତୃତ୍ୱରେ ଶିକ୍ଷା ଭିତ୍ତିଭୂମି ମଜଭୁତ ହୋଇଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୭।୧୨(ସୁନିତ୍ ମିଶ୍ର)**

କେନ୍ଦ୍ର ସରକାର ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଅର୍ଥନୀତିରେ ପରିଣତ କରିବା ପାଇଁ ଜୋର୍‌ଦାର ପ୍ରୟାସ କରୁଛନ୍ତି। ଏହି ଦଶନ୍ଧି ଭାରତର ଶିକ୍ଷା କ୍ଷେତ୍ର ପାଇଁ ଏକ ପରିବର୍ତ୍ତନଶୀଳ ଯାତ୍ରା ଏବଂ ଉତ୍କର୍ଷ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ ଏବଂ ଉତ୍ତୋଳନ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ମଙ୍ଗଳବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୦ ବର୍ଷରେ ସ୍କୁଲ ଭିତ୍ତିଭୂମି ମଜଭୁତ ହେବା ସହ ଛାତ୍ରୀଛାତ୍ରଙ୍କ ସୁବିଧାରେ ବ୍ୟାପକ ବୃଦ୍ଧି ପାଇଛି। ବିଦ୍ୟାଳୟ ଭିତ୍ତିଭୂମି ଏବଂ ଡିଜିଟାଲ ଅନ୍ତର୍ଭୁକ୍ତୀକରଣରେ ଉନ୍ନତି ଠାରୁ ଆରମ୍ଭକରି ନାରୀଶକ୍ତିର ସଶକ୍ତୀକରଣ ଏବଂ ଭାରତୀୟ ଭାଷାକୁ ପ୍ରୋତ୍ସାହିତ କରିବା ପର୍ଯ୍ୟନ୍ତ ପ୍ରତ୍ୟେକ ପଦକ୍ଷେପ ଗୁଣାତ୍ମକ, ସର୍ବବ୍ୟାପୀ ଏବଂ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ଦ୍ୱାରା ପରିଚାଳିତ ହୋଇଛି। ୨୦୧୩-୧୪ରେ ଦେଶର ୫୩% ସ୍କୁଲରେ ବିଜୁଳି ଥିବାବେଳେ ୨୦୨୩-୨୪ରେ ୯୧.୮% ସ୍କୁଲରେ ବିଜୁଳି ପହଞ୍ଚିଛି। କମ୍ପ୍ୟୁଟର, ପାଠାଗାର, ଖେଳ ପଡ଼ିଆ ଭଳି ମୌଳିକ ସୁବିଧାରେ ମଧ୍ୟ ଅଭୂତପୂର୍ବ ବୃଦ୍ଧି ଘଟିଛି। ୨୦୧୩-୧୪ରେ ମାତ୍ର ୭.୧% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ ଥିବା ବେଳେ ୨୦୨୩-୨୪ରେ ୫୪% ସ୍କୁଲରେ ଇଣ୍ଟରନେଟ୍ ସଂଯୋଗ କରାଯାଇଛି। ଏବେ ଶତ ପ୍ରତିଶତ ସ୍କୁଲରେ ବାଳିକା ଶୌଚାଳୟ ରହିଛି। ସ୍ୱଚ୍ଛତାର ମାନଦଣ୍ଡରେ ଆମେ ପ୍ରାୟ ୧୦୦% ଆଡ଼କୁ ଅଗ୍ରସର ହେଉଛୁ। ୨୦୧୩-୧୪ ତୁଳନାରେ ବିଶେଷ ଆବଶ୍ୟକତା ଥିବା ପିଲାଙ୍କ ପାଇଁ ଅଧିକ ପ୍ରତିଶତ ସ୍କୁଲ ରହିଛି। ୨୦୧୩-୧୪ରେ ଏହା ୫୬.୮% ଥିବାବେଳେ ୨୦୨୩-୨୪ରେ ଏହା ୭୭%କୁ ବୃଦ୍ଧି ପାଇଛି। ଶିକ୍ଷା କ୍ଷେତ୍ରରେ ପ୍ରତିବନ୍ଧକ ଦୂରକରିବା ଏବଂ ଭିନ୍ନକ୍ଷମ ପିଲାଙ୍କ ପାଇଁ ଶତ ପ୍ରତିଶତ ଉପଲବ୍ଧତା ଦିଗରେ କାର୍ଯ୍ୟ କରୁଛନ୍ତି। ଗତ ୧୦ ବର୍ଷରେ ଛାତ୍ରୀଛାତ୍ରଙ୍କ ମୁଣ୍ଡ ପିଛା ଖର୍ଚ୍ଚ ୧୩୦% ବୃଦ୍ଧି ପାଇଛି। ୨୦୧୩-୧୪ ବଜେଟରେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ଖର୍ଚ୍ଚର ପରିମାଣ ୧୦,୭୮୦ ଟଙ୍କା ଥିବାବେଳେ ୨୦୨୧-୨୨ ବଜେଟରେ ଏହା ୨୫,୦୪୩ ଟଙ୍କାକୁ ବୃଦ୍ଧି ପାଇଥିବା ଧର୍ମେନ୍ଦ୍ର କହିଛନ୍ତି।

## ଅଲିଭ୍ ରିଡ୍‌ଲେଙ୍କୁ...

ପ୍ରଥମ ପୃଷ୍ଠାରୁ...

ଟ୍ରଲରକୁ ଆଗୁଆ ସୂଚନା ଦେଇଦେଉଛନ୍ତି। ଫଳରେ ବନ ବିଭାଗର ପାଟ୍ରୋଲିଂ ଟିମ୍ ସମୁଦ୍ରରେ ପହଞ୍ଚିବାବେଳକୁ ଟ୍ରଲରଗୁଡ଼ିକ ନିଷିଦ୍ଧାଞ୍ଚଳ ଛାଡ଼ି ବାହାରକୁ ଚାଲି ଯାଉଛନ୍ତି। ସେମାନେ ନିରାଶ ହୋଇ ଫେରୁଛନ୍ତି। ଏହି ଟ୍ରଲର ମାଡ଼ ଓ ଗାଞ୍ଜ ଜାଲରେ ଫସି ଅଲିଭ୍ ରିଡ୍‌ଲେ କଇଁଛଙ୍କ ଜୀବନ ଯାଉଛି। ଗତ ସପ୍ତାହରେ ଗହୀରମଥା ଅଭୟାରଣ୍ୟ ଅଞ୍ଚଳର ଲଞ୍ଚଖୋଲା ସମୁଦ୍ର ବେଳାଭୂମିରେ ଅଲିଭ୍ ରିଡ୍‌ଲେ କଇଁଛଙ୍କ ମୃତଦେହ ଲାଗିଥିଲା। ଏହି କାର୍ଯ୍ୟରେ ଟାଓ୍ୱାର କରିଥିବା ଅସ୍ଥାୟୀ ବନ କର୍ମଚାରୀ ଓ ମତ୍ସ୍ୟଜୀବୀଙ୍କ ପରିବାର ଲୋକ ସହଯୋଗ କରୁଥିବା ସୋମବାର ବନ ବିଭାଗ ପକ୍ଷରୁ ହୋଇଥିବା କଇଁଛ ସୁରକ୍ଷା ସଚେତନତା ଶିବିରରେ ପାରମ୍ପରିକ ମତ୍ସ୍ୟଜୀବୀମାନେ ଅଭିଯୋଗ କରିଥିଲେ।

DSPL-260

ODISHA
NEW OPPORTUNITIES

Shri Narendra Modi
Prime Minister

Shri Mohan Charan Majhi
Chief Minister, Odisha

UTKARSH
ODISHA
MAKE IN ODISHA CONCLAVE'25
BHUBANESWAR | 28th - 29th JAN | 2025

REGISTER NOW

TO BE PART OF ODISHA'S JOURNEY
AS THE GROWTH ENGINE OF THE NATION

NETWORKING OPPORTUNITIES
CULTURAL EVENTS
B2B AND B2G MEETINGS

MAKE IN ODISHA EXPO
START-UP ODISHA
VISION VIKSIT ODISHA 2036

OIPR-14005/13/0016/2425

Scan to Register

INVEST IN ODISHA, INVEST IN FUTURE

Or visit us at https://mio.investodisha.gov.in/

Investment Intention Form

Schedule a Meeting

Follow us on @InvestInOdisha /InvestOdisha

କେବଳ ବାହ୍ୟ ରୂପକୁ ଦେଖି କୌଣସି ଘଟଣାର ବିଚାର କର ନାହିଁ। ସେଗୁଡିକ ଅନବରତ ଅନ୍ୟ କିଛିକୁ ପ୍ରକାଶ କରିବା ନିମିତ୍ତ ଏକ ଏକ ଅପାରଗ ପ୍ରଚେଷ୍ଟା ମାତ୍ର । କିନ୍ତୁ ତାହା ଭିତରେ ଯେଉଁ ପ୍ରକୃତ ସତ୍ୟ ଥାଏ– ତାହା ତୁମର ଅଗଭୀର ବିଚାର ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ। –ଶ୍ରୀମା



# ସ୍ନୋ ପାଉଡର ଲଗାଅ ନାହିଁ

ଧନର ଦେବୀ ଲକ୍ଷ୍ମୀ। ତାଙ୍କର ଅନ୍ୟନାମ ଚଞ୍ଚଳା। ଅର୍ଥାତ୍ ସେ ଗୋଟିଏ ଜାଗାରେ ରହିପାରନ୍ତି ନାହିଁ। ଯଦି ଲୋକଙ୍କ ପାଖରେ ଧନ ଅଛି ତେବେ ତାହାକୁ ଅନ୍ୟ ଲୋକ ପାଇଲେ କ୍ଷତି କ'ଣ। ସରକାର ଯେଉଁ ବ୍ୟବସ୍ଥା କରିଛନ୍ତି ସେଥିରେ ଏବେ ଅଳ୍ପ କିଛି ମୁଷ୍ଟିମେୟ ଲୋକ ଧନୀ ହୋଇଯାଉଛନ୍ତି। ସେମାନଙ୍କ ଧନ ଗରିବଙ୍କ ପାଖକୁ ଆସିଲେ ଅସୁବିଧା କ'ଣ। ଦେଶରେ ୧୪୦ କୋଟି ଲୋକଙ୍କ ମଧ୍ୟରୁ ୮୦ କୋଟି ଲୋକଙ୍କୁ ସରକାର ଯେଉଁ ମାଗଣା ରାଶନ ବାଣ୍ଟୁଛନ୍ତି ସେମାନେ ତ ଭିକାରି। ତେଣୁ ଇନ୍ଦୋରରେ ଲୋକେ ଗରିବ ଭିକାରିଙ୍କୁ ଦାନ ଅର୍ଥାତ୍ ଟଙ୍କା ଦେଲେ ଯେଉଁ କାର୍ଯ୍ୟାନୁଷ୍ଠାନ ହେବା କଥା କୁହାଯାଉଛି, ପ୍ରଥମେ ସରକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ଉପରଠାଉରିଆ ଭାବେ ସ୍ନୋ ପାଉଡର ଲଗାଅ ନାହିଁ। ଏହାଦ୍ୱାରା କୌଣସି ସମସ୍ୟାର ସମାଧାନ ହେବ ନାହିଁ। ମନେପଡ଼େ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ପ୍ରଥମ ପାଳିରେ ଭାରତ ଗସ୍ତରେ ଆସିଥିବା ସମୟରେ ବିଭିନ୍ନ ସ୍ଥାନରେ ପଲିଥିନ ଜରି ପକାଇ ବସ୍ତିଗୁଡ଼ିକୁ ଘୋଡ଼ାଇ ଦିଆଯାଇଥିଲା। ଏସବୁ ଏକପ୍ରକାର ନକାରାତ୍ମକ କାର୍ଯ୍ୟ। ତେଣୁ ପୂର୍ବରୁ ଆମେ ଶୁଣିଥିଲୁ ଯେ, ଲୋକଙ୍କ ହାତରେ ଛଉ ହେଉଥିଲେ ସେତେବେଳେ ଡାକ୍ତରଙ୍କୁ ଦେଖାଇବା ବଦଳରେ ଲମ୍ବା ହାତବାଲା ପାଇଜାମା ପିନ୍ଧି ତାହାକୁ ଘୋଡ଼ାଇ ଦେଉଥିଲେ। ପରବର୍ତ୍ତୀ ସମୟରେ ତାହା କୁଷ୍ଠ ରୋଗ ବୋଲି ଜଣାପଡ଼ିଲାବେଳକୁ ଡେରି ହୋଇ ଯାଉଥିଲା। ସେହିଭଳି ଗରିବଙ୍କୁ ଲୁଚାଇବାକୁ ଉଦ୍ୟମ କରିବା ପରିବର୍ତ୍ତେ ଅର୍ଥନୀତିର ସୁବଣ୍ଟନ କରାଯିବା ଦରକାର। ତାହା ହେଲେ ଏହି ୮୦ କୋଟିଙ୍କ ସଂଖ୍ୟା ହ୍ରାସ ପାଇପାରିବ। ନଚେତ୍ ଦାରିଦ୍ର୍ୟ କୁଷ୍ଠ ରୋଗ ଭଳି ଆମ ସମାଜକୁ ଗ୍ରାସ କରିବାରେ ଲାଗିବ।

ମଧ୍ୟପ୍ରଦେଶର ଇନ୍ଦୋର ସହରକୁ ଭିକାରି ମୁକ୍ତ କରିବା ସକାଶେ ଜିଲା ପ୍ରଶାସନ ଏକ ଅଭିନବ ଉପାୟ ଆପଣାଇଛି। ଯେଉଁମାନେ ଭିକାରିଙ୍କୁ ଭିକ ଦେବେ ସେମାନଙ୍କ ବିରୋଧରେ ଜାନୁଆରୀ ୧ରୁ ଏତଲା ଦାୟର ହେବ ବୋଲି ଜିଲାପାଳ ଆଶିଷ ସିଂ କହିଛନ୍ତି। ଉଲ୍ଲେଖନୀୟ ଯେ, ଜାନୁଆରୀ ୨୦୨୪ରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଦେଶରେ ଅଯୋଧ୍ୟା, ଉଜ୍ଜୟିନୀ, ଥିରୁଭାନନ୍ତପୁରମ, ଉଦୟପୁର, ଅମୃତସର, ଶିମଲା, ପୁଡୁଚେରୀ, ଇନ୍ଦୋର ଓ ମଦୁରାଇ ସମେତ ୩୦ଟି ପ୍ରମୁଖ ସହରକୁ ୨୦୨୬ ସୁଦ୍ଧା ଭିକାରି ମୁକ୍ତ କରିବାର ଯୋଜନା କରିଥିଲା। ଏହାକୁ ସାକାର କରିବା ପାଇଁ ଇନ୍ଦୋର ଏଭଳି ପଦକ୍ଷେପ ନେଇଛି। ଡିସେମ୍ବର ଶେଷ ତାରିଖ ପର୍ଯ୍ୟନ୍ତ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରାଯିବା ସହ କୌଣସି ଲୋକ ଭିକାରିଙ୍କୁ ଭିକ ଦେଇ ପାପରେ ଭାଗୀଦାରି ନ ହେବା ଲାଗି ଜିଲାପାଳ ସିଂ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ କେନ୍ଦ୍ର ସରକାର ୨୦୨୧ରେ ଦିଲ୍ଲୀ ସମେତ ମୁମ୍ବାଇ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ଆଦି ୧୦ଟି ସହରକୁ ଭିକାରି ମୁକ୍ତ କରିବାକୁ ଏକ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରିଥିଲେ। କିନ୍ତୁ ଗତବର୍ଷ ଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀ ପୂର୍ବରୁ ପୁନର୍ବାର ଭିକାରୀଙ୍କୁ ଠାବ କରାଯାଇଥିଲା।

ବାସ୍ତବ କଥା ହେଲା ଭିକାରି ମୁକ୍ତ ଯୋଜନା ଆରମ୍ଭ କରିଦେଲେ ରାତାରାତି ସଫଳତା ମିଳିଯିବ ବୋଲି ଦାବି କରାଯାଇପାରିବ ନାହିଁ। ମନେରଖିବାକୁ ହେବ ଯେ, ଭିକାରି ସୃଷ୍ଟି ହେବା ପଛରେ ଅର୍ଥନୈତିକ ଓ ସାମାଜିକ କାରଣ ରହିଛି। ଦେଖାଯାଏ କୌଣସି ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟକ୍ରମ ପୂର୍ବରୁ ସହରରୁ ଭିକାରିଙ୍କୁ ବାହାର କରିଦେବା ପାଇଁ ତତ୍ପରତା ପ୍ରକାଶ ପାଇଥାଏ। ପରେ ପୁନର୍ବାର ସେମାନେ ସହରକୁ ଫେରି ଆସୁଛନ୍ତି, କାରଣ ଭିକାରିଟିଏ ମାଗିଲେ ଯାଇ ବଞ୍ଚେ। ବହୁ ସମୟରେ ଦେଖାଯାଉଛି ଅନେକ ସକ୍ଷମ ବ୍ୟକ୍ତି ଭିକ ମାଗି ସମ୍ପତ୍ତି ଠୁଳ କରୁଛନ୍ତି। ଏଭଳି ସ୍ଥିତି ମଧ୍ୟ ଇନ୍ଦୋରରେ ଭିକ୍ଷା ବୃତ୍ତି ବିରୋଧୀ ଅଭିଯାନ ସମୟରେ ଦେଖିବାକୁ ମିଳିଛି। ତେଣୁ ଭିକ୍ଷା ବୃତ୍ତି ଆପଣାଇଥିବା ଅକ୍ଷମ ଓ ଅସହାୟ ବ୍ୟକ୍ତିଙ୍କ ସାମାଜିକ ଓ ଆର୍ଥିକ ନିରାପତ୍ତା ଭାରତରେ ସବୁବେଳେ ଚିନ୍ତାଜନକ ହୋଇରହିଛି।

କୌଣସି ରାଜ୍ୟର ନିର୍ଦ୍ଦିଷ୍ଟ ସହରରେ ଯେତେବେଳେ ଭିକାରି ମୁକ୍ତ ଅଭିଯାନ ଆରମ୍ଭ କରାଯାଏ, ସେତେବେଳେ ସେମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ୟ ସହର କିମ୍ବା ଗ୍ରାମାଞ୍ଚଳକୁ ଓ ସ୍ଥଳବିଶେଷରେ ରାଜ୍ୟ ବାହାରକୁ ଚାଲିଯାଇଥାନ୍ତି। ଫଳରେ ଯେଉଁ କେତେଜଣ ହାତଗଣତି ଭିକାରି ରହିଯାଆନ୍ତି ସେମାନଙ୍କୁ ଉଦ୍ଧାର କରି ଆଶ୍ରୟସ୍ଥଳୀରେ ରଖି ପ୍ରକୃତ ଘଟଣାକୁ ଲୁଚାଇ ରଖିବାର ପ୍ରୟାସ କରାଯାଉଥିବାରୁ ଅଭିଯାନର ସଫଳତା ହାର ବହୁତ କମ୍ ରହୁଛି। ଉଦାହରଣ ସ୍ୱରୂପ ଭୁବନେଶ୍ୱରକୁ ଭିକାରି ମୁକ୍ତ କରିବା ପାଇଁ ୨୦୨୩ରୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଭିଯାନ ଆରମ୍ଭ କରି ଏହାକୁ କେତେକାଂଶରେ ନିୟନ୍ତ୍ରଣ କରିଥିଲେ ସୁଦ୍ଧା ରେଳଷ୍ଟେଶନ ନିକଟବର୍ତ୍ତୀ ଅଞ୍ଚଳ କିମ୍ବା ଗଳିକନ୍ଦିରେ ଥିବା ମନ୍ଦିରରେ ଏମାନଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି।

ଉଲ୍ଲେଖନୀୟ ଯେ, ୨୦୧୧ ପରେ ଜନଗଣନା ହୋଇପାରି ନ ଥିବାରୁ ଦେଶରେ ଭିକାରିଙ୍କ ସଂଖ୍ୟା ବର୍ତ୍ତମାନ କେତେ ରହିଛି ତାହା କହିବା କଷ୍ଟକର। ୨୦୧୧ ଜନଗଣନାରେ ଭାରତରେ ମୋଟ ୪,୧୩,୬୭୦ ଭିକାରି ଥିଲେ। ଏବେ ଦେଶରେ ଏହି ସଂଖ୍ୟା ହ୍ରାସ ବୃଦ୍ଧିର ତଥ୍ୟ ପ୍ରକାଶ ପାଉଥିଲେ ବି ତାହା ସନ୍ଦେହ ସୃଷ୍ଟି କରେ। କାରଣ ବୈଶ୍ୱିକ କ୍ଷୁଧା ସୂଚକାଙ୍କରେ ଭାରତ ୧୨୭ ଦେଶ ମଧ୍ୟରେ ୧୦୫ ସ୍ଥାନରେ ରହିଛି। ବିଶ୍ୱରେ ଜାପାନ, ଇଣ୍ଡୋନେସିଆ, ସିଙ୍ଗାପୁର, ନରୱେ, ଫିନ୍‌ଲାଣ୍ଡ, ଦକ୍ଷିଣ କୋରିଆ, ୟୁଏଇ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଭିକାରି ସଂଖ୍ୟା ବହୁତ କମ୍। ସେହିସବୁ ଦେଶରେ ଲୋକସଂଖ୍ୟା ମଧ୍ୟ କମ୍। ଏହି ଦେଶଗୁଡ଼ିକ ଉଚିତ ମାର୍ଗରେ ଦାରିଦ୍ର୍ୟ ଦୂରୀକରଣ ଯୋଜନା କିମ୍ବା କଠୋର ଆଇନ ପ୍ରଣୟନ କରି ବହୁ ଚେଷ୍ଟାରେ ଏହାକୁ ନିୟନ୍ତ୍ରଣକୁ ଆଣିପାରିଛନ୍ତି। ବାସ୍ତବରେ ବିଶ୍ୱର ସବୁଠୁ ଜନବହୁଳ ଦେଶ ଭାରତର ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ଦେଖିଲେ ଏଠାରେ ଭିକାରିମୁକ୍ତ ଯୋଜନା ସଫଳ ହେବା ନିଶ୍ଚିତ ଭାବେ ସମୟସାପେକ୍ଷ । ତେଣୁ ବାସ୍ତବଧର୍ମୀ ପଦକ୍ଷେପ ସ୍ୱରୂପ, ପ୍ରକୃତ ଭିକାରିଙ୍କ ପାଇଁ ସ୍ଥାୟୀ ଥଇଥାନ ବ୍ୟବସ୍ଥା କରାଯିବା ଦରକାର, ଯାହା ଏଯାବତ୍ କେନ୍ଦ୍ର ପକ୍ଷରୁ ସମ୍ପୂର୍ଣ୍ଣ କରାଯାଇନାହିଁ। ଏମାନଙ୍କୁ ପ୍ରଶାସନ ଠିକ୍ ଭାବରେ ଚିହ୍ନଟ କରି ସ୍ଥାୟୀ ଭାବେ ଥଇଥାନ କରିବା ଦରକାର। ସେମାନଙ୍କ ପାଖରେ ସରକାରୀ ସହାୟତା ପହଞ୍ଚୁଛି କି ନାହିଁ, ସେ ସମ୍ପର୍କରେ ପ୍ରଶାସନ ସଚେତନ ହେବା ଜରୁରୀ। ବଳ ଓ ବୟସ ଥିବା ବ୍ୟକ୍ତି କାମକୁ ତରି ଭିକ୍ଷା ମାଗିବାକୁ ସହଜ ଉପାୟ ଧରି ନେଇଥିବାରୁ ସେମାନଙ୍କୁ ବାସ୍ତବ ଭିକାରିଙ୍କଠାରୁ ଅଲଗା କରାଯାଇପାରିଲେ ସଂଖ୍ୟା ହ୍ରାସ ହେବା ସହ ଭିକାରିମୁକ୍ତ ସହର ଯୋଜନା କେତେକାଂଶରେ ସଫଳ ହୋଇପାରନ୍ତା।

# ବିଶ୍ୱ ବିଧାତା

ରିତେଶ କୁମାର ଶିଶୁ

ବିଶ୍ୱ ନିଅନ୍ତାଙ୍କୁ ଆମେ ଭଗବାନ୍ ବୋଲି ବିବେଚନା କରିଥାଉ। ଅବଶ୍ୟ ସେହି ଭଗବାନ୍‌ଙ୍କ ସ୍ୱରୂପକୁ ଅନେକ ଗୋଷ୍ଠୀ ଅନେକ ପ୍ରକାର ବର୍ଣ୍ଣନା କରନ୍ତି। ଆଜି ବିଜ୍ଞାନର ଅଗ୍ରଗତି ସହ ମଣିଷ ବିଶ୍ୱ ବ୍ରହ୍ମାଣ୍ଡର ଅନେକ ରହସ୍ୟ ଉନ୍ମୋଚନ କରାଗଲାଣି, ଆଉ ଆଗକୁ ମଧ୍ୟ ଏହା ଜାରି ରହିବ। ତେବେ କ'ଣ ମଣିଷ ସେହି ବିଶ୍ୱ ବିଧାତାର ସ୍ଥାନ ନେଇପାରିବ ନା ସେହି ବିଶ୍ୱ ବିଧାତାର ସ୍ୱରୂପକୁ ବିଜ୍ଞାନ ମାଧ୍ୟମରେ ଆବିଷ୍କାର କରିପାରିବ। ଯଦି ବାସ୍ତବରେ ସେଭଳି କୌଣସି ବିଶ୍ୱ ନିଅନ୍ତାଙ୍କର ସତ୍ତା ଥାଏ ତେବେ ବିଜ୍ଞାନ ଦୃଷ୍ଟିକୋଣରୁ ତାଙ୍କର ସ୍ୱରୂପ କିପରି ହେବ ଆସନ୍ତୁ ଆଲୋଚନା କରିବା। ପ୍ରଥମତଃ ବସ୍ତୁ, ଶକ୍ତି ଓ ମହାଶୂନ୍ୟର ସରଞ୍ଜନାକୁ ବିଚାରକୁ ନେଲେ ମଣିଷ କେବଳ ବସ୍ତୁରୁ ଶକ୍ତି ସୃଷ୍ଟିକରି ନିଜ କାର୍ଯ୍ୟରେ ଲଗାଇ ପାରୁଛି, କିନ୍ତୁ ପୁନଶ୍ଚ ଶକ୍ତିକୁ ବସ୍ତୁରେ ପରିଣତ କରିବାର କୌଶଳ ମଣିଷ ଅବିଷ୍କାର କରିପାରିନାହିଁ। ଉଦାହରଣ ସ୍ୱରୂପ, କାଠକୁ ଜଳିଲେ ତାହା ପାଉଁଶ, ନିଆଁ (ତାପଶକ୍ତି) ଓ ଧୂଆଁରେ ପରିଣତ ହେଉଛି। କିନ୍ତୁ ପୁନର୍ବାର ସେହି ପାଉଁଶ, ତାପ ଓ ଧୂଆଁକୁ ସଂଗ୍ରହକରି ସେହି ସମାନ କାଠ ତିଆରି କରିବା ଆମ କ୍ଷମତା ବାହାରେ। ଅର୍ଥାତ୍ ବସ୍ତୁ, ଶକ୍ତି ଓ ମହାଶୂନ୍ୟର ସମସ୍ତ ପ୍ରକାର ରୂପାନ୍ତର ପ୍ରକ୍ରିୟା ସେହି ମହାଶକ୍ତି ବିଶ୍ୱ ନିଅନ୍ତାଙ୍କ ଦ୍ୱାରା ସମ୍ଭବ, ଯାହା ଫଳରେ ଏପରି ଏକ ସୁବ୍ୟବସ୍ଥିତ ବିଶ୍ୱ ଗଠନ ସମ୍ଭବ ହୋଇପାରିଛି। ଦ୍ୱିତୀୟତଃ, ବିଶ୍ୱ ବ୍ରହ୍ମାଣ୍ଡରେ ଅତି କ୍ଷିପ୍ରଗତିରେ ପରିଭ୍ରମଣ କରିବାର କ୍ଷମତା ପାଇଁ ଆବଶ୍ୟକ ବେଗକୁ ଯଦି ବିଚାରକୁ ନେବା, ତେବେ ମଣିଷ ଦ୍ୱାରା ଏପର୍ଯ୍ୟନ୍ତ ଅନ୍ତରିକ୍ଷକୁ ପଠାଯାଇଥିବା ଯାନଗୁଡ଼ିକ ମଧ୍ୟରୁ ସର୍ବାଧିକ ଗତି ପ୍ରାପ୍ତ ହୋଇଥିବା ପାର୍କର ସୋଲାର ଯାନର ଗତି ଥିଲା ୧୭୬୫ କି.ମି. ପ୍ରତି ସେକେଣ୍ଡ, ଯେଉଁ ସ୍ଥାନରେ ବ୍ରହ୍ମାଣ୍ଡର ସର୍ବାଧିକ ବେଗଗାମୀ କଣିକା ହେଲା ଆଲୋକ ରଶ୍ମି ବା ଫୋଟନ ଯାହାର ଗତି ୨,୯୯,୭୯୨ କି.ମି. ପ୍ରତି ସେକେଣ୍ଡ। ବିଜ୍ଞାନ ମତରେ ବିଶ୍ୱର କୌଣସି ବି ବସ୍ତୁତ୍ୱଯୁକ୍ତ କଣିକା ଆଲୋକର ବେଗରେ ଯିବା ଅସମ୍ଭବ। କିନ୍ତୁ ବିଶ୍ୱ ନିଅନ୍ତାଙ୍କ ପାଖର ଏପରି କ୍ଷମତା ବା ବୈଷୟିକ କୌଶଳ ଥାଇପାରେ ଯାହା ଦ୍ୱାରା ସେମାନେ କୌଣସି ବସ୍ତୁ ବା ଜୀବକୁ ବିଶ୍ୱର ଏକ କୋଣରୁ ଅନ୍ୟ କୋଣକୁ ଅତି ସହଜରେ ସ୍ୱଳ୍ପ ସମୟ ମଧ୍ୟରେ ଭ୍ରମଣ କରାଇପାରିବେ। ଯାହା ବସ୍ତୁରୁ ଶକ୍ତିରେ ପରିଣତ କରି ଅତି କ୍ଷିପ୍ର ବେଗଯୁକ୍ତ କଣିକା ମାଧ୍ୟମରେ ପ୍ରେରଣକରି ଓ ନିର୍ଦ୍ଧାରିତ ସ୍ଥାନରେ ପୁନର୍ବାର ଶକ୍ତିରୁ ବସ୍ତୁକୁ ରୂପାନ୍ତରଣ ଦ୍ୱାରା ସମ୍ଭବ ହୋଇପାରୁଥିବ। ଏପରି ବି ହୋଇପାରେ ଜୀବ ମଧ୍ୟରେ ଅବସ୍ଥାପିତ ଆତ୍ମା ବା ଚେତନାକୁ ସେମାନେ ଡିଜିଟାଲ ପଦ୍ଧତିରେ ବିଶ୍ୱର କୋଣ ଅନୁକୋଣକୁ ପ୍ରେରଣ କରିବାର କୌଶଳ ଜାଣିଥାଇ

ପାରନ୍ତି ଯାହା ମଣିଷ ସମାଜକୁ ଏପର୍ଯ୍ୟନ୍ତ ଅଗୋଚର ଅଛି। ଆମେ ପୃଥିବୀରେ ୩ ଆୟାମ ବିଶିଷ୍ଟ ଏକ ବ୍ୟବସ୍ଥା ଭିତରେ କାର୍ଯ୍ୟ କରୁଛେ ତାହା ହେଲା ଲମ୍ବ, ପ୍ରସ୍ଥ ଓ ଉଚ୍ଚତା। ଏହା ବ୍ୟତୀତ କେତେଜଣ ବୈଜ୍ଞାନିକ ସମୟକୁ ଅନ୍ୟ ଏକ ୪ର୍ଥ ଆୟାମ ହିସାବରେ ଗ୍ରହଣ କରନ୍ତି, କିନ୍ତୁ ଏହି ସମୟ ରୂପକ ଚତୁର୍ଥ ଆୟାମ ଉପରେ ମଣିଷର କୌଣସି କର୍ତ୍ତୃତ୍ୱ ନାହିଁ। ବୈଜ୍ଞାନିକମାନେ ଆକଳନ କରନ୍ତି, ଏହି ସୀମାହୀନ ବିଶ୍ୱ ବହୁ ଆୟାମ ବିଶିଷ୍ଟ ହୋଇଥାଇପାରେ ଯାହା ୧୦ କିମ୍ବା ୧୪ଟି ଆୟାମ ଏପରି କି ଏହା ଅସୀମ ଆୟାମ ବିଶିଷ୍ଟ ବି ହୋଇପାରେ। ଏହାକୁ ପରିଚାଳନା କରିବାର କ୍ଷମତା ସେହି ବିଶ୍ୱ ବିଧାତାଙ୍କର ଥାଇପାରେ ଯାହାକୁ କଳ୍ପନା କରିବା ମଣିଷ ପକ୍ଷରେ ସମ୍ଭବପର ନୁହେଁ। ଆମ ଆଖିକୁ ଦୃଶ୍ୟମାନ ଆଲୋକ ରଶ୍ମି ସମୁଦାୟ ବିଦ୍ୟୁତ୍ ତରଙ୍ଗୀୟ ବିକିରଣର ମାତ୍ର ୦.୦୦୩୫ ପ୍ରତିଶତ ଅର୍ଥାତ୍ ପାଖାପାଖି ୯୯.୯୯ ପ୍ରତିଶତ ବିକିରଣ ଆମ ଆଖିକୁ ଅଦୃଶ୍ୟ ଯାହା ଅବଲୋହିତ ରଶ୍ମି, ଅତି ବାଇଗଣୀ ରଶ୍ମି, ଏକ୍ସ–ରେ, ଗାମା–ରେ ଇତ୍ୟାଦିରେ ବିଭକ୍ତ ହୋଇଛି। ସେଥିମଧ୍ୟରୁ କେତେକ ରଶ୍ମି ଆମ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ ଯେପରି କି ଏକ୍ସ–ରେ, ଗାମା–ରେ ଆଦି। ଏହା ବ୍ୟତୀତ ବୈଜ୍ଞାନିକମାନଙ୍କ ଆକଳନ ଅନୁଯାୟୀ ବିଶ୍ୱର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ସମୁଦାୟ ଶକ୍ତି ଓ ବସ୍ତୁ ମଧ୍ୟରେ ଆମକୁ ଅଦୃଶ୍ୟ ଡାର୍କ ଏନର୍ଜି ପାଖାପାଖି ୬୯ ପ୍ରତିଶତ ଓ ଡାର୍କ ମ୍ୟାଟର ପାଖାପାଖି ୨୬ ପ୍ରତିଶତ ଏବଂ ବାକି ଦୃଶ୍ୟମାନ ବସ୍ତୁ ଓ ଆଲୋକ ପାଖାପାଖି ୫ ପ୍ରତିଶତ। ଅର୍ଥାତ୍ ବିଶ୍ୱର ସଂରଚନାର ୯୫ ପ୍ରତିଶତ ଆମକୁ ଆଜି ବି ଅଦୃଶ୍ୟ। ଯଦି ବିଶ୍ୱ ନିଅନ୍ତା କେହି ଏହି ବିଶ୍ୱକୁ ସୃଷ୍ଟି କରିଥାନ୍ତି ତେବେ ସେମାନେ ଏହିସବୁ ଅଦୃଶ୍ୟମାନ ଶକ୍ତି ଓ ବସ୍ତୁଗୁଡ଼ିକୁ ସୃଷ୍ଟି ଓ ନିୟନ୍ତ୍ରଣ କରିପାରୁଥିବେ।

କେତେଜଣ ବୈଜ୍ଞାନିକ ମତ ଦିଅନ୍ତି ଆମ ବିଶ୍ୱ ବ୍ରହ୍ମାଣ୍ଡ ବ୍ୟତୀତ ଏହା ବାହାରେ ଅଗଣିତ ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟ ଥାଇପାରେ ଯାହାର ନିୟନ୍ତ୍ରଣ କୌଣସି ଅତି ବୁଦ୍ଧିମାନ ଓ ଶକ୍ତିଶାଳୀ ଆଧିଦୈବିକ ସତ୍ତା ଦ୍ୱାରା ହେଉଥାଇପାରେ। ବିଚିତ୍ରତାରେ ଭରା ଏହି ବ୍ରହ୍ମାଣ୍ଡରେ କିଛି ସମ୍ଭବ ହୋଇପାରେ ଯାହା ଆମ ପକ୍ଷରେ କଳନା କରିବାକୁ ଆମର ମସ୍ତିଷ୍କର କ୍ଷମତାର ସୀମା ବାହାରେ। ଆମ ମସ୍ତିଷ୍କ ଯାହା ଅନେକ ଜଟିଳ କାର୍ଯ୍ୟ କରିବାକୁ ସମର୍ଥ ଏହାଠାରୁ ଆହୁରି ଅନେକ ଗୁଣ ଅଧିକ ଉନ୍ନତତର ମସ୍ତିଷ୍କ ଥିବା ଜୀବ ମଧ୍ୟ ବିଶ୍ୱର ଅନ୍ୟ କୌଣସି କୋଣରେ ନ ଥିବେ କିଏ କହିପାରିବ। ଯେଉଁମାନେ ଆମେ କମ୍ପ୍ୟୁଟରରେ କରୁଥିବା ପ୍ରୋଗ୍ରାମ ଭଳି, ଏ ସାରା ବିଶ୍ୱକୁ କୌଣସି ଏକ ବିଶେଷ ଉନ୍ନତ ପ୍ରକାର ବୈଷୟିକ ଜ୍ଞାନ ଦ୍ୱାରା ସୃଷ୍ଟି ଓ ବିନାଶ କରୁଥାଇ ପାରନ୍ତି। ଆମେ ଯେପରି ସିସିଟିଭି ଓ ସାଟେଲାଇଟ୍ ମାଧ୍ୟମରେ କ୍ୟାମେରାରେ ଦୃଶ୍ୟ ସବୁ ରେକର୍ଡିଂ ସହ ତାହାର ବିଶ୍ଳେଷଣକରି ତାହାର ବ୍ୟବହାର କରିପାରୁଛେ, ସେହିପରି ଅତି ଉନ୍ନତ ଜ୍ଞାନକୌଶଳ ସହ ସେହି ବିଶ୍ୱ ବିଧାତା ସମଗ୍ର ବିଶ୍ୱର ଘଟଣାବଳୀଗୁଡ଼ିକୁ ରେକର୍ଡକରି ତାହାର ତର୍ଜମା କରିପାରୁଥାଇପାରନ୍ତି ଓ ଆମର ପ୍ରତ୍ୟେକ କାର୍ଯ୍ୟର ମୂକସାକ୍ଷୀ ହୋଇ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନିୟନ୍ତ୍ରଣ କରିବାର କ୍ଷମତା ତାଙ୍କର ଥାଇପାରେ। ଏପରି ବି ହୋଇପାରେ କି ବିଶ୍ୱକୁ ସୃଷ୍ଟି କରିଥିବା ଆଧିଦୈବିକ ସତ୍ତା ଉଭୟ ସୂକ୍ଷ୍ମ ଓ ସ୍ଥୂଳ ରୂପ ଧାରଣ କରିବାର କ୍ଷମତା ରଖନ୍ତି। ସେହି ଅତି ଶକ୍ତିଶାଳୀ ସତ୍ତା ଆମ ଗହଣରେ ସୂକ୍ଷ୍ମ ଭାବରେ ବିଚରଣ କରୁଥାଇ ପାରନ୍ତି ଓ ଆମର ସମସ୍ତ କାର୍ଯ୍ୟ ଓ ଧୀଶକ୍ତି ସେମାନେ ନିୟନ୍ତ୍ରଣ କରିବାରେ ମଧ୍ୟ ସେ ସକ୍ଷମ ହେଉଥାଇପାରନ୍ତି। ଏପରି ବି ହୋଇପାରେ ଆମ ଧୀଶକ୍ତି ମଧ୍ୟରେ ସେ ନିଜକୁ ପରିପ୍ରକଶ କରୁଥାଇପାରନ୍ତି।

ବିଶ୍ୱ ନିଅନ୍ତା ଜଣେ ସତ୍ତା ନ ହୋଇ ଅତି ଉନ୍ନତ ମସ୍ତିଷ୍କଧାରୀ ଏକ ସମୂହ ହୋଇପାରନ୍ତି, ଯେଉଁମାନେ ନିଜ ମଧ୍ୟରେ ଅତି କ୍ଷିପ୍ର ଗତିରେ ଯୋଗାଯୋଗ ଓ ସମନ୍ୱୟର କ୍ଷମତା ସହ ବିଶ୍ୱର ବିଭିନ୍ନ ପ୍ରକାର ପ୍ରକ୍ରିୟାକୁ ଦଳଗତ ଭାବରେ ସମ୍ପାଦାନ କରୁଛନ୍ତି। କିନ୍ତୁ ତାହା ଆମ ପୃଥିବୀବାସୀଙ୍କୁ ଅଜଣା। ତେଣୁ ଆମେ ନିଜ ନିଜ ଭିତରେ ଅନେକ ଗୋଷ୍ଠୀ କରି ଭଗବାନ୍‌ଙ୍କର ଅନେକ ପ୍ରକାର ଆକାର ପ୍ରକାର ବର୍ଣ୍ଣନା କରିବା ସହ ନିଜ ନିଜ ଭିତରେ ବିଭେଦ, ମତାନ୍ତର ଓ ମନାନ୍ତର ବଢ଼ାଇ ଚାଲିଛେ। ହିନ୍ଦୁଧର୍ମର ଧର୍ମଗ୍ରନ୍ଥ ଅନୁଯାୟୀ ବ୍ରହ୍ମାଙ୍କର ୧ ବର୍ଷ ପୃଥିବୀର ଅନେକ ଶହ ବର୍ଷ ସହ ସମାନ ଓ ଏହି ଆମ ବିଶ୍ୱ ଭଳି ଅନେକ ବିଶ୍ୱର ଅନେକ ବ୍ରହ୍ମା ଅଛନ୍ତି ଯାହା ବିଜ୍ଞାନର ଆପେକ୍ଷିକ ତତ୍ତ୍ୱର ମତ ଅନୁଯାୟୀ ଆମେ ଆଲୋକର ବେଗରେ ଗଲେ ସମୟର ଗତି କମ୍ ହୋଇଯିବା ଭଳି ରହସ୍ୟ ସହ ମେଳ ଖାଏ। ଏପରି ପରିପ୍ରେକ୍ଷୀରେ ଏକ ଅଦୃଶ୍ୟମାନ ସତ୍ତାକୁ ଦ୍ୱାହିଦେଇ ଅନେକ ଧର୍ମଗ୍ରନ୍ଥ ଅନେକ ପ୍ରକାର କାହାଣୀ, ନିୟମ, ଅନ୍ଧବିଶ୍ୱାସକୁ ପ୍ରୋତ୍ସାହନ ଦେବା ଅପେକ୍ଷା ଆମ ଧୀଶକ୍ତିକୁ ଉପଯୋଗକରି ଯୁକ୍ତିସଙ୍ଗତ ଲାଗୁଥିବା ମତବାଦକୁ ଆପଣାଇବା ଶ୍ରେୟସ୍କର।

**ସାଇଲୋ ବଡ଼ବିଲ, କଟକ**
**ମୋ: ୮୦୧୮୮୩୪୭୩୪**

# ଲେଖନ୍ତି ବହୁତ, ପଢୁଛି କିଏ

ଭଗବାନ ଦାଶ

ଏବେଳ ତ କମ୍ପୁଟରର। ମୋବାଇଲ ତ ଜୀବନ ଧାରା ବଦଳାଇଦେଲାଣି। ସୁଇଚ୍ ଟିପିଦେଲେ

# ପଞ୍ଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୧୭।୧୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ୍ ଅନ୍ତର୍ଗତ ଖାସବାହାଲ ଗ୍ରାମପଞ୍ଚାୟତର ନୂଆ ରାଜପୁର ଗ୍ରାମରେ ପଞ୍ଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାରେ ମିଳୁଥିବା ସାହାଯ୍ୟ ସହଯୋଗ ଉପରେ ଆଲୋଚନା କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ଖଡ଼ିଆଳ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଡିଓ ନରସିଂହ ଗଡ଼ବା ପ୍ରମୁଖ ଯୋଗଦେଇ ପ୍ରବାସୀ ଶ୍ରମିକଙ୍କ ପାଇଁ ଥିବା ସୁବିଧାସୁଯୋଗ ଉପରେ ଆଲୋକପାତ କରିଥିଲେ। ଅଧିକାରୀମାନେ ନିଜ ବିଭାଗ ତରଫରୁ ମିଳୁଥିବା ସୁବିଧା ଉପରେ ଲୋକଙ୍କୁ ବୁଝାଇଥିଲେ। ଏ ଅବସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩୦୦ ଦିନ କାର୍ଯ୍ୟ କରିଥିବା ୭ଜଣ ଶ୍ରମିକ ଏବଂ ୨୫୦ ଦିନରୁ ୨୯୯ ଦିନ କାମ କରିଥିବା ୧୩ ଜଣ ଶ୍ରମିକଙ୍କୁ ସମ୍ମାନିତ କରାଯାଇଥିଲା। ଆର୍‌ଆଇ ସର୍କଲକୁ ଶରଧାପୁରରେ ସାମିଲ ନ କରି ଖାସବାହାଲ ପଞ୍ଚାୟତରେ ସ୍ୱତନ୍ତ୍ର ଆର୍‌ଆଇ ଅଫିସ ସ୍ଥାପନ, ସୁନ୍ଦର ନଦୀରୁ ଜଳସେଚନ ବ୍ୟବସ୍ଥା ଆଦି ପାଇଁ ଲୋକେ ଦାବି କରିଥିଲେ। ଜିଲାପାଳ ଏ ନେଇ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ଥାନୀୟ ସମିତି ସଭ୍ୟ ହେମନ୍ତ ଶବର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ତିହାରୁ ହିଆଲ, ଗ୍ରାମ ରୋଜଗାର ସେବକ ଜଗନ୍ନାଥ ମେହେର, ସମସ୍ତ ୱାର୍ଡମେମ୍ବର, ଗାଁ ସାଥୀ ସହଯୋଗ କରିଥିଲେ।

# କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନାକଲେ ଭାଜପା ନେତା ନିଆଲ

**ଭବାନୀପାଟଣା,୧୭।୧୨ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ବରିଷ୍ଠ ଭାଜପା ନେତା ଡ. ଭବାନୀ ଶଙ୍କର ନିଆଲ ନୂଆଦିଲ୍ଲୀଠାରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଜରିଆରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଓ କେନ୍ଦ୍ର ଶ୍ରମମନ୍ତ୍ରୀ ଡ. ମନସୁଖ ମାଣ୍ଡବ୍ୟ ମାଣ୍ଡଭିୟାଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସେ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଥିଲେ। କଳାହାଣ୍ଡି ଓ ନୂଆପଡା ଜିଲାର ରେଳଯାତ୍ରା ସମ୍ବନ୍ଧିତ ସମସ୍ୟା ଓ

କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ଡ. ଭବାନୀ ଶଙ୍କର ନିଆଲ।

ତା'ର ସମାଧାନ ପାଇଁ ସେ ଆଲୋଚନା କରିଥିଲେ। ବିଶେଷ କରି କଳାହାଣ୍ଡିର ନର୍ଲା ରେଲଷ୍ଟେଶନ, ୱାଗନ ଫ୍ୟାକ୍ଟ୍ରି, ଜୁନାଗଡ଼ରୁ ନବରଙ୍ଗପୁର ରେଳ ସଂଯୋଗୀକରଣ, କେସିଙ୍ଗା ଷ୍ଟେଶନରେ ଉଭୟ ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନର ରହଣି ସୁବିଧା, କେସିଙ୍ଗାଠାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ, ସପ୍ତାହରେ ୩ ଦିନ କେସିଙ୍ଗା ପର୍ଯ୍ୟନ୍ତ ଇସ୍ପାତ ଟ୍ରେନ ସମ୍ପ୍ରସାରଣ, ରେଳ ଟିକେଟ କୋଟାରେ କେସିଙ୍ଗା ଷ୍ଟେଶନକୁ ଅନ୍ତର୍ଭୁକ୍ତ କରିବା, ଭବାନୀପାଟଣା ଓ ଜୁନାଗଡ଼ ରେଳ ଷ୍ଟେଶନରେ ଦ୍ୱିତୀୟ ପ୍ଲାଟଫର୍ମ ନିର୍ମାଣ ଆଦି ଉପରେ ଚର୍ଚ୍ଚା କରିଥିଲେ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀୟ ଶତପଥୀ ଅସୁସ୍ଥ

**ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀୟ ଶତପଥୀ ଅସୁସ୍ଥ ହୋଇପଡିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ ମଧ୍ୟ ହୋଇଥିବା ଜଣାପଡିଛି। ଗତ ଅକ୍ଟୋବର ୧ ତାରିଖଠାରୁ ଦେହ ଅସୁସ୍ଥ ଥିବା ନେଇ ସେ ବିଶ୍ୱବିଦ୍ୟାଳୟରୁ ଛୁଟି ନେଇଛନ୍ତି। ତାଙ୍କ ଅସୁସ୍ଥତା ଖବର ଶୁଣି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କର୍ତ୍ତୃପକ୍ଷ, ଭାରପ୍ରାପ୍ତ କୁଳପତି ଦୁଃଖପ୍ରକାଶ କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ୨୦୨୧ ଏପ୍ରିଲ ମାସରେ ସେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱର ଲିଙ୍ଗରାଜ

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ମନ୍ଦିର ନିକଟରେ ରହୁଥିବା ସୂଚନା ମିଳିଛି। ସେ ଏକାଧାରାରେ ଜଣେ ଶିକ୍ଷାବିତ୍, ପ୍ରବଚକ, ସୁସାହିତ୍ୟିକ ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ବେଶ୍ ଜଣାଶୁଣା। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ରହିଛନ୍ତି।

# ମାରୱାଡି ଯୁବାମଞ୍ଚ ପକ୍ଷରୁ ରକ୍ତଦାନ ଶିବିର

**ଲୋଇସିଂହା,୧୭।୧୨(ସୁଶାନ୍ତ ବାରିକ)**

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରସେନ ଭବନରେ ସ୍ଥାନୀୟ ମାରୱାଡି ଯୁବାମଞ୍ଚ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ଆହ୍ୱାନକ୍ରମେ ଉକ୍ତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବିଜେଡି ବ୍ଲକ ସଭାପତି ହୃଦୟାନନ୍ଦ ବେହେରା ପ୍ରମୁଖ ସାମିଲ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସ୍ଥାନୀୟ ମାରୱାଡି ଯୁବାମଞ୍ଚ ସଭାପତି ସୌରଭ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ ,ଆଗାମୀ ୮ ଦିନ ମଧ୍ୟରେ ରାଜ୍ୟର ୧୦୯ ଶାଖାରେ ଏପରି କ୍ୟାମ୍ପ ଆୟୋଜନ କରାଯାଇ ୧୫ ହଜାର ୟୁନିଟ ରକ୍ତ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି । ଶିବିରରେ ବିମଳେନ୍ଦୁ ସାହୁ, ଶ୍ୟାମ ଅଗ୍ରୱାଲଙ୍କ

## ୧୧୫ ୟୁନିଟ୍ ରକ୍ତ ସଂଗ୍ରହ

ସମେତ ବହୁ ରକ୍ତଦାତା ଜୀବନରେ ପ୍ରଥମ ଥର ରକ୍ତଦାନ କରିଥିଲେ। ସେହିପରି ଶୁକଦେବ ମେହେର, ଗୌରୀଶଙ୍କର ଅଗ୍ରୱାଲ ନିୟମିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ କରୁଥିବା କହିଛନ୍ତି। ବଲାଙ୍ଗୀର ରକ୍ତଭଣ୍ଡାରର ଡା. ଗଙ୍ଗାଧର ମିଶ୍ର,ସଂଗ୍ରାମ କେଶରୀ ରଣା, ଗଙ୍ଗାଧର ପଧାନ, ପରମାନନ୍ଦ କୁଅଁର, ଚନ୍ଦ୍ର ପ୍ରକାଶ ନାଗ, ଅକ୍ଷୟ କୁମାର ବାଗ, ଦେବେନ୍ଦ୍ର ସୁନା ଓ ଖଗେଶ୍ୱର ଗଡତ୍ୟା ରକ୍ତସଂଗ୍ରହ କରିଥିଲେ । ମାରୱାଡି ଯୁବାମଞ୍ଚ ସମ୍ପାଦକ ଅଭିଷେକ ଅଗ୍ରୱାଲ, ମହିଳା ଯୁବା ମଞ୍ଚ ସଭାନେତ୍ରୀ ଗାୟତ୍ରୀ ଅଗ୍ରୱାଲ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବିନିକା, ୧୭।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସରପଞ୍ଚ କଳାକାନ୍ଥୁ ସୁନା ଫିତା କାଟି ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ଡା ଧର୍ମରାଜ ନାଏକ, ଟେକନିସିଏନ ସତ୍ୟନାରାୟଣ ପଧାନ, ଭାଗବତ ପାଣ୍ଡେ ମନୀଷ ବାବୁ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ୫୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଅସ୍ତ୍ରୋପ୍ରଚାର ପାଇଁ ପଣ୍ଡାପାଲିସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆବଶ୍ୟକ ଥିବା ରୋଗୀମାନଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା । ଶିବିରକୁ ପଞ୍ଚଯାତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସଭ୍ୟ ସଭ୍ୟା ସହଯୋଗ କରିଥିଲେ ।

# ବିଜେଡିର ସଦସ୍ୟତା ଅଭିଯାନ ପାଇଁ ପ୍ରସ୍ତୁତି ବୈଠକ

**କୋକସରା,୧୭।୧୨ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟଠାରେ ବ୍ଲକ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ସଦସ୍ୟତା ଅଭିଯାନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ସମେତ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ମାଝୀ, ତ୍ରିନାଥ ବାଗ, ନାରିନେତ୍ରୀ ଅଶୋକା ନାଏକ, ବ୍ଲକ ସାଧାରଣ ସମ୍ପାଦକ ପଞ୍ଚକ ପୋଢ଼, ଅନୁସୂଚିତ ଜାତି ଜିଲା ସଦସ୍ୟ ଧ୍ରୁବଲେଶ୍ୱର ନାଗ, ଧର୍ମଗଡ ନିର୍ବାଚନ ମଣ୍ଡଳୀ ସଭାପତି ମାନସ ରଞ୍ଜନ ବାଗଙ୍କ ସମେତ ୨୨ ପଞ୍ଚାୟତର ସଭାପତି ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ବିଜେଡିର ପୂର୍ବ ଗୌରବକୁ ଫେରାଇ ଆଣିବାକୁ ତୃଣମୂଳ ସ୍ତରରେ ସଦସ୍ୟତା ଅଭିଯାନକୁ ଏକ ଆନ୍ଦୋଳନ ରୂପରେ ନେବାକୁ ଜିଲା ସଭାପତି ସିଂଦେଓ ଆହ୍ୱାନ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଅଗ୍ରୱାଲ ବିଜେଡି ସରକାରଙ୍କ ପୂର୍ବରୁ ହୋଇଥିବା ଲୋକାଭିମୁଖୀ ଯୋଜନାକୁ ଘର ଘର ବୁଲି ସଚେତନ କରିବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

# କଳାହାଣ୍ଡି ଜିଲାରେ ମୃଦୁ ଭୂକମ୍ପ

**ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ସନ୍ଧ୍ୟା ୭ଟା ୩ ମିନିଟରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଜିଲାର ଭବାନୀପାଟଣା, ଧର୍ମଗଡ, ଜୁନାଗଡ଼, କୋକସରା, ଜୟପାଟଣା, ଗୋଲାମୁଣ୍ଡା ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିବା ସୂଚନା ମିଳିଛି। ତେବେ ଏହାଦ୍ୱାରା ଜନସାଧାରଣ କେତେ ପ୍ରଭାବିତ ହୋଇଛନ୍ତି, କ୍ଷୟକ୍ଷତି ହୋଇଛି କି ନାହିଁ ସେ ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ।

# ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ଉପରେ କର୍ମଶାଳା

ଛାତ୍ରବୃତ୍ତି ଉପରେ ଆଲୋଚନା କରାଯାଉଛି।

**ନୂଆପଡ଼ା,୧୭।୧୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ୨୦୨୪-୨୫ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତିକୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳା ଆକାଂକ୍ଷା ଜିଲା କାର୍ଯ୍ୟକ୍ରମ (ଏଡିପି)ର ବିକାଶ ସହଯୋଗୀ ସଂସ୍ଥା ପିରାମଲ ଫାଉଣ୍ଡେଶନ ଦ୍ୱାରା ପରିଚାଳନା କରାଯାଇଥିଲା। କର୍ମଶାଳାକୁ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ର କିଭଳି ଶତ ପ୍ରତିଶତ ଛାତ୍ରବୃତ୍ତି ପାଇବେ ସେ ନେଇ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୂଆପଡ଼ା ହେମସାଗର ମହାନନ୍ଦ, ପେଢ଼ାଗୋଗି ସଂଯୋଜକ ହେମନ୍ତ ଭୋଇ, ଜିଲା ଛାତ୍ରବୃତ୍ତି ସଂଯୋଜକ ଶୁଭଶ୍ରୀ ହେନା ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ।

# କୁଲିଆବନ୍ଧା ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

**ନୂଆପଡ଼ା,୧୭।୧୨ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ୍ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢାଇ ମୁଖ୍ୟ ଅତିଥି, ବରିଷ୍ଠ ନାଗରିକ ହୀରାଲାଲ ପଟେଲ, ଲୋହିତ ଶବର, ବିଶ୍ୱେଶ୍ୱର ବେମାଲ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ବରିହା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସବ୍‌ଜୁନିୟର, ଜୁନିୟର ଓ ସିନିୟର ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ନିକଟରେ ସରକାରୀ ଉଚ୍ଚ ବିଦ୍ୟାଳୟ ଭାନପୁରର ଜାତୀୟସ୍ତର କବାଡିରେ ଭାଗନେଇଥିବା ଡରେଲାଲ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜନମଙ୍ଗଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ଶିକ୍ଷକ ଅର୍ଜୁନ ମାଝି, ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରର କ୍ରୀଡ଼ା ଶିକ୍ଷକ ଦେଓ ସିଂ ପଟେଲ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ଗୁଣସାଗର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

**ପୂର୍ବ ତଟ ରେଳପଥ**

ଲେଟର ନଂ.S&T/OT/AMC/IPS/HBL-444, ତା.12.12.2024ରିଖ

**କାର୍ଯ୍ୟର ନାମ :** 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର 79 ସ୍ଥାନଗୁଡ଼ିକଠାରେ ମେସର୍ସ HBL ପାୱାର ସିଷ୍ଟମ୍‌ସ ଲିମିଟେଡ୍, ହାଇଦ୍ରାବାଦ ଦ୍ୱାରା ଭିତ୍ତିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ) :** 3,74,44,613.55, EMD (ଟଙ୍କାରେ): 3,37,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-(18% GST ସହିତ) ।

**ବିଡ୍ ଆରମ୍ଭ ହେବା ତାରିଖ:** ତା.20.12.2024ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.01.2025 ରିଖ 1100 ଘଡ଼ିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ୍ତାକୋଲିୟର ଫାକ୍ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-804/P/24-25

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A NO.: 104/2024**

State Bank of India, SARB, Bhubaneswar ....Applicant
Versus
Shradhanjali Khuntia ...Defendant(s)

To,
**Mrs. Shradhanjali Khuntia,** W/o.: Pradip Kumar Khuntia, Plot No.: 294, K-9A, Kalinga Vihar, Patrapada, Khandagiri, Bhubaneswar, PIN-751019, Khurda, Odisha

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 104/2024** in the court of the Debts of Recovery Tribunal, Cuttack for recovery of **Rs.35,66,394.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **28/01/2025** at **10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **26th day of November 2024.**

**Sd/- (Nikhila Ranjan Pati)**
**REGISTRAR**

**ସର୍ବସାଧାରଣ ବିଜ୍ଞପ୍ତି**

**ଫର୍ମ ନଂ. ଆଇଏନ୍‌ସି-୨୬**

**[କମ୍ପାନୀ (ଇନ୍‌କର୍ପୋରେସନ୍) ନିୟମ ୨୦୧୪ର ରୁଲ୍ ୩୦] ଅନୁଯାୟୀ ଏକ ରାଜ୍ୟରୁ ଅନ୍ୟ ରାଜ୍ୟକୁ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟରେ ପରିବର୍ତ୍ତନ ନିମନ୍ତେ ଖବରକାଗଜରେ ପ୍ରକାଶିତ ବିଜ୍ଞାପନ ।**

**କେନ୍ଦ୍ର ସରକାର**
**ପୂର୍ବାଞ୍ଚଳ (ଆଞ୍ଚଳିକ ନିର୍ଦ୍ଦେଶକ)**
**ନିଜାମ୍ ପ୍ୟାଲେସ୍, ଏମ୍‌ଏସ୍‌ଓ ବିଲ୍ଡିଂ, ତୃତୀୟ ମହଲା, ୨୩୪/୪, ଏ. ଜେ. ସି. ବୋଷ ରୋଡ, କୋଲ୍‌କାତା ୭୦୦୦୨୦, ପଶ୍ଚିମବଙ୍ଗ**

କମ୍ପାନୀ ଅଧିନିୟମ ୨୦୧୩ ର ଧାରା ୧୩ ଅନ୍ତର୍ଗତ ଉପଧାରା ୪ ଏବଂ କମ୍ପାନୀ (ଇନ୍‌କର୍ପୋରେସନ୍) ନିୟମ ୨୦୧୪ ରୁଲ୍ ୩୦ର ଉପଧାରା (୫)ର ଧାରା (କ) ପ୍ରସଙ୍ଗରେ ଏବଂ

**ମେସର୍ସ ଭଲ୍‌କ ଫିଲ୍ମ ପ୍ରାଇଭେଟ୍ ଲିମିଟେ

# ମହୋତ୍ସବ ଦ୍ୱାରା ବୌଦ୍ଧ ଗଡ଼ଜାତର ଲୁପ୍ତ କଳା, ସଂସ୍କୃତିର ପ୍ରଚାର ପ୍ରସାର ହେବ

**ହରଭଙ୍ଗା, ୧୭।୧୨(ନରେନ୍ଦ୍ର କୁମାର ସାହୁ)**

କଳା ଓ ସଂସ୍କୃତିର ମହାମିଳନ ଗଡ଼ଜାତ ଲୋକ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ମଙ୍ଗଳବାର ଥିଲା ତୃତୀୟ ଦିବସ। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରନରସିଂହପୁରସ୍ଥିତ ସାଧୁଚରଣ ହାଇସ୍କୁଲ ପଡିଆ ଠାରେ ଚାଲିଥିବା ଲୋକ ମହୋତ୍ସବ ଅଷ୍ଟମ ବର୍ଷରେ ପହଞ୍ଚିଛି। ମହୋତ୍ସବ ପଡିଆରେ ୭୦ଗୋଟି ଷ୍ଟଲ ଖୋଲାଯାଇଥିବା ବେଳେ ଦର୍ଶକଙ୍କ ପାଇଁ ମୀନାବଜାର, ଖାଦ୍ୟ ଷ୍ଟଲର ପସରା ଖୋଲାଯାଇଛି। ଗଡଜାତ ଲୋକ ମହୋତ୍ସବ କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଗାଇଗୌରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବୌଦ୍ଧ ଜିଲା ଓକିଲ ସଂଘ ସଭାପତି ଧୂରୀଣ କୁମାର ଦେହୁରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଣୀ ସଂପଦ ଅଧିକାରୀ ଡ. ପ୍ରିୟବ୍ରତ ବେହେରା, ଖଡଙ୍ଗ ମହୋତ୍ସବ କମିଟିର ସଭାପତି ମନୋଜ କୁମାର ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଡ. ବେହେରା ଏହି ମହୋତ୍ସବ ଦ୍ୱାରା ବୌଦ୍ଧ ଗଡଜାତର ଲୁପ୍ତ କଳା ସଂସ୍କୃତିର ପ୍ରଚାର ପ୍ରସାର ହେବା ସହ ସ୍ଥାନୀୟ କଳାକାର ଏହି ମଞ୍ଚ ଦ୍ୱାରା ଆଗକୁ ଆଗକୁ ଯାଇ ପାରିବେ ବୋଲି କହିଥିଲେ। ମହୋତ୍ସବର ତୃତୀୟ ସାଂସ୍କୃତିକ ସନ୍ଧ୍ୟାରେ ସମ୍ବଲପୁରୀ ମେଲୋଡି ଗାୟକ ଟିକୁ ରାଜ , ଗାୟିକା ରୁମକି ପାଢୀ ଓ ତାଙ୍କ ଦଳ ଗୀତ, ନାଚ ପରିବେଷଣ କରିଥିଲେ। ପରେ ଢୋଲମାରୀ କଳା ପରିଷଦ ବଲାଙ୍ଗୀରର ରଘୁନାଥ କୁମ୍ଭାର ଓ ସାଥୀଙ୍କ ସମ୍ବଲପୁରୀ ନୃତ୍ୟ, ସେଣ୍ଟ ନୃତ୍ୟ ଓ ଗୀତର ମଜା ନେଇଥିଲେ।

ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥି ।

## ତୃତୀୟ ଦିନରେ ଗଡଜାତ ଲୋକ ମହୋତ୍ସବ

ଜାଭିୟର, ବିରାମଚନ୍ଦ୍ରପୁର, ଜାମପାଲି, ମଥୁରା, ଆଡେଣିଗଡ, ତିଲେଶ୍ୱର ଓ ସମ୍ପୋଚ ଆଦି ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ପରିବେଷଣ କରାଯାଇଥିଲା। ମଞ୍ଚକୁ ବିଜୟ କୁମାର ସାହୁ ପରିଚାଳନା କରିଥିବା ବେଳେ କମିଟି ସଦସ୍ୟ ବାଲ୍ମିକୀ ମହାକୁଳ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ୍ରାଇଭର ମହାସଂଘ ଓ କମିଟି ସଦସ୍ୟ ସହଯୋଗ କରିଥିଲେ। ପ୍ରବଳ ଶୀତ ସତ୍ତ୍ୱେ ଦର୍ଶକ ବିଳମ୍ବିତ ରାତି ପର୍ଯ୍ୟନ୍ତ ସମ୍ବଲପୁରୀ

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀୟ ଶତପଥୀ ଅସୁସ୍ଥ

**ଭବାନୀପାଟଣା, ୧୭।୧୨(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀୟ ଶତପଥୀ ଅସୁସ୍ଥ ହୋଇପଡିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ ମଧ୍ୟ ହୋଇଥିବା ଜଣାପଡିଛି। ଗତ ଅକ୍ଟୋବର ୧ ତାରିଖଠାରୁ ଦେହ ଅସୁସ୍ଥ ଥିବା ନେଇ ସେ ବିଶ୍ୱବିଦ୍ୟାଳୟରୁ ଛୁଟି ନେଇଛନ୍ତି। ତାଙ୍କ ଅସୁସ୍ଥତା ଖବର ଶୁଣି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କର୍ତ୍ତୃପକ୍ଷ, ଭାରପ୍ରାପ୍ତ କୁଳପତି ଦୁଃଖପ୍ରକାଶ କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ୨୦୨୧ ଏପ୍ରିଲ ମାସରେ ସେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟରେ ରହୁଥିବା ସୂଚନା ମିଳିଛି। ସେ ଏକାଧାରାରେ ଜଣେ ଶିକ୍ଷାବିତ୍, ପ୍ରବଚକ, ସୁସାହିତ୍ୟିକ ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ବେଶ୍ ଜଣାଶୁଣା। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ରହିଛନ୍ତି।

## ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

# ୩୨ ଅଭିଯୋଗର ତତ୍କାଳ ସମାଧାନ

**ବୌଦ୍ଧ, ୧୭।୧୨(ଅଜିତ କୁମାର ବାରିକ)**

ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସମୁଦାୟ ୫୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୫୧ଟି ବ୍ୟକ୍ତିଗତ ଅଭିଯୋଗ ଓ ୮ଗୋଟି ସାମୁହିକ ଗ୍ରାମ ସମସ୍ୟା ସଂପର୍କିତ ଅଭିଯୋଗ ରହିଥିଲା। ୩୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଜନଶୁଣାଣିରେ ଜିଲାପାଳ ୮ ଜଣଙ୍କୁ କମ୍ବଳ ଓ ୧୦ ଜଣଙ୍କୁ ପେନ୍‌ସନ ପ୍ରଦାନ କରିଥିଲେ। ସମସ୍ତ ଅଧିକାରୀ ନିଜର ବ୍ୟବହାର ଓ ଲୋକଙ୍କ ପ୍ରତି ରହିଥିବା ମାନସିକତାରେ ପରିବର୍ତ୍ତନ ଆଣି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚି ଉଚିତ୍ ନ୍ୟାୟ ପ୍ରଦାନ ଓ ଉତ୍ତମ ସେବା ପ୍ରଦାନ କରିବାକୁ ଜିଲାପାଳ ସୁବ୍ରତ କୁମାର ପଣ୍ଡା ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଜନଶୁଣାଣି ପୋର୍ଟାଲରେ ଆସୁଥିବା ଅଭିଯୋଗଗୁଡିକର ତୁରନ୍ତ ସମାଧାନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାଛଡା ଧାନମଣ୍ଡିଗୁଡିକରେ ସରକାରଙ୍କ ନିର୍ଦ୍ଦେଶାବଳୀ ମୁତାବକ ଚାଷୀମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜନଶୁଣାଣିରେ ଚିକିତ୍ସା ସମ୍ବନ୍ଧୀୟ ଅଭିଯୋଗ ସଂଖ୍ୟା କମ୍ ହୋଇଥିବା ତଥା ସମସ୍ତ ଜନଶୁଣାଣି ସ୍ଥାନରେ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରାଯାଉଥିବା ନେଇ ଜିଲାପାଳ ସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ୨୨ ତାରିଖଠାରୁ ଜିଲାରେ ପାଣି ପଞ୍ଚାୟତ ପକ୍ଷ ଆରମ୍ଭ ହେଉଥିବା ବେଳେ ୨୯ ତାରିଖ ଦିନ ଜିଲାସ୍ତରୀୟ ଉତ୍ସବ ହେବାକୁ ଥିବାରୁ ଏହି ଉତ୍ସବକୁ ସଫଳ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବୌଦ୍ଧ ମହୋତ୍ସବ ଜାନୁୟାରୀ ୨ରୁ ୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାରୁ ସମସ୍ତ ଅଧିକାରୀ ଏଥିରେ ସହଯୋଗ କରିବା ପାଇଁ ଆହ୍ୱାନ କରାଯାଇଥିଲା । ଏହି ଜନଶୁଣାଣିରେ ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେଓରକୋଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୁଧିଷ୍ଠିର ମେହେର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜୟକୃଷ୍ଣ ମିଶ୍ର ଏବଂ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ସ୍ୱାସ୍ଥ୍ୟ ଶିବିରକୁ ଡା.ଶର୍ମିଷ୍ଠା ବାଘ, ଡା.ଚମରୁ ବାଙ୍ଗସିଙ୍ଗ, ସୋନାଲିକା ଗାଈଗୌରିଆ ଓ ନର୍ମଦା ନାଏକ ପରିଚାଳନା କରିଥିଲେ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବିନିକା, ୧୭।୧୨(ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତ କାର୍ଯ୍ୟାଳୟରେ ମଙ୍ଗଳବାର ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସରପଞ୍ଚ କଳାକାହ୍ନୁ ସୁନା ଫିତା କାଟି ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟର ଡା ଧର୍ମରାଜ ନାଏକ, ଟେକନିସିଏନ ସତ୍ୟନାରାୟଣ ପଧାନ, ଭାଗବତ ପାଣ୍ଡେ ମନୀଷ ବାବୁ ପ୍ରମୁଖ ଚକ୍ଷୁ ପରୀକ୍ଷା କରିଥିଲେ। ଶିବିରରେ ୫୨ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଅସ୍ତ୍ରୋପ୍ରଚାର ପାଇଁ ପଣ୍ଡାପାଲିସ୍ଥିତ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଆବଶ୍ୟକ ଥିବା ରୋଗୀମାନଙ୍କୁ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା। ଶିବିରକୁ ପଞ୍ଚଯାତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

# ବିଦ୍ୟାଳୟରେ ତିଥି ଭୋଜନ ଦେଲେ ଯୁବ ବ୍ୟବସାୟୀ

**ବାଉଁଶୁଣୀ, ୧୭।୧୨(ଦେବାଶିଷ ନେପାକ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଅନ୍ତର୍ଗତ ବଉଦିଆପଡ଼ାର ଯୁବ ବ୍ୟବସାୟୀ ଗୁଣନିଧି ମେହେର ତାଙ୍କର ୪୭ତମ ଜନ୍ମ ଦିନ ନିଆର ଢଙ୍ଗରେ ପାଳନ କରିଛନ୍ତି । ସରକାରଙ୍କ ପି.ଏମ. ପୋଷଣ ଯୋଜନା ଅନୁଯାୟୀ ଗ୍ରାମର ଯେ କୌଣସି ବ୍ୟକ୍ତି ତାଙ୍କର ଜନ୍ମଦିନ, ବିବାହ ବାର୍ଷିକୀ କିମ୍ବା କୌଣସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ବିଦ୍ୟାଳୟରେ ତିଥି ଭୋଜନ ଦେଇ ଉତ୍ସବ ମନେଇ ପାରିବେ। ତେଣୁ ଚଳିତବର୍ଷ ଗୁଣନିଧି ବଉଦିଆସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତିଥି ଭୋଜନ ଦେବା ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଖାତା, ପେନ ଓ ମିଷ୍ଟାନ ଦେଇ ଜନ୍ମଦିନ ପାଳିଥିଲେ। ଏହି କାର୍ଯ୍ୟକ୍ରମରେ ତାଙ୍କର ସ୍ତ୍ରୀ ପଦ୍ମିନୀ ମେହେର, ଝିଅ ଖୁସି ମେହେର, ବଡ଼ଭାଇ ରଘୁନାଥ ମେହେର, ଭାଉଜ କୁନି ମେହେର ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚକ୍ରଧର ମେହେର, ସହକାରୀ ଶିକ୍ଷକ ବୃନ୍ଦାବନ ହାତୀ ସାମିଲ ହୋଇଥିଲେ।

# ବୌଦ୍ଧ ଜିଲାରେ ଧାନକ୍ରୟର ଶୁଭାରମ୍ଭ

କଣ୍ଟାମାଳ ବିଧାୟକ ଧାନ କିଣାର ଶୁଭାରମ୍ଭ କରୁଛନ୍ତି ।

**କଣ୍ଟାମାଳ/ମନମୁଣ୍ଡା, ୧୭।୧୨(ଆବିତେଶ୍ୱର ମିଶ୍ର/ବେଣୁଧର ପଧାନ)**

ବୌଦ୍ଧ ଜିଲାରେ ଚଳିତବର୍ଷର ଖରିଫ ଧାନ କ୍ରୟ ମନମୁଣ୍ଡା ବଜାର ପ୍ରାଙ୍ଗଣ ଠାରେ ଶୁଭାରମ୍ଭ ହୋଇଛି। ମଙ୍ଗଳବାର ମନମୁଣ୍ଡା ବଜାର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକ ଡାଙ୍ଗ ଭଲ ଧାନ ଆଣିବାକୁ ଚାଷୀଙ୍କୁ ଆହ୍ୱାନ କରିଥିଲେ। ଏହାଛଡା ସରକାରଙ୍କ ଘୋଷଣା ଅନୁଯାୟୀ ଧାନର ସହାୟକ ମୂଲ୍ୟ ୨୩୦୦ ଟଙ୍କା ଓ ଇନପୁଟ ସହାୟତା ୮୦୦ ଟଙ୍କା ପାଇବେ ବୋଲି କହିଥିଲେ । ଜିଲାପାଳ ସୁବତ୍ର କୁମାର ପଣ୍ଡା ଧାନ କ୍ରୟ ସମୟରେ ଚାଷୀମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ କହିଥିଲେ। ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଧାନ କିଣା ସମୟରେ ଆବଶ୍ୟକ ଯନ୍ତ୍ରପାତି ଓ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି କହିଥିଲେ । ଧାନକ୍ରୟ ସମୟରେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ଯୋଗାଣ ଅଧିକାରୀ ଶ୍ରୀନାଥ ହାସଦା, ବିଡିଓ ସମୀ ଜୟଶ୍ରୀ ରେଡି ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ୫୫.୮୬ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା ।

# ବୌଦ୍ଧ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଜୁନିୟର କ୍ରୀଡା

**ବୌଦ୍ଧ, ୧୭।୧୨( ଅଜିତ କୁମାର ବାରିକ)**

ବୌଦ୍ଧ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଜୁନିୟର କ୍ରୀଡା ଉତ୍ସବ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି କ୍ରୀଡା ଉତ୍ସବରେ ବୌଦ୍ଧ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ଦେଓଗଡ କେନ୍ଦ୍ରୀୟ ବିଦ୍ୟାଳୟ, ଜଗନ୍ନାଥ କେନ୍ଦ୍ରୀୟ ବିଦ୍ୟାଳୟ ଓ ସୁଭଦ୍ରା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିବା ସହ କ୍ରୀଡା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ହେବ ବୋଲି କହିଥିଲେ । ଶିକ୍ଷକ ମନୋଜ ପଶାୟତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶିକ୍ଷକ ସୁଜିତ ଭୋଇ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚାମ୍ପିୟନ ହୋଇଥିଲେ। ଶେଷରେ ଶିକ୍ଷକ ଯତିନ ମେହେର ଧନ୍ୟବାଦ ଦେଇଥିଲେ ।

# କଲ୍ୟାଣ ମଣ୍ଡପ ପାଇଁ ଜମି ପ୍ରଦାନ ଦାବି

**ସରଣ୍ଡା, ୧୭।୧୬(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ବ୍ଲକ ଅଞ୍ଚଳରେ ବସବାସ କରୁଥିବା ବାରିକ ସମାଜର କଲ୍ୟାଣ ମଣ୍ଡପ ନିର୍ମାଣ ସକାଶେ ଜମି ପ୍ରଦାନ ପାଇଁ ତହସିଲଦାର କେ. ରିଚି କୁମାରଙ୍କୁ ବ୍ଲକ ବାରିକ ସମାଜ ପକ୍ଷରୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ବାରିକ ସମାଜ ସଭାପତି ହାରାଧନ ବାରିକ, କାର୍ଯ୍ୟକାରୀ ସଭାପତି ରଘୁନାଥ ବାରିକ, ସମ୍ପାଦକ କାର୍ତ୍ତିକ ପଶାୟତ, ଦେବାର୍ଚ୍ଚନ ବାରିକ, ଜୀବର୍ଦ୍ଧନ ପଶାୟତ, ଦେବାନନ୍ଦ ବେହେରା, ସରୋଜ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ପୂର୍ବ ତଟ ରେଳପଥ**

ଲେଟର ନଂ.S&T/OT/AMC/IPS/HBL-444, ତା.12.12.2024ରିଖ

କାର୍ଯ୍ୟର ନାମ : 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର 79 ସ୍ଥାନଗୁଡ଼ିକଠାରେ ମେସର୍ସ HBL ପାୱାର ସିଷ୍ଟମ୍‌ସ ଲିମିଟେଡ୍, ହାଇଦ୍ରାବାଦ ଦ୍ୱାରା ଉତ୍ପାଦିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ବୃତ୍ତି ନିମନ୍ତେ ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 3,74,44,613.55, EMD (ଟଙ୍କାରେ): 3,37,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ: ତା.20.12.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.01.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ୍ତାକୋଲିୟର/ଫାକ୍ସ କରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଭରିବାକୁ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-804/P/24-25

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A NO.: 104/2024**

State Bank of India, SARB, Bhubaneswar ....Applicant
Versus
Shradhanjali Khuntia ...Defendant(s)

To,
**Mrs. Shradhanjali Khuntia,** W/o.: Pradip Kumar Khuntia, Plot No.: 294, K-9A, Kalinga Vihar, Patrapada, Khandagiri, Bhubaneswar, PIN-751019, Khurda, Odisha

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 104/2024** in the court of the Debts of Recovery Tribunal, Cuttack for recovery of **Rs.35,66,394.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **28/01/2025** at **10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **26th day of November 2024.**

**Sd/- (Nikhila Ranjan Pati)**
**REGISTRAR**

**ODISHA PUBLIC SERVICE COMMISSION**
**19, DR. P.K. PARIJA ROAD, CUTTACK-753001**
**NOTICE**
**No.7322/ PSC, Dt.17.12.24**
**(DR-IV) (2PS-01-2024-25)**

**No.D-:** The **Written Examination** for recruitment to the posts of Assistant Chemist, pursuant to Advertisement No.26 of 2023-24 shall be conducted as per the following programme.

| Date | Time | Paper / Subject | Subject Code |
|---|---|---|---|
| 05.01.2025 (Sunday) | 10.00 A.M. to 11.30 A.M. | Paper - I (Organic & Analytical Chemistry | 01 |
| | 01.30 P.M. to 03.00 P.M. | Paper-II (Physical & Inorganic Chemistry) | 02 |

The PwD candidates will be given 20 minutes per hour in each sessions (i.e. 10.00 A.M. to 12.00 P.M. for 1st session & 01.30 P.M. to 03.30 P.M. for 2nd Session)

The list of Examination Centres are given below:-

| Sl.No. | Name of the Examination Centres |
|---|---|
| | **CUTTACK** |
| 1 | Saraswati Shishu Vidya Mandir, Tulasipur, Chahata Nagar (Mahanadi Ring Road) Cuttack-753008 |
| | **BHUBANESWAR** |
| 1 | D R Nayapally College, Nayapally, BBSR |
| 2 | Sthitiprajna Higher Secondary School, Behind TCS Ltd., BBSR/Mind Tree, Patharagadia, BBSR |
| 3 | P.G. Deptt. of Political Science, Utkal University, Vani Vihar, BBSR |
| 4 | Saraswati Shishu Vidya Mandir, Bhimatangi, BBSR |

The candidates admitted are required to download their **"Admission Certificates" and "Instructions to Candidates"** from website of the Commission at www.opsc.gov.in from **30.12.2024 onwards.**

OIPR-12002/11/0109/2425 **Sd./- Secretary**

**GOVERNMENT OF CHHATTISGARH**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION, JASHPUR (C.G.)**
**e-PROCUREMENT TENDER NOTICE**
**eProcurement Portal: https://eproc.cgstate.gov.in**
**(1st Call)**

**System Tender No.: 162827 NIT No.:10/SAC/

# ଦଙ୍ଗାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅ

**ସମ୍ବଲପୁର,୧୭।୧୨(ବି.ଶଙ୍କର)**

୨୦୨୩ ମସିହାରେ ସମ୍ବଲପୁର ସହରରେ ପ୍ରାୟୋଜିତ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା । ଏହି ଦଙ୍ଗାରେ ଯେଉଁ ପୋଲିସ ଅଧିକାରୀମାନେ ସାମିଲ ଥିଲେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଥିସହ ହନୁମାନ ଭକ୍ତଙ୍କ ଉପରେ ହୋଇଥିବା ସମସ୍ତ ମିଛ କେସଗୁଡ଼ିକୁ ପ୍ରତ୍ୟାହାର କରିବାକୁ ଦାବି ହୋଇଛି। ଏନେଇ ବୁଧବାର ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ସନାତନ ସୁରକ୍ଷା ମଞ୍ଚ ପକ୍ଷରୁ ୧୦ଦଫା ଦାବି ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସମ୍ବଲପୁର ସହରରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ, ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ ଯୋଜନାବଦ୍ଧ ଆକ୍ରମଣ କରାଇ ଶାନ୍ତ ବାତାବରଣକୁ ଅଶାନ୍ତ କରିଥିବା ତତ୍କାଳୀନ ପୋଲିସ ଅଧିକାରୀ, ହନୁମାନ ଜୟନ୍ତୀ ସମନ୍ୱୟ ସମିତିର କର୍ମକର୍ତ୍ତାଙ୍କୁ ମରଣାନ୍ତକ ଆକ୍ରମଣ କରି ରାସ୍ତାରେ ପକାଇ ଦେଇ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କୋଠର କାର୍ଯ୍ୟାନୁଷ୍ଠାନ କରିବାକୁ ଉଲ୍ଲେଖ ରହିଛି । ସମ୍ବଲପୁର ଦଙ୍ଗାରେ ଜଡ଼ିତ ସମସ୍ତ ଦଙ୍ଗାକାରୀଙ୍କ ଜବରଦଖଲରେ ଥିବା ଜମି ମୁକ୍ତ କରିବା, ଯେଉଁ ଘର ଉପରୁ ହନୁମାନ ଭକ୍ତଙ୍କ ଉପରେ ପଥର ବର୍ଷା କରାଯାଉଥିଲା, ଯେଉଁ ଘରେ ବୋମା ରଖାଯାଇଥିଲା ସେସବୁକୁ ତୁରନ୍ତ ଭାଙ୍ଗିବା, ବେଆଇନ କଂସେଇଖାନା ବନ୍ଦ, ବୁଲା ଗୋରୁ ସକାଶେ ଅତ୍ୟାଧୁନିକ ଗୋଶାଳା ନିର୍ମାଣ ପ୍ରଭୃତି ଦାବି ରହିଛି। ପ୍ରତିନିଧି ଦଳ ସନାତନ ସୁରକ୍ଷା ମଞ୍ଚର ସମୀର ରଞ୍ଜନ ବାବୁ, ଗୋପାଳ ଅଗ୍ରୱାଲ, ରାମ ନିରଞ୍ଜନ ତ୍ରିୱାରୀ, ପ୍ରିୟରଞ୍ଜନ ଜେନା, ଅନୀଲ ତାଡା, ସୁଶାନ୍ତ ଭୋଇ, ଅଶୋକ ମେହେର, ସୁନୀଲ ମିଶ୍ର, ଲକ୍ଷ୍ମୀନାରାୟଣ ଶର୍ମା, ଶ୍ରୀମଲାଲ ବିଶ୍ୱାସ, ସୁରେଶ ମହତ୍ତମ, ହୀରା ସିଂ, ନରେଶ ପ୍ରଧାନ,ସୁବୋଧ ସିଂ, ରୁଦ୍ର କଣ୍ଡ, ମଲକୀତ ସଂ, ରାଜୀବ ସଂ ପ୍ରମୁଖ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

ଜିଲାପାଳଙ୍କୁ ସନାତନ ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସନାତନ ସୁରକ୍ଷା ମଞ୍ଚର ଦାବିପତ୍ର**

# ପୁରୁଣାପାଣିକୁ ପରାସ୍ତ କରି କୁଣ୍ଡାପିଠା ବିଜୟୀ

ପ୍ରତିଯୋଗିତାରେ କଲା ଫୁଟ୍‌ବଲ ଆସୋସିଏଶନ କର୍ମକର୍ତ୍ତା ଓ ଖେଳାଳିମାନେ ।

**ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)**

**ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସ**

ଦେବଗଡ଼ ଜିଲା ବାରକୋଟ କ୍ଲବ କଲା ଗ୍ରାମପଞ୍ଚାୟତ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମଠାରେ କଲା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଦ୍ୱିଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ପୁରୁଣାପାଣି ଫୁଟ୍‌ବଲ କ୍ଲବକୁ ଟାଇବ୍ରେକର ଜରିଆରେ ୪-୩ ଗୋଲରେ ପରାସ୍ତ କରି କୁଣ୍ଡାପିଠା ଫୁଟ୍‌ବଲ କ୍ଲବ ବିଜୟୀ ହୋଇଛି। ମ୍ୟାଚ୍‌କୁ ରେଫରୀ ଭାବେ ସରୋଜ କୁମାର ଗଡନାୟକ, ସିପୁନ ସାହୁ ଓ ସରୋଜ ପ୍ରଧାନ ପରିଚାଳନା କରିଥିଲେ। କଲା ଫୁଟ୍‌ବଲ ଆସୋସିଏଶନର ସଭାପତି ରଞ୍ଜନ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଦିବସର ଉଦ୍‌ଘାଟନୀ ଉତ୍ସବରେ ଆଜି ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅମୀର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟ ମଦନ ମୋହନ କିଷାନ, ସୁରେଶ ଚନ୍ଦ୍ର ପ୍ରଧାନ, ଡାକ୍ତର ରତନ କୁମାର ଦଳବେହେରା, ପ୍ରଫୁଲ୍ଲ କୁମାର ସାହୁ, ସନ୍ତୋଷ କୁମାର ଦଳବେହେରା ଓ ନୃସିଂହ ଦଳବେହେରା ଉଦଘାଟନ କରିଥିଲେ। ଭଷ୍ୟକାର ବାବେ ଫକୀର ମୋହନ ଦଳବେହେରା ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ।

# କିଶୋରୀକିଶୋରଙ୍କ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିଦର୍ଶନ

**ସମ୍ବଲପୁର,୧୭।୧୨(ପ୍ରମୋଦ ବହିଦାର)**

କିଶୋରୀ ସମୃଦ୍ଧି ତଥା ସଶକ୍ତିକରଣ ସକାଶେ ଅଦ୍ୱିକା ଯୋଜନାରେ ମଙ୍ଗଳବାର କିଶୋରୀ ଓ କିଶୋରମାନେ ବିଭିନ୍ନ କାର୍ଯ୍ୟାଳୟ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିଦର୍ଶନ କରିଛନ୍ତି। ସେମାନେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ଜିଲା ଶିଶୁ କଲ୍ୟାଣ ସମିତି, ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଷ୍ଟେଟବ୍ୟାଙ୍କ, ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କେନ୍ଦ୍ର, ମିଶନ ଶକ୍ତି ଆଦି କାର୍ଯ୍ୟାଳୟ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ। ସମ୍ବଲପୁର ପୌରାଞ୍ଚଳ, ମାନେଶ୍ୱର, ଧନକଉଡ଼ା, ରେଙ୍ଗାଲି ଆଦି ବ୍ଲକରୁ ୮ ଜଣ କିଶୋରୀ ଓ ୮ ଜଣ କିଶୋର ପରିଦର୍ଶନରେ ସାମିଲ ହୋଇଥିଲେ। ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ ଶିଶୁ ଚାଲାଣ, ଶିଶୁ ଅଧିକାର, ବାଲ୍ୟ ବିବାହ ଆଦି ବିଭିନ୍ନ ଅପରାଧ ସହିତ କିଶୋର ନ୍ୟାୟ ଆଇନ ଓ ଶିଶୁ ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ଶିଶୁ ସୁରକ୍ଷା ଦିଗରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ପାଇଁ ସେ ଆହ୍ୱାନ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ଜିଲା ସମାଜ କଲ୍ୟାଣ ଅଧିକାରୀ ରେଣୁବାଳା ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶୁସିନୀ ପଟେଲ, ପୂର୍ଣ୍ଣିମା ତ୍ରିପାଠୀ, ସୁଜାତା ଦାସ, ସୁନୀତା ତ୍ରିପାଠୀ, ଅନିତା ନାୟକ, ତୁଳସୀ ଭୋଇ ପ୍ରମୁଖଙ୍କ ସମେତ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ, ସଦସ୍ୟା କବିତା ପଣ୍ଡା, ସଦସ୍ୟ ଯଦୁମଣି କୁମ୍ଭାର, ଶିବ ଶଙ୍କର ନନ୍ଦ, ପ୍ରଦୀପ ମହାକୁଡ଼, କିଶୋର ବାଗ ପ୍ରମୁଖ ସାମିଲ ହୋଇଥିଲେ। ଜିଲା ପ୍ରଶାସନ ଓ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଶିଶୁ ମଙ୍ଗଳ ସମିତି କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିବା କିଶୋରୀ ଓ କିଶୋର ।

# ୨ଲୋକୋ ପାଇଲଟଙ୍କୁ ପୁରସ୍କୃତ କଲେ ରେଳ ମଣ୍ଡଳ ପ୍ରବନ୍ଧକ

**ସମ୍ବଲପୁର,୧୭।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ମଙ୍ଗଳବାର ୨ କର୍ତ୍ତବ୍ୟନିଷ୍ଠ ଲୋକୋ ପାଇଲଟଙ୍କୁ ପୁରସ୍କୃତ କରିଛନ୍ତି। ସର୍ବଦା ସଜାଗ ଓ ସୁରକ୍ଷିତ ରେଳ ଚଳାଚଳ ତଥା ନିଜ କର୍ତ୍ତବ୍ୟନିଷ୍ଠା ଓ ନିରାପତ୍ତା ନିୟମ ଉପରେ ଗଭୀର ଜ୍ଞାନ ପାଇଁ ଟିଟିଲାଗଡ଼ର ମାଲଗାଡ଼ି ଲୋକପାଇଲଟ୍ ରାମନାରାୟଣ ପତି ଓ ସହାକରୀ ଲୋକ ପାଇଲଟ୍ ରିଷଭ ପାଣ୍ଡେଙ୍କୁ ପରୁସ୍କୃତ କରାଯାଇଛି। ରେଳମଣ୍ଡଳ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଣ୍ଡଳ ପ୍ରବନ୍ଧକ ପାଣ୍ଡେ ଉଭୟ ଲୋକପାଇଲଟ୍‌ଙ୍କୁ ପ୍ରମାଣପତ୍ର ଓ ନଗଦରାଶି ପ୍ରଦାନ କରି ପୁରସ୍କୃତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ, ବରିଷ୍ଠ ଆଞ୍ଚଳିକ ବିଦ୍ୟୁତ୍ ଯନ୍ତ୍ରୀ ବିନାୟକ ବେହେରା, ବରିଷ୍ଠ ନିରାପତ୍ତା ଅଧିକାରୀ ସମିତ ସୌରଭ ନାୟକଙ୍କ ସମେତ ସମସ୍ତ ଶାଖା ଅଧିକାରୀ ଉପସ୍ଥିତ ଥିଲେ।

ରେଳ ମଣ୍ଡଳ ପ୍ରବନ୍ଧକ ଲୋକୋ ପାଇଲଟଙ୍କୁ ପୁରସ୍କୃତ କରୁଛନ୍ତି।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୀୟ ଶତପଥୀ ଅସୁସ୍ଥ

**ଭବାନୀପାଟଣା,୧୭।୧୨ (ଉତ୍ତମ କୁମାର ଦାଶ)**

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀୟ ଶତପଥୀ ଅସୁସ୍ଥ ହୋଇପଡିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ କର୍କଟ ରୋଗରେ ଆକ୍ରାନ୍ତ ଥିବାବେଳେ ତାଙ୍କୁ ବ୍ରେନ୍ ଷ୍ଟ୍ରୋକ ମଧ୍ୟ ହୋଇଥିବା ଜଣାପଡିଛି। ଗତ ଅକ୍ଟୋବର ୧ ତାରିଖଠାରୁ ଦେହ ଅସୁସ୍ଥ ଥିବା ନେଇ ସେ ବିଶ୍ୱବିଦ୍ୟାଳୟରୁ ଛୁଟି ନେଇଛନ୍ତି। ତାଙ୍କ ଅସୁସ୍ଥତା ଖବର ଶୁଣି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ କର୍ତ୍ତୃପକ୍ଷ, ଭାରପ୍ରାପ୍ତ କୁଳପତି ଦୁଃଖପ୍ରକାଶ କରିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ୨୦୨୧ ଏପ୍ରିଲ ମାସରେ ସେ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୋଗଦାନ କରିଥିଲେ। ବର୍ତ୍ତମାନ ସେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟରେ ରହୁଥିବା ସୂଚନା ମିଳିଛି। ସେ ଏକାଧାରାରେ ଜଣେ ଶିକ୍ଷାବିତ୍, ପ୍ରବଚକ, ସୁସାହିତ୍ୟିକ ସର୍ବୋପରି ଜଣେ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ବେଶ୍ ଜଣାଶୁଣା। ରାଜ୍ୟର ବିଭିନ୍ନ ଧର୍ମାନୁଷ୍ଠାନ ସହ ସେ ଦୀର୍ଘବର୍ଷ ହେଲା ଜଡ଼ିତ ରହିଛନ୍ତି।

# ଜୀବନ ବଞ୍ଚିବାର ଉତ୍କୃଷ୍ଟ ମାର୍ଗ ଧ୍ୟାନ

**ସମ୍ବଲପୁର,୧୭।୧୧(ପ୍ରମୋଦ ବହିଦାର)**

ପିରାମିଡ୍ ଧ୍ୟାନ କେନ୍ଦ୍ର ସମ୍ବଲପୁର ଆନୁକୂଲ୍ୟରେ ସ୍ଥାନୀୟ ସାମ୍ବାଦିକ ଭବନରେ ମଙ୍ଗଳବାର ଏକ ଧ୍ୟାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଭୁବନେଶ୍ୱରର ଧ୍ୟାନ ବିଶେଷଜ୍ଞା ତଥା ପ୍ରଶିକ୍ଷିକା ସାରିକା ସରାଫ୍ ଏଠାରେ ସାମୂହିକ ଧ୍ୟାନ କାର୍ଯ୍ୟକ୍ରମକୁ ପରିଚାଳନା କରି ସାମିଲ ମହିଳା ଓ ପୁରୁଷଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପୂର୍ବାହ୍ନ ୧୦ଟାରୁ ୧୧ ପର୍ଯ୍ୟନ୍ତ ଚାଲିଥିବା ଏହି ଧ୍ୟାନ କାର୍ଯ୍ୟକ୍ରମରେ ୫୦ରୁ ଅଧିକ ମହିଳା, ପୁରୁଷ ସାମିଲ ହୋଇ ଧ୍ୟାନ କରିଥିଲେ। ଏହାର ଆୟୋଜନରେ ପିରାମିଡ୍ ଧ୍ୟାନ କେନ୍ଦ୍ର ସମ୍ବଲପୁରର ଅନୁପମା ନାୟକ, ପିଙ୍କି ପୁରୋହିତ, ରିଙ୍କି ପୁରୋହିତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଶିକ୍ଷିକା ସରାଫ କହିଛନ୍ତି, ଧ୍ୟାନ ଦୁଃସାଧ୍ୟ ରୋଗରୁ କେବଳ ଆରୋଗ୍ୟ କରିଥାଏ ତାହା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଥାଏ। ସେ ନିଃଶୁଳ୍କ ପ୍ରଶିକ୍ଷଣ ପୂର୍ବକ ପ୍ରଚାର କରି ଦେଶର ଯୁବଗୋଷ୍ଠୀଙ୍କୁ ସୁନାଗରିକ ଭାବେ ଗଢ଼ି ତୋଳିବା ସହ ଜୀବନ ବଞ୍ଚିବାର ଉତ୍କୃଷ୍ଟ ମାର୍ଗ ପ୍ରଦର୍ଶନ କରିବା ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି ସାରିକା।

# ବୁଢାରଜା ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଶିଳ୍ପସଂସ୍ଥା ପରିଦର୍ଶନ

**ସମ୍ବଲପୁର,୧୭।୧୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ବୁଢାରଜା ହାଇସ୍କୁଲ ବୃତ୍ତିଗତ ଶିକ୍ଷାର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଅଟୋ ମୋବାଇଲ ଶିଳ୍ପସଂସ୍ଥା ପରିଦର୍ଶନ କରିଥିଲେ। ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ପ୍ରଧାନଶିକ୍ଷକ ସୁମିତ ପତ୍ରୀ ଏବଂ ଭାରପ୍ରାପ୍ତ ବୃତ୍ତିଗତ ଶିକ୍ଷକ ପୁଷ୍ପାଞ୍ଜଳି ସାହୁଙ୍କ ମାର୍ଗଦର୍ଶନରେ ବୃତ୍ତିଗତ ତାଲିମଦାତା ଦେବଶ୍ରୀ ଦେହୁରୀ ଏବଂ ଲାଇବେରିଆନ ଗିରିରାଜ ମୁଖିଙ୍କ ତତ୍ତ୍ୱାବଧାନରେ ମହିନ୍ଦ୍ରା ଡି .ଏନ ଅଟୋନେଶନ ଶୋରୁମ ସମ୍ବଲପୁର ପରିଦର୍ଶନ କରଥିଲେ। ଶୋରୁମ ପରିଚାଳକ ଦୀପକ କୁମାର ବାରିକ, ସର୍ଭିସ ମ୍ୟାନେଜର ଅଭିଳାଷ ପଣ୍ଡା, ଶିବବ୍ରତ ଗୋଛାୟତ ଏବଂ ସହକର୍ମୀ ମାନେ ଛାତ୍ରୀଛାତ୍ରଙ୍କୁ ଚାରିଚକିଆ ଯାନର ବିଭିନ୍ନ ପ୍ରକାରର ଇଞ୍ଜନ ପାର୍ଟସ, ଇଲେକ୍ଟ୍ରିକ ବାଇକ ନୂତନ ଜ୍ଞାନକୌଶଳ ବିଷୟରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ। ସରକାର ହାଇସ୍କୁଲସ୍ତରରୁ ଛାତ୍ରୀଛାତ୍ରଙ୍କୁ ବୃତ୍ତିଗତ ଶିକ୍ଷା ଦେଇ ଭବିଷ୍ୟତ ପାଇଁ କର୍ମସଂସ୍ଥାନ ଯୋଗାଡ କରିବାରେ ସହାୟକ ହୋଇ ପାରିବେ ବୋଲି ବୃତ୍ତିଗତ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସାହୁ କହିଛନ୍ତି। ଅନ୍ୟପକ୍ଷରେ ବୃତ୍ତିଗତ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ ବିଭିନ୍ନ ଶିଳ୍ପସଂସ୍ଥା ପରିଦର୍ଶନ ପରେ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ଯାନବାହାନ ବିଷୟରେ ତଥ୍ୟ ହାସଲ କରିଥିଲେ ।

**ପୂର୍ବ ତଟ ରେଳପଥ**

ଲେଟର ସଂ.S&T/OT/AMC/IPS/HBL-444, ତା.12.12.2024ରିଖ

କାର୍ଯ୍ୟର ନାମ : 36(ଛତିଶି) ମାସ ଅବଧି ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର 79 ସ୍ଥାନଗୁଡ଼ିକରେ ମେସର୍ସ HBL ପାୱାର ସିଷ୍ଟମ୍ସ ଲିମିଟେଡ୍, ହାଇଦ୍ରାବାଦ ଦ୍ୱାରା ଉତ୍ପାଦିତ ସମନ୍ୱିତ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବ୍ୟାପକ କାର୍ଯ୍ୟିକ ରକ୍ଷଣାବେକ୍ଷଣ ଚୁକ୍ତି ନିମନ୍ତେ ବ୍ୟବସ୍ଥା ।

ଟେଣ୍ଡର ମୂଲ୍ୟ(ଟଙ୍କାରେ) : 3,74,44,613.55, EMD (ଟଙ୍କାରେ): 3,37,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-(18% GST ସହିତ) ।

ବିଡ୍ ଆରମ୍ଭ ହେବା ତାରିଖ: ତା.20.12.2024ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.01.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକାକୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଭପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନା/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଇଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-804/P/24-25

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A NO.: 104/2024**

State Bank of India, SARB, Bhubaneswar ....Applicant
Versus
Shradhanjali Khuntia ...Defendant(s)

To,
**Mrs. Shradhanjali Khuntia,** W/o.: Pradip Kumar Khuntia, Plot No.: 294, K-9A, Kalinga Vihar, Patrapada, Khandagiri, Bhubaneswar, PIN-751019, Khurda, Odisha

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 104/2024** in the court of the Debts of Recovery Tribunal, Cuttack for recovery of **Rs.35,66,394.00** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **28/01/2025** at **10.30 a.m** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **26th day of November 2024.**

**Sd/- (Nikhila Ranjan Pati)**
**REGISTRAR**

**ସର୍ବସାଧାରଣ ବିଜ୍ଞପ୍ତି**

**ଫର୍ମ ନଂ. ଆଇଏନ୍‌ସି-୨୬**

[କମ୍ପାନୀ (ଇନ୍‌କର୍ପୋରେସନ୍) ନିୟମ ୨୦୧୪ର ରୁଲ୍ ୩୦] ଅନୁଯାୟୀ ଏକ ରାଜ୍ୟରୁ ଅନ୍ୟ ରାଜ୍ୟକୁ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟରେ ପରିବର୍ତ୍ତନ ନିମନ୍ତେ ଖବରକାଗଜରେ ପ୍ରକାଶିତ ବିଜ୍ଞାପନ ।

କେନ୍ଦ୍ର ସରକାର
ପୂର୍ବାଞ୍ଚଳ (ଆଞ୍ଚଳିକ ନିର୍ଦ୍ଦେଶକ)
ନିଜାମ୍ ପ୍ୟାଲେସ୍, ଏମ୍‌ଏସ୍‌ଓ ବିଲ୍ଡିଂ, ତୃତୀୟ ମହଲା, ୨୩୪/୪, ଏ. ଜେ. ସି. ବୋଷ ରୋଡ, କୋଲ୍‌କାତା ୭୦୦୦୨୦, ପଶ୍ଚିମବଙ୍ଗ

କମ୍ପାନୀ ଅଧିନିୟମ ୨୦୧୩ ର ଧାରା ୧୩ ଅନ୍ତର୍ଗତ ଉପଧାରା ୪ ଏବଂ କମ୍ପାନୀ (ଇନ୍‌କର୍ପୋରେସନ୍) ନିୟମ ୨୦୧୪ ରୁଲ୍ ୩୦ର ଉପଧାରା (୫)ର ଧାରା (କ) ପ୍ରସଙ୍ଗରେ ଏବଂ

ମେସର୍ସ ଉତ୍କଳ ଫିଲ୍ମ ପ୍ରାଇଭେଟ୍ ଲିମିଟେଡ୍ ର ପଞ୍ଜିକୃତ କାର୍ଯ୍ୟାଳୟ: ସେଡ୍ ନଂ.୧୬୭, ସେକ୍ଟର ଏ, ଜୋନ-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଖୋର୍ଦ୍ଧା, ଓଡିଶା-୭୫୧୦୧୦ ..... ଆବେଦନକାରୀ

ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ସୋମବାର, ୨୫ ନଭେମ୍ବର ୨୦୨୪ ରିଖ ଦିନ କମ୍ପାନୀର ସଦସ୍ୟମାନଙ୍କର ଏକ ଅତିରିକ୍ତ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କମ୍ପାନୀର ପଞ୍ଜିକୃତ କାର୍ଯ୍ୟାଳୟକୁ "ଓଡିଶା" ରାଜ୍ୟ ରୁ "ପଶ୍ଚିମବଙ୍ଗ" ରାଜ୍ୟ କୁ ପରିବର

## ସଂକ୍ଷେପରେ

### ଧାନ ବୋଝେଇ ଟ୍ରକ୍‌ରେ ଲାଗିଲା ବିଦ୍ୟୁତ୍ ତାର ବର୍ତ୍ତିଲେ ଚାଷୀ, ଡ୍ରାଇଭର

**ଗୋଲାମୁଣ୍ଡା, ୧୭।୧୨(ବଟକୃଷ୍ଣ ପଣ୍ଡା):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ତୁମୁରା ମଣ୍ଡିଠାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସୂଚନା ମତେ ସୋମବାର ରାତ୍ରିରେ ତୁମୁରା ମଣ୍ଡିରୁ ପୂଜା ଆଗ୍ରୋ ମିଲର୍ସର ଏକ ଧାନ ବୋଝେଇ ଟ୍ରକ୍ ମଣ୍ଡିରୁ ଧାନ ନେଉଥିବା ବେଳେ ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ଫଳରେ ଧାନ ମଣ୍ଡିକୁ ସଂଯୋଗ ହୋଇଥିବା ବିଦ୍ୟୁତ୍ ତାର ପଡିଥିଲେ ମଧ୍ୟ ଚାଷୀ ବର୍ତ୍ତିଯାଇଥିଲେ। ସେହିପରି ଟ୍ରକ୍ ଡ୍ରାଇଭର ମଧ୍ୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଅନ୍ୟପଟେ ମଣ୍ଡି ପାଖରେ ଥିବା ଟ୍ରାନ୍ସଫର୍ମର ଖମ୍ବ ଉପୁଡି ନଷ୍ଟ ହୋଇଯାଇଛି। ତୁମୁରା ମଣ୍ଡକୁ ବିଦ୍ୟୁତ୍ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଥିବାରୁ ମଣ୍ଡିରେ ଧାନ ରଖିଥିବା ଚାଷୀ ଏବେ ଅନ୍ଧାରରେ। ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ଉଚ୍ଚ ବିଦ୍ୟାଳୟରେ ଶିଶୁମେଳା

**କୋମନା,୧୭।୧୨(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କାମକେଡ଼ାଠାରେ ମଙ୍ଗଳବାର ୪୧ତମ ଶିଶୁମେଳା ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓଷ୍ଟା ପ୍ରଦୀପ୍ତ କୁମାର ଯୋଶୀ ମୁଖ୍ୟ ଅତିଥି, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ କୋମନା ଭକ୍ତ ରାମ ଶବର ବିଶିଷ୍ଟ ଅତିଥି ଓ କୋମନା ବ୍ଲକ ଓଷ୍ଟା ସଭାପତି ମହତାବ ଗିରି, ସମ୍ପାଦକ ତପନ କୁମାର ବହିଦାର, ହରିକେଶ ଜାଲ, ଜଳଧର ଶବର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ବ୍ଲକର ୮ ବିଦ୍ୟାଳୟରୁ ଛାତ୍ରୀଛାତ୍ର ଯୋଗଦେଇ ତର୍କ, ସଙ୍ଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ସାଧାରଣ ଜ୍ଞାନ, କୁଇଜ୍ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ର ଜିଲାସ୍ତରକୁ ଯିବାପାଇଁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଜୟ ପ୍ରକାଶ କୁମାର ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

### ବ୍ଲକସ୍ତରୀୟ ଶିଶୁ ମହୋତ୍ସବ

**ଜୁନାଗଡ଼, ୧୭।୧୨(ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ଜଗମୋହନ ଉଚ୍ଚ ବିଦ୍ୟାଳୟ ପିଳିକିଆ ପ୍ରାଙ୍ଗଣରେ ମଙ୍ଗଳବାର ଓଷ୍ଟା ପକ୍ଷରୁ ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ସୁବାସ ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପବିତ୍ର ମୋହନ ସାହୁ ମୁଖ୍ୟ ଅତିଥି, ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟବକ୍ତା ଓ ବ୍ଲକ୍ ଶିକ୍ଷା ଅଧିକାରୀ ତପନ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ୍‌ର ବିଭିନ୍ନ ସ୍କୁଲରୁ ଆସିଥିବା ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ଡ୍ରଇଂ, କବିତା ଲିଖନ, ଏକକ ଅଭିନୟ, କୁଇଜ୍, ତର୍କ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଓଷ୍ଟାର ବ୍ଲକ୍ ସମ୍ପାଦକ ଚନ୍ଦ୍ରହାସ୍ୟ ମେହେର ଉପସ୍ଥିତ ଥିବାବେଳେ ମହିଚଲା ହାଇସ୍କୁଲ ଶିକ୍ଷକ ସୂର୍ଯ୍ୟନାରାୟଣ ଠାକୁର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶକ୍ତି ପ୍ରସାଦ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ରୁପ୍ରାରୋଡ୍/ନର୍ଲା, ୧୭।୧୧ (ସଞ୍ଜୀବ ଦାସ/ସନ୍ତୋଷ ପାତ୍ର):** ନର୍ଲା ବ୍ଲକ୍ ତୁଳପଡ଼ା ବିଜୟାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ବିଡିଓ ବିପିନ କୁମାର ଦୀପ ମୁଖ୍ୟ ଅତିଥି, ଶିକ୍ଷା ଅଧିକାରୀ ତପିମଣୀ ଜାନି ମୁଖ୍ୟବକ୍ତା ଓ ଜମି ଅଧିଗ୍ରହଣ ଅଧିକାରୀ କଳାହାଣ୍ଡି ଜନ୍ମେଜୟ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ଉମେଶ ଚନ୍ଦ୍ର ସ୍ୱାଇଁ ଅତିଥିମାନଙ୍କ ପରିଚୟ ଦେଇଥିବା ବେଳେ ଇତିହାସ ବିଭାଗ ଅଧ୍ୟାପକ ବିଜୟ କୁମାର ଭୋଇ ମଞ୍ଚ ସଞ୍ଚାଳନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସୁଶୀଲ ସେନାପତି ସ୍ୱାଗତ ଭାଷଣ ଦେଇଥିଲେ । ଅତିଥିମାନେ ଖେଳୁଆଡ଼ ମନୋଭାବ ନେଇ ଖେଳିବାକୁ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ପୁଅ

ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)

ଜୁନାଗଡ଼ ଥାନାକୁ ଅଭିଯୋଗ କରିବାକୁ ଯାଉଥିବା ରାଷ୍ଟ୍ର।

କଳାହାଣ୍ଡି ଜିଲା ଜୁନାଗଡ଼ ସହରରୁ ଯମୁନାବାହାଲ ଯାଉଥିବା ରାସ୍ତାର ହାତୀନଦୀ ପାଣିଟାଙ୍କି ନିକଟରେ ଗତ ୧୦ ତାରିଖରେ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ମୃତ ଯୁବକ ଗୋରେଲାଲ ବଗର୍ତ୍ତୀ (୪୭) ଓ ସେ ନୂଆପଡ଼ା ଜିଲା ଖରିଆର ଥାନା ନୃସିଂହପୁର ଗ୍ରାମର ବୋଲି ଜଣାପଡିଥିଲା। ମୃତକଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇଥିବାରୁ ଏହା ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଥିଲା। ତେବେ ଜୁନାଗଡ଼ ପୋଲିସ ଏହାକୁ ଗୁରୁତ୍ୱ ନ ଦେଇ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଅନ୍ୟପଟେ ତାଙ୍କ ବାପାକୁ ନମମ ହତ୍ୟା କରାଯାଇଥିବା ନେଇ ପୁଅ ରାଷ୍ଟ୍ର ଅଭିଯୋଗ ଆଣିଛନ୍ତି। ଏଥିରେ ଯେଉମାନେ ସଂପୃକ୍ତ ଅଛନ୍ତ ସେମାନଙ୍କୁ ଫାଶୀ ଦିଆଯାଉ ବୋଲି ସେ ଗଣମାଧ୍ୟମ ଆଗରେ ପ୍ରକାଶ କରଛନ୍ତ। ମଙ୍ଗଳବାର

### ବସ୍ କଣ୍ଡକ୍ଟର ମୃତଦେହ ଜବତ ଘଟଣା

ଏହାକୁ ନେଇ ସେ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏବେ ହତ୍ୟା ମାମଲା (ନଂ.୫୩୭/୨୪) ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ବଳଦିଆମାଲର ଜଣେ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଉଛି। ଖୁବ୍‌ଶୀଘ୍ର ଘଟଣାରେ ସାମିଲଥିବା ସମସ୍ତ ଦୋଷୀଙ୍କୁ ଧରାଯିବ ବୋଲି ଜୁନାଗଡ ଆଇଆଇସି ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି। ତେବେ ମୃତ ବସ୍ କଣ୍ଡକ୍ଟର ଗୋରେଖଙ୍କ ମୃତ୍ୟ ପଛରେ ଗଞ୍ଜେଇ ଲିଙ୍କ ରହିଥିବା ସମ୍ପର୍କୀୟ ଅନୁମାନ କରୁଥିବା ପ୍ରକାଶ କରଛନ୍ତ।

## ୨ ଗାଡ଼ି ଚାଳକଙ୍କୁ ୧ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ

କେସିଙ୍ଗା,୧୭।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଧନଞ୍ଜୟ ନାୟକଙ୍କ ଅଦାଲତରେ ମଙ୍ଗଳବାର ୨ ଗାଡ଼ି ଚାଳକଙ୍କୁ ୧ ବର୍ଷ ଲେଖାଏ ଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ହେଲେ ଅତିରିକ୍ତ ୧ମାସ ଜେଲଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଅଛି। ପ୍ରକାଶଥାଉ କି କେସିଙ୍ଗା ଥାନା କେସ୍ ନଂ.୦୩।୦୧।୨୦୨୪ ଅନୁଯାୟୀ କେସିଙ୍ଗାରୁ ଏକ ଯାତ୍ରୀବାହୀ ବୋଲେରୋ ଭବାନୀପାଟଣା ପଟେ ଯାଉଥିବା ବେଳେ ଜାତୀୟ ରାଜପଥ ୨୬ ଉପରେ ଗାଇଗାଁ ନିକଟରେ ଭବାନୀପାଟଣା ପଟୁ ଆସୁଥିବା ଟ୍ରକ୍ ସହ ଧକ୍କା ହୋଇଥିଲା। ଫଳରେ ବୋଲେରୋ ଭିତରେ ବସିଥିବା ୬ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିଲେ। ପରେ ସମସ୍ତ ୬ ଜଣଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ୧୯ ଜଣଙ୍କ ସାକ୍ଷୀ ଓ ପାରିପାର୍ଶ୍ୱିକ ଘଟଣାବଳୀକୁ ଆଧାରକରି ଅଭିଯୁକ୍ତ ବୋଲେରୋ ଡ୍ରାଇଭର ମୁକେଶ ସାହୁ ଓ ଟ୍ରକ୍ ଡ୍ରାଇଭର ଏସ୍. ଶ୍ରୀନିବାସ ରାଓଙ୍କୁ ଅଦାଲତ ଉପରୋକ୍ତ ଦଣ୍ଡ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଓକିଲ ସତ୍ୟନାରାୟଣ ଜୈନ ଓ ପ୍ରକାଶ ଦାସ ପରିଚାଳନା କରୁଥିଲେ।

## ତରବୋଡ଼ ଆଞ୍ଚଳିକ ବିରାଟ ଧନୁଯାତ୍ରା ଉଦ୍‌ଘାଟିତ

ଅତିଥିମାନେ ମହୋତ୍ସବ ଉଦ୍‌ଘାଟନ କରୁଛନ୍ତି।

ନୂଆପଡ଼ା,୧୭।୧୨ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ତରବୋଡ ଧନୁଯାତ୍ରା ମହୋତ୍ସବ କମିଟି ଆନୁକୂଲ୍ୟରେ ବିରାଟ ଆଞ୍ଚଳିକ ଧନୁଯାତ୍ରା ମଙ୍ଗଳବାର ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ ଖେଳ ପଡିଆରେ ଉଦଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅମିତ କୁମାର ଅହିରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡ. ମାଧୋ ପ୍ରସାଦ ସାହୁ ମୁଖ୍ୟଅତିଥି, ଗାଁ ଝାଙ୍କର ଯୋଗେନ୍ଦ୍ର ନାୟକ, ଗଦାଧର ଗହିର, ସନ୍ତୋଷ ସିଂ, ସଞ୍ଜିବ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖୋଲା ରଙ୍ଗମଞ୍ଚରେ ଉଗ୍ରେସନଙ୍କ ରାଜ ସିଂହାସନ ଆରୋହଣ, ଇନ୍ଦ୍ରମତଙ୍କ ସତୀତ୍ୱ ହରଣ ନାଟକୀ ପରିବେଷଣ କରାଯାଇଥିଲା। ବଲାଙ୍ଗୀର ଜିଲା ଲାଠୋର ମା' ମଙ୍ଗଳା ନାଟ୍ୟ କଳା ପରିଷଦର କଳାକାରମାନେ ବିଭିନ୍ନ ଭୂମିକାରେ ନାଟକ ପରିବେଷଣ କରୁଛନ୍ତି। ସୁବାଷ ଚନ୍ଦ୍ର ଆଡବଙ୍ଗ ମଞ୍ଚ ପରିଚାଳନା କରୁଥିବାବେଳେ ଉପସଭାପତି ଦୁଃଖ ଭଞ୍ଜନ ନାୟକ, ସମ୍ପାଦକ ଦୁଷ୍ଦଟାନ୍ତ ପୂଜାରୀ, କୋଷାଧ୍ୟକ୍ଷ ଶିବ ଶଙ୍କର ବେମାଲ, ଶ୍ରୀକାନ୍ତ ପ୍ରଧାନ, ନବୀନ ମହରା ପ୍ରମୁଖ ସହଯୋଗ କରୁଛନ୍ତ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି ।

### ମୃତ କଲେଜ ଛାତ୍ରଙ୍କ ପରିଚୟ ମିଳିଲା

ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଭଙ୍ଗାବାରି –କାମଠଣା ମଧ୍ୟରେ ଥିବା ଡ଼ମ୍ପିୟାର୍ଡ ନିକଟରେ ରବିବାର ଜଣେ କଲେଜ ଛାତ୍ରଙ୍କ ଗଳିତ ମୃତଦେହ ଠାବ ହୋଇଥିଲା। ସୋମବାର ଘଟଣାସ୍ଥଳକୁ ଭବାନୀପାଟଣା ସଦର ଥାନା ପୋଲିସ ଓ ନବରଙ୍ଗପୁର ସାଇଣ୍ଟିଫିକ ଟିମ୍ ଯାଇ ତଦନ୍ତ କରିଥିଲେ। କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ହରି ସିଂହ ମାଝୀଙ୍କ ଉପସ୍ଥିତିରେ ସ୍ଥାନୀୟ ପୋଲିସ ମୃତଦେହକୁ ଜବତ କରିଥିଲା। ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଥିବା ମୃତଦେହକୁ ତାଙ୍କ ଭାଇ ପୁଷ୍ପରାଜ ମାଝୀ ମଙ୍ଗଳବାର ଆସି ଚିହ୍ନଟ କରିଥିଲେ। ମୃତ ଛାତ୍ରଙ୍କ ନାମ ଲଖେରାମ ମାଝୀ (୨୧) ଓ ସେ କେସିଙ୍ଗା ଥାନା କରମେ ଗାଁର ବୋଲି ଜଣାପଡିଛି। ସେ ଭବାନୀପାଟଣା ପଲିଟେକ୍‌ନିକ କଲେଜର ଡିପ୍ଲୋମା ଶ୍ରେଣୀର ଛାତ୍ର ଥିଲେ। ଗତ ୮ ତାରିଖରେ ଲଖେରାମ ନିଖୋଜ ଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ତେବେ କେଉଁ କାରଣରୁ ତାଙ୍କ ଭାଇଙ୍କ ମୃତ୍ୟୁ ହେଲା ସେ ବିଷୟରେ କିଛି ପ୍ରକାଶ କରି ନାହାନ୍ତି। ଅନ୍ୟପଟେ ପୋଲିସ ମୃତ ଶରୀରକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଭବାନୀପାଟଣା ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୦/୨୪) ରୁଜୁ ହୋଇଛି।

## ଲଟେରି ମାଧ୍ୟମରେ ଫଳ ବ୍ୟବସାୟୀଙ୍କୁ ପିଣ୍ଡି ଆବଣ୍ଟନ

ଫଳ ଦୋକାନୀଙ୍କ ସହ ଏନ୍‌ଏସି ଅଧ୍ୟକ୍ଷ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

କେସିଙ୍ଗା,୧୭।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ସହର ମୁଖ୍ୟରାସ୍ତା କଡ଼ରେ ବ୍ୟବସାୟୀମାନେ ଦୀର୍ଘଦିନରୁ ଫଳ ବ୍ୟବସାୟ କରିଆସୁଥିଲେ। ଏଥିଯୋଗୁ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଟ୍ରାଫିକ ଜାମ୍ ହେଉଥିଲା। ଫଳରେ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧା ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ କଳାହାଣ୍ଡି ଜଲାପାଳ ଏନ୍‌ଏସ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଏନ୍‌ଏସି ସଦ୍‌ଭାବନା ସଭାଗୃହରେ ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ଫଳ ବ୍ୟବସାୟୀଙ୍କ ଉପସ୍ଥିତିରେ ମଙ୍ଗଳବାର ଆଲୋଚନା ହୋଇ ପିଣ୍ଡି ବଣ୍ଟନ ପାଇଁ ଲଟେରି କରାଯାଇଥିଲା। ଲଟେରିରେ ଗଜୀନ୍ଦ୍ର ସାହୁ ପ୍ରଥମ, ହୃଷୀକେଶ ସାହୁ ଦ୍ୱିତୀୟ ଓ ଅଚ୍ୟୁତ ସାହୁ ତୃତୀୟ ଏହିପରି ଫଳ ବ୍ୟବସାୟ କରୁଥିବା ୨୨ଜଣଙ୍କୁ ୱାର୍ଡ ନମ୍ବର ୩ ଅମ୍ବାଜି ମନ୍ଦିର ନିକଟରେ ଥିବା ପିଣ୍ଡି ଆବଣ୍ଟନ କରାଯାଇଛି। ଆସନ୍ତା ଜାନୁଆରୀ ୩ରେ ଅମ୍ବାଜି ମନ୍ଦିର ନିକଟକୁ ଯିବା ପାଇଁ ସମସ୍ତ ଫଳ ଦୋକାନୀ ସ୍ୱଇଚ୍ଛାରେ ରାଜି ହୋଇଛନ୍ତି। ଏଥିରେ ଫଳ ଦୋକାନୀ ବ୍ୟତିକ୍ରମ କଲେ ନିୟମ ଅନୁସାରେ ଦଣ୍ଡନୀୟ ହେବେ ବୋଲି ଚୁକ୍ତିନାମାରେ ସ୍ୱାକ୍ଷରିତ କରଛନ୍ତ। ଏ ସଂକ୍ରାନ୍ତରେ ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ସମସ୍ତ ଫଳ ଦୋକାନୀ ଓ ପନିପରିବା ଦୋକାନୀଙ୍କୁ ରାଜରାସ୍ତାରୁ ହଟାଯାଇ ଜାଗା ଦେବାପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଥିଲେ।

## ପ୍ରଗତି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଭବାନୀପାଟଣା,୧୭।୧୨(ଉତ୍ତମ କୁମାର ଦାଶ)

ପ୍ରଗତି ଅନୁଷ୍ଠାନର ମୁଖ୍ୟ ରକ୍ତଦାନ କରୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଉପକଣ୍ଠ ପ୍ରଗତି ଅନୁଷ୍ଠାନର ମୁଖ୍ୟ ଇଂ. ଅଜୟ କୁମାର ପଣ୍ଡାଙ୍କ ଜନ୍ମଦିନ ପାଳନ ଅବସରରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଗତି ମହାବିଦ୍ୟାଳୟର ଏନ୍‌ସିସି, ଏନ୍‌ଏସ୍‌ଏସ୍, ରେଡ୍ ରିବନ କ୍ଲବ ଓ ଯୁବ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରୀଛାତ୍ର ଯୋଗଦେଇ ରକ୍ତଦାନ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା ରକ୍ତଦାନ କରି ଶିବିର ଆରମ୍ଭ କରିଥିଲେ। ପରେ ପ୍ରଗତି ପରିଚାଳନା କମିଟି ସଭାପତି ଲକ୍ଷ୍ମୀକାନ୍ତ ବେହେରା, ପ୍ରଶାସନିକ ଅଧିକାରୀ ପ୍ରଣବ କୁମାର ପଣ୍ଡା, ପ୍ରଗତି ମହାବିଦ୍ୟାଳୟ ଅଧ୍ୟକ୍ଷ ତାପସ ପରିମାଣିକ, ହାୟର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷ ଶେଷଦେବ ମୁଣ୍ଡ, କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ଗୁରୁ, କଲିଜିଏଟ ସ୍କୁଲ ପ୍ରଧାନ ଶିକ୍ଷକ ଲୋକନାଥ ଖଡ଼ିକାର ପ୍ରମୁଖ ରକ୍ତଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଚିତା ପାଣିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସମୁଦାୟ ୧୧୭ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବିରରେ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ବ୍ଲକ ଉନ୍ନୟନ ଅଧିକାରୀ ଚନ୍ଦନ କୁମାର ଭୋଇ, ବ୍ଲଡ଼ ବ୍ୟାଙ୍କ ଅଫିସର ବିଭେନ୍ଦୁ ବଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଗତି ଅନୁଷ୍ଠାନ ଆଗାମୀ ଦିନରେ ସାମାଜସେବା କ୍ଷେତ୍ରରେ ନିଜକୁ ନିୟୋଜିତ ରଖିଥିବ ବୋଲ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଜୟ କୁମାର ପଣ୍ଡା ମତପ୍ରକାଶ କରିଥିଲେ ।

### ୧୧୭ ୟୁନିଟ୍ ରକ୍ତ ସଂଗ୍ରହ

### ସଡ଼କ ଦୁର୍ଘଟଣା: ଯୁବକଙ୍କ ମୃତ୍ୟୁ

ଖଡ଼ିଆଳ,୧୭।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଡୁଆଝର ପଞ୍ଚାୟତର ଖମତରାଇ ଛକ ନିକଟରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ଗାଡି ଧକ୍କାରେ ଚଚରାଭଟା ଗ୍ରାମର ଚନ୍ଦ୍ରଶେଖର ପଣ୍ଡା (୩୦)ଙ୍କ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସାଙ୍ଗ ନେହେନା ଗ୍ରାମର କୁନା ରାଉତରାୟ (୩୦) ଗୁରୁତର ଆହତ ହୋଇ ନୂଆପଡା ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଦୁଇ ସାଙ୍ଗ ସିନାପାଲିରୁ ଖଡ଼ିଆଳକୁ ବାଇକ୍ (ଓ୦୩ ଏଏ ୭୬୦୮) ଯୋଗେ ଫେରୁଥିବା ବେଳେ ଅଜଣା ଗାଡି ଧକ୍କା ଦେଇଥିବା ମୃତକଙ୍କ ସାନ ଭାଇ ମୀନକେତନ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସକାଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଶ୍ରୀଅରବିନ୍ଦଙ୍କ ହେହାଂଶ ପ୍ରତିଷ୍ଠା ଦିବସ

ଶ୍ରୀଅରବିନ୍ଦଙ୍କ ସମାଧିରେ ଛାତ୍ରୀଛାତ୍ର ଧୂପପୁଷ୍ପ ଅର୍ପଣ କରୁଛନ୍ତି।

ଖଡ଼ିଆଳ,୧୭।୧୨ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଶ୍ରୀଅରବିନ୍ଦ ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୨

## ସଂକ୍ଷେପରେ

### ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ବରଗଡ଼,୧୭।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସଦର ଥାନା ଅନ୍ତର୍ଗତ ନୂଆଁଗଡ଼-ସହରାପାଲି ଛକ ମଝିରେ ମଙ୍ଗଳବାର ଏକ ସଡ଼କ ଦୁର୍ଘଟଣା ହୋଇଛି। ବାଇକ୍ (ନଂ.ଓଡ଼ି୧୭ଭି/୩୪୩୬) ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭେଡ଼େନ ଥାନା ଦେହେରୀପାଲି ଗ୍ରାମର ଦିନବନ୍ଧୁ ଦେହେରୀ(୫୫)। ପୋଲିସ ଏ ନେଇ ଏକ ମାମଲା ରୁଜୁ କରିବା ସହିତ ବରଗଡ଼ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇଛି। ସେହିପରି ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଜବତ କରି ପୋଲିସ ଅଧିକ ତଦନ୍ତ କରୁଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ପ୍ରାୟ ୭ଟାବେଳେ ଦିନବନ୍ଧୁ ସବୁଦିନ ଭଳି ନୂଆଁଗଡ଼କୁ ଗ୍ୟାସ୍‌ଟାଙ୍କ କାମ କରିବାକୁ ସାଇକେଲ ଯୋଗେ ଆସୁଥିଲେ। ତେବେ ନୂଆଁଗଡ଼-ସହରାପାଲି ଛକ ମଝିରେ ଭେଡ଼େନ ପଟୁ ଉକ୍ତ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

### ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା

**ବରପାଲି,୧୭।୧୨(ଚିତ୍ତରଞ୍ଜନ ସାହୁ):** ବ୍ଲକସ୍ତରୀୟ ସନାତନି ବ୍ରାହ୍ମଣ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବରପାଲିସ୍ଥିତ ଜଗନ୍ନାଥମନ୍ଦିରରେ ସୋମବାର ଅନୁଷ୍ଠିତ ହୋଇଥିଲା। ସହ ସମ୍ପାଦକ ଦାମୋଦର ପଣ୍ଡା ବିଗତ ବୈଠକର ବିବରଣୀ ପଠନ କରିଥିଲେ। ପରେ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ପଣ୍ଡିତ କୃଷ୍ଣଚନ୍ଦ୍ର ଦେବତା ମନୋନିତ ହୋଇଥିବା ବେଳେ ନରେନ୍ଦ୍ର କୁମାର ହୋତା କାର୍ଯ୍ୟକାରୀ ସଭାପତି, ବାଳକୃଷ୍ଣ ପୂଝାରୀ ଓ ଲୋକନାଥ ତ୍ରିପାଠୀ ଉପ ସଭାପତି, ଅରୁଣ କୁମାର ପଣ୍ଡା ସାଧାରଣ ସମ୍ପାଦକ, ଦାମୋଦର ପଣ୍ଡା ଓ କଲ୍ୟାଣ ଚାନ୍ଦ ସମ୍ପାଦକ, ଅଜିତ ଦାଶ କୋଷାଧକ୍ଷ, ନିରଞ୍ଜନ ଦାଶ ସହ କୋଷାଧକ୍ଷ ଭାବେ ମନୋନିତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ପଣ୍ଡିତ ହେମନ୍ତ ମିଶ୍ର, ସଦାନନ୍ଦ ଦାଶ, ଯୋଗେଶ ଦାଶ, ଆଶୋକ ଦାଶ, ଶରତ ପାଣିଗ୍ରାହୀ,ରମାକାନ୍ତ ତ୍ରିପାଠୀ,ସୁରେଶ କୁମାର ଶତପଥୀ, ଭାଗ୍ୟଧର ମିଶ୍ର, ରମେଶ କର, ପିନାକୀ ଦାଶ, ମାନଭଞ୍ଜନ ଦାଶ, ଧର୍ମରାଜ ତ୍ରିପାଠୀ, ପଞ୍ଚାନନ ପାଣିଗ୍ରାହୀ, ହୃଦାନନ୍ଦ ଦାଶ, ମେଘନାଦ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା।

### ଶହୀଦ ଦିବସ ପାଳନ ପ୍ରସ୍ତୁତି

**ପାଇକମାଳ,୧୭।୧୨(ବଡ଼ ଶତପଥୀ):** ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ବରଗଡ଼ ଜିଲା ପାଇକମାଳ ବ୍ଲକ ତରଫରୁ ସଭାପତି ଚେରୁ ବରିହାଙ୍କ ସଭାପତିତ୍ୱରେ ଭେଙ୍ଗରାଜପୁର ଗ୍ରାମପଞ୍ଚାୟତ ପିପଲପାଲିଠାରେ ମାଧୋ ସିଂଙ୍କ ୧୬୮ତମ ଶହୀଦ ଦିବସ ପାଳନ ପାଇଁ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପାଇକମାଳ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତ ସଭାପତି, ସମ୍ପାଦକ, ସଭାନେତ୍ରୀ ଓ ସମ୍ପାଦିକା ଯୋଗଦାନ କରିଥିଲେ। ଏହି ବୈଠକରେ ସଂଘର ପ୍ରତିଷ୍ଠାତା ଗୋବର୍ଦ୍ଧନ ଭୋଏ ମୁଖ୍ୟ ଅତିଥି, ଜିଲା ସଭାପତି ଗୋବିନ୍ଦ ବରିହା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ପାଇକମାଳ ବ୍ଲକର ବଳରାମ ବରିହା, ସତ୍ୟାନନ୍ଦ ବୁଡେକ, ନିଲେଶ୍ୱର ଭୁଏ, ଯଦୁମଣି ଭୁଏ, ଉପେନ୍ଦ୍ର ଭୋଇ, ଶଙ୍କର ବରିହା, ସତ୍ୟ କୁମାର ଜାନି, ସରୋଜ ମିର୍ଦ୍ଧା, ଯୁଗେଶ୍ୱର ବରିହା, ଲମ୍ବୋଦର ବରିହା, ରମେଶ ବରିହା, ସୁରେନ୍ଦ୍ର ବରିହା ଓ ନାରୀନେତ୍ରୀ ସିଲା ବରିହା ଏବଂ ପାଇକମାଳ ବ୍ଲକର ମହିଳା ପୁରୁଷ ଯୋଗଦାନ କରିଥିଲେ।

# ହାତୀ ଚଲାପଥ ବିଦ୍ୟୁତ୍ ସଂଯୋଗରେ ବାଧକ

**ବରଗଡ଼,୧୭।୧୨(ପ୍ରେମାନନ୍ଦ ଖମାରୀ)**

ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

- ଅଚଳ ପଡ଼ିଛି ଉଠାଜଳସେଚନ ପ୍ରକଳ୍ପ
- ଚାଷକାର୍ଯ୍ୟ କରି ନ ପାରି ଚିନ୍ତାରେ ଚାଷୀ
- ଜିଲାପାଳ, ନିର୍ବାହୀ ଯନ୍ତ୍ରୀଙ୍କୁ ଫେରାଦ

ବରଗଡ଼ ଏକ କୃଷିପ୍ରଧାନ ଜିଲା। ଏହି ଜିଲାରୁ ରାଜ୍ୟରେ ସର୍ବାଧିକ ଧାନ ଅମଳ ହୋଇଥାଏ। ସେହିପରି ପରିବା ଚାଷରେ ମଧ୍ୟ ବରଗଡ଼ ପଛରେ ପଡ଼ିନାହିଁ। ଜିଲାର ପଦ୍ମପୁର ଉପଖଣ୍ଡ ହୀରାକୁଦ ଅଣଜଳସେଚିତ। ଫଳରେ ଉକ୍ତ ଅଞ୍ଚଳର ଚାଷକାର୍ଯ୍ୟ ବର୍ଷା ଓ ଉଠାଜଳସେଚନ ପ୍ରକଳ୍ପ ଉପରେ ନିର୍ଭର କରିଥାଏ। ଠିକ୍ ଭାବେ ବର୍ଷା ନ ହେଲେ ମରୁଡ଼ି ପରିସ୍ଥିତି ଉପୁଜିଥାଏ। ଏଭଳି ସ୍ଥଳେ ଉଠାଜଳସେଚନ ପ୍ରକଳ୍ପ(ଗଭୀର ନଳକୂପ) ହିଁ ଚାଷୀଙ୍କ ଏକମାତ୍ର ଭରସା ପାଲଟିଥାଏ। କିନ୍ତୁ ଉଠାଜଳସେଚନ ପ୍ରକଳ୍ପଗୁଡ଼ିକ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ଯୋଗୁ ଚାଷୀଙ୍କ ଚାଷଜମି ପଡ଼ିଆ ରହୁଛି ଏବଂ ଚାଷୀମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି।

ସରକାରଙ୍କ ବିଭିନ୍ନ ଯୋଜନାରେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଜମିହିଡ଼ରେ ଗଭୀର ନଳକୂପ ଖନନ କରିଛନ୍ତି। କିନ୍ତୁ ଦୀର୍ଘବର୍ଷ ଧରି ସମ୍ପୃକ୍ତ ଗଭୀର ନଳକୂପ ଗୁଡ଼ିକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଫଳରେ ଚାଷୀମାନେ ଯେଉଁ ଆଶା ନେଇ ଗଭୀର ନଳକୂପ ଖୋଳିଥିଲେ, ସେହି ଆଶା ଧୂଳିସାତ୍ ହୋଇଯାଇଛି। ଗଭୀର ନଳକୂପ ଖନନ ହେବାର ୪ବର୍ଷ ପରେ ମଧ୍ୟ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ମଙ୍ଗଳବାର ପଦ୍ମପୁର ଉପଖଣ୍ଡ ଗାଇସିଲେଟ ବ୍ଲକ କନ୍ଦାଗାଡ଼ ପଞ୍ଚାୟତ କମଲାପଦର ଗ୍ରାମର ଚାଷୀମାନେ ଜିଲାପାଳ ଏବଂ ଉଠାଜଳସେଚନ ବିଭାଗ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଏସ.ଏନ ତ୍ରିପାଠୀଙ୍କୁ ସେମାନେ ପୃଥକ୍ ଭାବେ ସ୍ମାରକପତ୍ର ପ୍ରଦାନ କରି ତୁରନ୍ତ ସେମାନଙ୍କ ଗଭୀର ନଳକୂପକୁ ବିଦ୍ୟୁତ ସଂଯୋଗ ପାଇଁ ଦାବି କରିଥିଲେ। ଜିଲାରେ ଖନନ କରାଯାଇଥିବା ଏଭଳି ୭୬୦୦ ଗଭୀର ନଳକୂପ ଅଚଳ ପଡ଼ିଛି। ତେବେ ହାତୀ ଚଲାପଥ ହୋଇଥିବା ଯୋଗୁ ସେଥିମଧ୍ୟରୁ ୭୦୦ରୁ ଊର୍ଦ୍ଧ୍ୱ ଗଭୀର ନଳକୂପକୁ ବିଦ୍ୟୁତ୍ ସଂଯୋଗ ହୋଇ ପାରୁ ନ ଥିବା ସ୍ଥାନୀୟ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଡ୍ରିପାଠୀ କହିଥିଲେ। ସେଭଳି ସ୍ଥାନରେ ରହିଥିବା ଗଭୀର ନଳକୂପଗୁଡ଼ିକୁ ସୋଲାର ବ୍ୟବସ୍ଥା ମାଧ୍ୟମରେ ବିଦ୍ୟୁତ ଯୋଗାଇ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଉଛି ବୋଲି ତ୍ରିପାଠୀ ଚାଷୀମାନଙ୍କୁ ସୂଚନା ଦେଇଥିଲେ। ଆଇଏନ୍‌ଟିୟୁସି କାର୍ଯ୍ୟକାରୀ ସଭାପତି କିଶୋର ସାହୁଙ୍କ ନେତୃତ୍ୱରେ ଚାଷୀ ଉଷତ ପ୍ରଧାନ, ଗୋବିନ୍ଦ ସାହୁ, କଇଁଟୁ ବରିହା, ରବି ସାହୁ, ମୋତିଲାଲ ସାହୁ ପ୍ରମୁଖ ଜିଲାପାଳ ଏବଂ ଉଠାଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

ପଦ୍ମପୁର ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା ଚାଲିଛି।

# ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ସହର

**ପଦ୍ମପୁର,୧୭।୧୨(ପ୍ରଦୀପ୍ତ ଦାଶ)**

**ପଦ୍ମପୁର ଲୋକ ମହୋତ୍ସବ**

ପଦ୍ମପୁର ଟାଉନ କ୍ଲବ ଆୟୋଜିତ ଲୋକ ମହୋତ୍ସବର ସାଂସ୍କୃତିକ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଶୋକ ପଡିଆରୁ ଏହି ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା। ପାରମ୍ପରିକ ଗଣା ବାଜା, ଘୁଡକା ଆଦି ପ୍ରାୟ ୧୫ଟି ସାଂସ୍କୃତିକ ଦଳ ସହ ପଶ୍ଚିମବଙ୍ଗର ଝାକି, ଛତିଶଗଡର ଲୋକନୃତ୍ୟ ଦଳ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ବିଭିନ୍ନ ବିଭାଗ ଓ ସ୍କୁଲ ପକ୍ଷରୁ ଜନସଚେତନତା ତଥା ଦେଶର ବୀରତ୍ୱକୁ ଦର୍ଶାଉଥିବା ଝାଙ୍କି ଜଙ୍ଗଲ ସୁରକ୍ଷା, ଆଇଏନ୍‌ଏସ୍ ବିକ୍ରାନ୍ତ ମଡେଲ ଏବଂ ବିଜ୍ଞାନ କୌଶଳକୁ ଦର୍ଶାଉଥିବା ରୋବର୍ଟ ପରି ସୁନ୍ଦର ଝାଙ୍କିମାନ ମଧ୍ୟ ସ୍ଥାନ ପାଇଥିଲା। ବୋଡାସମ୍ବରର ପୁରାତନ ଝଙ୍କାର ପରମ୍ପରା ମଧ୍ୟ ଏହି ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା।

# ପ୍ରାଧ୍ୟାପକଙ୍କ ଅଶ୍ଳୀଳ ବାର୍ତ୍ତା ଭାଇରାଲ, ଧାରଣା ଦେଲେ ଛାତ୍ରୀ

**ପାଇକମାଳ,୧୭।୧୨(ବଡ଼ ଶତପଥୀ)**

ଧାରଣାରେ ବସିଥିବା ଛାତ୍ରୀଗଣ ।

ବରଗଡ ଜିଲା ପଦ୍ମପୁର ଅଞ୍ଚଳ କଲେଜର ଜଣେ ପ୍ରାଧ୍ୟାପକଙ୍କ ହ୍ୱାଟ୍ସଆପ୍‌ରେ ଅଶ୍ଳୀଳ ବାର୍ତ୍ତା ଭାଇରାଲ ହେବା ପରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଛାତ୍ରୀମାନେ ମଙ୍ଗଳବାର କଲେଜ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଉକ୍ତ ପ୍ରାଧ୍ୟାପକଙ୍କୁ ତୁରନ୍ତ ନିଲମ୍ବନ କରାଯାଉ ବୋଲି ସେମାନେ ଦାବି କରିଥିଲେ। ଖବର ପାଇ ପଦ୍ମପୁର ଥାନା ଆଇଆଇସି ମମତା ନାଏକ ଓ ଅତିରିକ୍ତ ଜିଲାପାଳ କୁନାଲ ମୋତିରାମ ଘଟଣାସ୍ଥଳକୁ ଆସି ଛାତ୍ରୀମାନଙ୍କୁ ବୁଝାଶୁଝା କରିବା ପରେ ସେମାନେ ଆନ୍ଦୋଳନରୁ ଓହରିଥିଲେ। ଏ ସମ୍ପର୍କରେ ଆଇଆଇସି ନାଏକଙ୍କୁ ପଚରାଯିବାରୁ ଗଭର୍ନିଂ ବଡି ତଦନ୍ତ ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ପ୍ରାଧ୍ୟାପକ ଜଣଙ୍କ ଉକ୍ତ କଲେଜର ଛାତ୍ରୀଙ୍କ ସହ ହ୍ୱାଟ୍ସଆପ୍ ଯୋଗେ ଅଶ୍ଳୀଳ କଥାବାର୍ତ୍ତା ହୋଇଥିଲେ। ସେହି କଥାବାର୍ତ୍ତା ଏବେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି।

# ମିଳିଲା ପ୍ରତିଶ୍ରୁତି, ଅନଶନ ଭାଙ୍ଗିଲେ

**ବରଗଡ଼,୧୭।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀଛକରେ ୫ଦଫା ଦାବି ନେଇ ମିଳିତ କୋଶଲ କ୍ରିୟାନୁଷ୍ଠାନ କମିଟି ସୋମବାରଠାରୁ ଆମରଣ ଅନଶନକୁ ଓହ୍ଲାଇଥିଲା। ସମ୍ବଲପୁରୀ/କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ, ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ସମ୍ବଲପୁରୀ/କୋଶଲି ଭାଷାରେ କରାଯିବା, ଧନୁଯାତ୍ରା ସମ୍ପର୍କିତ ଟେଣ୍ଡର ପ୍ରକ୍ରିୟା ଠିକ୍ ଭାବେ ସମ୍ପନ୍ନ, ଏସ୍‌ଏଚ୍‌ଜି ମହିଳାଙ୍କ ଭଳି ବରଗଡ଼ ଜିଲାର ଉଦ୍ୟମୀ ଯୁବତୀ ଯୁବକଙ୍କୁ ଧନୁଯାତ୍ରାରେ ନ୍ୟୂନତମ ଦରରେ ଷ୍ଟଲ ପ୍ରଦାନ, ଧନୁଯାତ୍ରାକୁ ଦୃଷ୍ଟିରେ ରଖି ନିଶା କାରବାର ବନ୍ଦ ଦାବି ନେଇ କମିଟିର ସୁଶାନ୍ତ ମିଶ୍ର, ଅଭିଷେକ ନାୟକ, ଧରଣୀଧର ରୋହିଦାଶ, ଦୀପକ ମହାପାତ୍ର ଅନଶନରେ ବସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ ଅନଶନସ୍ଥଳକୁ ଆସି ସେମାନଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ସମସ୍ତ ଦାବି ପୂରଣ କରିବା ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନଶନକାରୀମାନେ ଅନଶନରୁ ଉଠିଥିଲେ। ତହସିଲଦାର ପଟ୍ଟନାୟକ ଅନଶନକାରୀଙ୍କୁ ଜୁସ୍ ପିଆଇ ଅନଶନ ଭାଙ୍ଗିଥିଲେ। ବିମଳ ଦାଶ, ନନ୍ଦନ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ ଉଦ୍‌ଯାପିତ

**ପଦ୍ମପୁର,୧୭।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ରାଜବୋଡ଼ାସମ୍ବର ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ୋତ୍ସବ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଳାଷ ସାହୁଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ ସଭାପତି ଚନ୍ଦ୍ରଭାନୁ ସାହୁ ପତାକା ଉତ୍ତୋଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥି ଏବଂ ରାଜବୋଡାସମ୍ବର ଗୋଷ୍ଠୀ ଶିକ୍ଷାଧିକାରୀ ଲୋକନାଥ ଭୋଇ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ହରେକୃଷ୍ଣ ମେହେରଙ୍କ ତତ୍ତ୍ୱାବଧାନରେ ଅତିଥି କ୍ରୀଡା ଶିକ୍ଷକ ଚନ୍ଦ୍ରମଣି ସାହୁ ଓ କ୍ଷୀରୋଦ ଚନ୍ଦ୍ର ଦାସ ସହଯୋଗ କରିଥିଲେ। ଉକ୍ତ ପ୍ରତିଯୋଗିତାର ୩ଟି ଇଭେଣ୍ଟରେ ୨୧୦ ଜଣ ଛାତ୍ର ଭାଗ ନେଇଥିଲେ। ଉଦଯାପନୀ ସଭାରେ ମୋ ସ୍କୁଲ ଅଭିଯାନ ସଭାପତି ଚନ୍ଦ୍ରଭାନୁ ପ୍ରଧାନ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କନିଷ୍ଠ ବର୍ଗରୁ ଜିତେନ୍ଦ୍ର ବରିହା ଏବଂ ବରିଷ୍ଠ ବର୍ଗରୁ ଧବଳେଶ୍ୱର ପାଣ୍ଡେ ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିଳାଷ ସାହୁ ସଭା ପରିଚାଳନା କରିଥିବା ବେଳେ ହରେକୃଷ୍ଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଭାସିନୀ ସା, ତୃପ୍ତିମୟୀ ଝଗରା, ରୁଦ୍ରାଙ୍ଗଦ ବାରିକ, ପ୍ରୀତରଶ୍ମି ସେଠ, ମଧୁସ୍ମିତା ବର୍ଗେ, ସଂଗ୍ରାମ କେଶରୀ ଦୀପ, ଅମୃତା ବାରିକ, ସୁଶୀଲ ମେହେର, ବୃନ୍ଦାବନ ଦାଶ, ଅମ୍ବିକା ରଥ ସହଯୋଗ କରିଥିଲେ।

କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକ।

### ସରେଇକେଲା ଉଚ୍ଚ ପ୍ରାଥମିକ ସ୍କୁଲରେ କ୍ରୀଡ଼ା ପ୍ରତିଯୋଗିତା

**ପାଇକମାଳ, ୧୭।୧୨(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ସରେଇକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ପଞ୍ଚାୟତ ପଡିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସଭାପତି ବିକାଶ ସାହୁ ମୁଖ୍ୟ ଅତିଥି, କୁଳମଣି ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କନିଷ୍ଠ ଓ ବରିଷ୍ଠ ବର୍ଗରେ ଉଭୟ ବାଳକ ଓ ବାଳିକାଙ୍କ ଦୌଡ଼, ଉଚ୍ଚଡିଆଁ, ଲମ୍ବଡ଼ିଆଁ, ସର୍ଟଫୁଟ୍ ଥ୍ରୋ, ଡ଼ିସ୍‌କସ ଥ୍ରୋ, ସାଇକେଲ ସ୍ଲୋ, ସ୍ପିଚିଙ୍ଗ, ଅଙ୍କ ଦୌଡ଼, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ନିରାକାର ପ୍ରଧାନ, ବିନୋଦ ଚୋଖି, ଶିକ୍ଷାବିତ୍ ରାମପ୍ରସାଦ ମାଝୀ କ୍ରୀଡ଼ା ପରିଚାଳନା କରିଥିଲେ। ପ୍ରତାପ ସାହୁ, ନରୋତ୍ତମ ପ୍ରଧାନ, ସୁପତ ବେହେରା, ସୁନୀଲ ପ୍ରଧାନ, ସନ୍ୟାସୀ ମାଝୀ ସହଯୋଗ କରିଥିଲେ।

# ମିଠାପାଲିରେ ପ୍ରକୃତି ପରୀକ୍ଷଣ କାର୍ଯ୍ୟକ୍ରମ

**ପାଇକମାଳ,୧୭।୧୨(ବଡ଼ ଶତପଥୀ)**

ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ନଭେମ୍ବର ୨୪ରୁ ଡିସେମ୍ବର ୨୫ ତାରିଖ ଯାଏ 'ଦେଶ କା ପ୍ରକୃତି ପରୀକ୍ଷଣ ଅଭିଯାନ' ଚାଲିଛି। ଏହି କ୍ରମରେ ବରଗଡ ଜିଲା ପାଇକମାଳ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଅନୁସନ୍ଧାନ ପ୍ରତିଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମିଠାପାଲି ସମେତ ଅନ୍ୟ କେତେକ ଗାଁରେ ମଙ୍ଗଳବାର ପ୍ରକୃତି ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ରଜନୀକାନ୍ତ ବେହେରା ଓ ଡା. ଜଗନ୍ନାଥ ତ୍ରିପାଠୀ ଉପସ୍ଥିତ ରହି ପ୍ରକୃତି ପରୀକ୍ଷଣ କରିବା ସହ ମହାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କୁ ଅନୁପ୍ରାଣିତ କରିଥିଲେ। ମିଠାପାଲି ଗ୍ରାମରେ ଘର ଘର ବୁଲି ଲୋକଙ୍କୁ ଆୟୁର୍ବେଦିକ ଔଷଧ ବ୍ୟବହାର କରିବା ସହ ବିଡି, ପାନ, ସିଗାରେଟ, ମଦ ଆଦି ନିଶାଦ୍ରବ୍ୟ ସେବନ ପାଇଁ ବାରଣ କରିଥିଲେ। ସେହିପରି ଦୈନିକ ତିନି ଲିଟର ପାଣି ପିଇବା ପାଇଁ ଛାତ୍ରୀଛାତ୍ର ନିଜର ପ୍ରକୃତି ପରୀକ୍ଷଣ କରାଇ ଆୟୁର୍ବେଦ ପ୍ରେରିତ ଜୀବନ ଶୈଳୀ ଆପଣାଇବାକୁ ଶପଥ କରିଥିଲେ। ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଓ ଅନୁସନ୍ଧାନ ଅନୁଷ୍ଠାନର ସାଇକ୍ରିଷ୍ଟା ରାଉତ, ରୋଷଣୀ ନାୟକ, ପ୍ରୀୟଲି ନାୟକ, ନାଇନ ଜିନ୍ଦଲ, ଅର୍ପିତା ସାହୁ, ମିଲିଣ୍ଡ ଭର୍ମା, ସବିତା ସାହୁ, ଆରତୀ ପଟେଲ, ପ୍ରିୟଙ୍କା ସାହୁ ଆପ୍ ମାଧ୍ୟମରେ ସମସ୍ତଙ୍କ ପରୀକ୍ଷା କରି ଆୟୁର୍ବେଦୋକ୍ତ ସ୍ୱାସ୍ଥ୍ୟ ବିଷୟକ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

### ଗୀତା ଦେବୀ ଅଗ୍ରୱାଲଙ୍କ ପରଲୋକ

**ପଦ୍ମପୁର,୧୭।୧୨(ପ୍ରଦୀପ୍ତ ଦାଶ):**

**ବିଦ୍ୟୁତ୍ ଶଟ୍‌ସର୍କିଟ ହୋଇ ଅଗ୍ନିକାଣ୍ଡ**

ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ)–ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ପାମରା ନୂଆପଡ଼ା ଗ୍ରାମର ଜଣେ ମହିଳାଙ୍କ ଘରେ ସୋମବାର ବିଦ୍ୟୁତ୍ ଶଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଛି। ପାମରା ଗ୍ରାମର ଶୁଶିଳା ମହାଲୁଲ ସପରିବାର ଚାଷ ଜମିରେ ଧାନ କାଟିବା ପାଇଁ ଯାଇଥିବା ସମୟରେ ଘରେ ବିଦ୍ୟୁତ୍ ଶଟସର୍କିଟ ହୋଇଥିଲା। ଘରେ ଥିବା ଫ୍ରିଜ, ଟିଭି, ପଲଙ୍କ, ଗଦି, ଫ୍ୟାନ, ଟେବୁଲ ଇତ୍ୟାଦି ବହୁ ଆସବାବପତ୍ର ପୋଡ଼ି ଯାଇଥିବା ଜଣାପଡିଛି। ସୂଚନା ପାଇ ବିଲରୁ ଆସିବାପରେ ଗ୍ରାମବାସୀଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରାଯାଇଥିଲା। ପ୍ରାୟ ୨ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଆସବାବପତ୍ର ଓ ବିଭିନ୍ନ ସାମଗ୍ରୀ ପୋଡ଼ି ଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା ଘଟଣା: ସ୍ୱାମୀ କୋର୍ଟ ଚାଲାଣ

**ବନ୍ଧମୁଣ୍ଡା, ୧୭।୧୨(ସୁବ୍ରତ ଦେ):** ବନ୍ଧମୁଣ୍ଡା ଡି–ସେକ୍ଟରର କ୍ୱାର୍ଟର୍ସ ନମ୍ବର ୨୯୨ରେ ରହୁଥିବା ଆଶିଷ ପାଣିଗ୍ରାହୀଙ୍କ ସ୍ତ୍ରୀ ଶୁଭଶ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବନ୍ଧମୁଣ୍ଡା ପୋଲିସ ମୃତ ଶୁଭଶ୍ରୀଙ୍କ ସ୍ୱାମୀ ଆଶିଷଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଡିସେମ୍ବର ୧୪ ତାରିଖ ରାତିରେ ଶୁଭଶ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ଭାଇ ଅମିତ ଶତପଥି ବନ୍ଧମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ଶୁଭଶ୍ରୀଙ୍କୁ ତାଙ୍କ ସ୍ୱାମୀ ଆଶିଷ ଯୋଜନା ମୁତାବିକ ହତ୍ୟା କରିଛନ୍ତି। ଅମିତଙ୍କ ଅଭିଯୋଗ ଅନୁଯାୟୀ ଆଶିଷ ଏବଂ ତାଙ୍କ ସାନଭାଇ ଚନ୍ଦନ ଶୁଭଶ୍ରୀଙ୍କୁ ମାନସିକ ଓ ଶାରୀରିକ ତଥା ଯୌତୁକ ପାଇଁ ନିର୍ଯାତନା ଦେଇ ଆସୁଥିଲେ। ଆଶିଷ ସବୁବେଳେ ଶୁଭଶ୍ରୀଙ୍କୁ ମାଡ ମାରୁଥିଲେ ଏବଂ ତାଙ୍କୁ ଜୀବନରୁ ମାରି ଦେବା ପାଇଁ ଧମକ ମଧ୍ୟ ଦେଉଥିଲେ। ଶୁଭଶ୍ରୀଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ଆଶିଷ ପାଣିଗ୍ରାହୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ପୋଲିସ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

### ଚୋରି ଅଭିଯୋଗରେ ଜଣେ ଗିରଫ

**ବନ୍ଧମୁଣ୍ଡା, ୧୭।୧୨(ସୁବ୍ରତ ଦେ):** ବନ୍ଧମୁଣ୍ଡା ଏ ସେକ୍ଟର ସ୍ଥିତ ୨୫୬ ନମ୍ବର କ୍ୱାର୍ଟର୍ସ ସମ୍ମୁଖରେ ଏକ ଝୁଞ୍ଝୁଡ଼ିରେ ରହୁଥିବା ଶିବଚରଣ ଦାସଙ୍କ ଘରେ ପଶି ଚୋରି କରିବା ଅଭିଯୋଗରେ ବନ୍ଧମୁଣ୍ଡା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି, ରାଉରକେଲା ସେକ୍ଟର ୧୬ ମଲ୍ଲିକ ବସ୍ତିର ବାସିନ୍ଦା ଦେବା ଗଚ୍ଛାୟତ (୨୬)। ଦେବାଙ୍କଠାରୁ ପୋଲିସ ଗୋଟିଏ ଚୋରି ବାଇକ୍ ଜବତ କରିଛି। ଯାହା କି ଗତ ମାସରେ ରାଉରକେଲାର ବ୍ରାହ୍ମଣୀ କ୍ଲବରୁ ଚୋରି ହୋଇଥିଲା। ସୂଚନାଯୋଗ୍ୟଯେ, ନଭେମ୍ବର ୨୨ ତାରିଖ ସକାଳେ ଶିବଚରଣ ଦାସଙ୍କ ଘରେ ଚୋରି ହୋଇଥିଲା। ଏହି ମାମଲାରେ ନଭେମ୍ବର ୩୦ରେ ବନ୍ଧମୁଣ୍ଡା ପୋଲିସ ଜଣେ ମହିଳାଙ୍କ ସମେତ ଅନ୍ୟ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଫାଶ ଲଗାଇ ଯୁବକଙ୍କ ଆତ୍ମହତ୍ୟା

**କୁନ୍ତ୍ରା, ୧୭।୧୨(ଦେବାଶିଷ ସାହୁ):** ସୁନ୍ଦରଗଡ଼ ଜିଲା କୁନ୍ତ୍ରା ଥାନା ଅନ୍ତର୍ଗତ କହପାଣି ଗ୍ରାମର ସୁଦିପ କୁଲୁ (୧୮) ନିଜ ଘର ଭିତରେ ଏକ ଓଢ଼ନି ଲଗାଇ ଝୁଲି ପଡି ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ତାଙ୍କ ପରିବାର ସୂତ୍ରରୁ ପ୍ରକାଶ ଯେ, ସୋମବାର ରାତିରେ ଖାଇ ସାରିବା ପରେ ସୁଦିପ ନିଜ ରୁମକୁ ଶୋଇବାକୁ ଯାଇଥିଲେ। ମଙ୍ଗଳବାର ସକାଳ ୮ଟାରେ ତାଙ୍କ ଭଉଣୀ ଝାଡୁ କରିବା ପାଇଁ ରୁମ୍‌ରେ ପଶିଲା ବେଳେ ସୁଦିପକୁ ଝୁଲନ୍ତା ଅବସ୍ଥାରେ ଦେଖି ସମସ୍ତଙ୍କୁ ଜଣାଇଥିଲେ। ଏନେଇ ପୋଲିସକୁ ଖବର ଦିଆଯାଇଥିଲା। ପରେ କୁନ୍ତ୍ରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଗାଙ୍ଗପୁର ଡାକ୍ତରଖାନାକୁ ପଠାଇଥିବାବେଳେ ସନ୍ଧ୍ୟା ହୋଇଯିବାରୁ ଶବାଗାରରେ ରଖାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ମାନସିକ ଚାପ ଯୋଗୁ ଆତ୍ମହତ୍ୟା କରିଥିବା କୁହାଯାଉଥିବାବେଳେ ପୋଲିସ ଅଧିକ ତଦନ୍ତ କରୁଛି।

# ଗ୍ରାମାଞ୍ଚଳରେ ଭ୍ରାମ୍ୟମାଣ ମାଗଣା ସ୍ୱାସ୍ଥ୍ୟସେବା

ଭ୍ରାମ୍ୟମାଣ ମାଗଣା ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଚାଲିଛି।

**ସୁନ୍ଦରଗଡ,୧୭।୧୨(ଜୟନାରାୟଣ ମେଣ୍ଢୁଳି)**

ପ୍ରାୟ ୧୨୦ ଜଣ ରୋଗୀଙ୍କୁ ବହିଃ–ଚିକିତ୍ସା ସେବା କରାଯାଇ ଉନ୍ନତମାନର ଔଷଧ ମାଗଣାରେ ପ୍ରଦାନ କରାଯାଇଛି। ବୁଢାପାହାଡ଼ କୋଇଲା ଖଣିରୁ କୋଇଲା ଉତ୍ତୋଳନ ନିମନ୍ତେ ଭାରତ ସରକାର ଜିଏମ୍‌ଡିସି,ଗୁଜରାଟକୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏହି କମ୍ପାନୀ ତା'ର ବ୍ୟବସାୟିକ ସାମାଜିକ ଦାୟିତ୍ୱ ଆନୁକୂଲ୍ୟରେ ଭ୍ରାମ୍ୟମାଣ ମାଗଣା ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଖାରପଲମ ଗ୍ରାମ ପଞ୍ଚାୟତ ଅଧୀନସ୍ଥ ଖାରପଲମ ଓ ଭୋଗରକଛାର ଗ୍ରାମରେ ଆୟୋଜିତ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ବୁଢାପାହାଡ଼ କୋଇଲା ଖଣି ଦ୍ୱାରା ପ୍ରଭାବିତ ହେଉଥିବା ହେମଗିର ବ୍ଲକ ଅନ୍ତର୍ଗତ ତିନୋଟି ଗ୍ରାମପଞ୍ଚାୟତ ଅଧୀନସ୍ଥ ୧୬ଟି ଗ୍ରାମରେ ଜିଏମ୍‌ଡିସି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ୪୫୦ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରଛି। ଏହି ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ପ୍ରାୟ ୯୩୫୫ ରୋଗୀଙ୍କୁ ବହିଃ–ଚିକିତ୍ସା ସେବା କରାଯାଇ ଉନ୍ନତମାନର ଔଷଧ ମାଗଣାରେ ପ୍ରଦାନ କରାଯାଇଛି। ଏହି ସ୍ୱାସ୍ଥ୍ୟସେବା ଗାଡି ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଉଛ। ସ୍ୱାସ୍ଥ୍ୟସେବା ଗାଡ଼ିରେ ଅତ୍ୟାବଶ୍ୟକୀୟ ଚିକିତ୍ସା ଉପକରଣ ଓ ଔଷଧ ସହ ଜଣେ ଡାକ୍ତର, ଫାର୍ମାସିଷ୍ଟ, ଏଏନଏମ୍ ଏବଂ ଡ୍ରାଇଭର ନିୟୋଜିତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ଉଚ୍ଚ ରକ୍ତଚାପ, ରକ୍ତ ଶର୍କରା, ବିଭିନ୍ନ ପ୍ରକାର ଜଳବାୟୁ ଜନିତ ସାଧାରଣ ରୋଗ ନିମନ୍ତେ ଡାକ୍ତରୀ ପରାମର୍ଶ କ୍ରମେ ଟନିକ, ସିରଫ, କ୍ୟାପସୁଲ ଓ ବିଭିନ୍ନ ପ୍ରକାରର ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଉଛି। ଏଥିସହିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏ ସମସ୍ତ ପ୍ରକ୍ରିୟା ସ୍ଥାନୀୟ ସରପଞ୍ଚ ତଥା ନେତୃସ୍ଥାନୀୟ ପ୍ରତିନିଧିଙ୍କ ସହଯୋଗରେ ସମ୍ପାଦିତ ହେଉଛି। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଜରିଆରେ ଲୋକମାନଙ୍କ ଠାରେ ରହିଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାର ନିରୂପଣ କରାଯାଇ ସେମାନଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ପରାମର୍ଶ ଦିଆଯାଉଥିବା ଜିଏମ୍‌ଡିସି ବୁଢାପାହାଡ କୋଲ ବ୍ଲକର କାର୍ଯ୍ୟକାରୀ ପ୍ରଶାସକ ଅଧିକାରୀ କ୍ୟାପଟେନ ରଣବୀର ସିଂହ କହିଛନ୍ତି।

# ମହୁଲଫୁଲକୁ ନେଇ ଦକ୍ଷତା ବୃଦ୍ଧି ତାଲିମ ଶିବିର

ଦକ୍ଷତା ବୃଦ୍ଧି ତାଲିମ ଶିବିରରେ ଅତିଥିଙ୍କ ସହ ଅଞ୍ଚଳର ମହିଳା, ପୁରୁଷ।

**ହେମଗିର,୧୭।୧୨(ଚୈତନ୍ୟ ପଟେଲ)**

ସୁନ୍ଦରଗଡ଼ ଜିଲା ହେମଗିର ଫରେଷ୍ଟ ଅଫିସ ପରିସରରେ ହେମଗିର ଓ କୋଡ଼ବାହାଲ ଫରେଷ୍ଟ ସେକ୍ସନରେ ଥିବା ବନ ସୁରକ୍ଷା ସମିତିର ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅତି ଗରିବ ଶ୍ରେଣୀର ଲୋକଙ୍କୁ ନେଇ ଏକ ଦିବସୀୟ ମହୁଲଫୁଲର ମୂଲ୍ୟଯୁକ୍ତ ପ୍ରକ୍ରିୟାକରଣ ମାଧ୍ୟମରେ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋଟ ୫୦ଜଣ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ ଖଣ୍ଡିୟସ୍ତରୀୟ ପରିଚାଳନା ଏକକ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ –୨ ଦ୍ୱାରା ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ହେମଗିରର ବନାଞ୍ଚଳ ଅଧିକାରୀ(ରେଞ୍ଜର) ପ୍ରକାଶ ଚନ୍ଦ୍ର ନାଏକ, ହେମଗିର ସେକ୍ସନ ବନପାଳ (ଫରେଷ୍ଟ) ସଞ୍ଜୟ କୁମାର ନାଏକ, ଖଣ୍ଡିୟ ପରିଚାଳନା ଏକକ ସୁନ୍ଦରଗଡ ବନଖଣ୍ଡରୁ ବିଷୟଗତ ବିଶେଷଜ୍ଞ ଗୋପାଳ ଶୁକ୍ଳା, ଜିଲା ପରିଷଦ ସଭ୍ୟା ମହିମା ସେଠ ଓ ହେମଗିର ସମିତି ସଭ୍ୟା ମାନସୀ ଦର୍ଜୀ, ସେବକ ଏନ୍‌ଜିଓର ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହୁଲଫୁଲର ପ୍ରକ୍ରିୟାକରଣ ଦ୍ୱାରା ଅନେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି, ବ୍ୟବହାର ଓ ବଜାର ସଂଯୋଗୀକରଣ ମାଧ୍ୟମରେ ବିଶେଷ ଲାଭବାନ ହୋଇପାରିବେ ବୋଲି ସମସ୍ତେ ମତାମତ ଦେଇଥିଲେ। ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ଏହିଭଳି ଉଦ୍ୟମକୁ ସମସ୍ତଙ୍କ ତରଫରୁ ପ୍ରଶଂସା କରାଯାଇଥିଲା। ଏହି ଅବସରରେ ମହୁଲରେ ଡିଆରି ପିଠା, ବିସ୍କୁଟ, କେକ୍ ଆଦି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ତିଆରି କରି ଲୋକେ ଉପକୃତ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କୁଆଁରମୁଣ୍ଡା,୧୭।୧୨(ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କଚାରୁ ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ସୋମବାର ବାର୍ଷିକ କ୍ରୀଡାର ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ କଚାରୁ ସରପଞ୍ଚ ଝୁବା ଟପ୍ପୋ ଓ ସମିତି ସଭ୍ୟ ଅଶ୍ୱିନୀ କେରକେଟା ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ମହାପାତ୍ର ଓ କ୍ରୀଡାବିତ୍ ଅସିତ କୁମାର ଦାସ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଛନ୍ତି। ଦୁଇ ଦିନିଆ ଏହି କ୍ରୀଡା ପ୍ରତିଯୋଗିତା ପ୍ରଧାନ ଶିକ୍ଷୟିତ୍ରୀ ନିଳୀମା ଭେଂଗ୍ରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷକ ପଞ୍ଚାନନ ଦାସ ଏହାକୁ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ପରିଚାଳନା ସମିତି କାର୍ଯ୍ୟକର୍ତ୍ତାଙ୍କ ସହ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଠୁରକା ସିଂ ଓ ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପରିବେଶ, ଖଣିଜ ସମ୍ପଦ ସଚେତନତା କାର୍ଯ୍ୟକ୍ରମ

**କୁନ୍ତ୍ରା, ୧୭।୧୨(ଦେବାଶିଷ ସାହୁ)**

ସୋସାଇଟି ଅଫ ଜିଓ ସାଇଣ୍ଟିଷ୍ଟ ଏବଂ ଏଲାଇଡ ଟେକ୍ନୋଲୋଜିଷ୍ଟ ପକ୍ଷରୁ ପରିବେଶ ସୁରକ୍ଷା ଓ ଖଣିଜ ପଦାର୍ଥ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଶିବା ସିମେଣ୍ଟ ଜେଏସ୍‌ଡବ୍ଲ୍ୟୁ ତରଫରୁ ଖତକୁରବାହାଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୨୦ଟି ବିଦ୍ୟାଳୟର ଜଣେ ଲେଖାଏଁ ଶିକ୍ଷକଙ୍କ ସହିତ ଦୁଇ ଜଣ ଲେଖାଏଁ

ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଛାତ୍ରୀଛାତ୍ର ଖତକୁରବାହାଲ ଚୂନପଥର ଖଣି ପରିଦର୍ଶନ କରିଥିଲେ। ପରେ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମରେ କାରଖାନା ମୁଖ୍ୟ ଅନିଲ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଖଣି ଅଧିକାରୀ ମଙ୍ଗଳାଚରଣ ହେମ୍ରମ, ଖଣି ମୁଖ୍ୟ ରାଧେଶ୍ୟାମ ରାଏ, ବିଇଓ ଅଶୋକ ଲାକଡା, ଗୁରୁଚରଣ ଦାସ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ସରନ୍ୟ କପ୍ ଫୁଟ୍‌ବଲ: ରୟାଲ କ୍ଲବ୍ ବିଜୟୀ

**ବନ୍ଧମୁଣ୍ଡା, ୧୭।୧୨(ସୁବ୍ରତ ଦେ)**

ବନ୍ଧମୁଣ୍ଡାର ବି–ସେକ୍ଟର ସ୍ଥିତ ଆର୍‌ପିଏଫ୍ ସ୍ପୋର୍ଟସ ଗ୍ରାଉଣ୍ଡରେ ଓସେନ କ୍ଲବ ଏବଂ ମିଲନ କ୍ଲବ ଦ୍ୱାରା ଆୟୋଜିତ ତିନିଦିବସୀୟ ନବମ ସରନ୍ୟ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ରୟାଲ କ୍ଲବ ଏବଂ ସିନ୍ଧୁ କାନୁ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ରୟାଲ କ୍ଲବ ଟିମ୍ ୧–୦ ଗୋଲରେ ବିଜୟ ହୋଇଛି। ଉଦ୍‌ଯାପନୀ ଅବସରରେ ଭାଜପାର ଯୁବ ନେତା ଅଙ୍କୁଷ ବର୍ମା ମୁଖ୍ୟ ଅତିଥି ଏବଂ ପଙ୍କଜ ଭଗତ, ଫିଲିସିତା ଚେରୁଆ, ବୁଲୁ ପୁହାନ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ବିଜେତା ତଥା ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ସଫଳ ଆୟୋଜନରେ ସନ୍ତୋଷ ରାଓ, ଜନ ଭେଙ୍ଗ୍ରା, ଲାଲୁ ଛେତ୍ରୀ, ଦିଲୀପ ଡେମଟା, ମନୋଜ ପାତ୍ର, ରାହୁଲ କୁମାର, ମଙ୍ଗଳ ବାନ୍ଦ୍ରା, ରାଜ କିଶୋର ସୋଏ, ମଞ୍ଜିତ ପ୍ରସାଦ, ରାଉତ ହୋନହାଗା, ଅଭିଷେକ ସିଂ, ଦୁର୍ଗା ହାଁସଦା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

# ବାଇକ୍ ଆରୋହୀଙ୍କ ଶରୀର ୨ ଖଣ୍ଡ

**ବଣାଇଁ, ୧୭।୧୨(ପ୍ରଦୀପ ତ୍ରିପାଠୀ)**

### ୧୪୩ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଦର୍ଜିଂ ନିକଟରେ ଜଣେ ବାଇକ୍ ଆରୋହୀଙ୍କ ଶରୀର ଦୁଇଖଣ୍ଡ ହୋଇ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କ ପରିଚୟ ଜଣାପଡ଼ି ନାହିଁ। ମଙ୍ଗଳବାର ସନ୍ଧ୍ୟାରେ ଓଡି ୧୪ ଏଏଫ ୭୦୫୦ ନମ୍ବର ବାଇକ୍ ଯୋଗେ ବ୍ୟକ୍ତି ଜଣକ ରାଜାମୁଣ୍ଡା ପଟୁ ରାଉରକେଲା ଯାଉଥିବାବେଳେ ପ୍ରଥମେ ରାସ୍ତା ଡିଭାଇଡରରେ ବାଇକ୍ ଚଢି ଯାଇଥିଲା। ଫଳରେ ରାସ୍ତାରେ ଲାଗିଥିବା ଲୁହା ଏଙ୍ଗେଲରେ ବାଡ଼େଇ ଶରୀର ଦୁଇ ଖଣ୍ଡ ହୋଇଯାଇଥିବା ଜଣାପଡ଼ିଛି। ତେବେ ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ଦେଖି ଲହୁଣୀପଡ଼ା ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

**ସୁନ୍ଦରଗଡ଼,୧୭।୧୨(ଜୟନାରାୟଣ ମେଣ୍ଢୁଳି)**

–ସ୍ଥାନୀୟ ମାଦ୍ରୀ କାଲୋ ଭବନ ପଡ଼ିଆଠାରେ ମଙ୍ଗଳବାର ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଜିଲାପାଳ ମନୋଜ ମହାଜନ, ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, କୃଷି ନିର୍ବାହୀ ଯନ୍ତ୍ରୀ ପରମାନନ୍ଦ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥାପନ କରିବା ସହିତ ଯାନ୍ତ୍ରୀକରଣର ଆବଶ୍ୟକତା, ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ଉପଯୋଗ କରି ଚାଷୀମାନଙ୍କ ମୁଁହରେ କିଭଳି ହସ ଫୁଟିବ ଏବଂ ସେମାନଙ୍କ ଆର୍ଥିକ ଅବସ୍ଥାରେ କିଭଳି ଉନ୍ନତି ଘଟିବ ସେନେଇ ନିଜ ବକ୍ତବ୍ୟ ରଖିଥିଲ

## ସଂକ୍ଷେପରେ

# ୨ ବାଇକ୍ ମୁହାଁମୁହିଁ ଧକ୍କା: ୪ ଆହତ

### ଅଳ୍ପକେ ବର୍ତ୍ତିଲେ ୨ ଶିଶୁ କନ୍ୟା

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ବାଘବର ଗ୍ରାମ ନିକଟରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ଜଣ ଯୁବକ ଆହତ ହୋଇଛନ୍ତି। ତେବେ ୨ ଜଣ ଶିଶୁ କନ୍ୟା ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ କଣ୍ଟାବାହାଲ ଗ୍ରାମର ମହେଶ କିଷାନ ଏକ ବାଇକ୍‌ରେ ତାଙ୍କ ୨ ଭାଣିଜୀଙ୍କୁ ବସାଇ ଖିଲେଇ ଆଡକୁ ଆସୁଥିଲେ। ଏହି ସମୟରେ ବିପରିତ ଦିଗରୁ ଏକ ବାଇକ୍‌ରେ ଆସୁଥିବା ରଞ୍ଜଣା ଗ୍ରାମର କାର୍ତ୍ତିକ ଶବର ଲକ୍ଷ୍ମୀପୁର ଗ୍ରାମର ୨ଜଣ ଯୁବକଙ୍କ ସହିତ ବାଘବର ନିକଟରେ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ସମସ୍ତେ ରାସ୍ତା ଉପରକୁ ଛିଟିକି ପଡିବା ସହ ମହେଶଙ୍କ ବାମ ଗୋଡ ଭାଙ୍ଗି ଯାଇଥିଲା। ସେହିପରି ଅନ୍ୟ ବାଇକ୍‌ରେ ଥିବା ୩ ଜଣ ଯୁବକ ମଧ୍ୟ ଆହତ ହୋଇଥିଲେ। ତେବେ ମହେଶଙ୍କ ଦୁଇ ଭାଣିଜି ଅଳ୍ପକେ ବର୍ତ୍ତି ଯାଇଥିଲେ। ସ୍ଥାନୀୟ ଲୋକ ଆହତମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

## ଶିକ୍ଷା ସମ୍ପର୍କିତ ଗବେଷଣାର ବିକ୍ଷେପଣ କାର୍ଯ୍ୟକ୍ରମ

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକଙ୍କ ନିମନ୍ତେ ଶିକ୍ଷା ସମ୍ପର୍କିତ ଗବେଷଣାର ବିକ୍ଷେପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ୨୦୨୩-୨୪ ଶିକ୍ଷା ବର୍ଷରେ କରାଯାଇଥିବା ୮ଗୋଟି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ଗବେଷଣାର ବିବରଣିଗୁଡି ଉପସ୍ଥାପନ କରାଯାଇଥିଲା।

## ଗରମ ଡାଲି ପଡ଼ି ଶିଶୁ ଗୁରୁତର

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ କ୍ଲବ ସଦର ମହକୁମାରେ ସମୋବାର ସନ୍ଧ୍ୟାରେ ଜଣେ ଶିଶୁ ଘରେ ଖେଳୁଥିବା ସମୟରେ ଚୁଲିରେ ବସିଥିବା ଗରମ ଡାଲି ପଡି ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ସନ୍ଧ୍ୟା ପ୍ରାୟ ୬ଟାରେ ବାରକୋଟ ବ୍ଲକ ସଦର ମହକୁମାର ଦେବାନ ପାତ୍ରଙ୍କ ସ୍ତ୍ରୀ ଚୁଲିରେ ଏକ କଡେଇରେ ଡାଲି ବସାଇ ଅନ୍ୟ କାମ କରୁଥିଲେ। ଏହି ସମୟରେ ଘରେ ଏକାକୀ ଖେଳୁଥିବା ତାଙ୍କ ତିନି ବର୍ଷର ଝିଅ ପ୍ରିୟାଂଶୀଙ୍କ ଗୋଡ ଉକ୍ତ ଡାଲି କଡେଇରେ ବାଜିଯାଇଥିଲା। ଫଳରେ ଡାଲି ଡେକଚିରୁ ଗରମ ପାଣି ଛିଟିକି ତାଙ୍କ ଶରୀର ବିଭିନ୍ନ ଅଂଶରେ ପଡ଼ି ପୋଟକା ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ଏବେ ମଧ୍ୟ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡିଛି।

କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଙ୍ଗଲ ଶ୍ରମିକ, କେନ୍ଦୁପତ୍ର ତୋଳାଳି ଏବଂ ଅନ୍ୟମାନେ।

# ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳସ୍ଥିତ କଲ୍ୟାଣ ମଣ୍ଡପଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଆନୁକୂଲ୍ୟରେ ଜଙ୍ଗଲ ଶ୍ରମିକମାନଙ୍କ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରରେ ଦେବଗଡ଼ ଜିଲାର ଶତାଧିକ ଜଙ୍ଗଲ ଶ୍ରମିକ, କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀ ଉପସ୍ଥିତ ଥିଲେ। ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ କୁମାର ମହାନ୍ତି ପ୍ରାରମ୍ଭରେ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଓଡିଶା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଜଙ୍ଗଲ ସଚିବ ସତ୍ୟବ୍ରତ ସାହୁ, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଦେବିଦତ୍ତ ବିଶ୍ୱାଳଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ବୈଠକ କରାଯାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କଥା ଏବଂ ଏ ଦିଗରେ ସରକାର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିବା ପ୍ରକାଶ କରିଥିଲେ। ସଦସ୍ୟତା ସଂଗ୍ରହ, ସଙ୍ଗଠନ ସୁଦୃଢ କରିବା ସହ ଜଙ୍ଗଲ ଶ୍ରମିକ, କେନ୍ଦୁପତ୍ର ତୋଳାଳି ଓ ଋତୁକାଳୀନ କର୍ମଚାରୀମାନଙ୍କୁ ସଙ୍ଗଠିତ ହୋଇ ସଂଘ ଆହୁରି ସୁଦୃଢ କରିବା

- କେନ୍ଦୁପତ୍ର ତୋଳାଳି, କର୍ମଚାରୀଙ୍କ ବିଭିନ୍ନ ସାମାଜିକ ଯୋଜନା ଉପରେ ଆଲୋଚନା
- ଜଙ୍ଗଲ ଶ୍ରମିକମାନଙ୍କ ପ୍ରଶିକ୍ଷଣ ଶିବିର

ପାଇଁ ରାଜ୍ୟ ସମ୍ପାଦକ ମହମ୍ମଦ ମୁର୍ତ୍ତୁଜା ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜଙ୍ଗଲ ଶ୍ରମିକମାନଙ୍କ ଅଧିକାର, ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା। ବିଶେଷ ଭାବେ କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀମାନଙ୍କ ପାଇଁ ହୋଇଥିବା ବିଭିନ୍ନ ସାମାଜିକ ଯୋଜନା ମଧ୍ୟରେ ମୃତ୍ୟୁକାଳୀନ ସହାୟତା, କନ୍ୟାବିବାହ ସହାୟତା, ସର୍ବନିମ୍ନ ମଜୁରୀ ଅନୁଯାଇ ଦରମା ବୃଦ୍ଧି, ବୋନସ ସହାୟତା, ଛାତ୍ର ବୃତ୍ତି ଓ ଚିକିତ୍ସା ସହାୟତା, କାର୍ଯ୍ୟ ଦିବସ ବୃଦ୍ଧି, ଘରୋଇ କରଣ ବିରୋଧରେ ସଂଗ୍ରାମ ପାଇଁ ପ୍ରସ୍ତୁତି, ୬୦ ବର୍ଷରୁ ୬୨ ବର୍ଷ ପର୍ଯ୍ୟନ୍ତ ସାମାଜିକ ସୁରକ୍ଷାରେ ଅନ୍ତର୍ଭୁକ୍ତ ପାଇଁ ହୋଇଥିବା ବିଭିନ୍ନ ଯୋଜନା ବିଷୟରେ ପୂର୍ବତନ କେନ୍ଦୁପତ୍ର ଉନ୍ନୟନ ବୋର୍ଡ ଉପଦେଷ୍ଟା ସଞ୍ଜିତ ମହାନ୍ତି ଆଲୋଚନା କରିଥିଲେ।

# ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା

ଝାରସୁଗୁଡ଼ା,୧୭।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ-୨୦୨୪ ସ୍ଥାନୀୟ ଟାଉନ ହାଇସ୍କୁଲଠାରେ ମଙ୍ଗଳବାର ସକାଳ ୯ଟାରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ସରକାରୀ ଟାଉନ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଜିଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡତିଆ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା, କୋଲାବିରା ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଲଇକେରା ଗୋଷ୍ଠୀ ଶିକ୍ଷାଧିକାରୀ ତନ୍ମୟୀ ଶୁଭଶ୍ରୀ ପିଙ୍ଗ, ଲଖନପୁର ଗୋଷ୍ଠୀ ଶିକ୍ଷାଧିକାରୀ ସଂଯୁକ୍ତା ପଟ୍ଟଯୋଶୀ, ଜିଲା ବିଜ୍ଞାନ ନିରୀକ୍ଷକ ନିରୋଜ କୁମାର ପଟେଲ ଏବଂ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅନୀଲ କୁମାର ପଟେଲ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଓ ମ୍ୟୁନିସିପାଲିଟିସ୍ତରରୁ ଚୟନ ୩୫ଜଣ ବାଲ୍ ବୈଜ୍ଞାନିକ ଓ ତାଙ୍କ ମାର୍ଗଦର୍ଶକମାନେ ଉପସ୍ଥିତ ଥିଲେ ଏବଂ ନିଜର ପ୍ରକଳ୍ପଗୁଡ଼ିକ ପ୍ରଦର୍ଶନ କରିଥିଲେ । ଏହାର ନିରୀକ୍ଷଣ ତଥା ବିଚାର କରିବା ନିମନ୍ତେ

କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

ଝାରସୁଗୁଡ଼ାର ବିଭିନ୍ନ ମହାବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତାଙ୍କ ଉପସ୍ଥିତିରେ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରାଯାଇଥିଲା। ପ୍ରକଳ୍ପଗୁଡ଼ିକୁ ରାଜେଶ ମେହେର, ଅଲେଖ ଦ୍ୱିବେଦୀ, ସୁଶାନ୍ତ କୁମାର ରଥ, ରୋଜିସ୍ମିତା ମାଝି ପ୍ରମୁଖ ନିରୀକ୍ଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ଟଙ୍କଧର ତ୍ରିପାଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ କିପରି ଆହୁରି ଉନ୍ନତି କରିବେ ଏବଂ ଦୁନିଆରେ ଏକ ନୂତନ ଦିଗ ସୃଷ୍ଟି କରିବେ ସେ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଦୀପ୍ତ କୁମାର ସା, ସଭାପତି ଭାବେ ଜିଲା ଶିକ୍ଷାଧିକାରୀ ଡ. ରାଧାକାନ୍ତ ଗଡତିଆ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଘୁଟା ପ୍ରମୁଖ ଅତିଥି ଉପସ୍ଥିତ ଥିଲେ।

## ବୃକ୍ଷରୋପଣ ପାଇଁ ଓପିଜିସି ପୁରସ୍କୃତ

ଝାରସୁଗୁଡ଼ା,୧୭।୧୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ବୃକ୍ଷରୋପଣ ପାଇଁ ତଥା ଜିଲାରେ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓପିଜିସିକୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଓପିଜିସିକୁ ବୃକ୍ଷ ରୋପଣ ତଥା ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବାରୁ ପ୍ରଶଂସା କରିଥିଲେ। ଜିଲାପାଳ ଆବୋଲି ସୁନୀଲ ନରୱଣେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଙ୍ଗ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଙ୍କ ସମେତ ଜିଲା ପରିବେଶ ସୁରକ୍ଷା ସମିତି ସଦସ୍ୟ ତ୍ରିନାଥ ଗୁଆଳ, ତାପସ ରାୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଓପିଜିସି ସମୁଦାୟ କ୍ଷେତ୍ରରେ ୩୪. ୮୬ ପ୍ରତିଶତ ସବୁଜ ବନାନୀ ସୃଷ୍ଟି କରିଛି।

# ଜବାହର ନବୋଦୟ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉତ୍ସବରେ ଅଘଟଣ

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସୁନାମୁଣ୍ଡାସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବରେ ଅଘଟଣ ଘଟିଛି। କ୍ରୀଡ଼ାରେ ଡିସ୍କସ ଥ୍ରୁ ବେଳେ ଏହା ବାଜି ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଆହତ ହୋଇଛନ୍ତି। ତାଙ୍କ ମୁହଁରେ ଆଘାତ ଲାଗିଛି। ଆହତ ଛାତ୍ର ଜଣକ ଚୌଧୁରୀ କିଷାନଙ୍କ ପୁଅ ଦୀପଙ୍କର (୧୧) ଓ ତାଙ୍କର ଘର ବଳମ ଗ୍ରାମ ପଞ୍ଚାୟତ ନୂଆଁଗାଁ ଗରାମରେ। ସୂଚନା ଅନୁଯାୟୀ, ମଙ୍ଗଳବାର ସୁନାମୁଣ୍ଡାସ୍ଥିତ ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ

### ଡିସ୍କସ୍ ବାଜି ଷଷ୍ଠ ଶ୍ରେଣୀ ଛାତ୍ର ଆହତ

ବାର୍ଷିକ କ୍ରୀଡ଼ା ଉତ୍ସବରେ ଡିସ୍କସ ଥ୍ରୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ଏହି ସମୟରେ ଅସାବଧାନତା ବସତଃ ଦୀପଙ୍କର ସାମ୍ନାକୁ ଧାଇଁ ଆସିବାରୁ ଡିସ୍କ୍ସଟି ତାଙ୍କ ମୁହଁରେ ବାଜିବା ସହ ସେ ତଳେ ପଡି ଆହତ ହୋଇଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ଏବେ ମଧ୍ୟ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡିଛି।

## ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ବୈଠକ

ବୈଠକରେ ଆଲୋଚନା କରାଯାଉଛି।

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଏକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରତିଷ୍ଠାନ ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ କାର୍ଯ୍ୟକ୍ରମ ଆୟୋଜନ ଉଦ୍ଦେଶ୍ୟ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ନିବେଦିତା ବେହେରା ପୂର୍ବ ବୈଠକର ବିଷୟ ବସ୍ତୁର ପୁନରାବୃତ୍ତି କରିଥିବା ବେଳେ ଅନିମା ତିର୍କି ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର ଓ ମୌଳିକ ସାକ୍ଷରତା ସମ୍ପର୍କିତ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବରିଷ୍ଠ ପ୍ରଶିକ୍ଷିକା ମନ୍ଦାକିନୀ ଟୁଡୁ ମୌଳିକ ସଂଖ୍ୟା ଜ୍ଞାନ ସମ୍ପର୍କୀତ ସୂଚନା ପ୍ରଦାନ କରିଥିବା ବେଳେ ପ୍ରଶିକ୍ଷକ ଗୁରୁଚରଣ ବଦ୍ରା ନିପୁଣ ମେଳା ଓ ଜ୍ଞାନ ନିର୍ଦ୍ଧାରଣ ଟ୍ରାକର୍ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ବୈଠକରେ ଜିଲା ୫୦ଜଣ ସିଆର୍‌ସିସି ଉପସ୍ଥିତ ଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।

# କଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା, ସାଂସ୍କୃତିକ ଉତ୍ସବ

କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଲା ଗ୍ରାମପଞ୍ଚାୟତ ସଦର ମହକୁମାସ୍ଥିତ କଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ସାଂସ୍କୃତିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ପ୍ରଭାସ କୁମାର ପ୍ରଧାନ ଶିକ୍ଷକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଦେବଗଡ଼ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦବୋଧନ ଦେବାସହ ସେମାନେ କିଭଳି ଜଣେ ଜଣେ ସୁନାଗରିକ ହୋଇପାରିବେ ସେ ସମ୍ପର୍କରେ ବିଭିନ୍ନ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ବାଳକ ବିଭାଗରେ ଚାମ୍ପିୟନ ହୋଇଥିବା ଡେଙ୍ଗି ରୋଷନ ବାଙ୍କିରା ଓ ବାଳିକା ବିଭାଗରେ ଚାମ୍ପିୟନ କୁମାରୀ ପ୍ରଜ୍ଞା ଖିଲାରଙ୍କୁ ମୁଖ୍ୟଅତିଥି ତଥା ଜିଲାପାଳ ସାହୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ପ୍ରତିଷ୍ଠାତରା ସଦସ୍ୟମାନେ ଉପସ୍ଥିତ ରହି ଛାତ୍ରୀଛାତ୍ର ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ପ୍ରାଧ୍ୟାପିକା ଅରୁଣ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅନୁଷ୍ଠାନ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କାଳିଆପାଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ଦେବଗଡ଼,୧୭।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କାଳିଆପାଳ ଆଶ୍ରମ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଉତରାୟ ମୁଣ୍ଡା ଓ ସମ୍ମାନିତ

ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଅତିଥି ଭାବେ କାଳିଆପାଳ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଅମିତ କୁମାର ସାହୁ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିବା ସହ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ଦୌଡକୁଦ ସମେତ ଲମ୍ବଡିଆଁ ଓ ଉଚ୍ଚ ଡିଆଁ, ମ୍ୟୁଜିକ ଚେୟାର, ପୁଚି ଖେଳ, ବ୍ୟାଡମିଣ୍ଟନ, ସଟର୍ଟପୁଟ ଥ୍ରୋ ଓ କବାଡ଼ି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବ ପରିଚାଳନାରେ ଶିକ୍ଷକ ଶୁକଦେବ ବାଙ୍କିରା, ହରିହର ସାହୁ, ତପନ କୁମାର ପ୍ରଧାନ ଓ ଚିତ୍ତରଞ୍ଜନ ମୁଣ୍ଡା ସକ୍ରିୟ ସହଯୋଗ କରିଥିଲେ।

# ଝାରସୁଗୁଡ଼ା ପ୍ରୋଗ୍ରେସିଭ ଏକାଡେମୀକୁ ଟାଇଟଲ

ଝାରସୁଗୁଡ଼ା,୧୭।୧୨(ଆଶିଷ ରଞ୍

# ମହଲାଇ ପ୍ୟାକ୍ସ ଆଗରେ ଚାଷୀଙ୍କ ବିକ୍ଷୋଭ

**ଦେଓଗାଁ, ୧୭।୧୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ଦେଓଗାଁ ବ୍ଲକ ମହଲାଇ ପ୍ୟାକ୍ସରେ ଚାଷୀମାନେ ଧାନକ୍ରୟ ଦାବି ନେଇ ବିକ୍ଷୋଭ କରୁଛନ୍ତି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ପ୍ରାୟ ୧୫ଟି ଧାନମଣ୍ଡି ଉଦ୍‌ଘାଟିତ ହୋଇଥିବା ବେଳେ ପ୍ରାୟତଃ ମଣ୍ଡିରେ ଧାନକ୍ରୟ ହୋଇ ପାରୁନାହିଁ । ଫଳରେ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏପରି କି ଚାଷୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବାର ଦେଖିବାକୁ ମିଳିଛି । ବ୍ଲକର ମହଲାଇ ପ୍ୟାକ୍ସରେ ଚାଷୀମାନେ ଆଜକୁ ୧୬ଦିନ ହେଲା ଧାନ ଆଣି ପକାଇ ରଖିଥିବା ବେଳେ ପ୍ୟାକ୍ସ କର୍ତ୍ତୃପକ୍ଷ ଧାନକ୍ରୟ ନ କରିବାରୁ ମଙ୍ଗଳବାର ଚାଷୀମାନେ ପ୍ୟାକ୍ସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ତୁରନ୍ତ ଧାନକ୍ରୟ କରା ନ ଗଲେ ରାସ୍ତା ଅବରୋଧ କରିବାକୁ ବାଧ୍ୟହେବୁ ବୋଲି ଅଞ୍ଚଳର ଚାଷୀମାନେ ଚେତାବନୀ ଦେଇଛନ୍ତି । ଚାଷୀଙ୍କ ଧାନର ମାନ ଏଫଏକ୍ୟୁ ନ ଥିବା ଦର୍ଶାଇ ମିଲର୍ସ ଧାନ ନେବା ପାଇଁ ଅରାଜି ହେଉଥିବା ବେଳେ ଚାଷୀ ଓ ମିଲର୍ସଙ୍କ ମଧ୍ୟରେ କଟନୀ ଛଟନୀ ଛିଣ୍ଡୁ ନ ଥିବା ଆଲୋଚନାର ବିଷୟ ହୋଇଛି । ବିଗତ ବର୍ଷଗୁଡିକ ପରି ପ୍ୟାକ୍ସ ଧାନ କିଣିଲେ ଚାଷୀ ଉପକୃତ ହୋଇପାରିବେ ବୋଲି କୁହାଯାଉଛି । ତେବେ ପ୍ୟାକ୍ସ କର୍ତ୍ତୃପକ୍ଷ, ମିଲର୍ସ ଓ ପ୍ରଶାସନର କୌଣସି ତାଲମେଳ ରହୁ ନ ଥିବା ଯୋଗୁ ଧାନକିଣାରେ ଆହେତୁକ ବିଳମ୍ବ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏନେଇ ଏସିଏସଓ ଶରତ କୁମାର ରାଉତଙ୍କୁ ପଚାରିବାରେ ଧାନକିଣା ବିଳମ୍ବକୁ ସ୍ୱୀକାର କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ମଣ୍ଡି ସ୍ୱାଭାବିକ କରାଯିବ ବୋଲି କହିଛନ୍ତି । ସେହିପରି ପ୍ୟାକ୍ସ ସମ୍ପାଦକ କାମାକ୍ଷା ସାହୁଙ୍କୁ ପଚାରିବାରେ ମିଲର୍ସମାନେ ଧାନ ନେବା ପାଇଁ ସବୁଜ ସଙ୍କେତ ଦେଉ ନ ଥିବାରୁ ଆମେ ଧାନ କିଣିପାରୁନାହୁଁ ବୋଲି କହିଥିଲେ । ଭିଜିଟିଙ୍ଗ ଅଫିସର ତଥା ଏବିଡିଓ ପୁଷ୍ପାଞ୍ଜଳୀ ନାଏକଙ୍କୁ ପଚାରିବାରେ ପ୍ରତ୍ୟେକ ପ୍ୟାକ୍ସକୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ଦିଆ ସରିଛି । ସେମାନେ ଚାଷୀ ଙ୍କଠାରୁ ଧାନକିଣା ଆରମ୍ଭ କରିବା କଥା ବୋଲି କହିଥିଲେ । ଏଥିପ୍ରତି ଜିଲାପାଳ ଦୃଷ୍ଟିଦେଇ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି ।

- ମିଲର-ପ୍ୟାକ୍ସ-ପ୍ରଶାସନର ରହୁନି ତାଲମେଳ
- ଆନ୍ଦୋଳନ ପାଇଁ ଚେତାବନୀ

## ବସ୍‌ଷ୍ଟାଣ୍ଡରୁ ଦାଦନ ଶ୍ରମିକ ଉଦ୍ଧାର

**ଲାଠୋର, ୧୭।୧୨ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଲାଠୋର ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କରିବା ବେଳେ ୬ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରଛି । ଏହି ଘଟଣାରେ ଗଣ୍ଡାରାମ ନିଆଲ ନାମକ ଜଣେ ଦଲାଲଙ୍କୁ ଗିରଫ କରାଯାଇଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ନୂଆପଡ଼ା ଜିଲା କୋମନା ଥାନା ଅଧୀନ ସେମେଲପାଲି ଗ୍ରାମର ଦଲାଲ ଗଣ୍ଡାରାମ କୋମନା ଅଞ୍ଚଳର ଅଗ୍ରେନ ଗ୍ରାମର ୩ ମହିଳା ଏବଂ ୩ ପୁରୁଷ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ହରିଶଙ୍କର ରୋଡ ରେଳଷ୍ଟେଶନକୁ ଆଣୁଥିବା ବେଳେ ଲାଠୋର ବସଷ୍ଟାଣ୍ଡ ନିକଟରେ ଧରା ପଡ଼ିଥିଲେ । ତେବେ ରାଜ୍ୟ ବାହାରକୁ ଚାଲାଣ ନେଇ ଆବଶ୍ୟକ କାଗଜପତ୍ର ନ ଥିବା ହେତୁ ସମସ୍ତଙ୍କୁ ଥାନାକୁ ଆଣି ପୋଲିସ ପଚରାଉଚରା କରିଥିଲା । ପରେ ଦଲାଲଙ୍କ ବିରୋଧରେ ଲାଠୋର ଥାନାରେ ଏକ ମାମଲା (୨୬୭/୨୪)ରୁଜୁ କରି ଶ୍ରମିକମାନଙ୍କୁ ଛାଡି ଦେଇଥିବା ଜଣାଯାଇଛି । ଗଣ୍ଡାରାମଙ୍କୁ ପାଟଣାଗଡ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରାକେଶ ବେହେରା ସୂଚନା ଦେଇଛନ୍ତି ।

ଲାଠୋର ପୋଲିସ ଦ୍ୱାରା ଉଦ୍ଧାର ଶ୍ରମିକ ।

## ସଂକ୍ଷେପରେ

### ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସଇଁତଲା, ୧୭।୧୨ (ରାଖାଲ ପ୍ରସାଦ ଶତପଥି)**

ସଇଁତଲା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ବଲାଙ୍ଗୀର ଜିଲାପାଳ ଗୌରବ ଶିବାଜୀ ଇସାଲୱର ଓ ଜିଲା ଆରକ୍ଷୀ ଅଧୀକ୍ଷକ ରଷିକେଶ ଖିଲାରିଙ୍କ ଉପସ୍ଥିତିରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସମୁଦାୟ ୮୨ ଗୋଟି ଅଭିଯୋଗ ହୋଇଥିବା ବେଳେ ତନ୍ମଧ୍ୟରୁ ୬୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ଓ ୨୧ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ଅଭିଯୋଗର ଶୁଣାଣି କରିବା ସହ ୧୭ ଗୋଟି ମାମଲାର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ଅଭିଯୋଗଗୁଡ଼ିକୁ ସଂପୃକ୍ତ ବିଭାଗର ଅଧିକାରୀମାନେ ତୁରନ୍ତ ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର, ଟିଟିଲାଗଡ଼ ଉପ-ଜିଲାପାଳ ରେହାନ ଖେତ୍ରୀ, ସଇଁତଲା ବିଡ଼ିଓ ବିନୟ କୁମାର ଭୋଇ, ଅତିରିକ୍ତ ଜିଲାପାଳ (ସାଧାରଣ ଓ ବିବିଧ) ରାମ ନାରାୟଣ ମିଶ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତା, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଉଦ୍ୟାନ କୃଷି ବିଭାଗର ଉପ-ନିର୍ଦ୍ଦେଶକ ପ୍ରଫୁଲ୍ଲ ଭଞ୍ଜ ତଥା ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ବଲାଙ୍ଗୀର ବ୍ରାହ୍ମଣ ମହାସଭା ବୈଠକ

**ବଲାଙ୍ଗୀର, ୧୭।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟ ନରସିଂହ ମନ୍ଦିର ପରିସରରେ ବଲାଙ୍ଗୀର ବ୍ରାହ୍ମଣ ମହାସଭା ବୈଠକ ସଭାପତି ଧନଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବ୍ରାହ୍ମଣ ମହାସଭାର ବରିଷ୍ଠ ସଭ୍ୟ ସ୍ୱର୍ଗତ ଅର୍ନ୍ତଯାମୀ ପାଣିଗ୍ରାହୀଙ୍କ ବିୟୋଗରେ ତାଙ୍କ ଅମର ଆତ୍ମାର ସଦ୍‌ଗତିନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ମହାସଭା ସମ୍ପାଦକ ଆଇନଜୀବୀ ଜୟରାମ ମିଶ୍ର ଗତ ବୈଠକର ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ପର୍ଶୁରାମ ନାୟକ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିଲେ । ସଭାପତି ଧନଞ୍ଜୟ ମିଶ୍ର ତାଙ୍କ ବ୍ୟକ୍ତିଗତ ସମସ୍ୟା ଦର୍ଶାଇ ସଭାପତି ପଦରୁ ଇସ୍ତଫା ପତ୍ର ଦେଇଥିବା ସମ୍ପାଦକ ମିଶ୍ର ସୂଚନା ଦେଇଥିଲେ । ସଭାରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବା ପରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇ ସଭାପତିଙ୍କ ଇସ୍ତଫା ପତ୍ର ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି । ଉପସଭାପତି ଗୋପବନ୍ଧୁ ପୁରୋହିତ ବର୍ତ୍ତମାନ କମିଟିର କାର୍ଯ୍ୟକାଳ ଶେଷ ପର୍ଯ୍ୟନ୍ତ ଭାରପ୍ରାପ୍ତ ସଭାପତି ରୂପେ ବ୍ରାହ୍ମଣ ମହାସଭାର କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ଜିଲା ବ୍ରାହ୍ମଣ ମହାସଭାର କର୍ମକର୍ତ୍ତା, କାର୍ଯ୍ୟକାରୀ ସଭ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଚୋରା ଚାଲାଣ ବେଳେ ଖଇର କାଠ ବୋଝେଇ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ

ଦୁର୍ଘଟଣାଗ୍ରସ୍ତ ଖଇର କାଠ ବୋଝେଇ ଭ୍ୟାନ୍ ।

**ଲୋଇସିଂହା, ୧୭।୧୨ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଫଲସାମାଲ ଓ ସାନଝାଙ୍କରପାଲି ନିକଟରେ ଏକ ଖଇର କାଠ ବୋଝେଇ ୪୦୭ ଭ୍ୟାନ୍ ସୋମବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି । ଖବର ପାଇ ବଲାଙ୍ଗୀର ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋଇସିଂହା ବନ ବିଭାଗକୁ ଏହି ମାମଲା ହସ୍ତାନ୍ତର କରିଛି । ଦୁର୍ଘଟଣଗ୍ରସ୍ତ ଭ୍ୟାନ୍ ଓ କାଠକୁ ଜବତ କରାଯାଇ ବନବିଭାଗ କାର୍ଯ୍ୟାଳୟକୁ ଆଣାଯାଇଛି । ଏହି ମାମଲାରେ କାହାରିକୁ ଗିରଫ କରାଯାଇନାହିଁ । କିଏ ଏବଂ କେଉଁଠୁ କେଉଁଠାକୁ ନେଉଥିଲେ ଏନେଇ ତଦନ୍ତ ଚାଲିଥିବା ସରଗାଡ ଫରେଷ୍ଟର ସମୀର ମହାପାତ୍ର କହିଛନ୍ତି । ଲୋଇସିଂହା ରେଞ୍ଜ ସରଗାଡ ଫରେଷ୍ଟ ସେକ୍ସନ ବୁଡି ଅଞ୍ଚଳରୁ ରୀତିମତ ଭାବେ ବିଭିନ୍ନ ଅଞ୍ଚଳକୁ ଖଇର କାଠ ଚୋରାଚାଲଣ ହୋଇଥାଏ । ବନ ବିଭାଗ ପକ୍ଷରୁ ବହୁବାର ଖଇରକାଠ ବୋଝେଇ ଗାଡି ଜବତ କରାଯାଇ ମାମଲା ରୁଜୁ ହୋଇଛି । ହେଲେ ସ୍ଥାନୀୟ ବନ ବିଭାଗକୁ ଚକମା ଦେଇ ଚାଲାଣକାରୀମାନେ ସୋମବାର ରାତିରେ ଏକ ୪୦୭ ଭ୍ୟାନ୍‌ରେ ଖଇରକାଠ ଜିଲା ତଥା ଜିଲା ବାହାରକୁ ଚୋରାଚାଲାଣ କରୁଥିଲେ । କିନ୍ତୁ ଲୋଇସିଂହା ବ୍ଲକ ଆଭ୍ୟନ୍ତରୀଣ ରତାଖଣ୍ଡି ପଞ୍ଚାୟତ ଫଲସାମାଲ ଓ ଉପରବାହାଲ ପଞ୍ଚାୟତ ସାନଝାଙ୍କରପାଲି ମଝିରେ କୌଣସି କାରଣରୁ ଭାରସାମ୍ୟ ହରାଇ ଖଇର କାଠ ବୋଝେଇ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ଉକ୍ତ ରାସ୍ତାରେ ଯିବା ବେଳେ ଜାଣିବାକୁ ପାଇଥିଲେ । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ବଲାଙ୍ଗର ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ହେଲେ ସେଠାରେ କେହି ଆହତ ବ୍ୟକ୍ତି କିମ୍ବା କାଠ ଚୋରାଚାଲାଣକାରୀ ନ ଥିଲେ । ଏହାପରେ ପୋଲିସ ସ୍ଥାନୀୟ ବନ ବିଭାଗକୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ । ଖବର ପାଇ ସ୍ଥାନୀୟ ଫରେଷ୍ଟର ଓ କର୍ମଚାରୀ ଘଟଣାସ୍ଥଳକୁ ଯାଇଥିଲେ । ଉକ୍ତ ଭ୍ୟାନ୍‌ରେ ପ୍ରାୟ ଅଢେଇ ଲକ୍ଷ ଟଙ୍କାର କାଠ ଚୋରାଚାଲାଣ ହେଉଥିବା ଜାଣିବାକୁ ମିଳିଛି । ରାତିରେ ହାତୀ ଘଉଡାଇବା ଦାୟିତ୍ୱରେ ଥିଲୁ । ଏଣୁ ଏହି ଘଟଣା ଜଣାପଡି ନ ଥିଲା । ପୋଲିସ ଆମକୁ ଏହି ମାମଲା ହସ୍ତାନ୍ତର କରିଛି ବୋଲି ଫରେଷ୍ଟର କହିଛନ୍ତି ।

## ବେଲପଡ଼ା ଜବାହର ନବୋଦୟ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ର ସମ୍ମିଳନୀ

**ବଲାଙ୍ଗୀର/ବେଲପଡା, ୧୭।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ମନୋଜ କୁମାର ମିଶ୍ର)**

ବେଲପଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ପଢିଥିବା ଛାତ୍ରୀଛାତ୍ରମାନେ ଯୋଗଦେଇ ନିଜର ସ୍କୁଲ ଦିନର ଅନୁଭୂତିକୁ ମନେ ପକାଇଥିଲେ । ମୁଖ୍ୟଅତିଥି ଭାବେ ନବୋଦୟ ସ୍କୁଲର ପୁରାତନ ଛାତ୍ର ତଥା ବଲାଙ୍ଗୀର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ବେଲପଡା ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ରାଜ ନାରାୟଣ ମେହେର ଯୋଗଦାନ କରିଥିଲେ । ଛାତ୍ରସଂଘ କାର୍ଯ୍ୟକାରୀ କମିଟିର ବାର୍ଷିକ ବୈଠକରେ ସନ୍ୟାସୀ ଶତପଥୀ ସଭାପତିତ୍ୱ କରିଥିଲେ । ସମ୍ପାଦକ ସୀତାରାମ ବେରିଆ, ଉପସଭାପତି ରମେଶ ଚନ୍ଦ୍ର ସାହୁ ବକ୍ତବ୍ୟ ରଖିଥିଲେ । ସୁଦୂର ସ୍ୱିଡେନରେ ଥିବା ବୈଜ୍ଞାନିକ କାଳୀଚରଣ ପାତ୍ର ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ପୁରାତନ ଛାତ୍ରୀ ଶୁଭାଶି ଦଣ୍ଡସେନା ଛାତ୍ରୀଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ ନବୋଦୟ ଆଲୁମନି ସଙ୍ଗଠନ ସଭାପତି ଆଶାଭାନୁ ସ୍ୱାଇଁ ଏବଂ ସମ୍ପାଦକ ସରୋଜ ବାଗ ଉପସ୍ଥିତ ଥିଲେ । ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ପୁରାତନ ଛାତ୍ର କଣ୍ଠଶିଳ୍ପୀ ଆଶିଷ କୁମ୍ଭାର ଓ ସଙ୍ଗୀତ ନିର୍ଦ୍ଦେଶକ ଜନକ ସେଠ ସଙ୍ଗୀତ ପରିବେଷଣ କରିଥିଲେ । ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ଶାନ୍ତନୁ କୁମାର ସାହୁ ଓ ରମେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ ।

## ୨୩ ଦିନରେ ପହଞ୍ଚିଲା ଗଣଧାରଣା

**ଖପ୍ରାଖୋଲ, ୧୭।୧୨ (ଅଭୟ ତ୍ରିପାଠୀ)**

- ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବି
- ସାମିଲ ହେଲା ହରିଶଙ୍କର ବଣିକ ସଂଘ

ଗନ୍ଧମାର୍ଦ୍ଦନ ପାହାଡ଼ର ସ୍ଥାୟୀ ସୁରକ୍ଷା ଦାବିରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଗଣଧାରଣା ମଙ୍ଗଳବାର ୨୩ ଦିନରେ ପହଞ୍ଚିଛି । ଏହି ଆନ୍ଦୋଳନକୁ ପରିବେଶପ୍ରେମୀ ସମର୍ଥନ ଜଣାଇ ଆସୁଛନ୍ତି । ମଙ୍ଗଳବାର ହରିଶଙ୍କର ବଣିକ ସଂଘ ଦୋକାନ ବଜାର ବନ୍ଦ କରି ସମର୍ଥନ ଜଣାଇଛନ୍ତି । ଏହି ଅବସରରେ ବଣିକ ସଂଘ ସଭାପତି ପଞ୍ଚମ ପ୍ରଧାନ ଓ ସମ୍ପାଦକ ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ସଂଘ ସଦସ୍ୟା ସଦସ୍ୟ ଓ ମହିଳା ପୁରୁଷ ସ୍ଥାନୀୟ ପେଟ୍ରୋଲ ପମ୍ପ ଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରା ରେ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଗଣଧାରଣା ସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ । ଏହି ଅବସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ଜୟ ସିଂ ପୂଝାରୀ, ଟିକେନ୍ଦ୍ର ଜାଲ, ସୁଶିଲ ନାଏକ, ଏଲଡିଏ ପ୍ରତିଷ୍ଠାତା ଲବ ସୁନା, ସୁଶିଲ ଗୁରୁ, କ୍ଷମା ନିଧି ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

ଗଣଧାରଣାରେ ସାମିଲ ହରିଶଙ୍କର ବଣିକ ସଂଘ ସଦସ୍ୟ ।

## ରକ୍ତଦାନ ଶିବିର: ୭୫ ୟୁନିଟ୍ ରକ୍ତ ସଂଗ୍ରହ

**କଣ୍ଟାବାଞ୍ଜି, ୧୭।୧୨ (ଗୁରୁ ଦୟାଲ ହଂସ)**

ଓଡିଶା ପ୍ରାନ୍ତୀୟ ମାରୱାଡି ଯୁବା ମଞ୍ଚ ଡାକରାରେ ରାଜ୍ୟର ପ୍ରତ୍ୟେକ ଶାଖା ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯାଉଛି । ସୋମବାର କଣ୍ଟାବାଞ୍ଜି ମାରୱାଡି ଯୁବା ମଞ୍ଚ ବିକାଶ ଶାଖା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ହରିଭବନଠାରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ । ଶିବିରରେ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଶିବିର ସଂଯୋଜକ ମନୀଷ ଜୈନ, ସହ-ସଂଯୋଜକ ଆଶିଷ ଖୈତାନ, ସୁମିତ ଜୈନ, ନାରାୟଣ ଜିନ୍ଦଲ, ଆଦିତ୍ୟ ଅଗ୍ରୱାଲ ଥିବା ବେଳେ ଯୁବା ମଞ୍ଚ ବିକାଶ ଶାଖା ସଭାପତି ଅଜୟ ଅଗ୍ରୱାଲ, ସମ୍ପାଦକ ହେମନ୍ତ ଅଗ୍ରୱାଲ, ସଦସ୍ୟ ଅନୁପ ଜୈନ, ମୟଙ୍କ ଜୈନ, ବାବେଶ ଅଗ୍ରୱାଲ, ବଜରଙ୍ଗ ଜିନ୍ଦଲ, ଦୀପକ ଜୈନ, କୈଲାଶ ଜୈନଙ୍କ ସମେତ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ । କଣ୍ଟାବାଞ୍ଜି ଏଚ.ଡି.ଏଫ.ସି ବ୍ୟାଙ୍କ ମଧ୍ୟ ଏହି ଶିବିରରେ ସହ ସଂଯୋଜକ ଭାବେ ସହଯୋଗ କରିଥିଲେ ।

## ପଞ୍ଚମ ଶୁଲିଆ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

**ଦେଓଗାଁ, ୧୭।୧୨ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଖଇରଗୁରା ଶୁଲିଆପଦା ନିକଟରେ ପଞ୍ଚମ ଶୁଲିଆ ମହୋତ୍ସବ ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତି କ୍ରମେ ଆସନ୍ତା ଜାନୁଆରୀ ୫,୬ ଓ ୭ ତାରିଖ ୩ ଦିନ ଧରି ମହୋତ୍ସବ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଆଦିବାସୀ ସଂଘ ଜିଲା ସଭାପତି ସତ୍ୟ ନାରାୟଣ ଭୋଇ, ସୋମନାଥ ଦେହେରିଆ, ହରିହର ଝାଙ୍କର, ନିରଞ୍ଜନ କୁଅଁର, ଯୁବନେତା ଶୈଳେନ୍ଦ୍ର କୁମାର ସାହୁ, ବେଣୁଧର ସିଂ, ପରମେଶ୍ୱର ରାଉତ, ଜୟ ରଣା, ଦୁଷ୍ମନ୍ତ ସାହୁ, ଗୋପୀନାଥ ନାଗ, ରୁପାଧର ପୁଟା ପ୍ରମୁଖ ଯୋଗଦେଇ ମହୋତ୍ସବ ପରିଚାଳନା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ କମିଟି ଗଠନ କରାଯାଇଥିଲା । ବୈଠକରେ କୁଲୁତାପଡା, ମକୁନ୍ଦପୁର, ଅର୍ଜୁନପୁର, ମହଲାଇ, ବଡବାହାଲ, ଗୌରଗୋଠ, ଉପରଝର, ଗୁଡଖାପଲା ତଥା ସୋନପୁର ଜିଲାର ବାଲିଖମାର ଓ ଚାରଭଟା ପଞ୍ଚାୟତର ସଦସ୍ୟମାନେ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ ।

ପ୍ରସ୍ତୁତି ବୈଠକରେ ସଦସ୍ୟମାନେ ।

## 'ଶିଶୁ ଦେଶର ଅମୂଲ୍ୟ ସମ୍ପଦ'

**ବଲାଙ୍ଗୀର, ୧୭।୧୨ (ବୀରେନ୍ଦ୍ର କୁମାର ଝାଙ୍କର)**

କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ।

### ପୁଇଁତଲା ବ୍ଲକସ୍ତରୀୟ ଓଷ୍ଟା ଶିଶୁମେଳା ଉଦ୍‌ଯାପିତ

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବୈରାସର (ଅର୍ଜୁନ୍ଧା)ସ୍ଥିତ ପଞ୍ଚାୟତ ହାଇସ୍କୁଲଠାରେ ମଙ୍ଗଳବାର ବ୍ଲକସ୍ତରୀୟ

**ବିନିକାରେ ହାଡ଼ଭଙ୍ଗା ଶୀତ**

ବିନିକା,(ରାମ ଗୋପାଳ ବାଘ ): ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଗତ କିଛିଦିନ ହେଲା ହାଡ଼ ଭଙ୍ଗା ଶୀତ ଲାଗି ରହିଛି । ସନ୍ଧ୍ୟା ୬ ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଶୀତ ଲହରି ଅନୁଭୂତ ହେଉଛି। ପାରଦ ଖସୁଥିବାରୁ ପ୍ରବଳ ଶୀତରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବୃଦ୍ଧାବୃଦ୍ଧମାନେ ସ୍ଥାନେସ୍ଥାନେ ନିଆଁ ଜାଳିବା କୟଳ ଘୋଡାଇ ରହିବାର ଦେଖିବାକୁ ମିଳୁଛି । ସନ୍ଧ୍ୟା ହେଲେ ଆଗକୁ ଆଉ ଦେଖା ଯାଉନି ଯାହା ଫଳରେ ଲୋକେ ଘରେ ରହିବାକୁ ବାଧ ହେଉଛନ୍ତି ।

# ମହିଳା ଲୋକ ପ୍ରତିନିଧି ବିକାଶର ବାର୍ତ୍ତାବହ

ସୋନପୁର,୧୭।୧୨(ମୃତ୍ୟୁଞ୍ଜୟ ଶତପଥୀ)

ମିଳିତ ବୈଠକରେ ଜିଲାସ୍ତରୀୟ ଅଧିକାରୀ ଓ ଅଲିଭା ମହାସଂଘର କର୍ମକର୍ତ୍ତା ।

## ଜିଲାସ୍ତରୀୟ ଅଧିକାରୀ, ଅଲିଭା ମହାସଂଘ ବୈଠକ

ସୁବର୍ଣ୍ଣପୁର ଜିଲାସ୍ତରୀୟ ଅଧିକାରୀ ଓ ତରଭା ବ୍ଲକ ଅଲିଭା ମହାସଂଘର ମିଳିତ ବୈଠକ ଟାଉନ ହଲରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧିକାରୀଙ୍କ ସହିତ ମହିଳା ସରପଞ୍ଚ ଓ ୱାର୍ଡ ସଭ୍ୟମାନେ ମତ ବିନିମୟ କରିଥିଲେ। ଦି ହଙ୍ଗର ପ୍ରୋଜେକ୍ଟ ପକ୍ଷରୁ ତରଭା ବ୍ଲକ ୧୫ ପଞ୍ଚାୟତର ମହିଳା ଲୋକ ପ୍ରତିନିଧିମାନଙ୍କୁ ନେଇ ଅଲିଭା ମହାସଂଘ ଗଠନ ହୋଇଛି। ଜିଲା ପରିଷଦ ଅଧକ୍ଷା ସୁପାର ଠେଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ କୌଣସି ଗୁଣରେ କମ ନୁହନ୍ତି। ତୃଣମୂଳସ୍ତରରେ କାମ କରୁଥିବା ମହିଳା ଲୋକ ପ୍ରତିନିଧି ମାନେ ହିଁ ବିକାଶର ବାର୍ତ୍ତାବହ। ସେମାନେ ସଚେତନ ହେଲେ ସରକାରୀ ଯୋଜନାର ସଫଳ ରୂପାୟନ ସହ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଠେଲା କହିଥିଲେ। ସମ୍ମାନିତ ଅତିଥିଭାବେ ପୋଲିସ ଡିଏସ୍‌ପି ରେଣୁକା ସୁନା ଯୋଗଦାନ କରି ମହିଳା ହିଂସାରେ ପୀଡିତା ମାନଙ୍କ ପାଇଁ ଥିବା ଆଇନ ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ନାରୀ ସୁରକ୍ଷା, ଶିଶୁ ସୁରକ୍ଷା ଓ ହିଂସା ଉପରେ ସୂଚନା ଦେଇଥିଲେ। ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସୁରକ୍ଷା ଅଧିକାରୀ ଅନିତା ଗୁରୁ ମହିଳା ଶିଶୁ ବିକାଶ ମାଧ୍ୟମରେ ପ୍ରତିଷେଧକ ଟୀକା ପ୍ରଦାନ ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଶିଶୁ ଅଧିକାର, ସରକାରଙ୍କ ମିଶନ ବାତ୍ସଲ୍ୟ, ଆଶୀର୍ବାଦ ଯୋଜନା ଓ ଶିଶୁ ଅନୁକୂଳ କାର୍ଯ୍ୟକ୍ରମ ଓ ପଞ୍ଚାୟତ ଜନପ୍ରତିନିଧି ମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ତରଭା ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତର ମହିଳା ଲୋକ ପ୍ରତିନିଧି ପଞ୍ଚାୟତ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଶିଶୁ ମଙ୍ଗଳ ସମିତି ଅଧକ୍ଷ ଶଙ୍କର୍ଷଣ ପଣ୍ଡା, ସରଗଜ ପଞ୍ଚାୟତ ସରପଞ୍ଚ ନର୍ମଦା ମିଶ୍ର, ତୁଲାଣ୍ଡା ସରପଞ୍ଚ ଉମା ସାହୁଙ୍କ ସମେତ ଅଲିଭା ମହାସଂଘ ସଭାନେତ୍ରୀ ଆହୁତି କୁମ୍ଭାର ଓ ସମ୍ପାଦିକା କାମିନି ମିଶ୍ର ଅଲିଭା ମହାସଂଘ ମାନେ ଜିଲାସ୍ତରୀୟ ଅଧିକାରୀଙ୍କୁ ନିଜ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା, ଶିଶୁ ସୁରକ୍ଷା, ମହିଳା ହିଂସା ଓ ମାଦକ ଦ୍ରବ୍ୟର ବ୍ୟାପକ ପ୍ରସାର ସମ୍ପର୍କରେ ଅଭିଯୋଗ କରିଥିଲେ। ପରେ ମହିଳା ଲୋକ ପ୍ରତିନିଧିମାନେ ଅଲିଭା ମହାସଂଘ ମାଧ୍ୟମରେ ମୁଖ୍ୟ ଅତିଥି ତଥା ଜିଲା ପରିଷଦ ଅଧକ୍ଷା ଠେଲାଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଦି ହଙ୍ଗର ପ୍ରୋଜେକ୍ଟ କ୍ଷେତ୍ର ପ୍ରଶିକ୍ଷକ ଗୁଣନିଧି ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜେଣ୍ଡର ଏକ୍ସପର୍ଟ ଅନଙ୍ଗ ନେଗୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଧନୁର୍ଦ୍ଧର ନାଏକ, ସ୍ୱପ୍ନା ମହାଲିଙ୍ଗ, ଝରଣା ପଟ୍ଟନାୟକ ଓ ସୁଦାମ ଗାଇଗରିଆ ସହଯୋଗ କରିଥିଲେ। କମସରା ପଞ୍ଚାୟତ ସରପଞ୍ଚ କୁନ୍ତଳା ରଣା ଧନ୍ୟବାଦ ପ୍ରଦାନ କରିଥିଲେ।

# ପୁସ୍ତକ ଅଧ୍ୟୟନକୁ ଗୁରୁତ୍ୱ ଦିଅ

ଅମରପାଲି,୧୭।୧୨(ପୀତାମ୍ବର ସାହୁ)

## ସୁବଳୟା ଯୁକ୍ତ ୨ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ସ୍ଥିତ ଯୁକ୍ତ ୨ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଭୋଳାନାଥ କର୍ମୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଓଡ଼ିଶା ମାନବାଧିକାର କମିଶନ ନ୍ୟାୟମୂର୍ତ୍ତି ଶତ୍ରୁଘ୍ନ ପୁଝାରୀ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ ନିଜ ବକ୍ତବ୍ୟରେ ମୋବାଇଲ ଫୋନର ବହୁଳ ଅପବ୍ୟବହାର ପିଲାଙ୍କ କ୍ୟାରିଅର ଉପରେ ପ୍ରଭାବ ପକାଇଥିବା କହିବା ସହିତ ପୁସ୍ତକ ଅଧ୍ୟୟନକୁ ଗୁରୁତ୍ୱ ଦେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସୋନପୁରସ୍ଥିତ ବିଜୁ ପଟ୍ଟନାୟକ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ମଦନସୁନ୍ଦର ଖେତି ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ ଏବଂ ଗୁରୁ ଶିଷ୍ୟ ସମ୍ପର୍କ ରକ୍ଷା କରିବା ପାଇଁ ଆହ୍ୱାନ କରିଥିଲେ। ଅଧ୍ୟାପକ ଦେବାଶିଷ ପଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ ସଂସଦ ଉପସଭାପତି ଅଧ୍ୟାପକ ରମାକାନ୍ତ ପୁରହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ କର୍ମଚାରୀମାନଙ୍କ ମଧ୍ୟରେ ହୋଇଥିବା ଦୌଡ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ସଞ୍ଜୟ ମେଣ୍ଡିଲୀଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହିତ ୨୦୨୪ ଯୁକ୍ତ ୨ ପରୀକ୍ଷାରେ ସର୍ବାଧିକ ନମ୍ବର୍ ରଖି ପାସ କରିଥିବା ଲିପ୍ସା ରାଣୀ ଖମାରୀଙ୍କୁ ମୁଖ୍ୟ ଅତିଥି ଚେକ ଓ ମାନପତ୍ର ଦେଇ ସମ୍ମାନୀତ କରିଥିଲେ। ସଭାକାର୍ଯ୍ୟ ପରେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଦିଲ୍ଲୀପ ମେହେର, ପ୍ରଜ୍ଞା କଳ୍ପିତ ନାୟକ, ସୁବ୍ରତ ପଣ୍ଡା, ଗୋପାଳ ଭୋଇ, ଶମ୍ଭୁ ସାହୁ, ହର ସାହୁ ସହଯୋଗ କରିଥିଲେ।

ଅତିଥିମାନେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ଚିନାଯୁରୀ ଆଞ୍ଚଳିକ ମହାଲକ୍ଷ୍ମୀ ପୂଜା ଉଦ୍‌ଯାପିତ

ଡୁଙ୍ଗୁରିପାଲି,୧୭।୧୨ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଚିନାଯୁରୀଠାରେ ଗତ ୧୨ ତାରିଖରୁ ଆରମ୍ଭ ହୋଇଥିବା ଆଞ୍ଚଳିକ ମହାଲକ୍ଷ୍ମୀ ପୂଜା ଜଳନ୍ଧର ବଧ ସହ ଉଦ୍‌ଯାପିତ ହୋଇଯାଇଛି।ଅନ୍ତିମ ରାଜନୀ ସୋମବାର ଦରବାରରେ ରାଜ ଅତିଥି ଭାବେ କାର୍ଯ୍ୟରତ ସେନାବାହିନୀ ସିଆରପିଏଫ ଯବାନ ନରେନ୍ଦ୍ର ଛତର, ସମାଜସେବୀ ବରୁଣ ସୁନା, ରବୀନ୍ଦ୍ର ଦୀପ ଯୋଗଦେଇ ମହାଲକ୍ଷ୍ମୀ ପୂଜାର ଉଦେଶ୍ୟ ବିଷୟ ଆଲୋକପାତ କରିଥିଲେ। ମହାଲକ୍ଷ୍ମୀ ପୂଜା କମିଟି ସଭାପତି ନୀତେଇ ପାଲଙ୍କ ଅଧକ୍ଷତାରେ ଦରବାର ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ ବେଣୁଧର ସୁନା। ମହାଲକ୍ଷ୍ମୀ ପୂଜା ଓ ଦରବାରରେ ଆଲବମ କଳାକାରଙ୍କ ନୃତ୍ୟ ପରିବେଷଣ ସହ ମୀନବଜାର, ଶିଶୁଦୋଳି, ସାନନୂଆଁପାଲି ଓ ଗଧାପାଲି ଗ୍ରାମର ମହିଳା କୀର୍ତ୍ତନ, ଦଣ୍ଡନୃତ୍ୟର ମଜା ଦର୍ଶକ ଉଠାଇଥିଲେ। ଗୁରୁବାର ଡୁଙ୍ଗୁରିପାଲି ଥାନାଅଧିକାରୀ ସତ୍ୟନାରାୟଣ ପଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ମହାଲକ୍ଷ୍ମୀ ପୂଜାର ଜଳନ୍ଧର ଦରବାରକୁ ଉଦଘାଟନ କରିଥିଲେ। ପାଞ୍ଚ ଦିନ ଧରି ଜଳନ୍ଧର ଦରବାର ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ରାତିରେ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ମହାଲକ୍ଷ୍ମୀ ପୂଜାରେ କର୍ତ୍ତାଭାବେ ସୁଧାକର ପାଲ ଓ ତାଙ୍କ ପତ୍ନୀ ପୂଜା ଦାୟିତ୍ୱ ତୁଲାଇ ଥିଲେ।

# ପ୍ରତିଭା ପ୍ରଦର୍ଶନ କଲେ ଯୁବତୀଯୁବକ

ସୋନପୁର,୧୭।୧୨(ମୃତ୍ୟୁଞ୍ଜୟ ଶତପଥୀ)

## ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଯୁବ ମହୋତ୍ସବ

ଯୁବତୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ସଂସ୍କୃତି ଭବନଠାରେ ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଜାତୀୟ ଯୁବ ମହୋତ୍ସବ ୨୦୨୫ ଉପଲକ୍ଷେ ଜିଲାସ୍ତରୀୟ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ଉପଜିଲାପାଳ ଡ଼ ସୌମ୍ୟାରୁପା ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିବିଧତା ସହ ଏକତାରେ ବାନ୍ଧି ରଖିବା ଯୁବ ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ନେହେରୁ ଯୁବ କେନ୍ଦ୍ରର କୃପାସିନ୍ଧୁ ସା ଯୋଗଦେଇ ମହୋତ୍ସବ ମାଧ୍ୟମରେ ଯୁବତୀଯୁବକଙ୍କ ପ୍ରତିଭାର ବିକଶିତ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ୬ଟି ବ୍ଲକର ୭୫ଜଣ ପ୍ରତିଯୋଗୀ ଯୋଗଦେଇ ଦଳଗତ ଲୋକନୃତ୍ୟ, ଲୋକ ସଙ୍ଗୀତ, ଏକକ ଲୋକନୃତ୍ୟ, ଲୋକ ସଙ୍ଗୀତ, ପଦ୍ୟ, ଗଳ୍ପଲିଖନ, ଚିତ୍ରକଳା ଏବଂ ଔପଚାରିକ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ । ୧୫ବର୍ଷରୁ ଅଧିକ ୨୯ବର୍ଷରୁ କମ୍ ଯୁବ ପ୍ରତିଯୋଗୀମାନେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଳଗତ ଲୋକନୃତ୍ୟ ପ୍ରତିଯୋଗିତାରେ ସରକାରୀ ପୋଲିଟେକନିକ ସୁବର୍ଣ୍ଣପୁର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏକକ ଲୋକ ନୃତ୍ୟରେ ନିରୁପମା ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦଳଗତ ଲୋକ ସଙ୍ଗୀତରେ ସରକାରୀ ପଲିଟେକନିକ ସୁବର୍ଣ୍ଣପୁର ୧ମ, ବିନିକା ବ୍ଲକର ଝୁମକୁ ଝୁମାନା ୨ୟ ସ୍ଥାନ ଅଧିକାର କରିଥିଲେ। ଲୋକ ସଙ୍ଗୀତ ଏକକ ପ୍ରତିଯୋଗିତାରେ ଶ୍ରୀୟା ଦାସ ୧ମ, ଶ୍ରୀୟା ସା ୨ୟ ଓ ଯୁକ୍ତାମୟୀ ଭୁଏ ୩ୟ ସ୍ଥାନ ଅଧିକାର କରିଥିଲେ। କବିତା ରଚନାରେ ଉତ୍କଳିକା ମିଶ୍ର ୧ମ, ରତ୍ନରାଜ ପଧାନ ୨ୟ ସ୍ଥାନ ଅଧିକାର କରିଥିଲେ। ଗଳ୍ପ ଲିଖନ ହିନ୍ଦୀ ପ୍ରତିଯୋଗିତାରେ ମିତ୍ରଭାନୁ ପଧାନ ପ୍ରଥମ, କିଶୋର ଚନ୍ଦ୍ର ନାଏକ ଦ୍ୱିତୀୟ, ରିଶଭ ଗୁପ୍ତା ତୃତୀୟ ଏବଂ ଗଳ୍ପ ଲିଖନ ଇଂରାଜୀ ପ୍ରତିଯୋଗିତାରେ ପ୍ରଭାଶିଷ ପଧାନ ପ୍ରଥମ, ବିଦ୍ୟାଜ୍ୟୋତି କର୍ଣ୍ଣ ଦ୍ୱିତୀୟ, ଚିତ୍ରକଳାରେ ଶୁଭମ ସାହୁ ପ୍ରଥମ, ଉଗ୍ରେସନ ରଣା ଦ୍ୱିତୀୟ ଓ ମୌସମ କୁମାର ବାରିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡିକ୍ଲାମେସନ ଇଂରାଜୀରେ ସାଂକେତିକ ପଣ୍ଡା ପ୍ରଥମ ଓ ସୃଷ୍ଟି ମିଶ୍ର ଦ୍ୱିତୀୟ, ହିନ୍ଦୀ ଡିକ୍ଲାମେସନ ପ୍ରତିଯୋଗିତାରେ ସତ୍ୟ ନାରାୟଣ ଭୋଇ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବିଜେତା ମାନେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଅମ୍ବୁଜ ବିହାରୀ ଶତପଥୀ, ଶାଶ୍ୱତ କୁମାର ତ୍ରିପାଠୀ, ପୂର୍ଣଚନ୍ଦ୍ର ପାଢ଼ୀ, ପ୍ରଦ୍ୟୁମ୍ନ ସାହୁ, କୃଷ୍ଣଚନ୍ଦ୍ର ସେନ୍ଦେରିଆ, ବାସୁଦେବ ନାଏକ, ଚୌଧୁରୀ ବିଭାର, କୃଷ୍ଣ ଚନ୍ଦ୍ର ପଣ୍ଡା, ହେମନ୍ତ ଦାସ, ଲକ୍ଷ୍ମୀ ନାରାୟଣ ସାହୁ, ଚନ୍ଦ୍ର ଶେଖର ମହାପାତ୍ର, ପ୍ରଜ୍ଞା ପରମିତା ମିଶ୍ର, ପୁରୁଷୋତ୍ତମ ସାହୁ, ଜିତେନ୍ଦ୍ର ପର୍ଡିଆ, ଦୁର୍ଯ୍ୟୋଧନ ମେହେର, ଶ୍ୟାମ ସୁନ୍ଦର ମେହେର ଓ ସୁରେନ୍ଦ୍ର ମେହେର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ।

# ଜିଲାସ୍ତରୀୟ ସ୍କାଉଟ୍ କ୍ୟାମ୍ପୋରି ଉଦ୍‌ଘାଟିତ

ଅମରପାଲି,୧୭।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ତ୍ରିଦିବସୀୟ ସ୍କାଉଟ ଓ ଗାଇଡ କ୍ୟାମ୍ପୋରୀ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷାର୍ଥୀଙ୍କ ଚରିତ୍ର ଗଠନରେ ସ୍କାଉଟ ଗାଇଡର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କାଉଟ ଗାଇଡ ଜିଲା ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀ ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଉଲୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପ୍ରଧାନ, ବିନିକା ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳାଚଳ ମେହେର ଯୋଗଦେଇ ସ୍କାଉଟ ଗାଇଡମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍କାଉଟ ଗାଇଡ ପତାକା ଉତ୍ତୋଳନ କରାଯାଇଥିଲା। ତିନି ଦିନ ଧରି ହେବାକୁ ଥିବା ଏହି କ୍ୟାମ୍ପଦ୍‌ରେ ଆଡଭେଞ୍ଚର, ଭିଲେଜ ଫେୟାର, ପିଜାଣ୍ଟ ଶୋ, ନୃତ୍ୟ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେବ। ଶିବିରରେ ୧୦୦ଟି ବିଦ୍ୟାଳୟରୁ ୨୭୧ ଜଣ ସ୍କାଉଟ, ୮୮ ଜଣ ଗାଇଡ, ୨୧ ଜଣ ଗାଇଡ କ୍ୟାପଟେନ, ୮୫ ଜଣ ସ୍କାଉଟ ମାଷ୍ଟରଙ୍କ ସହିତ ସମୁଦାୟ ୪୬୪ଜଣ ଶିବିରାର୍ଥୀ ଯୋଗଦେଇଥିଲେ। ସଭାକାର୍ଯ୍ୟକୁ ଜିଲା ସ୍କାଉଟ ମାଷ୍ଟର ସଞ୍ଜୀବ କୁମାର ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍କାଉଟ ଗାଇଡ ଶିବିରର ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# କେନ୍ଦୁପାଲି ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଅମରପାଲି,୧୭।୧୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କେନ୍ଦୁପାଲି ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଭୟ ବାଳିକା ଓ ବାଳକ ବିଭାଗର ଜୁନିୟର ଓ ସିନିୟର ବର୍ଗରେ ୧୦୦ମିଟର, ୨୦୦ମିଟର, ୪୦୦ମିଟର, ୮୦୦ମିଟର, ଲମ୍ବ ଡିଆଁ, ଉଚ୍ଚଡିଆଁ, ଡିସକସ ଥ୍ରୋ, ସଟଫୁଟ ଥ୍ରୋ, ଜେଭେଲିନ ଥ୍ରୋ , ପଟାଟୋ ରେସ, ମ୍ୟୁଜିକ ଚେୟାର, ବସ୍ତା ଦୌଡ, ପୁଚି ଖେଳ,ସାଇକେଲ ସ୍ଲୋ, ଅଙ୍କ ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ସ୍କୁଲର ୩ଶହରୁ ଅଧିକ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥି, ବ୍ଲକ ଉପାଧକ୍ଷ ନାରାୟଣ ଲୁହା ଓ ପରିଚାଳନା କମିଟି ସଭାପତି ତ୍ରିଲୋଚନ ମେହେର ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ର ସଭାରେ ଅଧକ୍ଷତା କରିଥିଲେ। ଶିକ୍ଷକ ସୀତାଂଶୁ ଖମାରୀ ସଭାର ସଂଯୋଜନା କରିଥିଲେ। ବାଳକ ବିଭାଗ ଦୌଡରେ ଅଶୋକ ଜଗଦଲା, ବାଳିକା ବିଭାଗ ଦୌଡରେ ଲଭଳୀ କବାଟ, କୌତୁକ ବେଶରେ ବିଦୁଶ ମେହେର, ସାଇକେଲ ସ୍ଲୋରେ ଶିବାନୀ ପଧାନ, ଗଣିତ ଦୌଡରେ ଜିତୁ ମେହେର, ପୁଚି ଖେଳରେ ସସ୍ମିତା ମେହେର ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଦିବ୍ୟରଞ୍ଜନ ସାହୁ, ପୁଚୁ କାଲସାଏ, ରଶ୍ମିତା ମେହେର, ବେବି ଶିବାନୀ ସାହା, ବିଷ୍ଣୁପ୍ରସାଦ ଧଳ, ଆର୍ତ୍ତତ୍ରାଣ ବିଶି, ଜିତେଶ୍ୱରୀ ମେହେର, ଅମରେଶ ତ୍ରିପାଠୀ, ଦେବାଶିଷ ମିଶ୍ର, ଚମ୍ପେଶ୍ୱର ମିଶ୍ର, ମହେନ୍ଦ୍ର ସାହୁ, ବାବୁଲାଲ ମେହେର, ମଧୁସୁଦାନ ମ

# କଞ୍ଚା କିଣି ପାଚିଲା ବିକୁଛନ୍ତି ବ୍ୟବସାୟୀ

- ଫଳ ସହ ମିଶୁଛି କେମିକାଲ
- ଖାଦ୍ୟ ବିଭାଗ ସାଜିଛି ନିଦାବିଷ୍ଟୁ
- ଅଭିଯୋଗ ହେଲେ ଉଚିତ ପଦକ୍ଷେପ

ରାଉରକେଲା,୧୭।୧୨(ଦିନେଶ ମିଶ୍ର)

ରାଉରକେଲାରେ ଏକ ଟ୍ରକ୍‌ରୁ କଞ୍ଚା କଦଳୀ ଅନ୍‌ଲୋଡ୍ କରାଯାଉଛି।

ବର୍ତ୍ତମାନ ସମୟରେ ଶରୀରକୁ ସୁସ୍ଥ ଓ ସବଳ ରଖିବା ପାଇଁ ବିଭିନ୍ନ ବର୍ଗର ଲୋକେ ବ୍ୟାୟମ ସାଙ୍ଗକୁ ଖାଦ୍ୟ ରୂପେ ପ୍ରଥମେ ଫଳକୁ ପ୍ରାଥମିକତା ଦେଉଛନ୍ତି। ଏଥିପାଇଁ ଫଳର ଚାହିଦା ବଢୁଛି। ଏହାର ଫାଇଦା ନେଉଛନ୍ତି ବ୍ୟବସାୟୀ। ସେମାନେ କଞ୍ଚା କିଣି କେମିକାଲ ମିଶାଇ ପାଚିଲା କରି ବିକୁଛନ୍ତି। ଫଳ ସହ କେମିକାଲ ମିଶୁଥିବାବେଳେ ଖାଦ୍ୟ ବିଭାଗ ସାଜିଛି ନିଦାବିଷ୍ଟୁ।

ଫଳର ଚାହିଦା ବଢୁଥିବାରୁ ରାଉରକେଲା ସହରରେ ଦିନକୁ ଦିନ ବିଭିନ୍ନ ସ୍ଥାନରେ ବ୍ୟବସାୟୀମାନେ ଫଳ ବ୍ୟବସାୟ କରି ବେଶ ଦୁଇ ପଇସା ଲାଭବାନ ହେଉଛନ୍ତି। ସହରର ଟ୍ରାଫିଗେଟ୍, ବିଶ୍ରାଛକ, ଆମ୍ବଗାନ, ବାସନ୍ତୀ କଲୋନୀ, ଛେଣ୍ଡ ଭିଏସ୍‌ଏସ୍ ମାର୍କେଟ, ପାନପୋଷ ଫଳ ବଜାର, ଆମ୍ବାଗାନ, କୋଏଲନଗର ଡେଲିମାର୍କେଟ ଭଳି ବିଭିନ୍ନ ସ୍ଥାନରେ ଫଳ ବ୍ୟବସାୟ ଚାଲିଛି। ପ୍ରତିଦିନ ହଜାର କୁଇଣ୍ଟାଲର ଫଳ କେବଳ ଡେଲି ମାର୍କେଟ ଅଞ୍ଚଳକୁ ଟ୍ରକ ଯୋଗେ ଆସୁଛି। ଏହି ଫଳ ଡେଲିମାର୍କେଟର ବିଭିନ୍ନ ବ୍ୟବସାୟୀଙ୍କ ଗୋଦାମରେ ଅନ୍‌ଲୋଡ କରିବା ପରେ ସେଠାରୁ ସହରର ପ୍ରମୁଖ ମାର୍କେଟଗୁଡିକର ବ୍ୟବସାୟମାନେ ନେଇଥାନ୍ତି । ରାଉରକେଲା ସହରକୁ ମୁଖ୍ୟତଃ କମଳା ନାସିକରୁ ଆସୁଥିବାବେଳେ କଞ୍ଚା କଦଳୀ ଆନ୍ଧ୍ର ଓ ଛତିଶଗଡରୁ ଆସୁଛି। ସେହିଭଳି ଅନ୍ୟାନ୍ୟ ଫଳଗୁଡିକ ବିହାର, ଜାମ୍ମୁକାଶ୍ମୀର, ଲକ୍ଷ୍ନୌ, କଲିକତା ଆଦି ଅଞ୍ଚଳରୁ ଟ୍ରକ ଯୋଗେ ରାଉରକେଲାକୁ ଆସୁଛି। ଏହି ଫଳଗୁଡିକ ସହରକୁ ପ୍ରଥମେ ଟ୍ରକ ଯୋଗେ କଞ୍ଚାରେ ଆସିବା ପରେ ଏହାକୁ ନେଇ ଫଳ ଡିଲରମାନେ ନିଜ ଗୋଦାମରେ ଷ୍ଟୋର କରି ରଖନ୍ତି। ଏହି ଫଳ କଞ୍ଚା ଥିବାରୁ ଡିଲରମାନେ ଏହାକୁ ଘ୍ନାଣ୍ଟକ ଡ୍ରମ୍‌ରେ କେମିକାଲ ପାଣିରେ ବୁଡାଇ ଏହାକୁ ପଚାଉଥିବା ଅଭିଯୋଗ ହୋଇଛି। ସହରର ପ୍ରାୟତଃ ଅଧିକାଂଶ ଫଳ ବ୍ୟବସାୟୀ ଅଳ୍ପ ପାଚିଲା କଦଳୀ କିଣିଥାନ୍ତି। କାରଣ ପାଚିଲା କଦଳୀ କିଣିଲେ ତାହା ଖରାପ ହୋଇଯିବାର ସମ୍ଭାବନା ଅଧିକ ଥାଏ । ଏଣୁ ସହରରେ ଏକାଧିକ ବ୍ୟବସାୟୀ ଅଳ୍ପ ବା ଦରପାଚିଲା କଦଳୀ କିଣି ରାତିରେ ସେଥିରେ କେମିକାଲ ପାଣିରେ ବୁଡାଇ ପଚାଇଥାନ୍ତି। କେତେ ଘଣ୍ଟା ପରେ ଏହି ଦର ପାଚିଲା କଦଳୀ ପାଚିକରି ହଳଦିଆ ପଡିବା ସହ ଖାଇବା ଉପଯୋଗୀ ହୋଇଯାଇଥାଏ। ଯାହାକୁ ବ୍ୟବସାୟୀମାନେ ଡ୍ରଜନ ପିଛା ୬୦ ଟଙ୍କାରୁ ୮୦ ଟଙ୍କା ମଧ୍ୟରେ ବିକ୍ରୀ କରୁଛନ୍ତି। ସେହିଭଳି ଆପେଲ ଓ କମଳାଗୁଡିକ ବେଶିଦିନ ଧରି ସତେଜ ରଖିବା ପାଇଁ ତାହା ଉପରେ ମହମତର ଲେପ ସହ ଷ୍ଟିକରିଙ୍ଗ ଦେଇ ବିକ୍ରୀ କରୁଥିବା ପରିଲକ୍ଷିତ ହୋଇଛି। ଖାଲି ଯେ କଦଳୀ କି ଆପେଲ ତାହା ନୁହଁ ଏମିତିକି ଫଳ ବ୍ୟବସାୟୀମାନେ ବିଭିନ୍ନ ଋତୁରେ ଆସୁଥିବା ଫଳକୁ ପଚାଇବା ପାଇଁ ମଧ୍ୟ କେମିକାଲ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି।

ସହରରେ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ବଡ ଫଳ ବ୍ୟବସାୟୀ ରହିଥିବାବେଳେ ସେମାନେ ଅଧିକ ମାତ୍ରାରେ କଞ୍ଚାଫଳ ଆଣି ସେଥିରେ କ୍ୟାଲସିୟମ୍, କାର୍ବାଇଡ ଭଳି ଅପମିଶ୍ରଣ କେମିକାଲ ବ୍ୟବହାର କରୁଛନ୍ତି। ସହରକୁ ଅଧିକାଂଶ ଫଳ ରାଜ୍ୟ ବାହାରୁ ଆସୁଥିବାରୁ ପାଚିଲା ଫଳ ଆଣି ସହରରେ ବିକ୍ରୀ କରିବା ଅସମ୍ଭବ ବୋଲି ଟ୍ରାଫିଗେଟ୍‌ର ଫଳ ବ୍ୟବସାୟୀ ଗୁଡୁ ସୋନକର କହିଛନ୍ତି। ସହରରେ ବିଭିନ୍ନ ସମୟରେ କେମିକାଲ ମିଶ୍ରଣ ଫଳ ଖୁଲମଖୁଲା ବିକ୍ରୀ କରାଯାଉଥିଲେ ମଧ୍ୟ ଖାଦ୍ୟ ବିଭାଗ ପକ୍ଷରୁ ଆଜିଯାଏଁ ସେହିଭଳି କୌଣସି ସ୍ଥାନରେ ଆଖିଦୃଷ୍ଟିଆ ଚଢ଼ାଉ କରାଯାଇନାହିଁ। ଫଳରେ ବିଭିନ୍ନ ବ୍ୟବସାୟୀ ମନଇଚ୍ଛା କେମିକାଲ ମିଶ୍ରଣ ଫଳ ବିକ୍ରୀ କରି ବେଶ ମାଲମାଲ୍ ହେଉଛନ୍ତି। ଏନେଇ ଆରଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶିଲ କୁମାର ପରିଡାଙ୍କୁ ପଚାରିବାରୁ ସେ କହିଥିଲେ, ସହରରେ ବର୍ତ୍ତମାନ ସୁଦ୍ଧା ଫଳରେ କେମିକାଲ ମିଶ୍ରଣ ହେଉଥିବାକୁ ନେଇ ଆମ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ଯଦି ଆଗାମୀ ଦିନରେ ଆମ ପାଖରେ ଅଭିଯୋଗ ଆସେ ଏଥିପ୍ରତି ଆମେ ଉଚିତ ପଦକ୍ଷେପ ନେବୁ। ଖାଦ୍ୟ ବିଭାଗ ଅଧିକାରୀଙ୍କୁ ଏନେଇ ସଜାଗ ରଖିବା ସହ ବିଭିନ୍ନ ଫଳ ମାର୍କେଟ ଉପରେ ଚଢାଉ ଜାରି ରଖିବୁ ବୋଲି କହିଥିଲେ।

## ସେଲ୍ ସାବାସ ଯୋଜନାରେ ପୁରସ୍କାର ପ୍ରଦାନ

ପୁରସ୍କୃତ ଆର୍‌ଏସ୍‌ପି ଅଧିକାରୀ ଓ କର୍ମଚାରୀ।

ରାଉରକେଲା,୧୭।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗ ସମ୍ମିଳନୀ କକ୍ଷରେ ୩ଜଣ ଅଧିକାରୀଙ୍କ ସମେତ ୨୭ଜଣ କର୍ମଚାରୀଙ୍କୁ ସେଲ୍ ସାବାସ ଯୋଜନାରେ ପୁରସ୍କୃତ କରାଯାଇଛି। ହଟ୍ ଷ୍ଟ୍ରିପ୍ ମିଲ ଏବଂ ଆନୁସଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଏର୍‌ଏସ୍‌ଏମ୍-୨ ଇଲେକ୍ଟ୍ରିକାଲ ବିଭାଗର ଜିଏମ୍ ଆର୍. କୁଜୁର, ଅପରେଶନ ବିଭାଗର ଜିଏମ୍ ଡି. କେ. ଯାଦବ ଏବଂ ମେକାନିକାଲ ବିଭାଗର ଜିଏମ୍ ଏସ୍. କାନୁନ୍‌ଗୋଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୁରସ୍କାର ବିଜେତାଙ୍କ ପ୍ରମୁଖ ଅବଦାନ ଗୁଡିକରେ ଏଫ୍‌ଏମ୍ ମିଲ ବନ୍ଦ ହେବା କାରଣ ଗୁଡିକର ଅନୁସନ୍ଧାନ, ଷ୍ଟୋର ଗୁଡିକର ଦକ୍ଷତାର ସହ ସମନ୍ୱୟ ଓ ସୁଗମ ମୁଖ୍ୟ ମରାମତି କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତି, ରେକର୍ଡ ସମୟରେ ଆର୍‌ଏର୍‌ଏଫ୍ ସ୍କେଲ ସଫେଇ, ବୈଦ୍ୟୁତିକ ସର୍କିଟ ରୂପାନ୍ତର, ପେଲେଟ କନଭେୟର ପରିବର୍ତ୍ତନ ଆଦି ରହିଥିଲା। ଏର୍‌ଏସ୍‌ଏମ୍-୨ ବିଭାଗ ସିନିୟର ମ୍ୟାନେଜର ଅନୁପ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ମାନବ ସମ୍ବଳ ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ ହଲରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ସିଜିଏମ୍ ଏସ୍.ଏନ୍. ପଣ୍ଡା ଅଧ୍ୟକ୍ଷତା କରି ଟ୍ରେଡ ୟୁନିୟନ ନିର୍ବାଚନର ସୁଗମ ସମ୍ପାଦନାରେ ଉତ୍କୃଷ୍ଟ ଯୋଗଦାନ ସ୍ୱୀକୃତି ସ୍ୱରୂପ ଜଣେ ଅଧିକାରୀଙ୍କ ସମେତ ୧୦ଜଣ କାର୍ମିକଙ୍କୁ ସେଲ୍ ସାବାସ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏର୍‌ଆର୍‌ସିଏଫ୍ ବିଭାଗର ଜିଏମ୍ ଇନ୍‌ଚାର୍ଜ ଡ. ପି. କେ. ସାହୁ, ଏର୍‌ଆର ଓଡି ବିଭାଗର ଜିଏମ୍ ଏସ୍. ବଡପଣ୍ଡା, ଇଆର୍‌ସିଏର୍‌ଏ ଏବଂ ବିମାନ ବନ୍ଦର ବିଭାଗର ଜିଏମ୍ ଆର. କେ. ବର୍ମା, ଏର୍‌ଆର ବିଭାଗର ଜିଏମ୍ ଜି. ଆର୍. ଦାଶ ଏବଂ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏର୍‌ଆର୍‌ସି ବିଭାଗର ଏଜିଏମ୍ ସୁଶ୍ରୀ ଜ୍ୟୋତି ଓରେୟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ୩୫୦ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ପ୍ରଦର୍ଶନ

### ବିଜ୍ଞାନ ଓ ବିବିଧ ହସ୍ତକଳା ପ୍ରଦର୍ଶନୀ ମେଳା

ରାଉରକେଲା,୧୭।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରସ୍ୱତୀ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ବିଜ୍ଞାନ ଓ ବିବିଧ ହସ୍ତକଳା ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ରାଉରକେଲା ଜୋନ-୨ ଡିଏସ୍‌ପି ନିର୍ମଳ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରଦର୍ଶନୀ ମେଳା ଉଜାଗର କରେ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନରେଶ ଅଗ୍ରୱାଲ, ଟ୍ରଷ୍ଟି ବିଷ୍ଣୁ ଦୟାଳ ଅଗ୍ରୱାଲ, ପୂର୍ବତନ ଅଧ୍ୟକ୍ଷ ଡ. ସୁରେଶ କୁମାର ବଂଶଲ, ଉପାଧ୍ୟକ୍ଷ ରୁଷି ଆର୍ଯ୍ୟା, ଓମ୍‌ପ୍ରକାଶ ଅଗ୍ରୱାଲ, ରାଜୀବ କୁମାର, ଅଜୟ ଗୋୟଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ମେଳାରେ ବିଭିନ୍ନ ସ୍କୁଲର ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ବିଜ୍ଞାନ, କଳା, ଗଣିତ ଓ କମ୍ପ୍ୟୁଟର ଆଦି ବିଷୟର ପ୍ରକଳ୍ପ ସ୍ଥାନ ପାଇଥିଲା। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର ରୁଚି ଅନୁସାରେ ପ୍ରସ୍ତୁତ କରିଥିବା ପ୍ରକଳ୍ପଗୁଡିକ ପ୍ରଦର୍ଶନୀରେ ଉପସ୍ଥାପନ କରିଥିଲେ। ଏଥିସହ ମେଳାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ରଙ୍ଗୋଲି, ଚିତ୍ରକଳା, ହସ୍ତକଳା, ହସ୍ତଶିଳ୍ପ ଆଦି ପ୍ରଦର୍ଶନୀ ବିଶେଷ ଆକର୍ଷଣ ସାଜିଥିଲା। ପ୍ରିୟମ୍ବଦା ବାରିକ ଓ ସୁଶ୍ରୀ ଶର୍ମିଷ୍ଠ ମହାପାତ୍ରଙ୍କ ଦ୍ୱାରା ମେଳା ପରିଚାଳିତ ହୋଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ।

ମୁଖ୍ୟଅତିଥି ବିଜ୍ଞାନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

ସମୀକ୍ଷା ବୈଠକରେ ମଞ୍ଚାସୀନ ଉପବାଚସ୍ପତି ଓ ଅନ୍ୟମାନେ।

## ପ୍ରକଳ୍ପ ସ୍ଥିତି ସମୀକ୍ଷା କଲେ ଉପବାଚସ୍ପତି

ରାଉରକେଲା,୧୭।୧୨(ବିପ୍ଳବ ରଞ୍ଜନ ଦାଶ)

ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସଭାଗୃହରେ ମଙ୍ଗଳବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ସହରାଞ୍ଚଳରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଉପବାଚସ୍ପତି ଭୋଇ ସମୀକ୍ଷା କରିଥିଲେ। ବୈଠକରେ ରାଉରକେଲା ମହାନଗର ନିଗମ ସମେତ ସରକାରୀ ଡାକ୍ତରଖାନା, ପୋଲିସ ପ୍ରଶାସନ, ଟାଟା ପାୱାର, ଯୋଗାଣ ଆଦି ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନା ତଥା ପ୍ରକଳ୍ପ ଗୁଡ଼ିକର ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଆଶୁତୋଷ କୁଲକର୍ଣ୍ଣି ଆର୍‌ଏମ୍‌ସି ତରଫରୁ ଚାଲିଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ବାଚସ୍ପତିଙ୍କୁ ସୂଚନା ଦେଇଥିଲେ। ଆରଏମସି ତରଫରୁ ହୋଇଥିବା ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ରୂପାନ୍ତରଣଠାରୁ ଆରମ୍ଭ କରି ଆଗାମୀ ଦିନରେ ହେବାକୁ ଥିବା ନୂତନ ପ୍ରକଳ୍ପ ବିଷୟରେ କମିଶନର କୁଲକର୍ଣ୍ଣି ସବିଶେଷ ତଥ୍ୟ ଉପସ୍ଥାପନ କରିବା ସହ ଏହି ପ୍ରକଳ୍ପଗୁଡ଼ିକ ରାଉରକେଲା ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଏଥିସହ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ବିଭାଗୀୟ କାର୍ଯ୍ୟ ବାବଦରେ ଉପବାଚସ୍ପତିଙ୍କୁ ସୂଚନା ଦେଇଥିଲେ। ସମୀକ୍ଷା ବୈଠକରେ ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ଆରଏମ୍‌ସିର ବରିଷ୍ଠ ଅଧିକାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବେଦବ୍ୟାସ ପୀଠର ଉନ୍ନତୀକରଣ ଦାବି

ରାଉରକେଲା,୧୭।୧୨(ଦିନେଶ ମିଶ୍ର)

ରାଉରକେଲା ବେଦବ୍ୟାସ ବିକାଶ ମଞ୍ଚ ପକ୍ଷରୁ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭାବାନୀ ଶଙ୍କର ଭୋଇଙ୍କ ନିକଟରେ ବେଦବ୍ୟାସ ପୀଠର ଉନ୍ନତିକରଣ ପାଇଁ ଦାବି କରାଯାଇଛି। ବେଦବ୍ୟାସ ଝୁଲାପୋଲ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦନ ହୋଇସାରିଛି। ଦ୍ୱିତୀୟ ଦାବି ଭାବରେ ଶଙ୍ଖ, କୋଏଲ ଓ ସରସ୍ୱତୀ ନଦୀର ସଙ୍ଗମସ୍ଥଳରେ ବ୍ରାହ୍ମଣୀ ମିଳିତ ହୋଇ ଇଂରାଜୀ ଅକ୍ଷର ୱାଇ ରୂପ ନେଇଥିବା ଅନ୍ୟୂନ ଦଶ କିଲୋମିଟର ପରିମିତ ଅଞ୍ଚଳରେ ନଦୀଗୁଡିକର ଉଭୟ ପାର୍ଶ୍ୱରେ ପଥରବନ୍ଧ, ପାହାଚ ତଥା ରାସ୍ତା ନିର୍ମାଣ ସହିତ ଏକ ଜଳଭଣ୍ଡାର ସୃଷ୍ଟି ପାଇଁ ନଭେମ୍ବର ୪ ତାରିଖରେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତମନ୍ତ୍ରୀ, ସୁନ୍ଦରଗଡ ଜିଲାପାଳ ଏବଂ ରାଉରକେଲା ଜଳସେଚନ ବିଭାଜନ ଅଧ୍ୟକ୍ଷଣ ଯନ୍ତ୍ରୀଙ୍କୁ ମଞ୍ଚ ପକ୍ଷରୁ ନିବେଦନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗତ ୧୩ ତାରିଖରେ ରାଉରକେଲା ଜଳସେଚନ ବିଭାଜନ ଅଧ୍ୟକ୍ଷଣ ଯନ୍ତ୍ରୀ ତ୍ରିବେଣୀ ଘାଟ ପରିଦର୍ଶନରେ ଆସିଥିଲେ। ଏହାପରେ ରବିବାର ବେଦବ୍ୟାସ ପୀଠକୁ ଓଡିଶାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଆସିଥିବାବେଳେ ଭାଜପା ପ୍ରମୁଖ ଧୀରେନ ସେନାପତିଙ୍କ ଉପସ୍ଥିତିରେ ମଞ୍ଚର ବହୁ କର୍ମକର୍ତ୍ତା ଟ୍ରଷ୍ଟର ଆଭିମୁଖ୍ୟ ସହିତ ଜଳଭଣ୍ଡାର ସୃଷ୍ଟି, ବେଦବ୍ୟାସକୁ ତପୋଭୂମିର ବ୍ୟବସ୍ଥା କରିବା, ବଟାନିକାଲ ଗାର୍ଡେନ, ଧର୍ମ ଓ ସଂସ୍କୃତି ମହାବିଦ୍ୟାଳୟ ସ୍ଥାପନ, ପାଠାଗାର ଓ ଆଲୋଚନା କକ୍ଷ ନିର୍ମାଣ, ଧ୍ୟାନ କକ୍ଷ ନିର୍ମାଣ, ବ୍ରାହ୍ମଣୀ ନଦୀର ମଧ୍ୟ ଭାଗରେ ବ୍ୟାସଦେବଙ୍କ ବିଶାଳ ପ୍ରତିମୂର୍ତ୍ତି ସ୍ଥାପନା ସହ ବର୍ଷକୁ ଥରେ ଅନ୍ୟୂନ ୧୫ ଦିନ ପାଇଁ ଭାରତବର୍ଷର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥଙ୍କ ଆଗମନ ଓ ଧର୍ମ ସଂସଦ ଆୟୋଜନ ଇତ୍ୟାଦି ଉପରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ସଭାପତି ବ୍ରଦିନାରାୟଣ ପାଢୀ, ସାଧାରଣ ସମ୍ପାଦକ ବିଭୂତି ଭୂଷଣ ଦାସ, ରମାକାନ୍ତ ପାଣ୍ଡେ, ନରେନ୍ଦ୍ର କୁମାର ଦାଶ, ରାଜକୁମାର ମହାନ୍ତି, ମଧୁସୂଦନ ସାହ, ଶ୍ରୀକାନ୍ତ କୁମାର ନାୟକ, ବିଜୟାନନ୍ଦ ଅଗ୍ରୱାଲ, ସୁରେଶ ଚନ୍ଦ୍ର ମହାପାତ୍ର, ହରିହର ଶତପଥୀ, ଟିକେଶ୍ୱର ପ୍ରଧାନ, ଲକ୍ଷ୍ମୀନାରାୟଣ ମିଶ୍ର, ମନୋଜ ପାଢୀ, ଶ୍ୟାମସୁନ୍ଦର ଜେନା, ନୀଳାଞ୍ଚଳ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ରାଜୀବ ସିଂ ବିଚାରକ

ରାଉରକେଲା,୧୭।୧୨(ଦିନେଶ ମିଶ୍ର)

ନୂଆଦିଲ୍ଲୀର ତାଳକଟୋରା ଇଣ୍ଡୋର ଷ୍ଟାଡିୟମ୍‌ଠାରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନ୍ (କିଓ) ପକ୍ଷରୁ ଇଣ୍ଟରଜୋନାଲ ଓ ଅଲଇଣ୍ଡିଆ ସବ୍‌ଜୁନିଅର କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। କିଓର ସଭାପତି ହାଂଶୀ ଭାରତ ଶର୍ମାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଡିସେମ୍ବର ୧୩ରୁ ୧୫ ପର୍ଯ୍ୟନ୍ତ ୩ ଦିନ ଧରି ଆୟୋଜିତ ହୋଇଥିବା ଏହି ଚାମ୍ପିୟନଶିପ୍‌ରେ ଦେଶରୁ ୯ ହଜାରରୁ ଉର୍ଦ୍ଧ୍ୱ କରାଟେକା ଅଂଶଗ୍ରହଣ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ଓଡ଼ିଶାର ଜାତୀୟ ଓ ଅନ୍ତର୍ଜାତୀୟ ପଦକପ୍ରାପ୍ତ ଏସୀୟ ଜଜ୍ ତଥା କରାଟେ ଇଣ୍ଡିଆ ଆର୍ଗାନାଇଜେସନ୍(କିଓ)ର ରେଫରୀ କମିଶନ ସଦସ୍ୟ ରାଜୀବ କୁମାର ସିଂ ଯୋଗଦେଇ ସଫଳତାର ସହ ବିଚାରକ ଦାୟିତ୍ୱ ତୁଲାଇ(କିଓ)ର ସଭାପତି ହାଂଶୀ ଭାରତ ଶର୍ମାଙ୍କଠାରୁ ମୋମେନ୍‌ଟୋ ଗ୍ରହଣ କରିଛନ୍ତି।

## ୩୩ କର୍ମଚାରୀଙ୍କୁ ଝଲେଇ ତାଲିମ ପ୍ରଦାନ

ରାଉରକେଲା,୧୭।୧୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର ଦୀକ୍ଷାଠାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ୩୩ଜଣ ଠିକା ଶ୍ରମିକଙ୍କ ପାଇଁ ଝଲେଇ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାର ବିଭିନ୍ନ ଅଧିବେଶନରେ ସାଧାରଣ ସୁରକ୍ଷା, ୱେଲ୍‌ଡିଂ ମେଶିନ ଅପରେଶନ ଏବଂ ରକ୍ଷଣାବେକ୍ଷଣ, ୱେଲ୍‌ଡିଂ ମେଶିରେ କାର୍ଯ୍ୟ କରିବା ସମ୍ବନ୍ଧୀୟ ସୁରକ୍ଷା ଦିଗ କରଣୀୟ ଓ ବର୍ଜନୀୟ ବିଷୟର ସୁରକ୍ଷା ଗତ ବିଷୟବସ୍ତୁ ଅନ୍ତର୍ଭୁକ୍ତ ରହିଥିଲା। ୱେଲ୍‌ଡିଂ ଉପରେ ପ୍ରାକ୍ଟିକାଲ ଟ୍ରେନିଂ ମଧ୍ୟ କେନ୍ଦ୍ର ମାଧ୍ୟମରେ ଉପଲବ୍ଧ କରାଯାଇ ତାକୁ ୱାର୍କିଂ ମଡେଲରେ ପ୍ରଦାନ କରାଯାଇଥିଲା। ଏହି ଅଧିବେଶନଗୁଡିକ ଶ୍ରମ ଓ ରୋଜଗାର ମନ୍ତ୍ରଣାଳୟ ଅଧୀନସ୍ଥ ଡିଟିଏନ୍‌ବିଡବ୍ଲ୍ୟୁଇ ଆଞ୍ଚଳିକ ନିର୍ଦ୍ଦେଶାଳୟ ଏସ୍. ଆର. ଗୋଛାୟତ ଏବଂ ୱେଲ୍‌ଡିଂ ସୁରକ୍ଷା ଅଧ୍ୟାପକ ଭକ୍ତହରି ମହାପାତ୍ରଙ୍କ ଦ୍ୱାରା ନିଆଯାଇଥିଲା। ପରେ ଅଂଶଗ୍ରହଣକାରୀମାନଙ୍କୁ ଡିଟିଏନ୍‌ବିଡବ୍ଲ୍ୟୁଇର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇସିଜି ଆର୍‌ସିଏଲ୍‌ସି ବିଭାଗର ବରିଷ୍ଠ ପ୍ରବନ୍ଧକ ରାଜୀବ ମୁଖାର୍ଜୀଙ୍କ ସମେତ ଏର୍‌ଆର୍‌ସିଏଲ୍‌ସି ବିଭାଗର ସାମୂହିକ ପରିଚାଳନା କରିଥିଲେ। 

## ସଂକ୍ଷେପରେ

### ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ପଡିଆବାହାଲ,୧୭।୧୨(ରାଧାମୋହନ ଷଡ଼ଙ୍ଗୀ)**

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଭଣ୍ଡାରିମାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଖେଳକୁଦ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶିବ ମନ୍ଦିରରୁ କ୍ରୀଡା ମଶାଲକୁ ଶୋଭାଯାତ୍ରାରେ ବିଦ୍ୟାଳୟ ପଡିଆକୁ ଅଣାଯିବା ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ସ୍କୁଲର ସମସ୍ତ ପ୍ରତିଯୋଗୀ ତିନୋଟି ଗ୍ରୁପରେ ମନୋହର କାଲୋଙ୍କ ପରିଚାଳନାରେ ପିଲାମାନେ ବିଭିନ୍ନ ଖେଳକୁଦ କରିଥିଲେ। ଏ ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପାତ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ପରିମାଣିକଙ୍କ ପରିଚାଳନାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନାୟକ ମହାପାତ୍ର ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

### ୨୪ରୁ ସୁରେନ୍ଦ୍ର ସାଏ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

**ସମ୍ବଲପୁର,୧୭।୧୨(ଭବାନୀ ଶଙ୍କର ଭୋଇ)**

ଆସନ୍ତା ୨୪ ତାରିଖରୁ ଝାଡୁଆପଡା ଆରଣ୍ୟକ ମଞ୍ଚରେ ବୀର ସୁରେନ୍ଦ୍ର ସାଏ ୨୭ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଆରମ୍ଭ ହେବ। ଏନେଇ ଆୟୋଜକ ଯୁବ ଉଦୟନ ସଭାପତି ସଞ୍ଜୟ ମିଶ୍ର ତଥା ସମ୍ପାଦକ ଡ ସିଦ୍ଧାର୍ଥ ପଣ୍ଡା ପ୍ରେସ ବିବୃତି ଜରିଆରେ ମଙ୍ଗଳବାର ସୂଚନା ଦେଇଛନ୍ତି। ୧୯୯୭ ମସିହାରୁ ନିୟମିତ ଏହି ନାଟକ ପ୍ରତିଯୋଗିତା ଆୟୋଜନ କରାଯାଇ ସମ୍ବଲପୁରୀ ନାଟ୍ୟ ଆନ୍ଦୋଳନକୁ ପ୍ରୋତ୍ସାହିତ କରିପାରିଛି। ଚଳିତ ବର୍ଷ ଏହି ନାଟକ ପ୍ରତିଯୋଗିତା ୨୪ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରତି ସନ୍ଧ୍ୟାରେ ତିନୋଟି ଲେଖାଏ ନାଟକ ପ୍ରଦର୍ଶନ କରାଯିବ। ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ନାଟକ ଦଳଗୁଡିକ ପକ୍ଷରୁ ପୂର୍ବରୁ ଯୁବ ଉଦୟନକୁ ନାଟକର ପାଣ୍ଡୁଲିପି ପଠାଯାଇ ଆବେଦନ କରାଯାଇଥିଲା। ଚୟନ କମିଟି ସେଥିମଧ୍ୟରୁ ୧୨ଟି ସମ୍ବଲପୁରୀ ନାଟକକୁ ପ୍ରଦର୍ଶନ କରିବା ପାଇଁ ଚୟନ କରିଛି। ପ୍ରତିଯୋଗିତାର ପ୍ରଥମ ଦିନରେ ସୋହେଲା ଡ୍ରାମାଚେତନାର ଅମୃତ ମହୋତ୍ସବ, ବରଗଡ ନାଟ୍ୟମ ପକ୍ଷରୁ ପାଠ ନାଇଁ ହେଲେ ଶାଠ ହେଉ ଏବଂ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଚିନାମାଲି ନାଟକ ପ୍ରଦର୍ଶନ କରାଯିବ। ଦ୍ୱିତୀୟ ସନ୍ଧ୍ୟାରେ ସ୍ୱର ସମ୍ବଲପୁର ପକ୍ଷରୁ ଝଟକା, ନାଟ ସୁବର୍ଣ୍ଣପୁରର ଉଲଟା ଭାରତ, ବୀଣାପାଣୀ ସାହିତ୍ୟ କଳା ସଂସଦ ବଡକେର୍ଲେର ବଲଦ ପ୍ରଦର୍ଶନ କରାଯିବ। ତୃତୀୟ ସନ୍ଧ୍ୟାରେ ଶବ୍ଦ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସର୍ଗୀଫୁଲ, ଲୁ ନାଟ୍ୟଗ୍ରାମ ମହୁଲପାଲିର ଆଦମଖୋର ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁର ପକ୍ଷରୁ ଶୁଆଶାରୀ କଥା ପ୍ରଦର୍ଶିତ ହେବ। ଚତୁର୍ଥ ସନ୍ଧ୍ୟାରେ ମିରର ଥିଏଟର ବେଲପାହାଡର ତୋର ଝୁମକା, କାରୁଣ୍ଡ କଳା ମଞ୍ଚ ଭବାନୀପାଟଣାର ହୋ ପାହୋମ ଏବଂ ମୁନ ଲାଇଟ ସ୍ୱେଚ୍ଛାସେବୀ ଅନୁଷ୍ଠାନ କେଶାଇପାଲି ଭଟଲିର ପୁରଥୀନ ସରଗ ନାଟକ ପ୍ରଦର୍ଶନ କରାଯିବ। ୨୯ରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁର ପକ୍ଷରୁ ପ୍ରଦର୍ଶନୀ ନାଟକ ଇଟା ହିଁ ଜୀବନ ପ୍ରଦର୍ଶନ କରାଯିବ।

# ଆଇଆଇଏମ୍‌ରେ ବିଶ୍ୱ ଯୁବ ସମ୍ମିଳନୀ

## ଯୋଗଦେଲେ ୨୨ ଦେଶର ୪୦୦ ପ୍ରତିନିଧି

**ସମ୍ବଲପୁର,୧୭।୧୨(ପ୍ରମୋଦ ବହିଦାର)**

ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ, ବିବିଧ ପାରମ୍ପରିକ ବ୍ୟଞ୍ଜନ, ଉତ୍କୃଷ୍ଟ ହସ୍ତଶିଳ୍ପ, ହସ୍ତତନ୍ତ ଉଭୟ ଘରୋଇ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ରରେ ଏ ଅଞ୍ଚଳକୁ ଏକ ଆକର୍ଷଣୀୟ ସ୍ଥାନରେ ଆସିନ କରିଛି। ବସନ୍ତପୁରସ୍ଥିତ ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସରେ ଓଡ଼ିଶାର ପ୍ରୋଜେକ୍ଟ ପଏଣ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ଅନ୍ତର୍ଜାତିକ ପର୍ଯ୍ୟଟନ ବିକାଶ ପାଇଁ ଯୁବ ସମ୍ମିଳନୀ(ଆଇୱାଇସିଟିଡି)ରେ ବକ୍ତବ୍ୟ ରଖି ଏହା କହିଛନ୍ତି ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ। ସେ କହିଛନ୍ତି, ଏ ଅଞ୍ଚଳରେ ଅନେକ ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ, ଐତିହ୍ୟସ୍ଥଳ, ଦୁଃସାହସିକ ପର୍ଯ୍ୟଟନ ସୁଯୋଗ, ବନ୍ୟଜନ୍ତୁ ତଥା ଏକ ଅନନ୍ୟ ଆଦିବାସୀ ସଂସ୍କୃତି ପର୍ଯ୍ୟଟନର ଅସୀମ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହୋଇଛି।

ଆଇୱାଇସିଟିଡି କାର୍ଯ୍ୟକ୍ରମ ଆବାହକ ବିପିନ ମହାନ୍ତି କହିଛନ୍ତି ଭାରତ ପର୍ଯ୍ୟଟନ ବିଭାଗ, ବିଶ୍ୱ ଯୁବକେନ୍ଦ୍ର, ଓଡ଼ିଶା ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସମେତ ରାଜ୍ୟର ପ୍ରମୁଖ ଶିଳ୍ପ ତଥା ଆଇଆଇଏମ୍ ସମ୍ବଲପୁର ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ସହଯୋଗରେ ଏହି ବିଶ୍ୱ ଯୁବ ସମ୍ମିଳନୀ ଆୟୋଜିତ ହେଉଛି। ଏହା ମୁଖ୍ୟ ଲକ୍ଷ୍ୟ ହେଉଛି ପଶ୍ଚିମ ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ଓ ପ୍ରସାର କରି ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବ । ଏହି ସମ୍ମିଳନୀ ମାଧ୍ୟମରେ ବିଶ୍ୱର ବିଭିନ୍ନ ଯୁବଗୋଷ୍ଠୀଙ୍କ ମଧ୍ୟରେ ସାଂସ୍କୃତିକ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରାଯାଇ ପାରିଛି ବୋଲି ସେ କହିଛନ୍ତି। ଏଥିରେ ସାଧାରଣ ଉଦ୍ୟୋଗ ବିଭାଗ ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାସଙ୍କ ସମେତ ସିୱାଇଏସଡିର ସହପ୍ରତିଷ୍ଠାତା ପ୍ରଫୁଲ୍ଲ କୁମାର ସାହୁ, ବିଶ୍ୱ ଯୁବକେନ୍ଦ୍ର ସିଇଓ ଉଦୟ ଶଙ୍କର ସିଂ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଉପକୁଳପତି ଡ. ଉମା ଚରଣ ପତି ଉପସ୍ଥିତ ଥିଲେ। ସମ୍ମିଳନୀରେ ଦେଶର ସମସ୍ତ ୨୮ଟି ରାଜ୍ୟ, ୩ଟି କେନ୍ଦ୍ରଶାସିତ ଅଞ୍ଚଳ ସହିତ ୨୨ଟି ଦେଶର ପ୍ରାୟ ୪୦୦ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ପର୍ଯ୍ୟଟନ, ଭ୍ରମଣ ଓ ଆତିଥେୟତା ପରିଚାଳନା, ଆର୍ଥିକ ପରିଚାଳନା, ମାର୍କେଟିଂ ମ୍ୟାନେଜମେଣ୍ଟ, ଇଭେଣ୍ଟ ମ୍ୟାନେଜମେଣ୍ଟ ସମେତ ବିଭିନ୍ନ ପୃଷ୍ଠଭୂମି ଓ କ୍ଷେତ୍ରର ପ୍ରତିନିଧି ଯୋଗ ଦେଇଥିଲେ।

ଆଇଆଇଏମ୍, ସମ୍ବଲପୁରରେ ଅନୁଷ୍ଠିତ ଆନ୍ତର୍ଜାତିକ ଯୁବ ସମ୍ମିଳନୀରେ ସାମିଲ ପ୍ରତିନିଧିଙ୍କ ସହ ଅତିଥିବୃନ୍ଦ।

# ଦକ୍ଷତା ପ୍ରତିପାଦିତ କଲେ ଲକ୍ଷ୍ୟ ସାଧନ ହେବ

## କୁଚିଣ୍ଡା କଲେଜରେ ଫିଟ୍ ଇଣ୍ଡିଆ ମିଶନ

**କୁଚିଣ୍ଡା,୧୭।୧୨(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ମଙ୍ଗଳବାର ଫିଟ୍ ଇଣ୍ଡିଆ ମିଶନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର ଏଥିରେ ସଭାପତିତ୍ୱ କରି କାର୍ଯ୍ୟକ୍ରମର ଗୁରୁତ୍ୱ ଓ ଆବଶ୍ୟକତା ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ଏଥିସହ ନିଜକୁ ଦକ୍ଷ ପ୍ରତିପାଦିତ କଲେ ଫିଟ୍ ଇଣ୍ଡିଆର ଅସଲ ଉଦ୍ଦେଶ୍ୟ ସାଧିତ ହେବ ବୋଲି କହିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଖୁର୍ସିଦ ଆରା ବେଗମ ସଭାକୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧିକାରୀ ବେଗମ ଓ ଯୋଗଗୁରୁ ଜଗନ୍ନାଥ ସାହୁ ଛାତ୍ରୀଛାତ୍ରଙ୍କୁ ସମାଜ ପ୍ରତି ନିଜର କର୍ତ୍ତବ୍ୟ ଏବଂ ଦାୟିତ୍ୱବୋଧତା ସମ୍ପର୍କରେ ଅବଗତ କରି ଏକ ସୁସ୍ଥ ବାତାବରଣ ସୃଷ୍ଟି ପାଇଁ ଆହ୍ୱାନ କରିଥିଲେ। ଏହି ଅବସରରେ ଯୋଗଗୁରୁ ସାହୁ ସମସ୍ତଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସଡକ ସୁରକ୍ଷା ଉଦ୍ଦେଶ୍ୟର ଏକ ଶୋଭାଯାତ୍ରାରେ ବାହାରି ସଡ଼କ ସୁରକ୍ଷା ଓ ସ୍ୱାସ୍ଥ୍ୟ ହିଁ ସମ୍ପଦ ଆଦି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ସୁଧାଂଶୁ କୁମାର ମହାପାତ୍ର, ବୀରେନ ଓରାମ, ମନୋଜ କୁମାର ଜେନା, ଦୀପକ ବିଶ୍ୱାଳ, ଅଧ୍ୟାପିକା ଡ.ସଞ୍ଜୁଶ୍ରୀ ସାହୁ, ଦେଉଳା ମାଝି, ସୁଶ୍ରୀ ଜାଗୃତି ବାଗ, ପିଇଟି ବିଜୟ କୁମାର କଉଡି, ଗ୍ରାନ୍ଥଗାରିକ କିଶୋର ମହାକୁଳ ସହଯୋଗ କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ସହ ଅନ୍ୟ ଅଧ୍ୟାପିକା ଅଧ୍ୟାପକମାନେ।

# ଜିଲାସ୍ତରୀୟ ସ୍କାଉଟ୍ସ ଓ ଗାଇଡ୍ସ ଶିବିର

ଉଦ୍‌ଯାପନୀ ଦିବସରେ କୃତୀ ପ୍ରତିଯୋଗୀମାନେ।

**ନାକଟିଦେଉଳ,୧୭।୧୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନ ଧରି ଚାଲିଥିବା ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ଜିଲାସ୍ତରୀୟ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଶିବିରକୁ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ସମ୍ବଲପୁର ଜିଲାର ୯୩ ଉଚ୍ଚ ବିଦ୍ୟାଳୟରୁ ୫୬୮ଜଣ ସ୍କାଉଟ୍ସ ଏବଂ ଗାଇଡ୍ସ ଯୋଗଦେଇଥିଲେ। ଏଥିରେ ୨୫୮ଜଣ ସ୍କାଉଟ୍ସ, ୨୦୯ଜଣ ଗାଇଡ୍ସ, ୭୭ଜଣ ସ୍କାଉଟ୍ସ ମାଷ୍ଟର ଏବଂ ୨୪ ଜଣ ଗାଇଡ୍ସ କ୍ୟାପଟେନ ଯୋଗଦେଇଥିଲେ। ଅତିରିକ୍ତ ଜଲା ଶିକ୍ଷା ଅଧିକାରୀ ଡ଼. ମୁରଲୀଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସର ରାଷ୍ଟ୍ରୀୟ ଉପସଭାପତି ତଥା ରାଜ୍ୟ କମିଶନର ଡ଼. କାଳୀ ପ୍ରସାଦ ମିଶ୍ର ଯୋଗଦେଇ ସେବାକ୍ଷେତ୍ରରେ ସ୍କାଉଟ୍ସ ଏବଂ ଗାଇଡ୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। କେବଳ ଶିବିରରେ ଅଂଶ ଗ୍ରହଣ କରି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେଲେ ଆମର କର୍ତ୍ତବ୍ୟ ସରିଯିବ ତାହା ନୁହେଁ, ଏହାକୁ ଆଜୀବନ ବ୍ରତ କରି ଦେଶ ମାତୃକାର ସେବା କରି ପାରିଲେ ଆମର ଜୀବନ ସାର୍ଥକ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତାଭାବେ ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟ ଅଧ୍ୟାପକ ଡ଼. ମନୋରଞ୍ଜନ ମହନ୍ତ, ସମ୍ମାନିତ ଅତିଥିଭାବେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସ୍କାଉଟ୍ସ ଏବଂ ଗାଇଡ୍ସ ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ଅତିରିକ୍ତ କମିଶନର ଦୁଃଶାସନ ସ୍ୱାଇଁ, ରାଜ୍ୟ ଟ୍ରେନିଂ କମିଶନର ସୁରଜିତ ସ୍ୱାଇଁ, ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, କୁଳଧର ପ୍ରଧାନ, ଜିଲା କମିଶନର ଦୀପାଳି ଚୌଧୁରୀ ଏବଂ ଜିଲା ସମ୍ପାଦକ ସୁଜାତା ପଟ୍ଟନାୟକ, କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ଯୋଗ ଦେଇଥିଲେ । ସତ୍ୟନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲା ଅର୍ଗାନାଇଜିଂ କମିଶନର ସତ୍ୟନାରାୟଣ ପଣ୍ଡା ଶିବିର ପରିଚାଳନା କରିଥିଲେ । ଏହି ଅବସରରେ ଜିଲାର ଶ୍ରେଷ୍ଠ ସ୍କାଉଟ୍ସ, ଗାଇଡ୍ସ ଓ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଅନୁଷ୍ଠାନକୁ ଅତିଥି ମାନେ ପୁରସ୍କୃତ କରିଥିଲେ।

### ବୈଷ୍ଣବୀ ଇ-ବାଇକକୁ ୪୦ ହଜାର ଜରିମାନା

**ସମ୍ବଲପୁର,୧୭।୧୨(ଭବାନୀ ଶଙ୍କର ଭୋଇ)**

ସେବା ପ୍ରଦାନରେ ଅବହେଳା ପ୍ରଦାନ ଅଭିଯୋଗର ବିଚାର କରି ଗୋଡଭଗାସ୍ଥିତ ବୈଷ୍ଣବୀ ଇ-ବାଇକକୁ ମଙ୍ଗଳବାର ସମ୍ବଲପୁର ଖାଉଟି ଅଦାଲତ ଦଣ୍ଡିତ କରିଛନ୍ତି। ଦଣ୍ଡ ସ୍ୱରୂପ ୪୦ ହଜାର ଟଙ୍କା ଜରିମାନାଦେଶ ହୋଇଛି। ସମ୍ବଲପୁର ପୁଟିବନ୍ଧର ବୃନ୍ଦାବନ ମିଶ୍ର ସମ୍ପୃକ୍ତ ଶୋରୁମରୁ ଚଳିତବର୍ଷ ପ୍ରାରମ୍ଭରେ ୭୯ ହଜାର ୫୦୦ ଟଙ୍କା ଦେଇ ଏକ ଇ-ବାଇକ କିଣିଥିଲେ। ହେଲେ ବାଇକ ବାରମ୍ବାର ଖରାପ ହେବା ସହ ବିଭିନ୍ନ ସମସ୍ୟା ଦେଖା ଦେଇଥିଲା। ୱାରେଣ୍ଟି ସମୟ ଥିବା ସତ୍ତ୍ୱେ ମରାମତି ପାଇଁ ଶୋରୁମ ପକ୍ଷରୁ ୬ ହଜାର ୮ଶହ ଟଙ୍କା ଦାବି କରାଯାଇଥିଲା। ପୁଣି ମରାମତି ବାବଦକୁ କୌଣସି ରସିଦ ପ୍ରାଦନ କରାଯିବାକୁ ମନା କରାଯାଇଥିଲା। ଏହାପରେ ବୃନ୍ଦାବନ ମିଶ୍ର ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣୀ କରି ବୈଷ୍ଣବୀ ଇ-ବାଇକ ପକ୍ଷରୁ ଗ୍ରାହାକକୁ ସେବା ପ୍ରଦାନରେ ଅବହେଳା କରାଯାଇଥିବା ନେଇ ପ୍ରମାଣିତ ହୋଇଥିଲା। ଏଥିପାଇଁ ଶୋରୁମ ସମ୍ପୃକ୍ତ ଗ୍ରାହାକଙ୍କୁ ସେବା ବଦଳରେ ମାନସିକ ଯନ୍ତ୍ରଣା ଦେଇଥିବା କାରଣରୁ ୩୦ ହଜାର କ୍ଷତିପୂରଣ ଓ କେସ ପରିଚାଳନା ପାଇଁ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଶୁଣାଣିର ୩୦ଦିନ ମଧ୍ୟରେ କ୍ଷତିପୂରଣ ନ ଦେଲେ ବାର୍ଷିକ ୯ ପ୍ରତିଶତ ସୁଧ ସହ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛି। ଶୁଣାଣି ସମୟରେ ଖାଉଟି ଅଦାଲତର ଅଧ୍ୟକ୍ଷ ଆରକେ ଶତପଥୀ ଏବଂ ସଦସ୍ୟ ଏସ.ଏନ. ତ୍ରିପାଠୀ ଉପସ୍ଥିତ ରହି ଉଭୟ ପକ୍ଷକୁ ଶୁଣିଥିଲେ। କେସ ପରିଚାଳନାରେ ତରୁଣ ପାଣ୍ଡେ ଏବଂ ବୀରେନ୍ଦ୍ର ରଥ ଆଇନଗତ ସହଯୋଗ କରିଥିଲେ।

# ନେତାଜୀ କ୍ରିକେଟ୍: ତୃତୀୟ ବର୍ଷ ବାଣିଜ୍ୟ ଦଳ ବିଜୟୀ

**ସମ୍ବଲପୁର,୧୭।୧୨(ବି.ଶଙ୍କର)**

ନେତାଜୀ କ୍ରିକେଟ ଟୁର୍ନାମେଣ୍ଟ-୨୪ ସମ୍ବଲପୁର ସହର ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ଛାତ୍ର ଦଳ ଏବଂ ୨ ଟି ଛାତ୍ରୀ ଦଳ ଅଂଶଗ୍ରହଣ କରିଥିଲେ। ଯୁକ୍ତ ୨ ଛାତ୍ର ବର୍ଗରେ ପ୍ରଥମ ବର୍ଷ ଏବଂ ଛାତ୍ରୀ ବର୍ଗରେ ଦ୍ୱିତୀୟ ବର୍ଷ ଦଳ ବିଜୟୀ ହୋଇଥିଲା। ଯୁକ୍ତ ୩ ବର୍ଗରେ ଫାଇନାଲ ମ୍ୟାଚ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଓ ଯୁକ୍ତ ୩ ତୃତୀୟ ବର୍ଷ ବାଣିଜ୍ୟ ଦଳ ମଧ୍ୟରେ ହେଇଥିଲା। ଏଥିରେ ତୃତୀୟ ବର୍ଷ ବାଣିଜ୍ୟ ଦଳ ବିଜୟ ଲାଭ କରିଥିଲା । ଏହି ଟୁର୍ନାମେଣ୍ଟକୁ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ଶ୍ୟାମ ଭୋଇ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଦୀପ କୁମାର ହରପାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସେହିପରି ପ୍ରଫେସର ଦୁଲ୍ଲଭ କୁମାର ସା, ଡ. ରଘୁମଣି ନାଏକ ପ୍ରମୁଖ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପିକା ଅଳକା ଲୁଗୁନ, ସୁରେଶ ଏକ୍କା, ଡ.ସତ୍ୟନାରାୟଣ ଗାରୁ, ବିଶ୍ୱଜିତ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ଡ. ସୁଜିତ ପଧାନ, ଦେବେନ୍ଦ୍ର ଭୁଏ, ରୋଜାଲି ସେଠ, ସୁଧାଂଶୁ ଆଚାର୍ଯ୍ୟ, ଅନିକେତ ପାଣିଗ୍ରାହୀ, ସମ୍ୟଜିତ ତ୍ରିପାଠୀ, ଚନ୍ଦ୍ରକାନ୍ତ ବେହେରା ଏଥିରେ ସହଯୋଗ କରିଥିଲେ।

କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳିମାନେ।

# ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

**ଜମନକିରା,୧୭।୧୨(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ ଡିମିରୀମୁଣ୍ଡା ପଞ୍ଚାୟତ ଭାତପୁରା ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ଜମନକିରା ବ୍ଲକ ଶାଖା ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ଶିଶୁ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଶଟି ବିଭାଗର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ରାଶି ଦେଇ ସମ୍ମାନିତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଶିକ୍ଷା ବିଭାଗର ଉନ୍ନତିରେ ହିଁ ରାଜ୍ୟର ଉନ୍ନତି ହେବ। ସେଥି ପାଇଁ ଛାତ୍ରୀଛାତ୍ରଙ୍କ ପ୍ରତିଭାର ଉନ୍ମୋଚନ ପାଇଁ ଶିକ୍ଷକ ସମାଜର ଏହି ଉଦ୍ୟମର ସେ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଦୀର୍ଘ ଦଶ ବର୍ଷ କଳା ସଂଘର ବ୍ଲକ ସଂଘ ଥିବା ସୁଶାନ୍ତ ପଟେଲଙ୍କୁ ବିଦାୟ କାଳୀନ ସମ୍ବର୍ଦ୍

ବିଦାୟ ନେଉଛି ବର୍ଷ ୨୦୨୪। ବାର ମାସରେ ବିଶ୍ୱ ଦେଖିଥିଲା ବହୁ ବୈଚିତ୍ର୍ୟମୟ ଘଟଣା। ଭାରତକୁ ମିଳିଥିଲା ପ୍ରଥମ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାଳିତ ମା'। ବୟସ ଆଗରେ ହାର୍ ନ ମାନି ଦୁଇ ମଡେଲ ଚୋଇ ସୁନ୍-ହ୍ୱା ଓ ଆଲେଜାଣ୍ଡ୍ରା ଯଥାକ୍ରମେ ମିସ୍ ୟୁନିଭର୍ସ କୋରିଆ ଓ ମିସ୍ ୟୁନିଭର୍ସ ବୁଏନ୍ସ ଏୟାର୍ସ ପ୍ରତିଯୋଗିତାରେ ଉତ୍କର୍ଷ ଦେଖାଇ ସମସ୍ତଙ୍କୁ ବିସ୍ମିତ କରିଥିଲେ। ସମୁଦ୍ରର ଗଭୀର ଜଳରାଶି ତଳେ ସାଉଦି ପ୍ରେମୀଯୁଗଳ ବିବାହ କରି ଦାମ୍ପତ୍ୟ ଜୀବନର ଶୁଭାରମ୍ଭ କରିଥିଲେ। ସୁଇଡେନ ମନ୍ତ୍ରୀ ପୌଲିନା ବ୍ରାଣ୍ଡବର୍ଗଙ୍କ ବିଚିତ୍ର କଦଳୀ ଫୋବିଆ ମଧ୍ୟ କୌତୂହଳ ସୃଷ୍ଟି କରିଥିଲା। ସେହିପରି ଲେସନ୍ ଅଲବାଟ୍ରସ୍ ଜାତୀୟ ୱିଜ୍‌ଡମ ପକ୍ଷୀ ୭୪ ବର୍ଷ ବୟସରେ ଅଣ୍ଡା ଦେଇ ପରିବେଶବିତ ଓ ବନ୍ୟପ୍ରାଣୀ ଗବେଷକଙ୍କୁ ଚକିତ କରିଥିଲା । ଗୁଜରାଟର କୋଟିପତି ଭଣ୍ଡାରୀ ଦମ୍ପତି ନିଜ ବିଳାସପୂର୍ଣ୍ଣ ଜୀବନଶୈଳୀରୁ ଦୂରେଇ ଆଧ୍ୟାତ୍ମିକ ପନ୍ଥା ଆପଣାଇବା ଓ ଦିଲ୍ଲୀରେ ଗ୍ୟାଙ୍ଗଷ୍ଟର-ଲେଡି ଡନ୍ ବିବାହ ମଧ୍ୟ ଏହି ବିଦାୟୀ ବର୍ଷର ଖବର ଶିରୋନାମାରେ ରହି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

# ଭାରତର ପ୍ରଥମ ଏଆଇ ମା'

ବିଦାୟୀ ବର୍ଷରେ ଭାରତର ପ୍ରଥମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ଚାଳିତ ମା' କାବ୍ୟା ମେହେରାଙ୍କୁ ନେଇ ବେଶ୍ ଚର୍ଚ୍ଚା ଲାଗି ରହିଥିଲା। ଭର୍ଚୁଆଲ ଇନ୍‌ଫ୍ଲୁଏନ୍ସର ଭାବେ କାବ୍ୟା ଇନ୍‌ଷ୍ଟାଗ୍ରାମରେ ଭିଡିଓ ପୋଷ୍ଟ କରି ବେଶ୍ ଭାଇରାଲ ହୋଇଥିଲେ। କାବ୍ୟାଙ୍କୁ ବିକଶିତ କରିଥିବା ସେଲିବ୍ରିଟି ମ୍ୟାନେଜମେଣ୍ଟ ସଂସ୍ଥା 'କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱର୍କ' ତାଙ୍କୁ ଦେଶର ପ୍ରଥମ ଏଆଇ ଚାଳିତ ମା'ବୋଲି ଦାବି କରିଥିଲା। ଏକ ଭିଡିଓର କ୍ୟାପ୍‌ଶନ୍‌ରେ କାବ୍ୟା ଲେଖିଥିଲେ ପିଲାଙ୍କ ପାଇଁ ରଣନୀତି ପ୍ରସ୍ତୁତ କରିବାଠାରୁ ଆରମ୍ଭକରି ଭୋଜନ ପାଇଁ ଯୋଜନା କରିବା ପର୍ଯ୍ୟନ୍ତ ସବୁଥିରେ ସେ ପାରଙ୍ଗମ। 'କଲେକ୍ଟିଭ୍ ଆର୍ଟିଷ୍ଟ ନେଟ୍‌ୱର୍କ'ର କହିବା ଅନୁଯାୟୀ, କାବ୍ୟାଙ୍କର ବ୍ୟକ୍ତିତ୍ୱ ବାସ୍ତବ ଜୀବନରେ ପ୍ରକୃତ ମା'ମାନଙ୍କର ରହିଥିବା ଅନୁଭୂତି ଉପରେ ନିର୍ମିତ। କାବ୍ୟା ଇନ୍‌ଷ୍ଟାଗ୍ରାମରେ ତାଙ୍କ ଫଲୋଅର୍ସମାନଙ୍କ ସହ ମାତୃତ୍ୱକୁ ନେଇ ନିଜର ଆଧୁନିକ ଦୃଷ୍ଟିକୋଣକୁ ବାଣ୍ଟିଥାନ୍ତି। ସେହିପରି ସେ ରୋଷେଇ, ପେଣ୍ଟିଂ, ସ୍କ୍ରିନ୍ କେୟାର ଭଳି ବିଭିନ୍ନ କାର୍ଯ୍ୟରେ ନିପୁଣ ଥିବା ନେଇ ନିଜ ଫଲୋଅର୍ସମାନଙ୍କୁ କହିଛନ୍ତି। କାବ୍ୟା କୁହନ୍ତି, ମା'ମାନେ ସର୍ବଦା ଭାବପ୍ରବଣ ହୋଇ ପିଲାଙ୍କ ପାଇଁ ଠିଆ ହୋଇଥାଆନ୍ତି। ଏହାଦ୍ୱାରା ମା'ଙ୍କ ସହ ରହି ପିଲାମାନେ ସବୁଠୁ ସୁରକ୍ଷିତ ସ୍ଥାନରେ ଥିବା ପରି ଅନୁଭବ କରନ୍ତି।

## ସମୁଦ୍ରରେ ବିବାହ

ଅକ୍ଟୋବରରେ ହାସନ୍ ଅବୁ ଅଲ୍-ଓଲା ଏବଂ ତାଙ୍କ ପ୍ରେମିକା ୟାସ୍ମିନ ଦସ୍ତରଦାର ସାଉଦି ଆରବର ଜେଦ୍ଦାହ ନିକଟସ୍ଥ ଲୋହିତ ସାଗରର ଅତଳ ଜଳରେ ବାହା ହୋଇ ଇତିହାସ ରଚିଥିଲେ। ସାଉଦି ଉପକୂଳସ୍ଥିତ ଲୋହିତ ସାଗର ମଧ୍ୟରେ କୌଣସି ପ୍ରେମୀ ଯୁଗଳ ବିବାହ କରିବାରେ ଏହା ପ୍ରଥମ ଘଟଣା ଥିଲା। ଉଭୟେ ହାସନ୍

ଓ ୟାସ୍ମିନ ପ୍ରଫେସ୍‌ନାଲ ଡାଇଭର ହୋଇଥିବାବେଳେ ସେମାନେ କ୍ୟାପଟେନ ଫେସଲ ଫ୍ଲେମ୍ବନଙ୍କ ନେତୃତ୍ୱରେ ଡାଇଭିଙ୍ଗ ଗ୍ରୁପ 'ସାଉଦି ଡାଇଭର୍ସ' ସହାୟତାରେ ଭୂପୃଷ୍ଠ ପରିବର୍ତ୍ତେ ପାଣି ଭିତରେ ପରସ୍ପରକୁ ଜୀବନସାଥୀ କରିବାର ସ୍ୱପ୍ନ ପୂରଣ କରିଥିଲେ। ଏହି ବିବାହ ପାଇଁ 'ସାଉଦି ଡାଇଭର୍ସ' ଗ୍ରୁପ ପକ୍ଷରୁ ନବ ଦମ୍ପତିଙ୍କୁ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଥିଲା।

## ୭ ହଜାର ଫୁଟ ଉଚ୍ଚରୁ ଡେଇଁ ଜନ୍ମଦିନ ପାଳିଲେ ୧୦୨ ବର୍ଷୀୟା

ସେପ୍ଟେମ୍ବରରେ ବ୍ରିଟେନ୍‌ର ମାନେଟ୍ ବେଲି ୧୦୨ତମ ଜନ୍ମଦିବସକୁ ଏକ ସ୍ୱତନ୍ତ୍ର ଉପାୟରେ ପାଳନ କରିଥିଲେ, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ମାନେଟ୍ ୭ ହଜାର ଫୁଟ ଉଚ୍ଚରୁ ସ୍କାଏ ଡାଇଭ୍ କରିବା ସହ ନିଜ ଜନ୍ମଦିନ ପାଳନ କରିଥିଲେ । ଏପରି କରି ସେ ବ୍ରିଟେନର ସବୁଠାରୁ ବୟସ୍କା ସ୍କାଏ ଡାଇଭର ହୋଇପାରିଥିଲେ। ସେ ଅନାୟାସରେ ସ୍କାଏ ଡାଇଭିଂ କରି ଏହି ଆହ୍ୱାନପୂର୍ଣ୍ଣ କାର୍ଯ୍ୟକୁ ଉପଭୋଗ କରୁଥିଲେ। ମାନେଟ୍ ଏହି ଅନୁଭୂତିକୁ ବଖାଣି କହିଥିଲେ, ସ୍କାଏ ଡାଇଭ୍ କରିବା ସମୟରେ ତାଙ୍କୁ ସବୁକିଛି ଅସ୍ପଷ୍ଟ ଦେଖା ଯାଉଥିଲା। ତେଣୁ ସେ ଆଖିକୁ ବନ୍ଦ କରି ଉକ୍ତ ମୁହୂର୍ତ୍ତକୁ କେବଳ ଅନୁଭବ କରିଥିଲେ।

## ୨୦୦ କୋଟିର ସମ୍ପତ୍ତି ଦାନ କରି ସନ୍ନ୍ୟାସୀ

ଏପ୍ରିଲରେ ଗୁଜରାଟର ସାବରକାନ୍ଠା ଜିଲା ହିମ୍ମତ ନଗର ଅଞ୍ଚଳର କୋଟିପତି ବ୍ୟବସାୟୀ ଭବେଶ ଭଣ୍ଡାରୀ ଓ ତାଙ୍କ ସ୍ତ୍ରୀ ଜିନଲ ସମସ୍ତ ସାଂସାରିକ ମୋହକୁ ତ୍ୟାଗକରି ୨୦୦ କୋଟି ଟଙ୍କାର ସମ୍ପତ୍ତି ଦାନ କରିଥିଲେ। ଏହାସହ ଭବେଶ ଓ ଜିନଲ ଜୈନ ଧର୍ମର ସନ୍ନ୍ୟାସୀ ଦୀକ୍ଷା ଗ୍ରହଣ କରିଥିଲେ। ୨ ବର୍ଷ ତଳେ ଏହି କୋଟିପତି ଦମ୍ପତିଙ୍କର ଝିଅ(୧୯) ଓ ପୁଅ(୧୬) ମଧ୍ୟ ସନ୍ନ୍ୟାସୀ ଦୀକ୍ଷା ନେଇଥିଲେ। ତେଣୁ ଭବେଶ ଓ ଜିନଲଙ୍କର ମଧ୍ୟ ସାଂସାରିକ ଜୀବନରୁ ମୋହ ଭଙ୍ଗ ଘଟିଥିଲା। ସେମାନେ ସନ୍ନ୍ୟାସୀ ଭାବେ ସରଳ ଓ ସଂଯମତାର ସହ ନିଜର ପରବର୍ତ୍ତୀ ଜୀବନ ଅତିବାହିତ କରିବାକୁ ନିଷ୍ପତ୍ତି ନେଇଥିଲେ।

## ୬୦ ବର୍ଷ ବୟସରେ ମିସ୍ ୟୁନିଭର୍ସ

ଆର୍ଜେଣ୍ଟିନାର ୬୦ ବର୍ଷୀୟା ଆଲେଜାଣ୍ଡ୍ରା ମାରିଶା ରୋଡିଗ୍ୟୁଜ୍ ଏପ୍ରିଲରେ ମିସ୍ ୟୁନିଭର୍ସ ବୁଏନ୍ସ ଏୟାର୍ସ ଟାଇଟଲ ଜିତି ଇତିହାସ ରଚିଥିଲେ। ଫାଇନାଲରେ ୩୪ ଜଣ ପ୍ରତିଯୋଗୀଙ୍କୁ ପରାସ୍ତ କରି ସେ ମିସ୍ ୟୁନିଭର୍ସ ବୁଏନ୍ସ ଏୟାର୍ସର କ୍ରାଉନ ପିନ୍ଧିଥିଲେ। ଏତେ ବୟସ୍କ କୌଣସି ମହିଳା ପୂର୍ବରୁ ଏହି କୃତିତ୍ୱ ହାସଲ କରି ନ ଥିବାରୁ ଆଲେଜାଣ୍ଡ୍ରାଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଥିଲା।

## ସ୍ୱିଡେନ୍ ମନ୍ତ୍ରୀଙ୍କ କଦଳୀ ଫୋବିଆ

ସ୍ୱିଡେନ୍‌ର ଜେଣ୍ଡର ଇକ୍ୱାଲିଟି ମନ୍ତ୍ରୀ ପୌଲିନା ବ୍ରାଣ୍ଡ୍‌ବର୍ଗ ଏକ ବିଚିତ୍ର କଦଳୀ ଫୋବିଆକୁ ନେଇ ବେଶ୍ ଚର୍ଚ୍ଚା ସାଉଣ୍ଟିଥିଲେ। କଦଳୀକୁ ଦେଖି ପୌଲିନା ଭୟରେ ଥରି ଉଠିଥାନ୍ତି ବୋଲି ନଭେମ୍ବରରେ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟଗୁଡ଼ିକୁ ପୌଲିନା ସ୍ୱୀକାର କରିବା ସହ ନିଜ ଭିତରେ ଥିବା କଦଳୀ ଫୋବିଆକୁ ଦୂର କରିବା ପାଇଁ ଡାକ୍ତରୀ ସାହାଯ୍ୟ ନେଉଥିବା କହିଥିଲେ।

## ଗ୍ୟାଙ୍ଗଷ୍ଟର-ଲେଡି ଡନ୍ ବିବାହ

ଗ୍ୟାଙ୍ଗଷ୍ଟର କାଲା ଜାଠେଡ଼ି ଓରଫ ସନ୍ଦୀପ ତାଙ୍କ ଦୀର୍ଘଦିନର ବାନ୍ଧବୀ ଅନୁରାଧା ଚୌଧୁରୀଙ୍କୁ ଦିଲ୍ଲୀର ଦ୍ୱାରକା ସେକ୍ଟର-୩ ନିକଟସ୍ଥ ସନ୍ତୋଷ ଗାର୍ଡେନଠାରେ ମାର୍ଚ୍ଚ ୧୧ରେ ବିବାହ କରିଥିଲେ। 'ଲେଡିଡନ୍ ମାଡାମ' ଭାବେ ପରିଚିତ ଅନୁରାଧାଙ୍କୁ ଜୀବନସାଥୀ କରିବା ପାଇଁ ଆୟୋଜିତ ଏହି ବିବାହ ଉତ୍ସବରେ ଯୋଗ ଦେବା ଲାଗି ସନ୍ଦୀପଙ୍କୁ ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ ୬ ଘଣ୍ଟିଆ ପାରୋଲର ଅନୁମତି ଦେଇଥିଲେ। ଏହି ବିବାହ ପାଇଁ କାର୍ଯ୍ୟକ୍ରମସ୍ଥଳରେ ୪ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## କେନ୍‌ଜା ଲେଲି 'ମିସ୍ ଏଆଇ'

ମରକ୍କୋର ଲାଇଫ୍‌ଷ୍ଟାଇଲ ଇନ୍‌ଫ୍ଲୁଏନ୍ସର ତଥା ଏଆଇ ଜେନେରେଟେଡ ମଡେଲ କେନ୍‌ଜା ଲେଲି ଜୁଲାଇରେ ବିଶ୍ୱର ପ୍ରଥମ 'ମିସ୍ ଏଆଇ' ମୁକୁଟ ପନ୍ଧିଥିଲେ। ସେ ୧,୫୦୦ରୁ ଅଧିକ କମ୍ପ୍ୟୁଟରାଇଜ୍‌ଡ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ବିରଳ ଟାଇଟଲର ଅଧିକାରିଣୀ ହୋଇପାରିଥିଲେ। ପ୍ରଥମ 'ମିସ୍ ଏଆଇ' ମୁକୁଟ ପିନ୍ଧିଥିବାରୁ ତାଙ୍କ କ୍ରିଏଟର ମେରିୟମ ବେସାଙ୍କୁ ୨୦ ହଜାର ଡଲାରର ପୁରସ୍କାର ରାଶି ମିଳିଥିଲା। ଏହି ପ୍ରତିଯୋଗିତାରେ ଫ୍ରାନ୍ସର ଏଆଇ ମଡେଲ ଲାଲିନା ଭାଲିନା ଓ ପର୍ତ୍ତୁଗାଲର ଓଲିଭିଆ ସି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ସେହିପରି ଭାରତର ଏଆଇ ଜେନେରେଟେଡ୍ ମଡେଲ ଜରା ଶତାୱରି ଏହି ପ୍ରତିଯୋଗିତାର ଶୀର୍ଷ ୧୦ ଫାଇନାଲିଷ୍ଟଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।

## ୮୧ ବର୍ଷରେ ବିୟୁଟି କୁଇନ୍

ବୟସ କେବଳ ଏକ ସଂଖ୍ୟା। ଏହା ମଣିଷର ସଫଳତାରେ ବାଧା ଉପୁଯାଇପାରେ ନାହିଁ। ୮୧ ବର୍ଷୀୟା କୋରିଆନ୍ ମଡେଲ୍ ଚୋଇ ସୁନ୍-ହ୍ୱା ୨୦୨୪ ସେପ୍ଟେମ୍ବରରେ ଏହା ପ୍ରମାଣ କରି ଦେଖାଇଥିଲେ। ସେ ସବୁଠାରୁ ବୟସ୍କା ମହିଳା ଭାବେ ମିସ୍ ୟୁନିଭର୍ସ କୋରିଆ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସହ ଏହାର ଫାଇନାଲରେ ପ୍ରବେଶ କରି ରେକର୍ଡ ସୃଷ୍ଟି କରିଥିଲେ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଚୋଇ ଜନ୍ମ ହେବାବେଳକୁ ମିସ୍ ୟୁନିଭର୍ସ ପ୍ରତିଯୋଗିତା ଆରମ୍ଭ ହୋଇ ନ ଥିଲା। ମିସ୍ ୟୁନିଭର୍ସ କୋରିଆ ପ୍ରତିଯୋଗିତାର ଫାଇନାଲରେ ଚୋଇ ଟାଇଟଲ ହାସଲରୁ ଅଳ୍ପକେ ବଞ୍ଚିତ ହୋଇଥିଲେ ବି ଫାଇନାଲରେ 'ଶ୍ରେଷ୍ଠ ଡ୍ରେସର' ପୁରସ୍କାର ହାତେଇ ଦର୍ଶକଙ୍କର ମନ ଜିଣିପାରିଥିଲେ।

## ଅଣ୍ଡାଦେଲା ସବୁଠୁ ବୃଦ୍ଧସ୍କା ପକ୍ଷୀ

ଲେସନ୍ ଅଲବାଟ୍ରସ୍ ଜାତୀୟ ପକ୍ଷୀ ସାଧାରଣତଃ ୧୨ରୁ ୪୦ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଥାନ୍ତି। କିନ୍ତୁ ଡିସେମ୍ବରରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା, ଯେତେବେଳେ ଏହି ଜାତୀୟ ୱିଜ୍‌ଡମ ପକ୍ଷୀ ୭୪ ବର୍ଷ ବୟସରେ ଅଣ୍ଡା ଦେଇଥିଲା। ପୂର୍ବରୁ ବିଶ୍ୱର କୌଣସି ବଣୁଆ ପକ୍ଷୀ ଏତେ ବୟସରେ ଅଣ୍ଡା ଦେଇ ନ ଥିଲେ। ଆମେରିକାର ହାୱାଇ ଦ୍ୱୀପପୁଞ୍ଜ ଉତ୍ତର ଦିଗରେ ଅବସ୍ଥିତ ମିଡ୍‌ୱେ ଏଟୋଲ ନ୍ୟାଶନାଲ ୱାଇଲ୍ଡ ଲାଇଫ୍ ଆଶ୍ରୟସ୍ଥଳରେ ୱିଜ୍‌ଡମ ପକ୍ଷୀ ଅଣ୍ଡା ଦେବା ପରେ ଏହାର ଯତ୍ନ ନେଉଥିବା ନେଇ 'ଆମେରିକା ମତ୍ସ୍ୟ ଏବଂ ବନ୍ୟପ୍ରାଣୀ ସେବା (ୟୁଏସ୍‌ଏଫ୍‌ଡବ୍ଲ୍ୟୁଏସ୍)-ପ୍ରଶାନ୍ତ ମହାସାଗର ଅଞ୍ଚଳ' ପକ୍ଷରୁ ସୂଚନା ଦିଆଯାଇଥିଲା। ୱିଜ୍‌ଡମ ଏତେ ଦିନ ଧରି ବଞ୍ଚିବା ସହ ବୟସ୍କ ଅବସ୍ଥାରେ ଅଣ୍ଡା ଦେବା ସମସ୍ତଙ୍କୁ ବିସ୍ମିତ କରିଥିବା ୟୁଏସ୍‌ଏଫ୍‌ଡବ୍ଲ୍ୟୁଏସ୍ କହିଛି।

# ପ୍ରତି ଧାନମଣ୍ଡିରେ ନିଯୁକ୍ତ ହୋଇଛନ୍ତି ନୋଡାଲ ଅଫିସର

**ଭୁବନେଶ୍ୱର, ୧୭।୧୨ (ସୁନିତ୍ ମିଶ୍ର)**

ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି। ଧାନ କିଣା ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ପ୍ରତ୍ୟେକ ମଣ୍ଡି ଉପରେ କଡ଼ା ନଜର ରଖିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ମର୍ମରେ ସମ୍ପୃକ୍ତ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କୌଣସି ଯୋଗ୍ୟ ଚାଷୀ ଧାନ କିଣା ବେଳେ ଯେପରି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ଏଥିପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଉଛି। ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ବର୍ତ୍ତମାନ ୧୧ ଜିଲା ବରଗଡ଼, ସମ୍ବଲପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କୋରାପୁଟ, ଝାରସୁଗୁଡ଼ା, ମାଲକାନଗିରି, ନବରଙ୍ଗପୁର ଓ କେନ୍ଦୁଝରରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ଚାଷୀଙ୍କ ସହାୟତା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହେବା ସହ ୨ରୁ୩ଟି ମଣ୍ଡି ଦାୟିତ୍ୱରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ ଦିଆଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଅଧିକ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଉଛି। ୧୧ ଜିଲାରେ ବର୍ତ୍ତମାନ ସୁଦ୍ଧା ୩୨୩ ଜଣ ସୁପରଭାଇଜର ଓ ୧୨୮୨ ଜଣ ନୋଡାଲ ଅଫିସର ନିଯୁକ୍ତ ଅଛନ୍ତି। ଏହି ଅଧିକାରୀମାନେ ମଣ୍ଡିକୁ ଆସୁଥିବା ପ୍ରତ୍ୟେକ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜ୍ୟର ପଞ୍ଜୀକୃତ ଚାଷୀମାନଙ୍କଠାରୁ ଧାନ କିଣାଯିବା ସହ କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ବାବଦକୁ ୨୩ ଶହ ଟଙ୍କା ଓ ଇନ୍‌ପୁଟ ସହାୟତା ରାଶି ଭାବେ ୮ ଶହ ଟଙ୍କା ପ୍ରଦାନ କରାଯାଉଛି।

# ରଥକାଠ ଅନୁକୂଳ ପାଇଁ ମା'ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା

ମା'ବଡ଼ରାଉଳଙ୍କ ପୀଠରେ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

**ଗଣିଆ, ୧୭।୧୨ (ସନ୍ତୋଷ କୁମାର ପ୍ରଧାନ)**

ଆରମ୍ଭ ହୋଇଛି ୨୦୨୫ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆଦ୍ୟପର୍ବ। ନୟାଗଡ଼ ଜିଲା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବଡ଼ମୂଳ ଖଳଖଳା ସେତୁ ନିକଟସ୍ଥ ମା'ବଡ଼ରାଉଳଙ୍କ ପୀଠରେ ମଙ୍ଗଳବାର ରଥସଂହିତା ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ରଥକାଠ ବରଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶ୍ରୀମନ୍ଦିରର ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର , ଭୋଇ ସର୍ଦ୍ଦାର ରବି ଭୋଇ ଓ ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀ ରାକେଶ ରାୟ ମଙ୍ଗଳବାର ମଧ୍ୟାହ୍ନରେ ବଡରାଉଳ ପୀଠରେ ପହଞ୍ଚିଥିଲେ। ପ୍ରଥମେ ବେଠିଆସାହିସ୍ଥିତ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ଏହି ୪ ଜଣିଆ ଟିମ୍ ମହାପ୍ରଭୁଙ୍କ ଆଜ୍ଞାମାଳ,ଖଣ୍ଡୁଆ,ମହାପ୍ରସାଦ,ପାଟପତନୀ ଓ ମହାର୍ଦ୍ଦ ଧରି ନୟାଗଡ଼ ବନବିଭାଗ ସହଯୋଗରେ ମା'ବଡରାଉଳ ଦେବୀଙ୍କ ପୀଠରେ ପହଞ୍ଚିବା ପରେ ବିଶ୍ୱ ହିନ୍ଦୁ ପରିଷଦ, ଗଣିଆ ମଣ୍ଡଳର କର୍ମକର୍ତ୍ତା ତଥା ବୌଦ୍ଧ ଅଞ୍ଚଳରୁ ଆସିଥିବା ନାମ ସଂକୀର୍ତ୍ତନ ମଣ୍ଡଳୀ ସେମାନଙ୍କୁ ମା'ଙ୍କ ପୀଠକୁ ପାଛୋଟି ନେଇଥିଲେ। ପରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥୀ ମଲିକ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାରମ୍ପରିକ ଢୋଲ ଓ ତୁରୀ ବାଦ୍ୟ ସହ ପାରମ୍ପରିକ ରୀତନୀତି ଅନୁଯାୟୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ରଥ ନିର୍ମାଣ ନିର୍ମିତ ଅସନ,ଧଉରା ,ଫାଶି ଓ ଶିମିଳି କାଠ ବୁଧବାରଠାରୁ ଛେଦନ କାର୍ଯ୍ୟ ଆରମ୍ଭ ହେବ ବୋଲି ବନବିଭାଗରୁ ସୂଚନା ମିଳିଛି।

ଚଳିତ ବର୍ଷ ୩ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠ ଆବଶ୍ୟକ ରହିଛି। ସେଥିମଧ୍ୟରୁ ୫୧ଖଣ୍ଡ କାଠ ରଥଖଳାରେ ଗଚ୍ଛିତ ରହିଛି। ଅବଶିଷ୍ଟ ୮୧୪ଖଣ୍ଡ କାଠ ନୟାଗଡ଼, ବୌଦ୍ଧ ବନଖଣ୍ଡ ତରଫରୁ ଯୋଗାଇଦେବା ପାଇଁ ଚଳିତ ବର୍ଷ ବ୍ୟବସ୍ଥା ରହିଛି। ୮୧୪ଖଣ୍ଡ କାଠ ମଧ୍ୟରୁ ୩୧୯ଖଣ୍ଡ ଅସନ, ୪୨୦ଖଣ୍ଡ ଧଉରା, ୭୨ଖଣ୍ଡ ଫାଶି ଓ ୩ ଖଣ୍ଡ ଶିମିଳି କାଠ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୩୯୬ ଖଣ୍ଡ କାଠ ରଥଖଳାକୁ ଓ ୪୧୮ଖଣ୍ଡ କଟକସ୍ଥିତ ଖପୁରିଆ କରତକଳକୁ ଚିରଟ ପାଇଁ ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି। ଏହାପରେ ଅପରାହ୍ନରେ ମା'ବଡରାଉଳଙ୍କ ଗୁପ୍ତପୂଜା ନୀତି ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ତତ୍କାଳୀନ ଦଶପଲ୍ଲା ଗଡଜାତର ରାଜା ଚକ୍ରଧର ଭଞ୍ଜ ୧୬୫୩ ମସିହାରୁ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଦଶପଲ୍ଲା ଅଞ୍ଚଳରୁ ଶ୍ରୀମନ୍ଦିର ରଥଖଳାକୁ ରଥକାଠ ଯୋଗାଇଦେବାର ବିଧି ଆରମ୍ଭ କରିଥିଲେ।

## ୨୦୨୫ ପୁରୀ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ

# ପୂର୍ବତନ ପିସିସିଏଫ୍‌ଙ୍କୁ ରାଜ୍ୟ ମାନବାଧିକାର କମିଶନଙ୍କ ନୋଟିସ

**ଭୁବନେଶ୍ୱର, ୧୭।୧୨ (ବନ୍ଦନା ସେଠୀ)**

ପୂର୍ବତନ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦଙ୍କୁ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଛି। ବାଘ ମାଂସ ଖାଇଲେ ସେମାନଙ୍କୁ ସାମାଜିକ ବାସନ୍ଦ କରିବା ପାଇଁ ନନ୍ଦ ଆହ୍ୱାନ ଦେଇଥିଲେ। ଏହି ମନ୍ତବ୍ୟକୁ ନେଇ ୪ଜଣ ମାନବାଧିକାର କର୍ମୀ ମାନବାଧିକାର କମିଶନରଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଭିତ୍ତିକରି କମିଶନ ପକ୍ଷରୁ ନନ୍ଦଙ୍କୁ ନୋଟିସ କରାଯାଇଛି। ଫେବୃଆରୀ ୨୧ ମଧ୍ୟରେ ଏହାର ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ନୂଆପଡ଼ା ଜିଲା କୋମନା ବନାଞ୍ଚଳରେ ବାର୍‌ହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି କଲରାପତରିଆ ବାଘର ମୃତ୍ୟୁ ହୋଇଥିଲା। ତେବେ ସେହି ବାଘର ମାଂସକୁ ଦୁଇ ଶିକାରୀ ଖାଇଥିଲେ। ଏଥିସହ ବଳିଥିବା କିଛି ମାଂସକୁ ଲୁଚାଇବାକୁ ଚେଷ୍ଟା କରୁଥିବାବେଳେ ଖବର ପାଇ କୋମନା ବନ ବିଭାଗ ଚଢ଼ାଉ କରି ସମ୍ପୃକ୍ତ ଦୁଇ ଶିକାରୀଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ପୂର୍ବତନ ପିସିସିଏଫ୍ ନନ୍ଦ ପ୍ରତିକ୍ରିୟା ରଖି, ଯେଉଁମାନେ ବାଘ ମାଂସ ଖାଇଛନ୍ତି ସେମାନଙ୍କୁ ସାମାଜିକ ବାସନ୍ଦ କରିବାକୁ ଆହ୍ୱାନ ଦେଇଥିଲେ। ମହାବଳ ବାଘ ହେଉ ଅବା କଲରାପତରିଆ, ସେମାନେ କଠିନ ପରିସ୍ଥିତିରେ ମଣିଷ ଶିକାର କରିଥା'ନ୍ତି। ମାତ୍ର ପ୍ରଥମଥର ପାଇଁ ମଣିଷ ବାଘ ମାଂସ ଖାଇଥିବା ଜଣାପଡିଛି। ସଭ୍ୟ ମଣିଷ ସମାଜରେ ସେମାନଙ୍କର କୌଣସି ସ୍ଥାନ ନାହିଁ। ତେଣୁ ସେମାନଙ୍କୁ ବାସନ୍ଦ କରାଯିବା ଆବଶ୍ୟକ ବୋଲି ପିସିସିଏଫ୍ ମନ୍ତବ୍ୟ ଦେଇଥିଲେ।

## ବାଘ ମାଂସ ଭକ୍ଷଣକାରୀଙ୍କୁ ସାମାଜିକ ବାସନ୍ଦ ମନ୍ତବ୍ୟ

# ଜବରଦସ୍ତି ହେଉଛି ଅସ୍ତ୍ରୋପଚାର, ଅତ୍ୟାଚାର

**ମାଲକାନଗିରି, ୧୭।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଓବାଦୀ ଗଡ଼ ବିରୋଧରେ ଅଭିଯୋଗ ଆଣିଛନ୍ତି ଜଣେ ପୂର୍ବତନ ମାଓବାଦୀ ଦୀପକ। ନିଜ ଉପରେ ହୋଇଥିବା ଅନ୍ୟାୟ ଓ ଅତ୍ୟାଚାରକୁ ନେଇ ମଙ୍ଗଳବାର ଛତିଶଗଡ଼ ଅନ୍ତଗଡ଼ରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି।

ଛତିଶଗଡ଼ ମାଓବାଦୀ ଦଳରେ ଦୀର୍ଘ ବର୍ଷଧରି କାର୍ଯ୍ୟ କରିଥିଲେ ଦୀପକ। ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢ଼େଇକରି ଗରିବ ଓ ନିଷ୍ପେଷିତଙ୍କୁ ନ୍ୟାୟଦେବା ପାଇଁ ସାମିଲ ହୋଇଥିବା ବେଳେ ଧୀରେ ଧୀରେ ସଙ୍ଗଠନର ଅସଲ ରହସ୍ୟକୁ ସାମ୍ନା କରିଥିଲେ। ସେ ସଂଗଠନ ସଦସ୍ୟ ହେବାପରେ ତାଙ୍କ ସହ ଅନ୍ୟ ମାନଙ୍କୁ ଜବରଦସ୍ତ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିଲା। ଫଳରେ ସେ ସଙ୍ଗଠନରୁ ମୁହଁ ଫେରାଇ ଆତ୍ମସମର୍ପଣ କରିଥିଲେ। ସଙ୍ଗଠନରେ ତାଙ୍କର ଦୁଇ ଦୁଇଥର ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିବା ବେଳେ ସେ ଆତ୍ମସମର୍ପଣ ପରେ ପୋଲିସ ସହାୟତାରେ ପୁନଃ ଅସ୍ତ୍ରୋପଚାର କରାଇ ବର୍ତ୍ତମାନ ବାପା ହୋଇ ପୋଲିସକୁ ଧନ୍ୟବାଦ ଦେଇଛନ୍ତି। ସଙ୍ଗଠନ ନିଜର ପୂର୍ବ ନୀତି ଆଦର୍ଶ ହରାଇ ନିରୀହ ଲୋକଙ୍କୁ ହତ୍ୟା ସହ ଲୁଟ୍‌ତରାଜ କରୁଥିବା ଦେଖି ସେ ଭାଙ୍ଗି ପଡ଼ିଥିଲେ। ସଙ୍ଗଠନର ବଡ଼ ନେତାଙ୍କ ଅତ୍ୟାଚାର ମଧ୍ୟ ତାଙ୍କ ପାଇଁ ଅସହ୍ୟ ହୋଇଥିବା ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସଙ୍ଗଠନର ମୁଖା ଖୋଲିଲେ ମାଓବାଦୀ ଦୀପକ

# ମୋବାଇଲ ଟାୱାର ଉପରୁ ଆତ୍ମହତ୍ୟା ଧମକ



ମୋବାଇଲ ଟାୱାର ଉପରୁ ଆତ୍ମହତ୍ୟା ପାଇଁ ଧମକ ଦେଉଛନ୍ତି ଯୁବକ।

**ତାଳଚେର, ୧୭।୧୨ (ମନୋଜ ନନ୍ଦ)/ ପବିତ୍ରନଗର (ନିରୋଜ ପ୍ରଧାନ)**

ମୋବାଇଲ ଟାୱାର ଉପରକୁ ଚଢ଼ିଯାଇଥିବା ଜଣେ ଯୁବକଙ୍କ ଆତ୍ମହତ୍ୟା ଧମକକୁନେଇ ନାକେଦମ ହୋଇଛି ପୋଲିସ ଓ ଅଗ୍ନିଶମ ବାହିନୀ। ଅନୁଗୋଳ ଜିଲା କଣିହାଁ ବ୍ଲକ ଏନ୍‌ଟିପିସି ଥାନା ରଙ୍ଗବେଡ଼ା ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

## ଯୁବକଙ୍କ ପାଇଁ ପୋଲିସ, ଅଗ୍ନିଶମ ବାହିନୀ ନାକେଦମ

ସୂଚନା ଅନୁଯାୟୀ, ରଙ୍ଗବେଡ଼ା ଗ୍ରାମରେ ଥିବା ଏକ ମୋବାଇଲ ଟାୱାର ଉପରକୁ ମଧ୍ୟାହ୍ନ ପ୍ରାୟ ୧୨ଟାରେ ସେହି ଗ୍ରାମର ଶ୍ରୀକାନ୍ତ ଦେହୁରୀ (୨୩) ଚଢ଼ିଯାଇଥିଲେ। ଟାୱାରର ଅତି ଶିଖରକୁ ଚଢ଼ିଯିବା ପରେ ଶ୍ରୀକାନ୍ତ ହଠାତ୍ ପାଟି କରି ସେଠାରୁ ତଳକୁ ଡେଇଁ ଆତ୍ମହତ୍ୟା କରିଦେବେ ବୋଲି କହିଥିଲେ। କିନ୍ତୁ କେଉଁ କାରଣରୁ ସେ ଏପରି ଆତ୍ମହତ୍ୟା ଧମକ ଦେଉଛନ୍ତି ସେ ନେଇ କିଛି ସ୍ପଷ୍ଟ କରି ନ ଥିଲେ। ଘଟଣା ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଶତାଧିକ ଲୋକଙ୍କ ଭିଡ଼ ହୋଇଥିଲା। ଖବରପାଇ ଏନ୍‌ଟିପିସି ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚିଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ଯେତେ ଅନୁରୋଧ କଲେ ମଧ୍ୟ ଶ୍ରୀକାନ୍ତ ତଳକୁ ଓହ୍ଲାଇ ନ ଥିଲେ। ଏପରି କି ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କ କୌଣସି କଥା ଶୁଣି ନ ଥିଲେ। ଦୀର୍ଘ ୩ ଘଣ୍ଟା ଧରି ନିଜ ଜିଦ୍‌ରେ ଅଟଳ ରହିବା ପରେ ଶେଷରେ ଅପରାହ୍ନ ୩ଟାରେ ସେ ତଳକୁ ଓହ୍ଲାଇବାକୁ ରାଜି ହୋଇଥିଲେ। ଶ୍ରୀକାନ୍ତ ତଳକୁ ଆସିବା ପରେ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ତାଙ୍କୁ ଧରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।


## ନିଲାମ ସୂଚନା

No. MM-330: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ) ରାଜନଗରଙ୍କ ଅଧୀନରେ ଥିବା କାଜୁ ଜଙ୍ଗଲରୁ କାଜୁବାଦାମ ସଂଗ୍ରହ କରିବା ପାଇଁ ନିମ୍ନଲିଖିତ ତାରିଖ, ସ୍ଥାନ ଓ ସମୟ ଅନୁସାରେ ପ୍ରକାଶ୍ୟଭାବେ ନିଲାମ କରାଯିବ। ନିଲାମ ଶେଷ ହେବା ପରେ ଦ୍ରବ୍ୟ ଓ ଏରିଆ ଇତ୍ୟାଦି ଉପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିଲାମ ସମ୍ବନ୍ଧୀୟ ସବିଶେଷ ବିବରଣୀ ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ) ରାଜନଗରଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ଦିବା ୧୧ ଘଟିକାଠାରୁ ଅପରାହ୍ନ ୪ ଘଟିକା ମଧ୍ୟରେ ମିଳିପାରିବ। ଏହା ମଧ୍ୟ ଏହି ବନଖଣ୍ଡର Website: **www.wildlife.odisha.gov.in**ରେ ଉପଲବ୍ଧ ଅଟେ।

| ନିଲାମ ତାରିଖ | ନିଲାମ ସ୍ଥାନ | କେଉଁ ଅଞ୍ଚଳର ଦ୍ରବ୍ୟ | ସମୟ |
|---|---|---|---|
| ୨୪।୦୧।୨୦୨୫ | ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଜନଗର | ଜଟାଧାରତଣ୍ଡୀ କାଜୁ ଜଙ୍ଗଲ, କୁଜଙ୍ଗ (ବନ୍ୟପ୍ରାଣୀ) ବନାଞ୍ଚଳ | ଦିବା ୧୧ ଘଟିକା |

ସ୍ୱା./– ବନଖଣ୍ଡ ଅଧିକାରୀ
ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର

OIPR-08053/11/0016/2425

## ODISHA PUBLIC SERVICE COMMISSION, CUTTACK

NOTICE

No.7290/P.S.C., Dt.16.12.24

**No.D-210:** It is for information of all **10 (05-w)** provisionally qualified candidates for recruitment to the posts of Lectureres in **Geology,** pursuant to Advt. No. 01 of 2023-24 that, **Document verification & Interview (Personality Test)** for the said post will be held on 27.12.2024 respectively, in the Office of the Commission, at 19, Dr. P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Interview (Personality Test) | Team | Time of Reporting by the candidates | Time of Document Verification | Time of Interview (Personality Test) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | **200874, 304705, 304725, 304849, 304882, 304907, 304938, 401304, 401373, 501186 = 10 Candidates** | 27.12.2024 | **Team-I** | 08.00 A.M. | 8.30 A.M. | 10.30 A.M. |

The candidates are required to produce following **original documents along with self- attested photocopies of all certificates/documents at the time of document verification failing which their candidature will be rejected.**

1. **Hard copy** of online application form duly signed in.
2. **Attestation Form** and **Bio-data Form.** (To be downloaded from the website of the Commission)
3. **H.S.C. Or equivalent certificate** in support of declaration of age.
4. **Intermediate/+2 / Diploma examination Certificate** issued by the concerned Board/ Council.
5. **B.Sc.** Degree Certificate from a recognized University.
6. **M.Sc.** Degree Certificate from a recognized University, wherever applicable,
7. **Marksheets** of the above examinations passed (HSC to M.Sc. Degree).
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of online application, wherever applicable.
11. **SEBC** Certificate issued by the Competent Authority within the last three years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of permanent disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the online Application.
16. **Four recent passport size photographs (unsigned and unattested),** which has been uploaded with online application form.
17. **No objection Certificate** (in case of in-service candidates), wherever applicable.
18. **Document in support of Identity.** (Aadhaar/ DL/ Pan Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0108/2425 — **Sd./- Secretary**

## OFFICE OF THE CHIEF EXECUTIVE, RPRC, BHUBANESWAR

(e-mail Id : rprcbbsr@gmail.com), Tel - (0674)-2557925

No.MM-334

NOTICE INVITING TENDER THROUGH e-PROCUREMENT

Bid Identification No. RPRC/14/2024-25

Notice No. : 2039/RPRC — Date : 16.12.2024

| | | | |
|---|---|---|---|
| 1 | Name of the project in brief | : | Expansion of cactus House |
| 2 | Estimated cost | : | Rs. 190.22 lakhs |
| 3 | Period of competition | : | 2 (two) Calendar months |
| 4 | Class of Contractor | : | "A" & "B" only |
| 5 | Availability of bid document | : | 17.12.2024/10.00 A.M. to 02.01.25/10.00 A.M. in website www.rprcbbsr.in / e-portal https://rprc.ewizard.in |
| 6 | Opening of (Technical Bid) | : | 02.01.2025/11.00 A.M. |

New Bidders to register on the portal https://rprc.ewizard.in and send a mail to eprochelpdesk.101@gmail.com with details. For queries on registration & online tender submission contact to : Mr. Shivendra Kumar, Mobile - 9355030613 and Jitesh Kumar, Mobile - 9355030604, e-mail : eprochelpdesk.101@gmail.com

Sd./- Chief Executive RPRC, Bhubaneswar

OIPR-08004/11/0011/2425

## ଓଡ଼ିଶା ସରକାର
## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
## ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର

E-mail: serwcirclesbp@yahoo.com
Office Order No.3584//Dated 13.12.2024

1st Corrigendum

Bid Identification No.Building Tender Online RWCSBP-10/2024-25

**No.O-895:** Following modifications are hereby made to the notice inviting tender vide this office Bid ID No.Building Tender Online RWCSBP-10/2024-25. 1. The availability of tender online for bidding may be read as 18.12.2024 from 11.00 AM to 01.01.2025 upto 5.00 PM instead of from 04.12.2024 from 11.00 AM to 18.12.2024 upto 5.00 PM. 2. The last date & time for seeking clarification may be read as 31.12.2024 upto 5.00 PM instead of 17.12.2024 upto 5.00 PM. 3. The date & time of technical opening bid may be read as 02.01.2025 at 11.00 AM instead of 19.12.2024 at 11.00 AM. All other terms and condition remain unchanged.

Sd./- Chief Construction Engineer R.W.Circle, Sambalpur

OIPR-25091/11/0018/2425

## GOVERNMENT OF ODISHA
## e-Procurement Notice, Angul (R&B) Division
### Bid Identification No. 23 of 2024-25

No. B-751 — e-mail ID: angulrbdivision@yahoo.co.in

| | | | |
|---|---|---|---|
| 1. | Number of Works | : | 06 (Six) Number of Building Works<br>04 (Four) Number of Road Works |
| 2. | Approximate Estimated Cost | : | Varies from Rs.8.00 lakh to Rs.61.50 Lakh |
| 3. | Period of Completion | : | 02 (Two) to 04 (Four) Calendar Months |
| 4. | Date & Time of availability of bid document in the portal | : | Dt.24.12.2024 at 10.00 A.M. |
| 5. | Last date/time for receipt of bid in the portal | : | Dt.08.01.2025 upto 5.00 P.M. |
| 6. | Date of Opening Bid | : | Dt.09.01.2025 at 11.00 A.M. |
| 7. | Name and address of the Office Inviting Bid | : | Superintending Engineer, Angul (R&B) Division, Angul |
| 8. | The bidders have to participate in ONLINE bidding only. | | |

Further details can be seen from the e-procurement portal **https:/ tendersodisha.gov.in**.

Sd./- Superintending Engineer Angul (R&B) Division

OIPR-34074/11/0012/2425

## OFFICE OF THE DIVISIONAL FOREST OFFICER, KEONJHAR DIVISION

Ph.: 06766-254315, e-mail: dfo.keonjhar@odisha.gov.in

Notice No. 485 — Dt.10.12.2024

WALK-IN-INTERVIEW

No. MM-332: Divisional Forest Officer, Keonjhar Division, invites Applications from interested Candidates for engagement of 01 (One) Data Operator-cum-GIS Expert in SSWLCP Cell at RCCF Office, Rourkela Circle, Rourkela. The Walk-in-Interview is scheduled to be held on 23.12.2024 (Monday) at 10.00 A.M. in the Conference Hall of Keonjhar Forest Division. The application form along with detailed role and responsibilities shall be availale on the website **www.keonjhar.nic.in/www.odishaforest.in**.

Sd./- Divisional Forest Officer Keonjhar Division

OIPR-08042/11/0025/2425

## DISTRICT PROJECT MANAGEMENT UNIT, PM POSHAN (MDM)
## DISTRICT EDUCATION OFFICE, BHADRAK

Notice No.11737/ Dt.12.12.2024

**No.n-175** : Sealed tenders in prescribed format under two bid systems are invited from the intending Registered Firms/ Authorised Licensed Transport Contractors/Agents having valid TIN, PAN, GST registration and clearance certificate, for undertaking transportation of rice under PM Poshan Scheme for the year, 2025-26 of Bhadrak district. The intending tenderers may submit their tenders to District Education Office, Bhadrak by Registered Post / Speed Post (through India Post) only which may be received during the office hours i.e., from 10 A.M. to 5.30 P.M. from **Dt.13.12.2024** to **Dt.10.01.2025 only on working days**. The Last date & time of submitting the tender paper is **Dt.10.01.2025 at 5.30 P.M.** The Tender papers be sent through Registered Post / Speed Post (through India Post) only and will be opened in the Office of the Collector, Bhadrak on **Dt.13.01.2025** at **4 P.M.** in presence of the Tender Committee of the District and the Bidders or their authorized represent

# ମେଡିକାଲରେ ୨ ଝୁଲନ୍ତା ମୃତଦେହ

## ଏମ୍‌ସରେ ଫ୍ୟାନ୍‌ରେ ଝୁଲିପଡ଼ିଲେ

**ମାନସିକ ଚାପରେ ଭାଙ୍ଗି ପଡ଼ିଥିଲେ ଦିଲୀପ**

*ଶରୀର ସୁସ୍ଥ ପାଇଁ ହସ୍ପିଟାଲ୍‌କୁ ଆସିଥିଲେ। ଭଲ ହୋଇ ଘରକୁ ଫେରିବେ ବୋଲି ପରିବାର ଲୋକେ ଆଶା କରିଥିଲେ। ମାତ୍ର ସେମାନଙ୍କ ମୃତଦେହ ହସ୍ପିଟାଲ ମଧ୍ୟରେ ଝୁଲନ୍ତା ଅବସ୍ଥାରେ ଠାବ କରାଗଲା। ରାଜ୍ୟର ୨ଟି ପ୍ରତିଷ୍ଠିତ ମେଡିକାଲରେ ଏଭଳି ୨ ଘଟଣା ମଙ୍ଗଳବାର ଦେଖିବାକୁ ମିଳିଛି। ଗୋଟିଏ ଭୁବନେଶ୍ୱର ଏମ୍‌ସରେ ଏବଂ ଅନ୍ୟଟି ବଲାଙ୍ଗୀରସ୍ଥିତ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରେ ଘଟିଛି। ଉଭୟ ଘଟଣା ପରେ ହସ୍ପିଟାଲରେ ରୋଗୀ ସେବା ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା ନେଇ ଅଙ୍ଗୁଳି ଉଠିଛି।*

**ଭୁବନେଶ୍ୱର,୧୭।୧୨(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ରେ ଅସ୍ଥିଶଲ୍ୟ ବିଭାଗ ଅଧୀନରେ ଚିକିତ୍ସିତ ହେଉଥିବା ଜଣେ ରୋଗୀଙ୍କ ଝୁଲନ୍ତା ମୃତ ଦେହ ସେ ଚିକିତ୍ସିତ ହେଉଥିବା ବେଡ୍ ଉପରେ ଥିବା ଫ୍ୟାନ୍‌ରୁ ଜବତ ହୋଇଛି। ମେଡିକାଲ୍ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମୃତକ ଜଣଙ୍କ ହେଲେ ଯାଜପୁର ଜିଲା ସାମନ୍ତରାପୁର ଅଞ୍ଚଳର ଦିଲ୍ଲୀପ ସାହୁ (୭୦)। ସୋମବାର ବିଳମ୍ବିତ ରାତିରେ ଦିଲ୍ଲୀପ ଡିଝ ୱାର୍ଡସ୍ଥିତ ଫ୍ୟାନ୍‌ରେ ଗାମୁଛା ଦ୍ୱାରା ଝୁଲୁଥିବା ଅବସ୍ଥାରେ ତାଙ୍କ ମୃତଦେହକୁ ପୋଲିସ ଜବତ କରାଯାଇଛି। ଏନେଇ ମେଡିକୋ ଲିଗାଲ୍ କେସ୍ (ଏମ୍‌ଏଲ୍‌ସି) ଆଧାରରେ ଖଣ୍ଡଗିରି ଥାନା ପକ୍ଷରୁ ମଙ୍ଗଳବାର ଏକ ଅପମୃତ୍ୟୁ ମାମଲା (ନଂ.୩୨୯/୨୦୨୪) ରୁଜୁ କରାଯାଇ ତଦନ୍ତ ହେଉଛି। ତେବେ ଏମ୍‌ସରେ ବ୍ୟବଚ୍ଛେଦ ପରେ ପୋଲିସ ପକ୍ଷରୁ ଦିଲ୍ଲୀପଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ଏମ୍‌ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଦିଲ୍ଲୀପ ତାଙ୍କ ଦୁଇଟି ଆଣ୍ଠୁର ଅସ୍ତ୍ରୋପୋଚାର ପାଇଁ ଗତ ୫ତାରିଖରେ ଏମ୍‌ସରେ ଭର୍ତ୍ତି ହୋଇଥିଲେ। ସମସ୍ତ ପରୀକ୍ଷା ଓ ଅନ୍ୟାନ୍ୟ କାର୍ଯ୍ୟ ପରେ ଡିସେମ୍ବର ୧୦ରେ ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ଆଣ୍ଠୁ ପ୍ରତିରୋପଣ କରାଯିବ ବୋଲି ଯୋଜନା ହୋଇଥିଲା। ହେଲେ ଡିସେମ୍ବର ୯ରେ ଦିଲ୍ଲୀପଙ୍କୁ ଅତ୍ୟଧିକ ଜ୍ୱର ହୋଇଯାଇଥିଲା। ଫଳରେ ତାଙ୍କୁ ମେଡିସିନ୍ ଡାକ୍ତର ଦେଖାଶୁଣା କରୁଥିଲେ। ତେବେ ଅନ୍ୟାନ୍ୟ ପରୀକ୍ଷା ପରେ ଦିଲ୍ଲୀପଙ୍କ କିଡ୍‌ନିଜନିତ ରୋଗ ଥିବା ଜଣାପଡ଼ିଥିଲା। ତାଙ୍କ ପରିସ୍ରାରେ ରକ୍ତ (ହେମାଟୁରିଆ) ପଡ଼ିବାରୁ ମୂତ୍ରରୋଗ ବିଶେଷଜ୍ଞ ଚିକିତ୍ସା କରୁଥିଲେ। ତେବେ ବିଭିନ୍ନ ରୋଗରେ ପଡ଼ି ବିଶେଷ ଅସୁବିଧା ଅନୁଭବ କରିବାରୁ ଦିଲ୍ଲୀପ ଭାଙ୍ଗି ପଡ଼ିଥିଲେ। ସେ ମାନସିକ ଅଶାନ୍ତିରେ ଗତି କରୁଥିଲେ। ଏପରିକି ହସ୍ପିଟାଲରେ ଦେଖାଶୁଣା କରୁଥିବା ଝିଅ ହରପ୍ରିୟାଙ୍କୁ

ସେ ଆତ୍ମହତ୍ୟା କରିଦେବେ ବୋଲି ମଧ୍ୟ କହିଥିଲେ। ତେବେ ହରପ୍ରିୟା ବାପାଙ୍କ ଦେଖାଶୁଣା କରିବା ସହ ବିଭିନ୍ନ ସମୟରେ ଏମ୍‌ସସ୍ଥିତ ଏକ ଆବାସରେ ରହିବାକୁ ଚାଲିଯାଉଥିଲେ। ସୋମବାର ରାତି ପ୍ରାୟ ୧୦ଟା ବେଳେ ହରପ୍ରିୟା ଉକ୍ତ ଆବାସକୁ ଯାଇଥିଲେ। ଏପଟେ କାର୍ଯ୍ୟରତ ଡାକ୍ତର ଓ ନର୍ସିଂ ଅଫିସର ଡିଝ ୱାର୍ଡକୁ ୧୨ଟା ୪୫ରେ ଯାଇଥିବାବେଳେ ଦିଲ୍ଲୀପ ବେଡ୍‌ରେ ଶୋଇଥିଲେ। ତେବେ ରାତି ପ୍ରାୟ ୧ଟାଏ ବେଳେ ନର୍ସିଂ ଅଫିସର ଓ ଅନ୍ୟ ଜଣେ ରୋଗୀଙ୍କ ସମ୍ପର୍କୀୟ ହାର୍ଡକୁ ଯାଇ ଦେଖିବାରୁ ଦିଲ୍ଲୀପ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ଦାୟିତ୍ୱରେ ଥିବା ନର୍ସ ଏହି ଘଟଣା ବିଷୟରେ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ପରେ ପୋଲିସକୁ ଖବର ଦିଆଯାଇଥିଲା। ତେବେ ହସ୍ପିଟାଲରେ ଦିଲ୍ଲୀପଙ୍କ ଆତ୍ମହତ୍ୟା ଘଟଣା ଉପରେ ଝିଅ ହରପ୍ରିୟା ପ୍ରଶ୍ନ ଉଠାଇଛନ୍ତି। ସେ ଗଣମାଧ୍ୟମରେ କହିଛନ୍ତି, ବାପା ଚଲିପାରୁ ନାହାନ୍ତି, ଖଟ ଚଢ଼ି ଫ୍ୟାନ୍‌ରେ ଲାଗିଲେ କେମିତି ବୋଲି ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଘଟଣା ସମୟରେ ସେହି ୱାର୍ଡ ଭିତରେ ୩୦ଜଣ ରୋଗୀ ଏବଂ ୧୦ଜଣ ଏମ୍‌ସ ଷ୍ଟାଫ୍ ଦାୟିତ୍ୱରେ ନିୟୋଜିତ ଥିବାବେଳେ ଏଭଳି ଏକ ଘଟଣା କିପରି ଘଟିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର କାରଣ ଜାଣିବାକୁ ହସ୍ପିଟାଲ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇଛି। ଏଥିପାଇଁ ଏକ ଯାଞ୍ଚ କମିଟି ଗଠନ କରାଯାଇଛି ବୋଲି ଏମ୍‌ସ ଲୋକ ସମ୍ପର୍କ ଅଧିକାରୀ ରାଜକିଶୋର ଦାସ କହିଛନ୍ତି।

# ତତ୍କାଳୀନ ଆର୍‌ଆଇଙ୍କୁ ୩ ବର୍ଷ ଜେଲ

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ୧୫ ବର୍ଷ ପରେ ରାୟ

**ବ୍ରହ୍ମପୁର,୧୭।୧୨ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଡ. ଅରୁଣ କୁମାର ସାହୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ୧୫ ବର୍ଷ ପରେ ମଙ୍ଗଳବାର ରାୟ ପ୍ରକାଶ କରିଛନ୍ତି। ଜଣେ ରାଜସ୍ୱ ନିରୀକ୍ଷକ(ଆର୍‌ଆଇ)ଙ୍କୁ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ଗୋଷାଣୀମୁଆଗାଁ ରେଭିନ୍ୟୁ ସର୍କଲର ତତ୍କାଳୀନ ଆରଆଇ ସୁଦର୍ଶନ ପଣ୍ଡା(୬୮)।

ସୁଦର୍ଶନ ଆର୍‌ଆଇ ଭାବେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ କଟକ ସେଲ ପକ୍ଷରୁ ୨୦୦୯ ସେପ୍ଟେମ୍ବର ୩୦ ତାରିଖରେ ଗୋଷାଣୀ ନୂଆଗାଁସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ ସମେତ ଗଞ୍ଜାମ ଜିଲା ଗୋବରା ନିକଟ ବାସୁଦେବପୁରଠାରେ ଥିବା ପୈତୃକ ବାସଭବନ ଓ ବ୍ରହ୍ମପୁର ନିକଟ ଲୋଚାପଡ଼ା ଶକ୍ତିନଗରସ୍ଥିତ ବାସଭବନରେ ଚଢାଉ କରାଯାଇଥିଲା। ସେତେବେଳେ ଆର୍‌ଆଇଙ୍କ ନିକଟରୁ ମୋଟ ୨୦ ଲକ୍ଷ ୧୬ ହଜାର ୧୯ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ହେଲେ ବିଚାର ବେଳେ ରାଜସ୍ୱ ନିରୀକ୍ଷକଙ୍କ ମୋଟ ଆୟ ବହିର୍ଭୂତ ସମ୍ପତ୍ତି ୧୫ ଲକ୍ଷ ୨୫ ହଜାର ୫୦୫ ଟଙ୍କା ବୋଲି କୋର୍ଟ ଧାର୍ଯ୍ୟ କରିଥିଲେ ।

ଭିଜିଲାନ୍ସର ତତ୍କାଳୀନ ଇନ୍ସପେକ୍ଟର ବସନ୍ତ କୁମାର ସିହ୍ନା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ । ୩୯ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

# ଲାଞ୍ଚ ନେବାବେଳେ ସେକ୍ସନ ଅଫିସରଙ୍କୁ ଧରିଲା ଭିଜିଲାନ୍ସ

**ପାପଡ଼ାହାଣ୍ଡି/ନବରଙ୍ଗପୁର, ୧୭।୧୨(ସ୍ୱପ୍ନଜିତ ପଟ୍ଟନାୟକ/ ସଦାଶିବ ପ୍ରହରାଜ)**

୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟର ସେକ୍ସନ ଅଫିସର ରଞ୍ଜିତ କୁମାର ଷଡ଼ଙ୍ଗୀ ମଙ୍ଗଳବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଭିଜିଲାନ୍ସ ପକ୍ଷରୁ ରଞ୍ଜିତଙ୍କ ନବରଙ୍ଗପୁର ସହର ରାଜୁସାହିସ୍ଥିତ ଘର ଯାଞ୍ଚ କରାଯାଇଛି। କୋରାପୁଟ ଭିଜିଲାନ୍ସ ବିଭାଗ କେସ୍ ନମ୍ବର ୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନାନୁଯାୟୀ ପାପଡ଼ାହାଣ୍ଡି ନିବାସୀ ରାମଚନ୍ଦ୍ର ସାହୁ ୨୦୧୧ରେ ମୁଣ୍ଡାଗୁଡ଼ା ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ତାଙ୍କର ଆଜି ପର୍ଯ୍ୟନ୍ତ ଫାଇନାଲ ପେନସନ୍ ହୋଇପାରୁ ନ ଥିଲା। ରାମଚନ୍ଦ୍ର ଫାଇନାଲ ପେନ୍‌ସନ ପାଇଁ ସେକ୍ସନ ଅଫିସର ଷଡ଼ଙ୍ଗୀଙ୍କ ସହ କଥା ହୋଇଥିଲେ। ସେ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ରାମଚନ୍ଦ୍ର ଏ ନେଇ ନବରଙ୍ଗପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ମଙ୍ଗଳବାର ସେ ଟଙ୍କା ନେଇ ରଞ୍ଜିତଙ୍କୁ ଦେବାବେଳେ ପୂର୍ବ ଯୋଜନା ମୁତାବକ ସେଠାରେ ଜଗି ରହିଥିବା ଭିଜିଲାନ୍ସ କର୍ମଚାରୀ ଟଙ୍କା ସହ ତାଙ୍କୁ ଗିରଫ କରିଥିଲେ। ଏହାପରେ ରାଜୁ ସାହିସ୍ଥିତ ତାଙ୍କ ଘରେ ଚଢ଼ାଉ କରାଯାଇଛି। ତେବେ ଘରେ ଚଢ଼ାଉ ବେଳେ କ'ଣ କାଗଜପତ୍ର ବାହାରିଲା ସେ ନେଇ ସୂଚନା ଦିଆଯାଇନାହିଁ। ଏହି ଚଢ଼ାଉରେ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି ଅରୁଣ କୁମାର ନାୟକ, ଡିଏସ୍‌ପି ଜୟଶ୍ରୀ ପ୍ରଧାନ, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ ଓ କର୍ମଚାରୀ ଭାଗ ନେଇଥିଲେ। ଅଭିଯୁକ୍ତଙ୍କୁ ଜୟପୁର ଅଫିସକୁ ସ୍ଥାନାନ୍ତର କରାଯାଇଛି।

# ଗଛରୁ ଝୁଲନ୍ତା ମୃତଦେହ ଜବତ

**ବଲାଙ୍ଗୀର,୧୭।୧୨(ବୀରେନ୍ଦ୍ର କୁମାର ଝାଙ୍କର)**

**ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଅଘଟଣ**

- ■ମୃତ୍ୟୁର କାରଣ ଅସ୍ପଷ୍ଟ
- ■ବିଳମ୍ବିତ ରାତିଯାଏ ହସ୍ପିଟାଲ ପରିସରରେ ବୁଲୁଥିଲେ
- ■ମୁଣ୍ଡରେ ବ୍ୟାଣ୍ଡେଜ୍, ହାତରେ ଭେନ୍‌ପ୍ଲାମ୍ ଲାଗିଥିଲା

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପରିସରରେ ଜଣେ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ହସ୍ପିଟାଲର ସିଟି ସ୍କାନ୍ ୟୁନିଟ୍ ପଛପଟେ ଥିବା ଏକ ଦେବଦାରୁ ଗଛରୁ ମଙ୍ଗଳବାର ତାଙ୍କର ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତଦେହ ଶାର୍ଟ ପକେଟ୍‌ରୁ ମିଳିଥିବା ହସ୍ପିଟାଲ ପଞ୍ଜୀକରଣ ଟିକେଟରେ ତାଙ୍କ ନାମ ଅଗସ୍ତି ଜାନି(୩୭) ବୋଲି ଉଲ୍ଲେଖ ରହିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ବଲାଙ୍ଗୀର ଟାଉନ ଥାନା ପୋଲିସ ଘଟଣାର ତଦନ୍ତ କରୁଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଟିଟିଲାଗଡ଼ ଥାନା ଅଧୀନ ଅନ୍ତର୍ଲା ଗ୍ରାମର ଅଗସ୍ତି କୌଣସି କାମରେ ବରଗଡ଼ ଜିଲା ଅତାବିରା ଯାଇଥିଲେ। ସେଠାରୁ ସୋମବାର ଟ୍ରେନ୍ ଯୋଗେ ଫେରୁଥିବା ବେଳେ ଟ୍ରେନ୍ ଭିତରେ କୌଣସି କଥାକୁ କେନ୍ଦ୍ର କରି କେତେଜଣ ଯୁବକଙ୍କ ସହ ତାଙ୍କର ମାରପିଟ୍ ହୋଇଥିଲା। ଲୋଇସିଂହା ରେଳଷ୍ଟେଶନ ନିକଟରେ ସେ ଉକ୍ତ ଟ୍ରେନରୁ ଡେଇଁ ପଡିଥିଲେ। ଆହତ ଅବସ୍ଥାରେ ସେ ଲୋଇସିଂହା ରେଳଷ୍ଟେଶନ ମାଷ୍ଟରଙ୍କ ନିକଟକୁ ଯାଇ ଟ୍ରେନ ଭିତରେ ହୋଇଥିବା ଗଣ୍ଡଗୋଳ ସମ୍ପର୍କରେ ଜଣାଇଥିଲେ। ଏହାପରେ ଷ୍ଟେଶନମାଷ୍ଟର ତାଙ୍କୁ ହସ୍ପିଟାଲ ପଠାଇବା ବ୍ୟବସ୍ଥା କରିଥିଲେ। ହସ୍ପିଟାଲ ଗଲା ପରେ ସେଠାରେ ପ୍ରାଥମିକ ଚିକିତ୍ସା କରି ଡାକ୍ତର ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଆମ୍ବୁଲାନ୍ସ ଯୋଗେ ସେ ଲୋଇସିଂହା ହସ୍ପିଟାଲରୁ ବଲାଙ୍ଗୀର ଆସି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଓପିଡିକୁ ଯାଇଥିଲେ। ସେଠାକାର ଡାକ୍ତର ତାଙ୍କୁ ସର୍ଜରୀ ୱାର୍ଡରେ ଭର୍ତ୍ତି ହେବାକୁ ପରାମର୍ଶ ଦେଇଥିଲେ। ତେବେ ଯୁବକ ଜଣକ ପରିବାର ଲୋକେ ଆସିଲା ପରେ ଯାଇ ହସ୍ପିଟାଲରେ ଭର୍ତ୍ତି ହେବେ କହି ସେହି ପରିସରରେ ବୁଲୁଥିଲେ। ସିସିଟିଭି ଫୁଟେଜ୍‌ରୁ ମଧ୍ୟ ସେ ହସ୍ପିଟାଲ ପରିସରରେ ବୁଲୁଥିବା ଦେଖାଯାଉଛି।

ତେବେ ବିଳମ୍ବିତ ରାତିରେ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ଏସ୍‌ଡିପିଓ ପ୍ରଦୀପ କୁମାର ସାହୁ ଗଣମାଧ୍ୟମକୁ କହିଛନ୍ତି। ତେବେ ଏନେଇ ଅଧିକ ତଦନ୍ତ ଚାଲିଛି ଏବଂ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କହିଛନ୍ତି। ଏସ୍‌ଡିପିଓ ସାହୁ କହିଛନ୍ତି, ବଲାଙ୍ଗୀର ହସ୍ପିଟାଲ ପରିସରରେ ବୁଲୁଥିବା ବେଳେ ଅଗସ୍ତି କିଛି ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ ଓ ସେ ଭୟଭୀତ ଥିବା ଜଣାପଡୁଥିଲେ। ତେବେ ସେ କାହିଁକି ଭୟଭୀତ ଥିଲେ ତାହା ଏଯାଏ ଜଣାପଡ଼ିନାହିଁ। ଏନେଇ ତଦନ୍ତ ଚାଲିଛି। ଟ୍ରେନ୍‌ରୁ ଡିଆଁ ମାରିଥିବା ଯୁବକ ଜଣକ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଚିକିତ୍ସା ପାଇଁ ଆସିବା ପରେ କାହିଁକି ଆତ୍ମହତ୍ୟା କରିବେ ଏହା ସହଜରେ ଗ୍ରହଣଯୋଗ୍ୟ ହୋଇପାରୁନାହିଁ। ମୃତ ଅଗସ୍ତିଙ୍କ ହାତରେ ଭେନ୍‌ପ୍ଲାମ୍ ଓ ମୁଣ୍ଡରେ ବ୍ୟାଣ୍ଡେଜ୍ ଲାଗିଥିବା ବେଳେ ଏକାକୀ ଦେବଦାରୁ ଗଛକୁ ଚଢ଼ି ଆତ୍ମହତ୍ୟା କରିବା କଥାକୁ ଲୋକେ ବିଶ୍ୱାସ କରିପାରୁନାହାନ୍ତି। ସନ୍ଦେହଜନକ ଭାବେ ତାଙ୍କର ମୃତ୍ୟୁ ଘଟିଥିବାରୁ ଏ ଦିଗରେ ଅଧିକ ତଦନ୍ତର ଆବଶ୍ୟକତା ରହିଛି। ବ୍ୟବଚ୍ଛେଦ ପରେ ମୃତଦେହ ଅଗସ୍ତିଙ୍କ ସ୍ତ୍ରୀ ଓ ଶାଳକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସ୍‌ଡିପିଓ ସାହୁ କହିଛନ୍ତି।

## ଢଗଢମାଳି

**(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)**

**ଖାଇଲେ ପିନ୍ଧିଲେ ବୁଢ଼ୀ ସୁନ୍ଦର**
**ଲିପିଲେ ପୋଛିଲେ ଘର ସୁନ୍ଦର ।**

ସୁଷମ ଖାଦ୍ୟ ଏବଂ ପରିଧାନ ବୟସର ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି କରିଥାଏ। ସେହିପରି ଘର ପରିଷ୍କାର ପରିଚ୍ଛନ୍ନ କରି ରଖିଲେ ତାହା ଆଖିକୁ ଆକୃଷ୍ଟ କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଖଇର ଚୋପି**
**ବେଳ ଉଣ୍ଡିକରି ଗଡ଼ିଲେ ଗୋପୀ।**

ଇପ୍ସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିସୁ ବ୍ୟକ୍ତି ବେଳ କାଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ୍ ଭଲଭାବେ ଜଣାଯାଇଥାଏ। ପରୋକ୍ଷରେ ନିଜ ମନର ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡ୍‌ସ ପବ୍ଲିଶର୍ସ**

# ମହିଳାଙ୍କୁ ବ୍ଲାକ୍‌ମେଲ କରି ଯୁବକ ଗିରଫ

**ଚୌଦ୍ୱାର,୧୭।୧୨(ଆଶୁତୋଷ ଦାସ)**

ଡିଜିଟାଲ ପ୍ଲାଟ୍‌ଫର୍ମରେ ଅଶ୍ଳୀଳ ଫଟୋ ଭାଇରାଲ କରିଦେବା ଭୟ ଦେଖାଇ ଜଣେ ମହିଳାଙ୍କୁ ବ୍ଲାକ୍‌ମେଲ କରିବା ଓ ତାଙ୍କଠାରୁ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାହାଙ୍ଗା ଭଦ୍ରେଶ୍ୱର ଥାନା ଅଞ୍ଚଳର ଚିନ୍ମୟ ରାଉତ। ସୂଚନା ମୁତାବକ, ଚିନ୍ମୟ ଡିଜିଟାଲ ପ୍ଲାଟ୍‌ଫର୍ମ ମାଧ୍ୟମରେ ସମ୍ପୃକ୍ତା ମହିଳାଙ୍କ ମୋବାଇଲ ନମ୍ବର ଯୋଗାଡ଼ କରି ତାଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିଥିଲେ। ପରେ ସେ ମହିଳାଙ୍କ କିଛି ଆପତ୍ତିଜନକ ଫଟୋ ଯୋଗାଡ଼ କରି ତାକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇ ତାଙ୍କ ନିକଟରୁ ବାରମ୍ବାର ଟଙ୍କା ଆଦାୟ କରୁଥିଲେ। ଚିନ୍ମୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ନେଇ ସମ୍ପୃକ୍ତା ମହିଳା ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୬୪୭/୨୪ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ କାବୁ କରିବାରେ ସଫଳ ହୋଇଛି।

# ପୂର୍ବ ଶତ୍ରୁତାରୁ ବ୍ୟବସାୟୀଙ୍କ ଉପରକୁ ବୋମାମାଡ଼

- ■ଜଣେ ଗିରଫ, ଅନ୍ୟ ଜଣେ ଫେରାର
- ■ଝୋଟ, ପେପର ପିସ୍, ଗୋଡ଼ି ଓ କଟନ ସ୍ୱାପ ନମୁନା ସଂଗ୍ରହ

**କାକଟପୁର/ ଅସ୍ତରଙ୍ଗ,୧୭।୧୨(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ ମମତା ଜେନା)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାକଟପୁର ଥାନା ଅନ୍ତର୍ଗତ କଟକଣା ବଙ୍ଗଳା ନିକଟରେ ବ୍ୟବସାୟୀ ଏସ. କେ. ସୁଦାମଙ୍କ ଉପରକୁ ୨ଟି ବୋମା ମାଡ଼ ହୋଇଥିଲା। ପ୍ରଥମ ବୋମା ମାଡ଼ରେ ସୁଦାମ ଆହତ ହେବା ସହ ବାଇକ୍‌ର ଅନେକାଂଶ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ସୋମବାର ବିଳମ୍ବିତ ରାତିରେ ସୁଦାମ ଚିକେନ ଦୋକାନ ବନ୍ଦ କରି ଘରକୁ ଫେରୁଥିବାବେଳେ ଅଭିଯୁକ୍ତ ଶେଖ୍

ଜୁନୋଦ ଓରଫ ଗୋରା ତାଙ୍କ ଉପରକୁ ବୋମାମାଡ଼ କରିଥିଲେ। ପ୍ରଥମ ବୋମାଟି ସୁଦାମ ଯାଉଥିବା ଗାଡ଼ିରେ ମାଡ଼ ହୋଇଥିବା ବେଳେ ଦ୍ୱିତୀୟ ବୋମାଟି ଘର କାନ୍ଥରେ ବାଜିଥିଲା। ବୋମା ବିସ୍ଫୋରଣ ଯୋଗୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଥିଲା। ଖବରପାଇ କାକଟପୁର ଥାନା ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ଆହତ ଯୁବକଙ୍କଠାରୁ ବୁଝିଥିଲା। ପରେ ପୋଲିସ ରାତିରେ ଅଭିଯୁକ୍ତ ଶେଖ ଜୁନୋଦଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖି



ନାଗପୁରସ୍ଥିତ ମହାରାଷ୍ଟ୍ରର ବିଧାନ ଭବନରେ ମଙ୍ଗଳବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ସହ ଶିବସେନା(ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କରମର୍ଦ୍ଦନ କରୁଛନ୍ତି।

# ଫଡ୍‌ନବିସଙ୍କୁ ଭେଟିଲେ ଉଦ୍ଧବ

**ନାଗପୁର, ୧୭।୧୨**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଦଳର ଘୋର ବିପର୍ଯ୍ୟୟ ପରେ ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେ ମଙ୍ଗଳବାର ନାଗପୁର ବିଧାନ ଭବନଠାରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କୁ ଭେଟିଛନ୍ତି। ନିର୍ବାଚନରେ ଭାଜପାର ବଡ଼ ବିଜୟ ହୋଇଥିବାରୁ ଉଦ୍ଧବ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଯାଇଥିବା ଜଣାପଡ଼ିଛି। ତାଙ୍କ ସହ ପୁଅ ତଥା ୱର୍ଲି ବିଧାୟକ ଆଦିତ୍ୟ ଠାକ୍‌ରେ, ବିଧାୟକ ଅନିଲ ପରବ ଓ ବରୁଣ ସରଦେଶାଇ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ମହାରାଷ୍ଟ୍ରର ସ୍ୱାର୍ଥ ପାଇଁ ଏକାଠି କାମ କରିବା ଉଦ୍ଦେଶ୍ୟରେ ଏପରି ଭେଟ୍‌ଘାଟ ହୋଇଥିବା ଆଦିତ୍ୟ କହିଛନ୍ତି। ଆଦିତ୍ୟ କହିଛନ୍ତି, ତାଙ୍କ ଦଳର ମୁଖିଆ ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ଫଡ୍‌ନବିସ ଓ ବିଧାନସଭା ବାଚସ୍ପତି ରାହୁଲ ନରୱେକରଙ୍କୁ ଭେଟି ରାଜ୍ୟ ସ୍ୱାର୍ଥ ସମ୍ପର୍କିତ ବହୁ ବିଷୟ ଉପରେ ଆଲୋଚନା କରିଛନ୍ତି। ଆଦିତ୍ୟ କହିଛନ୍ତି, ଆମେ ସମସ୍ତେ ଲୋକଙ୍କ ପ୍ରତିନିଧି। ଶାସକ ଦଳ ମଧ୍ୟ ଆମକୁ ଶୁଣିବା ଉଚିତ। ଏହାଦ୍ୱାରା ଲୋକଙ୍କ ମଙ୍ଗଳ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏବେ ନାଗପୁରରେ ଶୀତ ଅଧିବେଶନ ଚାଲିଛି।

# ଫେବୃଆରୀରେ ଭାଜପାର ନୂଆ ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୧୭।୧୨(ପି.ଟି.)**

ଭାଜପାର ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ଫେବୃଆରୀ ଶେଷ ସୁଦ୍ଧା ନିର୍ବାଚିତ ହୋଇପାରନ୍ତି ବୋଲି ଦଳର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି। ବର୍ତ୍ତମାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ସ୍ଥାନରେ ନୂଆ ଅଧ୍ୟକ୍ଷ ଦାୟିତ୍ୱ ନେବେ। ଜାନୁଆରୀ ମଧ୍ୟଭାଗ ସୁଦ୍ଧା ଅର୍ଦ୍ଧାଧିକ ରାଜ୍ୟରେ ଭାଜପାର ସାଂଗଠନିକ ନିର୍ବାଚନ ଶେଷ ହୋଇଯିବ। ଏହା ପରେ ନୂଆ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି। ବରିଷ୍ଠ ନେତାଙ୍କ କହିବା ଅନୁଯାୟୀ, ୬୦ ପ୍ରତିଶତ ଭାଜପା ରାଜ୍ୟ ସଭାପତିଙ୍କ କାର୍ଯ୍ୟକାଳ ପୂରଣ ହୋଇଥିବାରୁ ଆସନ୍ତା ମାସ ମଧ୍ୟଭାଗ ସୁଦ୍ଧା ସେମାନେ ବଦଳିବେ। ତେବେ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ କେହି ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିବେ କି ବୋଲି ପ୍ରଶ୍ନ ହେବାରୁ କାର୍ଯ୍ୟକର୍ତ୍ତା ଜଣକ କହିଛନ୍ତି, ସରକାରରୁ କିମ୍ବା ସଂଗଠନରୁ ନୂଆ ଅଧ୍ୟକ୍ଷ ହୋଇପାରନ୍ତି। ଏପର୍ଯ୍ୟନ୍ତ କିଛି ଚୂଡ଼ାନ୍ତ ହୋଇନାହିଁ। ୨୦୨୦ ଫେବୃଆରୀରୁ ଭାଜପା ଅଧ୍ୟକ୍ଷ ପଦରେ ଥିବା ନଡ୍ଡା ଏବେ କେନ୍ଦ୍ରରେ ସ୍ୱାସ୍ଥ୍ୟମନ୍ତ୍ରୀ ରହିଛନ୍ତି। ଦଳୀୟ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୩ ବର୍ଷ ହୋଇଥିବାବେଳେ ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ନଡ୍ଡାଙ୍କ କାର୍ଯ୍ୟକାଳ ବଢ଼ାଇଦିଆଯାଇଥିଲା।

# ନବୀନଙ୍କ ସହ ରହିଛୁ, ଶେଷ ଯାଏ ରହିବୁ ଭବାନୀପାଟଣା ବ୍ଲକ୍‌ର ୨୦ ସରପଞ୍ଚ ଭାଜପାରେ ସାମିଲ

**ଭୁବନେଶ୍ୱର, ୧୭।୧୨(ଅନିଲଦାସ)**

## ବିଜେଡି ରାଜ୍ୟ ସଭା ଏମପିଙ୍କ ଗୋଟିଏ ସ୍ୱର

ବିଜେଡି ନେତା ସୁଜିତ କୁମାର ଓ ମମତା ମହାନ୍ତ ଭାଜପାରେ ସାମିଲ ହେବା ପରେ ଦଳର ଆହୁରି କେତେକ ଏମ୍‌ପି ଦଳ ଛାଡ଼ିବା ନେଇ ବିଭିନ୍ନ ସମୟରେ ଭାଜପା ନେତାମାନେ ଗଣମାଧ୍ୟମରେ କହୁଛନ୍ତି। ଏହାକୁ ନେଇ ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ହେଉଛି। ତେବେ ଏଭଳି ଆଲୋଚନା ଭିତରେ ବିଜେଡିର ୭ ଜଣ ରାଜ୍ୟ ସଭା ସଦସ୍ୟ ମଙ୍ଗଳବାର ନୂଆଦିଲ୍ଲୀରେ ଖବରଦାତା ସମ୍ମିଳନୀ ଡାକି ଏଭଳି ଖବରକୁ କଡ଼ା ବିରୋଧ କରିଛନ୍ତି। ସେମାନେ କହିଛନ୍ତି, ବିଜେଡି ଓ ନବୀନ ପଟ୍ଟନାୟକଙ୍କ ସହ ଅଛନ୍ତି ଓ ଶେଷ ଯାଏ ରହିବେ। ଦଳ ଛାଡ଼ିବାର ପ୍ରଶ୍ନ ଉଠୁନାହିଁ। କେତେକ ଗଣମାଧ୍ୟମରେ ଅପପ୍ରଚାର ହେଉଛି। ଉଦ୍ଦେଶ୍ୟମୂଳକ ଭାବେ ବିଜେଡି ଏମ୍‌ପିଙ୍କ ଚରିତ୍ର ସଂହାର କରାଯାଉଛି। ଏଭଳି ମନଗଢ଼ା ଖବର ପ୍ରସାରଣ ବନ୍ଦ ନ ହେଲେ ଆଇନର ଆଶ୍ରୟ ନିଆଯିବ ବୋଲି ବିଜେଡି ଏମ୍‌ପିମାନେ ଚେତାଇ ଦେଇଛନ୍ତି।

ବିଜେଡି ରାଜ୍ୟ ସଭା ସଦସ୍ୟ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଭେଟିବା ଘଟଣାକୁ ମିଛ ରାଜନୀତିର ରଙ୍ଗ ଦିଆଯାଉଛି। ମିଳିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଅଭିଯୋଗ କରିଛନ୍ତି ଯେ, କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ବିଜେଡିକୁ ବଦନାମ କରିବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ସବୁ ଦଳର ଏମ୍‌ପିମାନେ ଦୈନିକ ଭେଟି ରାଜ୍ୟ ସମସ୍ୟା କଥା କହିଥାନ୍ତି। ବିଜେଡ ଏମ୍‌ପିମାନେ ମଧ୍ୟ ସେହିଭଳି ରାଜ୍ୟର କିଛି ସମସ୍ୟାକୁ ନେଇ ତାଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ଏହାକୁ ଏକ ଭିନ୍ନ ଢଙ୍ଗରେ ଚିତ୍ରଣ କରାଯାଉଛି। ଏଥିରେ ସମ୍ପୃକ୍ତ ଏମପିଙ୍କ ମତାମତ ମଧ୍ୟ ନିଆଯାଉ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ଭୁଲ୍ ଖବର ପ୍ରସାରଣ ନ କରିବାକୁ ସାଂସଦ ଦେବାଶିଷ ସାମନ୍ତରାୟ ଓ ମୁନ୍ନା ଖାଁ ଦାବି କରିଛନ୍ତି। ବିଜେଡି ଏକ ଅଛି ଓ ରହିବ। ନବୀନ ପଟ୍ଟନାୟକଙ୍କ ସହ ସବୁ ଏମ୍‌ପି ଅଛନ୍ତି। ଏହାକୁ ନେଇ ଅପପ୍ରଚାର ନ କରିବାକୁ ସେ କହିଛନ୍ତି। ବିଜେଡି ଏମ୍‌ପି ସମ୍ମିତ ପାତ୍ର ଅଭିଯୋଗ କରିଛନ୍ତି ଯେ, କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ରାଜନୈତିକ ଉଦ୍ଦେଶ୍ୟ ରଖି ଭୁଲ୍ ଖବର ଦେଉଛନ୍ତି। ସେମାନେ ଚାହୁଁଛନ୍ତି ରାଜ୍ୟର ସ୍ୱାର୍ଥ କଥା ଦିଲ୍ଲୀରେ ନ ଉଠୁ।

ବିଜେଡି ଏମ୍‌ପିମାନେ କହିଛନ୍ତି, ଗତ ନିର୍ବାଚନରେ ଭାଜପା ସରକାର ଗଠନର ସଂଖ୍ୟା ଗଣତିରେ ଆଗୁଆ ଥିଲେ ବି ସାମଗ୍ରିକ ଭୋଟ ହାରରେ ବିଜେଡି ଆଗୁଆ ରହିଥିଲା। ସେହିପର ଏବେ ବ ନବୀନଙ୍କ କ୍ରେଜ୍ କାହିଁରେ କ'ଣ। ତେଣୁ ଏମ୍‌ପିଙ୍କ ବିରୋଧରେ ମନଗଢ଼ା ଖବର ପ୍ରସାରଣ କରି ବିଜେଡିକୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଉଛି।

**ଭବାନୀପାଟଣା, ୧୭।୧୨ (ଉତ୍ତମ କୁମାର ଦାଶ)**

ରାଜ୍ୟରେ ଭାଜପା ସରକାର ଆସିବା ପରେ କଳାହାଣ୍ଡି ଜିଲାରେ ଦିନକୁ ଦିନ ଦଳର ଶକ୍ତି ବଢ଼ିବାରେ ଲାଗିଛି। ଏପରିସ୍ଥଳେ ମଙ୍ଗଳବାର ଭୁବନେଶ୍ୱର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଭବାନୀପାଟଣା ବ୍ଲକର ୨୦ ଜଣ ସରପଞ୍ଚ ଦଳରେ ବିଧିବଦ୍ଧ ଭାବେ ସାମିଲ ହୋଇଛନ୍ତି। ଭାଜପା ପକ୍ଷରୁ ସେମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ କଳାହାଣ୍ଡି ଭାଜପା ଆହୁରି ଶକ୍ତିଶାଳୀ ହେବ ବୋଲି ଦଳୀୟ ନେତା ପ୍ରକାଶ କରିଛନ୍ତି। ଏହି ସମୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ପୂର୍ବତନ ସଙ୍ଗଠନ ମନ୍ତ୍ରୀ ରଞ୍ଜନ ପୁଟେଲ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ସ୍ୱଚ୍ଛ ଭାରତ ଅଭିଯାନ ଭାଜପା କଳାହାଣ୍ଡି ଜିଲା ସଂଯୋଜକ ଲୋକନାଥ ଦୁର୍ଗା, ବୋର୍ଡା ମଣ୍ଡଳ ସଭାପତି ବିଭୀଷଣ ସାହୁ, ଉପସଭାପତି ସଞ୍ଜୀବ ମିଶ୍ର, ସୁମନ ବେମାଲ, ବରିଷ୍ଠ ନେତା ଭଣ୍ଡେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଭାଜପାରେ ସାମିଲ ହୋଇଥିବା ସରପଞ୍ଚମାନେ ହେଲେ ଭବାନୀପାଟଣା ବ୍ଲକ ଶଗଡା ସରପଞ୍ଚ ଗୋବିନ୍ଦ ନାଏକ, ଚାଞ୍ଚରେର ବିକାଶ ପ୍ରଧାନ, ତଳବେଲଗାଁର ଅଙ୍କିତା ବେହେରା, ଲକ୍ଷ୍ମୀପୁରର ରମେଶ ନାଏକ, ମେଦିନୀପୁରର ଗୌରୀ ମଶ୍ର, ଉଦେପୁରର ପ୍ରମୋଦ ଯୋଷୀ, ଦେପୁରର ଉର୍ମିଳା ଜାନି, ଦାଦପୁରର ଗୀତାଞ୍ଜଳି ସାହୁ, କର୍ଲାଗୁଡାର ଆଦିତ୍ୟ କୁମାର ନାଏକ, ପାଲସିଝରଣର ପ୍ରୟାଙ୍କିନୀ ନାଏକ, ଛେଲିଆମାଲର ଲକ୍ଷ୍ମୀ ମାଝୀ, କର୍ଲାପଡାର ସୁଷମା ସେନାପତି, ଚହଗାଁର ତପସ୍ୱିନୀ ସାହୁ, ମାଲଗାଁର ବିଷ୍ଣୁପ୍ରିୟା ଦୁର୍ଗା, ରିଷଗାଁର ରବନାରାୟଣ ବେହେରା, ଶ୍ରୀପୁରର ଯୁଧେଷ୍ଠି ନାଏକ, ଗଣ୍ଡବାରଖୋଲାର ମୁରଲୀ ପ୍ରଧାନ, ଅର୍ତ୍ତଲର ଦଶମତି ବେମାଲ, ମାଟିଆର ଜ୍ୟୋତିର୍ମୟୀ ମାଝୀ ଓ ମାଧ୍‌ଗୁଡା ସରପଞ୍ଚ ମୀନା ସିନ୍ଦୂର।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ପଦ୍ମ ଧରିଥିବା ସରପଞ୍ଚମାନେ।

## ଅନ୍ୟାନ୍ୟ ଖବର

# ଓଡ଼ିଆ ଜାତି ପାଇଁ ସମର୍ପିତ ଥିଲେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

## ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର, ୧୭।୧୨ (ସୌମ୍ୟରଞ୍ଜନ ରାଉତ)**

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ କହିଲେ, ମହାରାଜା ଭଞ୍ଜଦେଓ ଓଡ଼ିଆ ଜାତିର ଉନ୍ନତି ପାଇଁ ନିଜକୁ ସମର୍ପିତ କରିଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରିକରଣ ଦିଗରେ ତାଙ୍କର ଉଦ୍ୟମ ଚିରସ୍ମରଣୀୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ, ଭାଷା ଆନ୍ଦୋଳନ, ଅରଣ୍ୟ ଓ ଖଣିଜ ସଂପଦର ପୁନଃମୂଲ୍ୟାୟନ, ଶିଳ୍ପାୟନ ଆଦି କ୍ଷେତ୍ରରେ ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସ୍ପଷ୍ଟ ଭାବେ ପ୍ରତିଫଳିତ। ସେ ଜଣେ ଯୁଗଜନ୍ମା ପୁରୁଷ ଓ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ମନ୍ତ୍ରୀ ଡା. ପାତ୍ର କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ଲେଖକ ଭାଗବତ ଶୁକ୍ଳା ଯୋଗଦେଇ କହିଲେ, ଭାଷାଭିତ୍ତିକ ସତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ପୁରୋଧା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଉଜ୍ଜ୍ୱଳ ଆକାଶର ଉଜ୍ଜ୍ୱଳ ତାରକା। ସେ ଥିଲେ ପ୍ରଜା ବତ୍ସଳ ରାଜା। ତାଙ୍କର ବ୍ୟକ୍ତିତ୍ୱ, ଚରିତ୍ର, ସୁଶାସନ ପ୍ରତି ବ୍ରିଟିଶମାନେ ପ୍ରଭାବିତ ହୋଇ ତାଙ୍କୁ ମହାରାଜା ଉପାଧି ଦେଇଥିଲେ। ତାଙ୍କ ଜ୍ଞାନାଲୋକରେ କେବଳ ମୟୂରଭଞ୍ଜ ନୁହେଁ, ସମଗ୍ର ଓଡ଼ିଶା ଆଲୋକିତ ହୋଇଥିଲା ବୋଲି ସେ ପ୍ରକାଶ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ସ୍ୱାଗତ ଭାଷଣରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କୁ ଭାରତ ମାଟିର ଜଣେ ଜାତୀୟତାବାଦୀ ଜନନାୟକ ବୋଲି ଅଭିହିତ କରିଥିଲେ। ୨୦ ବର୍ଷ ଶାସନକାଳରେ ବହୁ ଯୁଗାନ୍ତକାରୀ ପଦକ୍ଷେପ ନେଇ ଭାରତ ମାନଚିତ୍ରରେ ଓଡିଶାକୁ ଏକ ସତନ୍ତ୍ର ସ୍ଥାନ ଦେଇଥିଲେ। ଆଜିର ଯୁବପିଢ଼ି ତାଙ୍କ ମହାନ ଆଦର୍ଶରେ ଅନୁପ୍ରାଣିତ ହେଲେ ବିକଶିତ ଓଡିଶାର ସ୍ୱପ୍ନ ଓ ରାଜ୍ୟର ସୁନାମ ବହୁଗୁଣିତ ହେବ ବୋଲି ସାମଲ କହିଥିଲେ। ପରେ ୟୁନିଟ-୨ସ୍ଥିତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଜନଜାତି ନୃତ୍ୟ ପରିବେଷଣ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସହକାରୀ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇଥିଲେ। ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସାଧାରଣ ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଉତ୍ସବରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହ ଅନ୍ୟମାନେ।

# ବଜାରକୁ ଆସିବ ଓମ୍‌ଫେଡ୍ ପାଣି, ଚକୋଲେଟ୍

**ଭୁବନେଶ୍ୱର, ୧୭।୧୨ (ଅନୁରାଧା ମହାରଣା)**

## ସ୍ୱତନ୍ତ୍ର ଟିମ୍ ସହ ଗୁଜରାଟ ଗସ୍ତରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ

## ଓମଫେଡ୍ ସହ ଏନ୍‌ଡିଡିବିର ଏମ୍‌ଓୟୁ ସ୍ୱାକ୍ଷରିତ

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଗୁଜରାଟର ଆନନ୍ଦଠାରେ ଥିବା ଭାରତ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ନ୍ୟାଶନାଲ ଡାଏରୀ ଡେଭଲପ୍‌ମେଣ୍ଟ ବୋର୍ଡ (ଏନ୍‌ଡିଡିବି) ପରିଦର୍ଶନରେ ଯାଇଛନ୍ତି। ଏହି ଅବସରରେ ପରିଚାଳକଙ୍କ ତାଲିମ, କ୍ରୟ, ବିକ୍ରୟ ଏବଂ ପ୍ରକ୍ରିୟାକରଣ ସହିତ ଓମ୍‌ଫେଡର ସାମଗ୍ରିକ ବିକାଶ ପାଇଁ ଏନ୍‌ଡିଡିବି ସହ ଓମ୍‌ଫେଡର ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ମନ୍ତ୍ରୀ ଗୋପାଳନକୁ ଗୁରୁତ୍ୱ ଦେବା ସହ ଓମ୍‌ଫେଡ୍ କିପରି ନୂଆ ନୂଆ ଉତ୍ପାଦ ବଜାରକୁ ଆଣିବ ସେଥିପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଉତ୍ପାଦନ ବୃଦ୍ଧି କରିବା ସହ ତା'ର ବିକ୍ରି ପାଇଁ ମାର୍କେଟ ସୃଷ୍ଟି କରିବାକୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଉଛି। ଆଗାମୀ ଦିନରେ ଓମ୍‌ଫେଡ୍ ପାଣି, ଚକୋଲେଟ ଆଦି ନୂଆ ଉତ୍ପାଦ ବଜାରକୁ ଆଣିବାକୁ ଯାଉଛି ବୋଲି ସୂଚନା ଦିଆଯାଇଛି। ଏବେ ରାଜ୍ୟର ବିଭିନ୍ନ ପଞ୍ଚାୟତରେ କ୍ଷୀରଧାରା କେନ୍ଦ୍ର ଖୋଲିଛି। ଏଠାରେ କ୍ଷୀର ସଂଗ୍ରହ ହେବା ସହ ଓମଫେଡ୍ ଉତ୍ପାଦ ଯଥା କ୍ଷୀର, ଖଟା ଓ ମିଠା ଦହି, ରାବିଡି, ଛେନାପୋଡ଼, ଗୁଆ ଘିଅ, ଓମ୍‌ଫେଡ୍ କ୍ଷୀର ପାଉଡର, ଫେଭର ମିଲ୍କ, ଲସି ଇତ୍ୟାଦି ବିକ୍ରି କରିବାର ବ୍ୟବସ୍ଥା କରାଯାଉଥିବା ସୂଚନା ଦିଆଯାଇଛି।

ଏହି ଟିମ୍‌ରେ ଓମ୍‌ଫେଡ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ପ୍ରଧାନୀ, ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଓମଫେଡ୍ ଓ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଏ ସମ୍ପର୍କରେ କୁଲାଙ୍ଗେ କହିଛନ୍ତି, ଓମଫେଡ୍ ଉତ୍ପାଦର ଗୁଣବତ୍ତାରେ କୌଣସି ସାଲସ୍ କରାଯିବ ନାହିଁ। ଓମ୍‌ଫେଡର ଉତ୍ପାଦନ ଓ ବିକ୍ରି ବୃଦ୍ଧି ପାଇଲେ ହିଁ ରାଜ୍ୟର ଆର୍ଥିକ ବିକାଶରେ ଏକ ପ୍ରମୁଖ ଯୋଗଦାନ ହେବ। ଏହାସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି।

# ଆଜିଠୁ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ

## ସମ୍ବର୍ଦ୍ଧିତ ହେବେ ୧୦୦ ବିଦ୍ୟାର୍ଥୀ

**ଭୁବନେଶ୍ୱର, ୧୭।୧୨(ସୁଚିସ୍ମିତା ସାହୁ)**

ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ୨୦୨୪ ବୁଧବାରଠାରୁ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଆରମ୍ଭ ହେବ। ତିନିଦିନ ବ୍ୟାପୀ ଚାଲିବାକୁ ଥିବା ଏହି ଉତ୍ସବରେ ଦଶମ ବୋର୍ଡ ପରୀକ୍ଷାରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଅଧୀନ ସ୍କୁଲର ୧୦୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏଥିସହ ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଦେଖାଇଥିବା ୫୦ଟି ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ସମ୍ମାନିତ କରାଯିବ। ଚଳିତବର୍ଷ ଏହି ଉତ୍ସବରେ ୩୦ ଜିଲାରୁ ୩୫୧ ଛାତ୍ର, ୭୩୧ ଛାତ୍ରୀ, ୧୩୯ଜଣ କ୍ରୀଡ଼ା ଓ ମାର୍ଗଦର୍ଶୀ ଶିକ୍ଷକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା 'ସର୍ଗିଫୁଲ-୨୦୨୪' ଲୋକାର୍ପିତ କରାଯିବ।

ଉଦ୍‌ଘାଟନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏବଂ ଉଦ୍‌ଯାପନୀ ସମାରୋହରେ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ ବିକାଶ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେବାର କାର୍

**ଜନ୍ମଦିନର ଶୁଭେଚ୍ଛା**

ନାମ: .....
ବୟସ:.....
ଜନ୍ମ ତାରିଖ: .....

ମଧୁଛନ୍ଦା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

# ନିବେଶକ ହରାଇଲେ ୨ ଲକ୍ଷ କୋଟି

**ମୁମ୍ବାଇ,୧୭।୧୨**

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂରାଜନୈତିକ ଘଟଣାବଳୀର ପ୍ରଭାବ ସିଧାସଳଖ ଭାରତୀୟ ଷ୍ଟକ୍ ମାର୍କେଟ କାରବାର ଉପରେ ପଡୁଛି । ଏପରିକି କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି । ଫଳରେ ନିବେଶକ ଲକ୍ଷାଧିକ ଟଙ୍କାର ନିବେଶ ହରାଉଥିଲାବେଳେ ପୁଞ୍ଜିବଜାରର ପରିମାଣରେ ମଧ୍ୟ ହ୍ରାସ ଘଟୁଛି । ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ ଆରମ୍ଭରୁ ବଜାର ତଳମୁହାଁ ହୋଇ ରହିଥିଲାବେଳେ କାର୍ଯ୍ୟଦିବସ ଶେଷ ସୁଦ୍ଧା ଉଭୟ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଏବଂ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର କାରବାରରେ ବଡ଼ ଧରଣର ହ୍ରାସ ଘଟିଥିଲା । ଫଳରେ ଦିନକ ମଧ୍ୟରେ ଶେୟାର ବଜାରର ନିବେଶକମାନେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା(୨.୩୩ ଲକ୍ଷ କୋଟି)ର ନିବେଶ ହରାଇଛନ୍ତି । ସେହିଭଳି ବିଏସ୍‌ଇ ସେନ୍‌ସେକ୍ସର କାରବାରେ ୧୦୬୪.୧୨ ପଏଣ୍ଟ ହ୍ରାସ ଘଟି ୮୦,୬୮୪.୪୫ ଅଙ୍କରେ ଥିଲାବେଳେ ନିଫ୍ଟି ୧.୩୫% କମି ୨୪,୩୩୬ ଅଙ୍କରେ

ପହଞ୍ଚିଛି । ଏପରିକି ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ ଓ ସ୍ମଲ୍‌କ୍ୟାପ କାରବାରରେ ୦.୫% ହ୍ରାସ ଘଟିଛି । ଅପରପକ୍ଷରେ ନିଫ୍ଟି ମିଡ୍‌କ୍ୟାପର କାରବାର ୩୪୧.୧୫ ପଏଣ୍ଟ କମି ୫୯,୧୦୧.୯୦ ଅଙ୍କରେ ଥିଲାବେଳେ ନିଫ୍ଟି ସ୍ମଲକ୍ୟାପ ୦.୮୪% ହ୍ରାସ ଘଟି୯୨୯୯.୬୦ ଅଙ୍କରେ କାରବାର ବନ୍ଦ କରିଥିଲା । ଏପରିକି ନିଫ୍ଟି ବ୍ୟାଙ୍କ ୧.୩୯% ହ୍ରାସ ଘଟି ୫୨,୮୩୪.୮୦ ଅଙ୍କରେ ରହିଥିଲା ।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି । ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି । ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୦୬୪.୧୨ ପଏଣ୍ଟ କମି ୮୦,୬୮୪,୪୫ ଅଙ୍କରେ କାରବାର ବନ୍ଦ ହୋଇଥିଲା । ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୩୨.୨୫ ପଏଣ୍ଟ ହ୍ରାସ ଘଟି ୨୪,୩୩୬.୦୦ ଅଙ୍କରେ କାରବାର ଶେଷ ହୋଇଥିଲା । ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି ।

# ଟିପିସିଓଡିଏଲ୍‌ର ଗୁଣବତ୍ତା ମାସ

**ଭୁବନେଶ୍ୱର,୧୭।୧୨(ଅଭୟ ଦାଶ)**

ଟି ପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଗୁଣବତ୍ତା ମାସ-୨୦୨୪' ନିକଟରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'କ୍ୱାଲିଟି: ଫ୍ରମ୍ କମ୍ପ୍ଲାଏନ୍ସ ଟୁ ପରଫରମାନ୍ସ' ରହିଥିଲା । ଏପରିକି ମାସେ ବ୍ୟାପୀ ଚାଲିଥିବା ଏହି ଅଭିଯାନରେ ପ୍ରକ୍ରିୟା ଉତ୍କର୍ଷ, ନିରନ୍ତର ଉନ୍ନତି, ଉନ୍ନତ କର୍ମକ୍ଷେତ୍ର ପରିଚାଳନା ଓ ଦକ୍ଷତା ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହି କ୍ଷେତ୍ରରେ ପ୍ରମୁଖ ସଫଳତାଗୁଡ଼ିକ ମଧ୍ୟରେ ଦୈନିକ ପରିଚାଳନା ପାଇଁ ଟିକ୍ୟୁଏମ୍ ୱାର୍କବୁକ୍‌ର ଶୁଭାରମ୍ଭ, କ୍ୱାଲିଟି ସର୍କଲ ଗଠନ, ୫ଏସ୍ ମଡେଲ ଲୋକେଶନ (ସ୍ଥାନ) ଚିହ୍ନଟ ଓ ବାର୍ଷିକ କ୍ୟୁସିସି ଓ ପ୍ରୟାସ ପ୍ରତିଯୋଗିତାରେ ୭୨ପ୍ରୟାସ ଓ ୧୪କ୍ୟୁସିସି ଟିମ୍ ଅଂଶଗ୍ରହଣ କରିଥିଲେ । ଭୁବନେଶ୍ୱରରେ ମ୍ୟାନେଜମଣ୍ଟ ଡେଭଲପେମଣ୍ଟ ସେଣ୍ଟରର ଉଦ୍‌ଯାପନୀ ସମାରୋହ ନିକଟରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସିଇଓ ତଥା ଟିକ୍ୟୁଏମ୍ କୋର୍ କମିଟିର ଅଧ୍ୟକ୍ଷ ଅରବିନ୍ଦ ସିଂହ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମ ଗୁଣବତ୍ତା ମାସ ଅଭିଯାନର ବିଜେତାମାନଙ୍କୁ ସମ୍ମାନିତ କରାଯିବା ସହ ଟିପିସିଓଡିଏଲ୍‌ର ଗୁଣବତ୍ତା ଯାତ୍ରାରେ ଅଂଶଗ୍ରହଣକାରୀଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା ।

## ଡକ୍ଟରେଟ୍ ଲାଭ

**ଅଞ୍ଜନ କୁମାର ସାହୁ,** ଭୁବନେଶ୍ୱରସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗରୁ ସମ୍ମାନ ସୂଚକ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି । ସେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ସୁଧାଂଶୁ କୁମାର ସାମଲଙ୍କ ତତ୍ତ୍ୱାବଧାନରେ କରିଥିବା ଗବେଷଣାର ସନ୍ଦର୍ଭ ଥିଲା "ADVANCED LSTM-ELM BASED ARTIFICIAL INTELLIGENCE TECHNIQUE FOR FAULT DETECTION, CLASSIFICATION AND LOCALIZATION IN MODERN ELECTRICAL POWER SYSTEM". ଶ୍ରୀ ସାହୁ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ସିନ୍ଧୁପୁର ଗ୍ରାମ ନିବାସୀ ସ୍ୱର୍ଗତ ଗୋଲଖ ଚନ୍ଦ୍ର ସାହୁ ଓ ସ୍ୱର୍ଗତା ଆଦରମଣି ସାହୁଙ୍କ ନାତି, ଶ୍ରୀ ଚନ୍ଦ୍ରମଣି ସାହୁ ଓ ସ୍ୱର୍ଗତା ଶଶୀରେଖା ସାହୁଙ୍କର ସୁପୁତ୍ର ତଥା ଭୁବନେଶ୍ୱରସ୍ଥିତ ସର୍ଭେ ଅଫ୍ ଇଣ୍ଡିଆର ଅବସରପ୍ରାପ୍ତ ଅଫିସର ଶ୍ରୀ ଶ୍ୟାମସୁନ୍ଦର ସେନାପତି ଓ ଶ୍ରୀମତୀ ବୀଣାପାଣି ସେନାପତିଙ୍କର ଜାମାତା ଅଟନ୍ତି । ସେ ତାଙ୍କର ଏହି ସମ୍ମାନ ଓ ସଫଳତାର ଶ୍ରେୟ ତାଙ୍କର ଜ୍ୟେଷ୍ଠ ଭ୍ରାତା ଡ. ରଞ୍ଜନ କୁମାର ସାହୁ, ପିତାମାତା, ଶ୍ୱଶୁର ଶାଶୁ, ଧର୍ମପତ୍ନୀ ସମ୍ବିତା ସେନାପତି, ସମସ୍ତ ପରିବାରବର୍ଗ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ବନ୍ଧୁମାନଙ୍କୁ ପ୍ରଦାନ କରିଛନ୍ତି ।

ଧ-୨୨୯୬

# ଜୟଆଲୁକ୍କାସ୍‌ର ଏନ୍‌ଆର୍‌ଆଇ ସୁନା ଫେଷ୍ଟ

**ଭୁବନେଶ୍ୱର,୧୭।୧୨**

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ବୈଶ୍ୱିକ ଗହଣା ବ୍ରାଣ୍ଡ୍ ଜୟଆଲୁକ୍କାସ ଜୁଏଲର୍ସର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ଏନ୍‌ଆର୍‌ଆଇ ସୁନା ଫେଷ୍ଟ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି । ଏପରିକି ଏହି ଫେଷ୍ଟ ୨୦୨୫ ଜାନୁଆରୀ ୫ ପର୍ଯ୍ୟନ୍ତ ଉପଲବ୍ଧ । ଏହି ପରିପ୍ରେକ୍ଷୀରେ ଆକର୍ଷଣୀୟ ରିହାତି ଅଫର ସହ ପୁରୁଣା ସୁନା ଉପରେ ପ୍ରତି ଗ୍ରାମ ପିଛା ୫୦ ଟଙ୍କାର ଅତିରିକ୍ତ ସୁବିଧା ସହ ଅନକଟ ହୀରା ଏବଂ ମୂଲ୍ୟବାନ୍ ପଥରର ମେକିଂ ଚାର୍ଜ ଉପରେ ଫ୍ଲାଟ ୨୫% ରିହାତି ଏବଂ ସେମାନଙ୍କ ପଥର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ଏହି ଫେଷ୍ଟ ସମୟ ମଧ୍ୟରେ ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି । ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ କହିଛନ୍ତି, ଉତ୍ସବକାଳୀନ ସମୟଗୁଡ଼ିକରେ ନୂଆ ନୂଆ ସ୍ମୃତି ସୃଷ୍ଟି କରିବା ପାଇଁ ଆକର୍ଷଣୀୟ ରିହାତି ଅଫର ଗ୍ରାହକଙ୍କ ପାଇଁ ଉପଯୁକ୍ତ ହୋଇଥାଏ । ଏପରିକି ଏନ୍‌ଆର୍‌ଆଇ ଗୋଲ୍ଡ ଫେଷ୍ଟ ଅଫର ଜରିଆରେ ଆମେ ଆମର ଅସାଧାରଣ ଅଳଙ୍କାରର ମାଲିକାନା ପାଇଁ ଅଦ୍ୱିତୀୟ ସୁଯୋଗ ଗ୍ରାହକଙ୍କ ପାଇଁ ଆଣି ଦେଇଥାଉ ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି ।

# ଡ୍ରିମ୍‌ସ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୭।୧୨(ଅନୁରାଧା ମହାରଣା)**

ଆସନ୍ତା ୨୭ ତାରିଖରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିବେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ ସହ ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା (ସମନ୍ୱୟ) ଚିନ୍ମୟୀ ରଥ, ବୋର୍ଡଅଫ୍‌ଗଭର୍ଣ୍ଣର ସଦସ୍ୟ ବିଧାୟକ ଛବି ମଲ୍ଲିକ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ଇଂ. ଡ. ପ୍ରଭାକର ସ୍ୱାଇଁ, ପ୍ରଫେସର ଡ. ବିଜୟାନନ୍ଦ ସିଂ, ଇଂ. ଅଶୋକ କୁମାର ବାସାଙ୍କ ସମେତ ବୋର୍ଡଅଫ୍‌ମ୍ୟାନେଜମେଣ୍ଟ ଓ ଏକାଡେମିକ୍ କାଉନ୍‌ସିଲର ସମସ୍ତ ସଦସ୍ୟ ଯୋଗଦେବେ । ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ମାର୍ଗଦର୍ଶନ ଓ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତାଙ୍କ ପୌରୋହିତ୍ୟରେ ବିଭିନ୍ନ କମିଟି ଗଠନ କରାଯାଇଛି । ବିଭିନ୍ନ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ସର୍ବୋଚ୍ଚ ନମ୍ବର ରଖିଥିବା ଶିକ୍ଷାର୍ଥୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯିବ । ଏଥିପାଇଁ ଉଦ୍ଦିଷ୍ଟ ପୋର୍ଟାଲରେ ନାମ ପଞ୍ଜୀକରଣ ନିମନ୍ତେ ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରିଛନ୍ତି ।

Classified Everyday
0674-2580101, 9692975378

**MATRIMONIAL**

**GROOM WANTED**

Beautiful Brahmin Girl, 26+, M.Sc./Ph.D./Govt. Lecturer / Bhubaneswar- 9938199964. D-2299

**BRIDE WANTED**

ଚାକିରି କରି ଏକାକୀ ରହୁଥିବା 49 ବୟସ, ଖଣ୍ଡାୟତ (Divorcee) ପୁଅ ପାଇଁ ଯେ କୌଣସି ଜାତିର 30-45 yrs. ଝିଅ ଆବଶ୍ୟକ । Candidate: 9861141891. D-2266

Handsome Karan Boy, 1995, 5'10", B.Tech., Serving Manager Nationalized Bank, Bhubaneswar. 'Sunasansar' - 9937512659. D-76226

**REAL ESTATE**

**SALE**

Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914. D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

50 ହଜାରରୁ 5 ଲକ୍ଷ ମଧ୍ୟରେ ଇନ୍‌ଭେଷ୍ଟମେଣ୍ଟ ପ୍ଲଟ୍, upto 1cr. Plots, Flats, 8917622925. D-2287

**ଫୁଲନଖରା ନିକଟସ୍ଥ Sum Hospital-2 ଓ Grand Bazar ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି SC/ Gen. ପ୍ଲଟ୍ କିଣନ୍ତୁ । 9658562429.** D-76224

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9937846404, 9437192512.** D-2294

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9937787418, 9348871895.** D-2293

Scheduled Caste conversion boundary plot sale, Argul Station near IIT, 4000 sqft., 14,00,000/-. General 5000 sqft. plot, 30,00,000/-. Close to 40ft. pitchuroad- 9040074834. D-76225

**AIIMS- Shop for To-Let/ Lease/ Sale- Vipul Plaza Market Complex, AIIMS Main Gate, Bhubaneswar, Lift DG Security facility Commercial Shop on Rent/ Sale- 9861129574, 8586928386, 9818226704.** D-2295

**Full body massage experience, good looking therapist @999 (Bhubaneswar). 9078484455.** D-2144

Newly open health benefits spa special offer @799, Bapujinagar. 8018429809. D-76178

**AFFIDAVIT**

By virtue an affidavit No.-7995, dtd.13.12.2024 before Executive Magistrate, Jajpur, I, Khatija Bibi, D/o- Late Sayed Jalil, Village- Sanakujhala, P.O.- Kujhala, P.S.- Jajpur Sadar, Dist.- Jajpur, Pin- 755017 hereby declare that in the Aadhaar Card my name has wrongly mentioned as Gataja Bibi instead of Khatija Bibi. That both the names belong to one and the same person. Henceforth, I will continue with the name Khatija Bibi for all future purpose. Khatija Bibi D-2302

I, Shaikh Nazir Mohamad, S/o Shaikh Mohi Mohamad, resident of At/P.O.- Madhupur, P.S.- Mahanga, Dist.- Cuttack, PIN- 754204, Odisha declare by this affidavit No. CA 1865, Dt.03.12.2024 that now onwards I shall be known as SK NAZIR MOHAMMED for all future purpose. D-2300

I, Mohammad Motihur Raheman, S/o Khalilura Raheman, resident of At/P.O.- Madhupur, P.S.- Mahanga, Dist.- Cuttack, Pin- 754204, Odisha declare by this affidavit No.-5791, Dtd. 03.12.2024 that now onwards I shall be known as MD MOTIHUR RAHEMAN for all future purposes. D-2301

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

# ଏସ୍‌ବିଆଇ ଲାଇଫ୍‌ର ନୂତନ ପ୍ଲାନ୍

**ନୂଆଦିଲ୍ଲୀ,୧୭।୧୨**

ଏସ୍‌ବିଆଇ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ପ୍ଲାନ୍ 'ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି । ଏପରିକି ଏହା ଏକ ନନ୍-ଲିଙ୍କଡ୍, ନନ୍-ପାର୍ଟିସିପେଟିଂ ଜୀବନ ବୀମା ପ୍ଲାନ୍ ହୋଇଥିଲାବେଳେ ଏହା ଉଭୟ ସୁରକ୍ଷା ଓ ଗ୍ୟାରେଣ୍ଟି ବୀମା ରାଶି ପ୍ରଦାନ କରିବ । ଆଜିର ଅନିଶ୍ଚିତତାର ଦୁନିଆରେ ଗ୍ରାହକମାନେ ନିଶ୍ଚିତତା ଚାହୁଁଛନ୍ତି । ସେଥିପାଇଁ ଭବିଷ୍ୟତରେ ଗ୍ୟାରେଣ୍ଟି ରିଟର୍ନ ପ୍ରଦାନ କରୁଥିବା ଆର୍ଥିକ ଉପକରଣର ଚାହିଦା ବଢ଼ିଛି । ସେହି ଆବଶ୍ୟକତାକୁ ପୂରଣ କରିବା ଲାଗି ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍ ଗ୍ରାହକମାନଙ୍କ ଚୟନ ଅନୁସାରେ ଗ୍ୟାରେଣ୍ଟି ଭବିଷ୍ୟତ ରିଟର୍ନ ପ୍ରଦାନ କରୁଛି । ଏସ୍‌ବିଆଇ ଲାଇଫ୍-ସ୍ମାର୍ଟ ପ୍ଲାଟିନା ସୁପ୍ରିମ୍‌କୁ ବୟସ ବର୍ଗ ଏବଂ ଜନସଂଖ୍ୟାର ବିବିଧ ଆବଶ୍ୟକତାକୁ ଅନୁକୂଳ କରିବା ପାଇଁ ପ୍ରସ୍ତୁତ କରାଯାଇଛି । ନିଶ୍ଚିତ ସଞ୍ଚୟ ଯୋଜନା ନିଶ୍ଚିତ ରିଟର୍ନ ଖୋଜୁଥିବା ବ୍ୟକ୍ତିମାନଙ୍କ ପାଇଁ ଏକ ସ୍ଥାୟୀ ସମାଧାନ ଭାବରେ କାର୍ଯ୍ୟ କରୁଛି ଏବଂ ନିଜ ଓ ସେମାନଙ୍କ ପ୍ରିୟଜନଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଏକ ଦୃଢ଼ ଆର୍ଥିକ ନିରାପତ୍ତା ଜାଲ ନିର୍ମାଣ କରୁଛି । ଏ ସମ୍ପର୍କରେ ଏସ୍‌ବିଆଇ ଲାଇଫ୍‌ର ଏମ୍‌ଡି ତଥା ସିଇଓ ଅମିତ ଝିଙ୍ଗରଣ କହିଛନ୍ତି ,ଆଜିର ଚମତ୍କାର ଆର୍ଥିକ ପରିବେଶରେ ଲୋକମାନଙ୍କୁ ଏଭଳି ବୀମା ସମାଧାନ ଦରକାର ଯାହା ସୁରକ୍ଷା, ନମନିୟତା ଓ ସବୁଠୁ ଉପରେ ସେମାନଙ୍କ ଅଭିଳାଷ ପୂରଣ କରିବା ଲାଗି ଭବିଷ୍ୟତ ଆୟର ଗ୍ୟାରେଣ୍ଟି ପ୍ରଦାନ କରୁଥିବ ।

# 'ରିଓନ୍'ର ନେଟ୍‌ୱର୍କ ସମ୍ପ୍ରସାରଣ

**ନୂଆଦିଲ୍ଲୀ,୧୭।୧୨**

ରୟାଲ ଏନ୍‌ଫିଲ୍ଡ (ଆର୍‌ଇ)ର ପ୍ରି-ଓନ୍‌ଡ ମୋଟରସାଇକେଲ ବ୍ୟବସାୟ 'ରିଓନ୍'ର ନେଟ୍‌ୱର୍କ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି । ଏପରିକି ଭାରତର ୨୩୬ ସହରର ଗ୍ରାହକ ଓ ଆର୍‌ଇ ଉତ୍ସାହୀମାନେ ବର୍ତ୍ତମାନ ସହଜରେ ନିଜର ବିଦ୍ୟମାନ ମୋଟରସାଇକେଲଗୁଡିକୁ ବିକ୍ରି ଏବଂ ରୟାଲ ଏନ୍‌ଫିଲ୍ଡର ଉତ୍ସାହଜନକ ଶୃଙ୍ଖଳାରୁ ନୂଆ ରାଇଡ୍‌କୁ ମଧ୍ୟ କିଣିପାରିବେ । ପ୍ରି-ଓନ୍‌ଡ ରୟାଲ ଏନ୍‌ଫିଲ୍ଡ ଯାନଗୁଡିକୁ କ୍ରୟ ଓ ବିକ୍ରି କରିବା ପାଇଁ ଏକ ସ୍ୱଚ୍ଛ ପ୍ଲାଟ୍‌ଫର୍ମ ରିଓନ୍‌କୁ ୨୦୨୩ ରେ କିଛି ନିର୍ଦ୍ଦିଷ୍ଟ ସହରରେ ଶୁଭାରମ୍ଭ କରାଯାଇଥିଲା । ବର୍ତ୍ତମାନ ଗ୍ରାହକଙ୍କ ପାଇଁ ରିଓନ୍ ଭାରତର ୨୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୩୬ଟି ସହରରେ ରୟାଲ ଏନ୍‌ଫିଲ୍ଡର ୪୭୫ ଡିଲରଶିପ ମାଧ୍ୟମରେ ଉପଲବ୍ଧ । ନେଟ୍‌ୱର୍କ ସମ୍ପ୍ରସାରଣ ବ୍ୟତୀତ ରୟାଲ ଏନ୍‌ଫିଲ୍ଡ ରିଓନ୍‌ର ଆର୍‌ଇ-ଟୁ-ଆର୍‌ଇ-ଏକ୍ସଚେଞ୍ଜଗୁଡିକ ମାଧ୍ୟମରେ ଏକ ପ୍ରି-ଓନ୍‌ଡ ରୟାଲ ଏନ୍‌ଫିଲ୍ଡ ମୋଟରସାଇକେଲରୁ ଏକ ନୂଆ ମୋଟରସାଇକେଲକୁ ଅପ୍‌ଗ୍ରେଡ୍ ହେବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଏକ୍ସଚେଞ୍ଜ ଲାଭ ସହ ଏହାର ପ୍ରଥମ ଲୟାଲିଟ ପ୍ରୋଗ୍ରାମର ଶୁଭାରମ୍ଭ କରିଛି ।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ସିଓଓ ୟଦ୍‌ବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ଆମେ ରାଇଡିଂ ଉତ୍ସାହୀମାନଙ୍କୁ ଏକ ରୟାଲ ଏନ୍‌ଫିଲ୍ଡର ମାଲିକ ହେବାର

ଆନନ୍ଦ ପ୍ରଦାନ କରିବା ପାଇଁ ନିରନ୍ତର ଭାବେ ଉଦ୍ଭାବନ କରୁଛୁ । କେବଳ କିଛି ନିର୍ଦ୍ଦିଷ୍ଟ ସହରରୁ ଆରମ୍ଭ ହୋଇଥିବା ଏହି ସେବା ୧ ବର୍ଷ ମଧ୍ୟରେ ଦେଶର ୨୩୬ଟି ସହରକୁ ରିଓନ୍‌ର ସମ୍ପ୍ରସାରଣ ହୋଇପାରିଛି । ଏପରିକି ପ୍ରଥମ ହେଉ କିମ୍ବା ଅପ୍‌ଗ୍ରେଡ୍ ଗ୍ରାହକମାନଙ୍କୁ ଏକ ରୟାଲ ଏନ୍‌ଫିଲ୍ଡ କ୍ରୟ କରିବାର ବାଧାହୀନ ଓ ସ୍ୱଚ୍ଛ ମାଧ୍ୟମ ପ୍ରଦାନ କରିବା ପାଇଁ ଆମର ପ୍ରତିଶ୍ରୁତିର ବିସ୍ତାର ହୋଇପାରିଛି ।

ସେହିଭଳି ରିଓନ୍ ଉଭୟ ଇନ୍-ଷ୍ଟୋର ଓ ଅନ୍‌

# ଅଳ୍ପରେ...

## ସୂର୍ଯ୍ୟମୁଖୀ

ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।

## କୋବି

କୋବି ଜାତୀୟ ଫସଲରେ ପତ୍ରବିନ୍ଧା ପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁଜି ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲକୋବି ପାଇଁ ତଳିପଟି ପ୍ରସ୍ତୁତକରି ତଳି ପକାନ୍ତୁ। କିସମ – ସ୍ନୋବଲ୍, ସ୍ନୋବଲ୍–୧୬ ।

## ଆମ୍ବ

ଆମ୍ବବଉଳ ଆସିଥିଲେ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ ।

## ଶାଗ

ଶୀତଦିନଆ ପୋଇ, ଧନିଆ, ମେଥି, ପାଳଙ୍ଗ, କୋଶଳା, ସୋରିଷ ଆଦି ଶାଗଚାଷ କରନ୍ତୁ ।

# ଚାଷୀଙ୍କ ପାଇଁ...

ଲଙ୍କାରେ ଫଳପଚା ଓ ଅଗମରା ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ କିମ୍ବା ୧.୫ ଗ୍ରାମ୍ ହିସାବରେ ଥାଓଫେନେଟ୍ ମିଥାଇଲ୍ ମିଶାଇ ସିଞ୍ଚନ କରନ୍ତୁ। ଶୀତ ସହ ମେଘୁଆ ପାଗର ଆଶଙ୍କା ଥିଲେ ଛୁଇଁଜାତୀୟ ପନିପରିବାରେ ଜଉପୋକ ଲାଗିଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ଔଷଧ ପକାଇବାର ଏକ ସପ୍ତାହ ପରେ ଏହା ଖାଇବା ପାଇଁ ଉପଯୁକ୍ତ ହୋଇଥାଏ। କୋବିଜାତୀୟ ଫସଲରେ ଜଉପୋକ,ଠିକିରି ପିଠିଆ ପୋକ ଓ କାଳିମୁଣ୍ଡି ପୋକ ଆଦି ଲାଗିବା ଆଶଙ୍କା ଅଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬ଟି ନିର୍ଦ୍ଦିଷ୍ଟ ସଙ୍ଗ ଆକର୍ଷକ ଯନ୍ତ୍ର ବ୍ୟବହାର କରନ୍ତୁ। ନଚେତ୍ ଏକର ପ୍ରତି ୪୦୦ମିଲି ଏଣ୍ଡୋସଲଫାନ୍ କିମ୍ବା ୫୦୦ ମିଲି ମାଲାଥିଅନ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କୋବିଜାତୀୟ ଫସଲରେ ଅଲଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗର ନିରାକରଣ ଲାଗି ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।

## ଆଳୁରେ ପାଣି ଦେଉଥିଲେ...

ମାଟିର ଆବଶ୍ୟକତାକୁ ଚାହିଁ ୮–୧୦ ଦିନ ଅନ୍ତରରେ ଆଳୁରେ ପାଣି ମଡ଼ାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଉଚିତ । ଆଳୁ ଅମଳ ହେବାର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୧.୫ କି.ଗ୍ରା. କାର୍ବେଣ୍ଡାଜିମ୍ ୧୨% ମାଙ୍କୋଜେବ୍ (୨୩%) ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ କରନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ୍ + ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗରୁରୁ ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ । ବିଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ ।

# ସୋରିଷ ଚାଷରେ ରୋଗପୋକ ନିୟନ୍ତ୍ରଣ

ଅଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା' ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ପାଇଁ ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ଶୀତଦିନେ ପ୍ରାଣୀଙ୍କ ଯତ୍ନ

"ଗୋରୁ ଗୁହାଳ, ଛେଳି,ମେଣ୍ଢାଙ୍କ ଘର, କୁକୁଡ଼ାଘର ସର୍ବଦା ଶୁଖିଲା ଓ ସଫାସୁତୁରା ରହିବା ଆବଶ୍ୟକ । ଘରର ଲମ୍ବ ପୂର୍ବ-ପଶ୍ଚିମ ହୋଇ ରହିଲେ ଶୀତଦିନେ ଦକ୍ଷିଣା-ଉତ୍ତର ବାୟୁ ଚଳାଚଳ ଯୋଗୁ କୁକୁଡ଼ା ଘରର ଲିଟର ଓ ଗୋରୁଙ୍କ ଗୁହାଳ ଶୁଖିଲା ରହିବ । ଶୀତଦିନେ ଅଧିକ ଶୀତହେବା ଫଳରେ ଶ୍ୱାସନଳୀଜନିତ ସଂକ୍ରମଣ ଯୋଗୁ ଛେଳିମେଣ୍ଢାମାନେ ନିମୋନିଆ ରୋଗର ଶିକାର ହୁଅନ୍ତି । ତେଣୁ ଛେଳିମେଣ୍ଢା ରହୁଥିବା ଘରେ ରାତ୍ରରେ ଘରର ଉତ୍ତାପ ବଢ଼ାଇବା ପାଇଁ ରୁମ୍ ହିଟର ବ୍ୟବସ୍ଥା ରହିଲେ ଭଲ । ଛେଳିଙ୍କ ଗୁହାଳର ସମସ୍ତ ଝରକାକୁ ଶୀତ ପଡ଼ିଲେ ବନ୍ଦ ରଖିବା ଦରକାର । ଶୀତଦିନେ ଛେଳିମେଣ୍ଢାମାନଙ୍କୁ ଭାଡ଼ି ଉପରେ କିମ୍ବା ବାଲିଗୁହାଳେ ରଖିଲେ ଭଲ । କାରଣ ସେମାନଙ୍କଠାରୁ ନିର୍ଗତ ମଳମୂତ୍ର ଭାଡ଼ି ତଳକୁ ପଡ଼ିଯିବ ବା ବାଲିରେ ଶୋଷି ହୋଇଯିବ, ଫଳରେ ସେମାନେ ସର୍ବଦା ଶୁଖିଲା ଚଟାଣରେ ରହିପାରିବେ।"

ଡା. ବୀରକିଶୋର ପରିଡ଼ା

ଶୀତଦିନେ ଜଳବାୟୁର ଉତ୍ତାପ କମିଯିବା ସହ ଆର୍ଦ୍ରତା ହ୍ରାସ ଯୋଗୁ ଉଭୟ ମନୁଷ୍ୟ ଓ ପଶୁପକ୍ଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଶୀତଦିନେ ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଧୂଳିକଣାଗୁଡ଼ିକ ହାଲୁକା ହେବା ସହ ଉତ୍ତର–ଦକ୍ଷିଣା ପବନରେ ସ୍ଥାନାନ୍ତରିତ ସହଜରେ ହୋଇଥାଏ । ଶୀତଦିନେ ଭୂତାଣୁଗୁଡ଼ିକ ବଞ୍ଚିରହିବା ସହ ସକ୍ରିୟ ହୋଇଉଠନ୍ତି ଏବଂ ଏହି ଧୂଳିକଣା ଓ ବାୟୁ ମାଧ୍ୟମରେ ପଶୁପକ୍ଷୀଙ୍କଠାରେ ବିଭିନ୍ନ ଶ୍ୱାସଜନିତ ରୋଗ ସୃଷ୍ଟି କରନ୍ତି । ସେହିଭଳି ଟିଙ୍କ ଓ ଉକୁଣିଙ୍କ ବଂଶ ବୃଦ୍ଧି ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି ଯୋଗୁ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ପ୍ରାଣୀଙ୍କୁ କାମୁଡ଼ି ରକ୍ତ ଶୋଷିବା ଦ୍ୱାରା ବିଭିନ୍ନ ଜୀବାଣୁ, ଭୂତାଣୁ ଓ ଏକକୋଷୀ ପ୍ରାଣୀଜନିତ ରୋଗ ସୃଷ୍ଟି କରିଥାନ୍ତି । ଏଥିସହ ପଶୁପକ୍ଷୀଙ୍କ ଖାଦ୍ୟ ଯଥା– ଦାନା, କୁଣ୍ଡା, ଚୋକଡ଼, ପିଡ଼ିଆ, ନଡ଼ା ଆଦିରେ ଆଗରୁ ବର୍ଷାଦିନେ ପାଣି ପଡ଼ି ଫିମ୍ପି ମାରିଥାଏ ବା ଗମୁରିଆ ହୋଇଯାଏ । ବେଳେବେଳେ କୁଣ୍ଡା ବା ଦାନା ଗମୁରିଆ ହେବା ଯୋଗୁ ଉକୁଣିଆ ପୋକ ମଧ୍ୟ ହୋଇଥାଏ । ଏହି ଫିମ୍ପି ମାରିଥିବା ଖାଦ୍ୟ ପଶୁପକ୍ଷୀ ଖାଇଲେ କବକଜନିତ କାରଣରୁ ଖାଦ୍ୟ ବିଷାକ୍ତ ଯୋଗୁ ଜୀବନହାନି ଘଟିଥାଏ । ଖାଲି ସେତିକି ନୁହେଁ, ଥଣ୍ଡାର ପ୍ରଭାବ ଯୋଗୁ ପ୍ରାଣୀଙ୍କ ଶରୀରରେ ଉଭୟ ଶାରୀରିକ ଓ ମାନସିକ ଚାପ ସୃଷ୍ଟି କରିଥାଏ । ଫଳରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଯୋଗୁ ପ୍ରାଣୀମାନେ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି। ଶୀତଦିନେ ଅତ୍ୟଧିକ ବୃଦ୍ଧି ଘଟିଥିବା କଅଁଳିଆ ବା ଛନଛନିଆ ଘାସ ଖାଇ ଗୋରୁ, ଛେଳି,ମେଣ୍ଢା ଓ ଅନ୍ୟ ପ୍ରାଣୀମାନେ ଧାତବଲବଣ ଅଭାବଜନିତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରନ୍ତି । ବାୟୁମଣ୍ଡଳର ଆର୍ଦ୍ରତା କମିଯିବା ଯୋଗୁ ଗାଈଙ୍କ ଶରୀରରେ ଜଳଶୁଷ୍କତା ସହ ଧାତବଲବଣ ଓ ଭିଟାମିନ୍ ଅଭାବଜନିତ କାରଣ ଯୋଗୁ ବାଛୁରୀ ପ୍ରସବ ପରେ ଫୁଲ ପଡ଼େ ନାହିଁ ବା ଦୁଃଖ ପ୍ରସବ ହୋଇଥାଏ ।

ତେଣୁ ଶୀତଦିନେ ପଶୁପକ୍ଷୀଙ୍କର ବାସଗୃହ, ଖାଦ୍ୟ, ପ୍ରଜନନ, ଲାଳନପାଳନରେ ଯତ୍ନ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ହେଲେ ସେମାନଙ୍କୁ ଶୀତଦିନେ ସୁରକ୍ଷା ଯୋଗାଇଦେବା ସହ ସେମାନଙ୍କଠାରୁ ଦୁଗ୍ଧ, ମାଂସ ଓ ଅଣ୍ଡା ଉତ୍ପାଦନ ବୃଦ୍ଧିକରି ଆମେ ବିଶେଷ ଲାଭବାନ ହୋଇପାରିବା ।

**ବାସଗୃହ :** ଗୋରୁ ଗୁହାଳ, ଛେଳି,ମେଣ୍ଢାଙ୍କ ଘର, କୁକୁଡ଼ାଘର ସର୍ବଦା ଶୁଖିଲା ଓ ସଫାସୁତୁରା ରହିବା ଆବଶ୍ୟକ । ଘରର ଲମ୍ବ ପୂର୍ବ–ପଶ୍ଚିମ ହୋଇ ରହିଲେ ଶୀତଦିନେ ଦକ୍ଷିଣା–ଉତ୍ତର ବାୟୁ ଚଳାଚଳ ଯୋଗୁ କୁକୁଡ଼ା ଘରର ଲିଟର ଓ ଗୋରୁଙ୍କ ଗୁହାଳ ଶୁଖିଲା ରହିବ । ଶୀତଦିନେ ଅଧିକ ଶୀତହେବା ଫଳରେ ଶ୍ୱାସନଳୀଜନିତ ସଂକ୍ରମଣ ଯୋଗୁ ଛେଳିମେଣ୍ଢାମାନେ ନିମୋନିଆ ରୋଗର ଶିକାର ହୁଅନ୍ତି । ତେଣୁ ଛେଳିମେଣ୍ଢା ରହୁଥିବା ଘରେ ରାତ୍ରରେ ଘରର ଉତ୍ତାପ ବଢ଼ାଇବା ପାଇଁ ରୁମ୍ ହିଟର ବ୍ୟବସ୍ଥା ରହିଲେ ଭଲ । ଛେଳିଙ୍କ ଗୁହାଳର ସମସ୍ତ ଝରକାକୁ ଶୀତ ପଡ଼ିଲେ ବନ୍ଦ ରଖିବା ଦରକାର । ଶୀତଦିନେ ଛେଳି,ମେଣ୍ଢାଙ୍କୁ ଭାଡ଼ି ଉପରେ କିମ୍ବା ବାଲିଗୁହାଳେ ରଖିଲେ ଭଲ । କାରଣ ସେମାନଙ୍କଠାରୁ ନିର୍ଗତ ମଳମୂତ୍ର ଭାଡ଼ି ତଳକୁ ପଡ଼ିଯିବ ବା ବାଲିରେ ଶୋଷି ହୋଇଯିବ, ଫଳରେ ସେମାନେ ସର୍ବଦା ଶୁଖିଲା ଚଟାଣରେ ରହିପାରିବେ। ସେହିପରି ଗୁହାଳର ସମସ୍ତ ଖୋଲା ସ୍ଥାନକୁ ଅଖା ବା ପଲିଥିନ୍ ଟାଙ୍ଗି ଭଲଭାବେ ନିବୁଜ କରିବା ଦରକାର ଏବଂ ଶୀତ କମିଗଲେ ଦିନବେଳେ ଏହାକୁ ଉପରକୁ ଟେକିଦେବା ଆବଶ୍ୟକ । ଗୋରୁ ଗୁହାଳ ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଗୁହାଳ ଘରେ ଅଳିଆ ଆବର୍ଜନା ରଖିଲେ ଟିଙ୍କ ଓ ଉକୁଣି ହେବା ଆଶଙ୍କା ଅଧିକ ଥାଏ। ଗୁହାଳେ ଆଲୋକ ଓ ବାୟୁ ଚଳାଚଳ ଠିକ୍ ରହିବା ଦରକାର ଏବଂ ଏହା ଅନ୍ଧାରିଆ ରହିବା ଉଚିତ ନୁହେଁ । ଗୁହାଳେ ଗୋରୁମାନଙ୍କୁ ଗହଳିରେ ନ ରଖି ଆବଶ୍ୟକ ସଂଖ୍ୟକ ରଖନ୍ତୁ। ନଚେତ୍ ଏହି ଗହଳି ଯୋଗୁ ଟିଙ୍କ, ଉକୁଣିଙ୍କ ସଂଖ୍ୟା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ବିଭିନ୍ନ ଏକକୋଷୀ ପ୍ରାଣୀ ରୋଗ ଯଥା–ଥେଇଲେରିଆ, ରକ୍ତ ପରିସ୍ରା, ସରା ଆଦି ରୋଗ ହେବା ସମ୍ଭାବନା ସହ ବିଭିନ୍ନ ଜୀବାଣୁଜନିତ ରୋଗ, ଯଥା– ସାହାଣା ରୋଗ, ଆନ୍ଥ୍ରାକ୍ସ ରୋଗ ; ଭୂତାଣୁଜନିତ ଅଢ଼େଇଆ ରୋଗ ଦେଖାଦେବା ଆଶଙ୍କା ରହିଥାଏ । ସେହିପରି ଗୁହାଳର ଚଟାଣ ଯଦି ଓଦା ବା ସନ୍ତସନ୍ତିଆ ସହ କଚ୍ଚା ରହେ, ଶୀତଦିନେ ଗାଈଙ୍କର ପହ୍ନା ସଂକ୍ରମଣ ଯୋଗୁ ଶୀତଦିନିଆ ପହ୍ନା ପ୍ରଦାହ ରୋଗ ସୃଷ୍ଟି ହୁଏ । ତେଣୁ ଅଧିକ ଉତ୍ପାଦନକ୍ଷମ ସଙ୍କର ଗାଈ

ପାଇଁ ଗୁହାଳର ଚଟାଣ ସିମେଣ୍ଟ କଂକ୍ରିଟ ହେବା ସହ ଅଳ୍ପ ଢାଲୁ ଓ ଖଦଖଦଡ଼ିଆ ହେବା ଦରକାର । କୁକୁଡ଼ାଘର ଚଟାଣ ମଧ୍ୟ ସିମେଣ୍ଟରେ ନିର୍ମିତ ହେବା ଆବଶ୍ୟକ ।

**ଖାଦ୍ୟ :** ସାଧାରଣତଃ ଶୀତଦିନେ ବାହ୍ୟ ପରିବେଶର ଉତ୍ତାପ ପ୍ରାଣୀଙ୍କ ଶରୀରର ଉତ୍ତାପଠାରୁ ବହୁତ କମ୍ ରହୁଥିବାରୁ ତାହା ପ୍ରାଣୀଙ୍କ ଶରୀର ଉପରେ ଏକ ଚାପ ସୃଷ୍ଟି କରିବା ସହ ମାନସିକ ଉତ୍ତେଜନା ସୃଷ୍ଟିକରେ । ଶୀତ ପ୍ରକୋପର ପ୍ରଭାବ ସହିତ ଆର୍ଦ୍ରତା କମିଯିବା ଯୋଗୁ ପ୍ରାଣୀଙ୍କ ଶରୀର ଏହା ଗ୍ରହଣ କରିବାକୁ ସକ୍ଷମ ହୋଇ ନ ଥାଏ । ପ୍ରାଣୀଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଉତ୍ପନ୍ନରେ ବାଧାପ୍ରାପ୍ତ ହୁଏ ଓ ଏହା ପରିପ୍ରକାଶ ହୁଏନାହିଁ । ଏହା ଫଳରେ ବିଭିନ୍ନ ସଂକ୍ରାମକ ରୋଗ ପ୍ରାଣୀମାନଙ୍କୁ ଶୀତଦିନେ ସହଜରେ ଧରିଥାଏ । ତେଣୁ ଶୀତଦିନେ ନବଜାତ ବାଛୁରୀ, ସ୍ୱଳ୍ପ ବୟସ୍କ ବାଛୁରୀ, ରୋଗାକ୍ରାନ୍ତ ଦୁଗ୍ଧ ଦେଉଥିବା ଓ ବୟସ୍କ ଗାଈଙ୍କ ଯତ୍ନ ପ୍ରତି ଆମେ ବିଶେଷ ଧ୍ୟାନଦେବା ଦରକାର । ଶୀତଦିନେ ପ୍ରାତଃ ସକାଳେ କୁହୁଡ଼ି ସହ ଘାସପତ୍ରରେ ପଡ଼ିଥିବା କାକର ଗୋରୁଙ୍କ ପାଇଁ ବହୁରୋଗର କାରଣ ହୋଇଥାଏ। ସୂର୍ଯ୍ୟୋଦୟ ପୂର୍ବରୁ କୌଣସିମତେ ଗୋରୁଙ୍କୁ ବାହାରକୁ ଚରିବାକୁ ଛାଡ଼ନ୍ତୁ ନାହିଁ। ଏଥିସହ ଶୀତଦିନେ ଅତ୍ୟଧିକ ଶୀତ ଯୋଗୁ ଗୋରୁ ଖାଦ୍ୟ ଖାଇବା କମାଇ ଦିଅନ୍ତି । ଏହାଦ୍ୱାରା ଗୋରୁଙ୍କଠାରେ ଖାଦ୍ୟାଭାବଜନିତ ଲକ୍ଷଣ ପ୍ରକାଶ ପାଇଥାଏ ଏବଂ ଏହି ଖାଦ୍ୟାଭାବରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇବା ଯୋଗୁ ବିଭିନ୍ନ ରୋଗ ଧରିବା ଆଶଙ୍କା ଥାଏ । ବାହ୍ୟ ଜଳବାୟୁର ଉତ୍ତାପ କମିଯିବାରୁ ପ୍ରାଣୀମାନେ ନିଜ ଶରୀରର ସାଧାରଣ ଉତ୍ତାପ ରକ୍ଷାକରିବା ପାଇଁ ଶରୀରରେ ଖାଦ୍ୟରୁ ଉତ୍ପନ୍ନ ହେଉଥିବା ଉତ୍ତାପ ପ୍ରାଣୀଙ୍କ ଶାରୀରିକ ଉତ୍ତାପର ଭାରସାମ୍ୟ ବଜାୟ ରଖିବାକୁ ଚେଷ୍ଟାକରେ। ତେଣୁ ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତି ପ୍ରଦାୟକ ତନ୍ତୁଜାତୀୟ ଖାଦ୍ୟ ଯଥା– ଘାସ, ନଡ଼ା, ପାଳ, କୁଣ୍ଡା, ଚୋକଡ଼, ଡାଳପତ୍ର, ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦେବା ଉଚିତ। ବର୍ଷାଦିନରୁ ବର୍ଷାପାଣି ପଡ଼ି ଭିଜିଥିବା ଦାନା, କୁଣ୍ଡା, ପିଡ଼ିଆ ଇତ୍ୟାଦି ଶୀତଦିନ ପର୍ଯ୍ୟନ୍ତ ଗଚ୍ଛିତ ରହିଥିଲେ, ତାହା ପିଠା ପରି ଫଡ଼ାଫଡ଼ା ହୋଇଯାଏ ବା ଫିମ୍ପି ମାରିଯାଏ। ଏଥିରେ ଆସ୍‌ପରଜିଲସ୍ ନାମକ କବକ ବା ଫିମ୍ପିରୁ ନିର୍ଗତ ଆଫ୍‌ଲାଟକ୍ସିନ୍ ଉକ୍ତ ଖାଦ୍ୟରେ ବିଷ ସୃଷ୍ଟିକରେ । ସେହିପରି ପଚା ନଡ଼ା ବା ଫିମ୍ପିମରା ନଡ଼ା କ୍ଷେତ୍ରରେ ମଧ୍ୟ ସେହିପରି ଘଟେ । ତେଣୁ ଏସବୁ ଦାନା ବା ଖାଦ୍ୟକୁ ଖରାରେ ଭଲଭାବେ ଶୁଖାଇ ଖାଇବାକୁ ଦେବା ଉଚିତ । କାରଣ ସୂର୍ଯ୍ୟକିରଣ ଏକ ବିଶୋଧକ ବା ବିଷନାଶକ ଭାବେ କାର୍ଯ୍ୟକରେ । ସେହିଭଳି କୁକୁଡ଼ାଙ୍କୁ ଫିମ୍ପିମରା ବା ଗମୁ ମାରିଥିବା ପୁରୁଣା ଦାନା ନ ଦେଇ ସର୍ବଦା ସଦ୍ୟ ପ୍ରସ୍ତୁତ (୧୫ ଦିନ ମଧ୍ୟରେ ପ୍ରସ୍ତୁତ) ଦାନା ଖାଇବାକୁ ଦେବା ଉଚିତ । ଶୀତଦିନରେ ପ୍ରାଣୀଙ୍କ ଶରୀରକୁ ଅତ୍ୟଧିକ ଶୀତର ଷ୍ଟ୍ରେସ୍ ବା ଚାପ ପ୍ରଭାବରୁ ସୁରକ୍ଷା ଦେବା ପାଇଁ ହେଲେ ସେମାନଙ୍କୁ ଆଣ୍ଟିଷ୍ଟ୍ରେସ୍ ମେଡିସିନ୍ ଯଥା– ଭିଟାମିନ୍ ଏ, ସି, ଇ ସହ ମଲ୍ଟି ଭିଟାମିନ୍ ମିଶ୍ରିତ ଧାତବଲବଣ ଗୋରୁ ବା କୁକୁଡ଼ାଙ୍କ ଖାଦ୍ୟରେ ଖାଇବାକୁ ଦେବା ଉଚିତ । (କ୍ରମଶଃ..)

–ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

# ଡାଲିଜାତୀୟ ଫସଲରେ ସାର ପ୍ରୟୋଗ

ଏକ କି.ଗ୍ରା. ଡାଲିଜାତୀୟ ବିହନ ପିଛା ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍‌ବୋକ୍ସିନ୍ ସହ ଥିରାମ୍ ଗୋଳାଇ ବିଶୋଧନ କରନ୍ତୁ। ଏକର ପ୍ରତି ୧୦ କି.ଗ୍ରା. ବିହନ ପାଇଁ ୨୦୦ ଗ୍ରାମ୍ ଜୀବାଣୁ କଲ୍‌ଚର ପ୍ରୟୋଗ କରନ୍ତୁ। କଲ୍‌ଚର ପ୍ରୟୋଗର ଏକ ସପ୍ତାହ ପୂର୍ବରୁ ବିହନ ବିଶୋଧନ କରନ୍ତୁ । ବିହନ ବିଶୋଧିତ ହୋଇ ଶୁଖିଲା ପରେ ଜମିରେ ଧାଡ଼ିବୁଣା କରନ୍ତୁ । ଜମିକୁ ଭଲଭାବରେ ଚାଷ କରି ହେକ୍ଟର ପ୍ରତି ୧୦ ଶଗଡ଼ ଶଢ଼ାଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ମୁଗ, ବିରି ଓ ବୁଟ ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗା. ପଟାସ୍ ଏବଂ ମଟର ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗା. ପଟାସ୍ ଖାଦ୍ୟ ସାର ପ୍ରୟୋଗ କରନ୍ତୁ । ଡାଲିଜାତୀୟ ଫସଲ ବୁଣିବା ସମୟରେ ହେକ୍ଟର ପ୍ରତି ୨୦ କି.ଗ୍ରା. ଗନ୍ଧକ ସାର ପ୍ରୟୋଗକଲେ ଅମଳ ବୃଦ୍ଧି ହୋଇଥାଏ । ପାଇରା ଫ

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୮/୨୦୨୪ Bhubaneswar, Wednesday, December 18/ 2024

# ଫଲୋଅନ୍ ଏଡାଇଲେ ବୁମ୍‌ରା-ଆକାଶ ଦୀପ୍

**ବ୍ରିସବେନ୍,୧୭।୧୨(ପି.ଟି.)**

ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳା ଯାଉଥିବା ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚର ଚତୁର୍ଥ ଦିନର ଖେଳ ଶେଷ ସୁଦ୍ଧା ଏହା ଡ୍ର ଆଡକୁ ଗତି କରୁଛି। ବର୍ଷା ବାଧାପ୍ରାପ୍ତ ଚତୁର୍ଥ ଦିନରେ ଭାରତ ପକ୍ଷରୁ ଲୋକେଶ ରାହୁଲ ଓ ରବୀନ୍ଦ୍ର ଜାଡେଜା ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ଅନ୍ତିମ ଉଇକେଟରେ ଅବିଭାଜିତ ୩୯ ରନ୍ ଯୋଡିବା ସହ ଫଲୋଅନ୍ ଏଡାଇଥିଲେ ଆକାଶ ଦୀପ୍ ଓ ଯଶପ୍ରୀତ୍

## ଡ୍ର ଅଭିମୁଖେ ତୃତୀୟ ଟେଷ୍ଟ

### ଜାଡେଜା, ରାହୁଲଙ୍କ ଅର୍ଦ୍ଧଶତକ

ବୁମ୍‌ରା। ଖରାପ ଆଲୋକ କାରଣରୁ ଖେଳ ବନ୍ଦ ହେବା ଆଗରୁ ଭାରତ ୯ ଉଇକେଟ ହରାଇ ୨୫୨ ରନ୍ ସଂଗ୍ରହ କରିଛି। ଅନ୍ତିମ ଦିନର ଖେଳ ବାକି ରହିଥିବା ବେଳେ ମ୍ୟାର୍‌ଟି ବର୍ତ୍ତମାନ ଡ୍ର ଆଡକୁ ଗତି କରୁଛି। ଟପ୍ ଅର୍ଡର ଫେଲ ମାରିଥିବା ବେଳେ ତୃତୀୟ ଦିନ ଶେଷ ସୁଦ୍ଧା ଭାରତ ୪ ଉଇକେଟ ହରାଇ ୫୧ ରନ୍ ସଂଗ୍ରହ କରିଥିଲା।

ତୃତୀୟ ଦିନର ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିଲା ଭାରତ। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ଲୋକେଶ ରାହୁଲ ଓ ରୋହିତ ଶର୍ମା ସତର୍କତାର ସହ ବ୍ୟାଟିଂ ଆରମ୍ଭ କରିଥିଲେ। ମଙ୍ଗଳବାର ୬ ଓଭର ଖେଳ ହୋଇଥିବା ବେଳେ ଉଇକେଟ କିପର ଆଲେକ୍ସ କେରୀଙ୍କୁ କ୍ୟାଚ୍ ଦେଇଥିଲେ ରୋହିତ ଶର୍ମା। ରୋହିତ ନିଜ ବିଫଳତାର ଧାରା ବଜାୟ ରଖି ମାତ୍ର ୧୦ ରନ୍ ସ୍କୋର କରିଥିଲେ। ୭୪ ରନ୍‌ରେ ପଞ୍ଚମ ଉଇକେଟର ପତନ ପରେ ରାହୁଲଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ରବୀନ୍ଦ୍ର ଜାଡେଜା। ଉଭୟ ଖେଳାଳି ଅର୍ଦ୍ଧଶତକ ପୂରଣ କରିଥିବା ବେଳେ ଭାରତୀୟ ସ୍କୋର ୧୪୧ରେ ପହଞ୍ଚାଇଥିଲେ। ୧୩୯ ବଲ୍ ଖେଳି ୮ ଚୌକା ସହିତ ଧୈର୍ଯ୍ୟପୂର୍ଣ୍ଣ ୮୪ ରନ୍ କରିଥିବା ରାହୁଲ ଆଉଟ ହୋଇଥିଲେ। ଚଳିତ ସିରିଜରେ ଭାରତର ସଫଳତମ ବ୍ୟାଟର ରହିଥିବା ନୀତୀଶ କୁମାର ରେଡ୍ଡୀ କ୍ରିଜରେ ଯୋଗ ଦେଇ ଜାଡେଜାଙ୍କ ସହିତ ୫୪ ରନ୍ ଯୋଡିଥିଲେ। ନୀତୀଶ ୧୬ ରନ୍ କରିଥିବା ବେଳେ ଭାରତୀୟ ଦଳ ଫଲୋଅନ୍ ସ୍କୋର ପାର କରିବାର ଆଶା ଜାଗ୍ରତ ହୋଇଥିଲା। ତେବେ ପ୍ୟାଟ୍ କୁମିନ୍ସ ତାଙ୍କୁ ବୋଲ୍ଡ କରିବା ପରେ ମ୍ୟାଚର ମଙ୍ଗ ଅଷ୍ଟ୍ରେଲିଆ ଆଡକୁ ପୁଣି ଥରେ ମୋଡି ହୋଇଥିଲା। ୧୯୪ ରନ୍‌ରେ ନୀତୀଶ ପ୍ୟାଭିଲିୟନ ଫେରିବା ପରେ ୧୯ ରନ୍ ମଧ୍ୟରେ ଭାରତ ସିରାଜ୍ ଓ ଜାଡେଜାଙ୍କ ଉଇକେଟ ହରାଇଥିଲା। ଜାଡେଜା ୭୭ ରନ୍ କରି ନବମ ବ୍ୟାଟର ଭାବରେ ଆଉଟ ହୋଇଥିଲେ। ୧୨୩ ବଲର ଇନିଂସରେ ୭ ଚୌକା ଓ ୧ ଛକା ସାମିଲ ଥିଲା। ଫଲୋଅନ ଏଡାଇବା ପାଇଁ ଆହୁରି ୨୨ ରନ୍ ଆବଶ୍ୟକ ରହିଥିଲା। ତେବେ ବୋଲିଂରେ ଭାରତର ଟ୍ରମ୍ପକାର୍ଡ ରହିଥିବା ଯଶପ୍ରୀତ ବୁମ୍‌ରା ଓ ଆକାଶ ଦୀପ୍ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ଉଭୟ ଅବିଭାଜିତ ୩୯ ରନ୍ ଯୋଡିଥିଲେ। ଆକାଶଦୀପ ୨୭ ଓ ବୁମ୍‌ରା ୧୦ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଆକାଶ ଦୀପ୍ ୩୧ ବଲ୍ ଖେଳି ୨ ଚୌକା ଓ ୧ ଛକା ମାରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ପ୍ୟାଟ୍ କୁମିନ୍ସ ୪, ମିଚେଲ୍ ଷ୍ଟାର୍କ ୩, ନାଥାନ ଲିୟନ ଓ ଜୋଶ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜୋଶ୍ ହାଜେଲଉଡଙ୍କ ଜଙ୍ଘ ମାଂସପେଶୀ ଟାଣି ହୋଇଥିବା କାରଣରୁ ସେ ଅବଶିଷ୍ଟ ସିରିଜରୁ ବାଦ ପଡିଛନ୍ତି।

ଅନ୍ତିମ ଉଇକେଟ ପାର୍ଟନରଶିପ୍ ଅବସରରେ ଆକାଶଦୀପ ଓ ଯଶପ୍ରୀତ୍ ବୁମ୍‌ରା।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୪୪୫/୧୦। ଭାରତ ପ୍ରଥମ ଇନିଂସ ୭୪.୫ ଓଭରରେ ୨୫୨/୯ (ଲୋକେଶ ରାହୁଲ-୮୪, ରବୀନ୍ଦ୍ର ଜାଡେଜା-୭୭, ଆକାଶ ଦୀପ୍-୨୭*, ପ୍ୟାଟ୍ କୁମିନ୍ସ-୪/୮୦, ମିଚେଲ ଷ୍ଟାର୍କ-୩/୮୩, ଜୋଶ ହାଜେଲଉଡ୍-୧/୨୨)।

# ୧୧ ଜଣ ମିଳିତ ଅଗ୍ରଣୀ

ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍‌ର ତୃତୀୟ ଦିନର ଏକ ମ୍ୟାଚ୍।

**ଭୁବନେଶ୍ୱର,୧୭।୧୨(ସରୋଜ କେନା)**

ଓଡ଼ିଶାରେ ଗ୍ରାଣ୍ଡ ମାଷ୍ଟର୍ସ ଚେସ ମହୋତ୍ସବର ଦ୍ୱିତୀୟ ସଂସ୍କରଣର ତୃତୀୟ ଦିନର ଖେଳ ମଙ୍ଗଳବାର ଶେଷ ହୋଇଛି। ଡିସେମ୍ବରରୁ ୧୫ ରୁ ୨୨ ପର୍ଯ୍ୟନ୍ତ ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୨ରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ଏ ବର୍ଗର ତୃତୀୟ ରାଉଣ୍ଡ ମ୍ୟାଚ ସମାପ୍ତ ହୋଇଛି। ଏହି ବର୍ଗରେ ୧୯୦୦ରୁ ଉର୍ଦ୍ଧ୍ୱ ରେଟିଂ ହାସଲ କରିଥିବା ପ୍ରତିଯୋଗୀମାନେ ସ୍ଥାନ ପାଇଛନ୍ତି । ତୃତୀୟ ରାଉଣ୍ଡ ଶେଷ ହେବା ସୁଦ୍ଧା ୧୧ ଜଣ ଖେଳାଳି ମିଳିତ ଭାବରେ ଅଗ୍ରଣୀ ରହିଛନ୍ତି। ସାହିଲ ଦେ, ଶ୍ୟାମ ନିଖିଲ, ଏମ୍.ଆର. ଭେଙ୍କଟେଶ, ସିଦ୍ଧାନ୍ତ ଗୱାଇ, ଆୟୁଷ ଶର୍ମା, ଏନ୍‌ଗୁଏନ୍ କୁଓକ୍ ହି, ଫେଡୋରୋଭ ଆଲେକ୍ସେଇ, ଭେମୁଲା ବିଶ୍ୱେଶ, ନୀଲାଶ ସାହା, ରାଜେଶ ନାୟକ, କୁଶାଗ୍ର ମୋହନ

## ଓଡ଼ିଶା ଓପନ୍ ଗ୍ରାଣ୍ଡମାଷ୍ଟର୍ସ ଚେସ୍

ପ୍ରତ୍ୟେକ ୩ ପଏଣ୍ଟ ଲେଖାଏ ଅର୍ଜନ କରି ମିଳିତ ଭାବରେ ଶୀର୍ଷରେ ରହିଛନ୍ତି।

ଏହି ଅନ୍ତର୍ଜାତୀୟ ଗ୍ରାଣ୍ଡ ମାଷ୍ଟର୍ସ ଚେସ ମହୋତ୍ସବରେ ସମୁଦାୟ ୨୦ଟି ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଏହି ଅନ୍ତର୍ଜାତୀୟ ଗ୍ରାଣ୍ଡ ମାଷ୍ଟର୍ସ ଚେସ ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟିର ଅଧ୍ୟକ୍ଷ ଡଃ ଅବିନାଶ ସାମଲ, (ମ୍ୟାନେଜିଂ ଡାଇରେକ୍ଟର, ଏମ୍ପେରିଓ ଗ୍ରୁପ) ସର୍ବାଧିକ ପ୍ରୋତ୍ସାହନ ଯୋଗାଇଛନ୍ତି । ମହୋତ୍ସବ ତୃତୀୟ ଦିବସରେ ରାଜ୍ୟ ଚେସ ସଂଘ ସମ୍ପାଦକ ଦେବବ୍ରତ ଭଟ୍ଟ, ସୋଆର କ୍ରୀଡ଼ାଅଧିକାରୀ ସୁନିତା ବର୍ମା ଓ ଡିନ ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ।

## ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ

# ନ୍ୟୁଜିଲାଣ୍ଡ ୪୨୩ ରନରେ ବିଜୟୀ

**ହାମିଲଟନ, ୧୭।୧୨ (ଏପି):** ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୩ୟ କ୍ରିକେଟ ଟେଷ୍ଟ ମ୍ୟାଚ ମଙ୍ଗଳବାର ତୃତୀୟ ଦିବସ ଖେଳ ଚା'ପାନ ବିରତି ପୂର୍ବରୁ ଶେଷ ହୋଇଛି। ଏଥିରେ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ୪୨୩ ରନରେ ବିଜୟ ହାସଲ କରିଛି। ତୃତୀୟ ଦିବସ ଖେଳରେ ବୋଲିଂ କରିବା ବେଳେ ହାମଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ଅଧିନାୟକ ବେନ୍ ଷ୍ଟୋକ୍ ମଙ୍ଗଳବାର ବ୍ୟାଟିଂ କରିବାକୁ ଆସି ନ ଥିଲେ। ୬୫୮ ରନର କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ପିଛା କରୁଥିବା ଇଂଲଣ୍ଡ ଏହା ପୂର୍ବଦିନର ଅସମାପ୍ତ ସ୍କୋର ୧୮/୨ରୁ ଖେଳ ଆରମ୍ଭ କରି ୨୩୪ ରନରେ ଅଲଆଉଟ ହୋଇଯାଇଥିଲା। ଟେଷ୍ଟ କ୍ରିକେଟରେ ନ୍ୟୁଜିଲାଣ୍ଡ ଏହାର ସର୍ବବୃହତ୍ ବିଜୟ ରେକର୍ଡର ସମକକ୍ଷ ହୋଇପାରିଛି। ୨୦୧୮ରେ ଦଳ ଶ୍ରୀଲଙ୍କା ବିପକ୍ଷରେ ସମାନ ୪୨୩ ରନରେ ବିଜୟ ଲାଭ କରି ରେକର୍ଡ କରିଥିଲା। ଇଂଲଣ୍ଡ ଯଦି ଏହି ମ୍ୟାଚରେ ବିଜୟ ଲାଭ କରିଥାନ୍ତା ତେବେ ସିରିଜରେ କ୍ଲିନସୁଇପ କରିଥାନ୍ତା। ଦଳ ପୂର୍ବରୁ ପ୍ରଥମ ଟେଷ୍ଟ ୮ ଉଇକେଟରେ ଏବଂ ଦ୍ୱିତୀୟଟି ୩୨୩ରେ ବିଜୟ ଲାଭ କରି ସିରିଜରେ ୨-୦ରେ ଆଗୁଆ ରହିଥିଲା। ଫଳରେ ଭ୍ରମଣକାରୀ ଦଳ ୨-୧ରେ ସିରିଜ ବିଜୟୀ ହୋଇଛି।

# ଓଡ଼ିଶା, ଉତ୍ତର ପ୍ରଦେଶର ସହଜ ବିଜୟ

ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍ ଜିତିବା ପରେ ଓଡ଼ିଶା ଦଳ।

**ଭୁବନେଶ୍ୱର, ୧୭।୧୨ (ବିଜୟ ରଣା)**

ଦୃଷ୍ଟିବାଧିତ ଜାତୀୟ ପୁରୁଷ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ନାଗେଶ ଟ୍ରଫିରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ 'ସି' ମ୍ୟାଚରେ ଓଡ଼ିଶା ଓ ଉତ୍ତର ପ୍ରଦେଶ ସହଜ ବିଜୟ ହାସଲ କରିଛନ୍ତି। ସ୍ଥାନୀୟ କେ.ଟି. ଗ୍ଲୋବାଲ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ମଧ୍ୟପ୍ରଦେଶ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୯୬ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ଓଡ଼ିଶା ୧୨.୧ ଓଭରରେ ୨ ଉଇକେଟ ବିନିମୟରେ ୯୭ରନ କରି ୮ ଉଇକେଟରେ ବିଜୟ ଲାଭ କରିଥିଲା। ଓଡ଼ିଶାର ଜାଫର ଇକବଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦ୍ୱିତୀୟ ମ୍ୟାଚରେ ଉତ୍ତର ପ୍ରଦେଶ ୭୬ ରନ୍‌ରେ ତ୍ରିପୁରାକୁ ହରାଇ ଦେଇଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତର ପ୍ରଦେଶ ନିର୍ଦ୍ଧାରିତ ୨୦ଓଭରରେ ୭ ଉଇକେଟ ବିନିମୟରେ ୨୧୬ ରନ କରିଥିଲା। ଜବାବରେ ତ୍ରିପୁରା ୧୯.୩ ଓଭରରେ ୧୪୦ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବାଲମୁକୁନ୍ଦ ଚତୁର୍ବେଦୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୩୮ ବଲ୍‌ରୁ ୬୫ ରନ ସଂଗ୍ରହ କରିଥିଲେ। ସୂଚନାଯୋଗ୍ୟ, ଚଳିତବର୍ଷ ଟୁର୍ନାମେଣ୍ଟରେ ମୋଟ ୨୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଲିଗ୍ ମ୍ୟାଚ୍‌ଗୁଡ଼ିକ ୬ଟି ଭେନ୍ୟୁରେ ଖେଳାଯାଉଛି। ଆସନ୍ତାବର୍ଷ ଫେବୃଆରୀରେ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟ ଖେଳାଯିବ।

# ବିପର୍ଯ୍ୟୟ ଘଟାଇଲା ଓଡ଼ିଶା

**ଭୁବନେଶ୍ୱର, ୧୭।୧୨ (ସରୋଜ କେନା):** ହାଇଦ୍ରାବାଦରେ ଅନୁଷ୍ଠିତ ୭୮ ତମ ସନ୍ତୋଷ ଟ୍ରଫି ଫୁଟବଲ ମ୍ୟାଚ୍‌ରେ ବିପର୍ଯ୍ୟୟ ଘଟାଇଛି ଓଡ଼ିଶା। ଟୁର୍ନାମେଣ୍ଟର ଅନ୍ୟତମ ଶକ୍ତିଶାଳୀ ଦଳ ତଥା ଗତ ସଂସ୍କରଣର ରନର ଅପ୍ ଗୋଆକୁ ୨-୦ରେ ହରାଇଛି ଓଡ଼ିଶା। ଓଡ଼ିଶା ପକ୍ଷରୁ ରାହୁଲ ମୁଖୀ(୬୦) ଓ କାର୍ତ୍ତିକ ହାନ୍ତାଲ(୬୫) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ଉଭୟ ଗୋଲ ଦେଇଥିଲା। ରାହୁଲ ୬୦ ତମ ମିନିଟରେ ପ୍ରଥମ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଚମତ୍କାର ଫର୍ମରେ ରହିଥିବା କାର୍ତ୍ତିକ ହାନ୍ତାଲ ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।

# କଳିଙ୍ଗ ୟୁଥ୍‌ର ବିପୁଳ ବିଜୟ

**ଭୁବନେଶ୍ୱର, ୧୭।୧୨ (ବିଜୟ ରଣା):** ଗତିକୃଷ୍ଣ ପଣ୍ଡା ମେମୋରିଆଲ ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ମ୍ୟାଚରେ କଳିଙ୍ଗ ୟୁଥ୍ ୧୦-୦ ଗୋଲ୍‌ରେ ଏସ୍.ଜି.ଓ ନୟାପଲ୍ଲୀକୁ ହରାଇ ବିପୁଳ ବିଜୟ ହାସଲ କରିଛି। ଏହି ମ୍ୟାଚରେ ମହେଶ କୁମାର ହନଗା ଓ ଅନନ୍ତ କିସ୍କୁ ୨ଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ନନ୍ଦ ସିଂ, ମିଥୁନ ହାଁସ୍‌ଦା, ଦସମଥ ହାଁସ୍‌ଦା, ସୁରଜ କୁମାର ନନ୍ଦୀ, ଗୋପୀନାଥ ମୁର୍ମୁ ଓ ଶିବରାମ ମୁର୍ମୁ ପ୍ରମୁଖ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ମହେଶ କୁମାର ହନଗା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଭୁବନେଶ୍ୱର ହକି ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ।

# କୋଲକାତା ଏକାଦଶ ଚାମ୍ପିୟନ

ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

**ଟାଙ୍ଗୀ,୧୭।୧୨ (ରଘୁନାଥ ସାହୁ)**

ଦେବୀଦୁର୍ଗା ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍‌ରେ କୋଲକାତା ଏକାଦଶ ଚାମ୍ପିୟନ ହୋଇଛି। ମଙ୍ଗଳବାର ଚିଲିକା ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ କୋଲକାତା ଏକାଦଶ ଏବଂ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। କୋଲକାତା ଏକାଦଶ ଟିମ୍ ୪ଟି ଗୋଲ ଦେଇଥିବା ବେଳେ କ୍ୟାପିଟାଲ ଫୁଟ୍‌ବଲ ଏକାଡେମୀ ନିର୍ଦ୍ଧାରିତ ସମୟରେ କୌଣସି ଗୋଲଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୪-୦ ଗୋଲରେ କୋଲକାତା ଏକାଦଶ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ରୀନା ତିର୍କି ମ୍ୟାଚ୍ ପରିଚାଳନା କରିଥିବା ବେଳେ ବୀଣାପାଣି ବିରୁଆ, ବାଳାମତି ଓରାମ ଏବଂ ଆରତି ମହାନ୍ତ ସହାୟତା କରିଥିଲେ। ଦୁର୍ଗା ମାଧବ ନାୟକ ମ୍ୟାଚ୍ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟର କମିଟି ସଭାପତି ତପନ ମହାନ୍ତି, ସମ୍ପାଦକ ନିରଞ୍ଜନ ନାୟକ, ପ୍ରଦୀପ ମହାପାତ୍ର, ବିଶ୍ୱଜିତ୍ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୋଲକାତା ଏକାଦଶର ୧୦ନମ୍ବର ଖେଳାଳି ସିଙ୍ଗୁ ମୁର୍ମୁଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ କ୍ରୀଡ଼ାବିତ୍ ସ୍ୱପ୍ନାଲି ଶର୍ମା, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିମ୍ପା ମାନ୍ଧାତା, ବିଡିଓ ରୁମାନା ଜାଫ୍ରି, ସାମାଜିକ କର୍ମୀ ବାଦଲ କୁମାର ଚମ୍ପତି, ଅଶ୍ୱିନୀ କୁମାର ପାତ୍ର, ମନୋଜ କୁମାର ପାତ୍ର, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବସନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ୨୫ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଲଟେରି ମାଧ୍ୟମରେ ଭାଗ୍ୟଶାଳୀ ଦର୍ଶକଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ସର୍ବଭାରତୀୟ ମହିଳା ଫୁଟ୍‌ବଲ

# ଟାଇବ୍ରେକରରେ ସମଲେଶ୍ୱରୀ ସ୍ପୋର୍ଟିଂ ବିଜୟୀ

**ଢେଙ୍କାନାଳ,୧୭।୧୨(ରତନ ନାୟାର)**

ଢେଙ୍କାନାଳ ଜିଲା କ୍ରୀଡା ସଂଘ ଆନୁକୂଲ୍ୟରେ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ସ୍ଥାନୀୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ଷଷ୍ଠ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ ସମ୍ବଲପୁର ଟାଇବ୍ରେକର ଜରିଆରେ ବିଜୟୀ ହୋଇଛି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ ଏମ୍‌କେଏସ୍‌ସି ବିହାର ଦଳକୁ ଟାଇବ୍ରେକରରେ ୫-୪ ଗୋଲରେ ପରାସ୍ତ କରିଥିଲା। ପ୍ରଥମାର୍ଦ୍ଧରେ ସମଲେଶ୍ୱରୀ ସ୍ପୋର୍ଟିଂ ପକ୍ଷରୁ ଆର୍ଫାତ୍ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଏମ୍‌କେଏସ୍‌ସି ବିହାରର ରିୱାଜ୍ ଗୋଟିଏ ଗୋଲ ଦେବାରୁ ନିର୍ଦ୍ଧାରିତ ସମୟରେ ମ୍ୟାଚ ଅମୀମାଂସିତ ଭାବେ ଶେଷ ହୋଇଥିଲା। ଏହାପରେ ଟାଇବ୍ରେକରରେ ସମଲେଶ୍ୱରୀ ଦଳ ବିଜୟୀ ହୋଇଥିଲା। ଦଳର ଗୋଲ କିପର ରିଜୁ ଚକ୍ରବର୍ତ୍ତୀ ଶ୍ରେଷ୍ଠ ଖେଳାଳି ଭାବେ ରାଜେନ୍ଦ୍ର ପାଣିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚକୁ ରେଫରି ଆଶୀର୍ବାଦ କାନୁନଗୋ, ଶଶିକାନ୍ତ ଦାଶିଆ, ପ୍ରଦୀପ ନାୟକ, ବୋନସନ ବରାଳ ଓ ଅରୁଣ ନାୟକ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ରହିଥିଲେ। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଯୋଗ ଦେଇଥିଲେ। ଜିଲା କ୍ରୀଡା ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠିଙ୍କ ସମେତ ମନୋଜ ପଟ୍ଟନାୟକ, ସୁନୀଲ ପଣ୍ଡା, ବାବୁ ପାଢ଼ୀ, ଶ୍ୟାମ ସୁନ୍ଦର ମହାପାତ୍ର ପ୍ରମୁଖଙ୍କ ସମେତ ସଦସ୍ୟମାନେ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ସେଣ୍ଟ୍ରାଲ ରେଲୱେ ବମ୍ବେ ବୁଧବାର ପ୍ରଥମ କ୍ୱାର୍ଟର ଫାଇନାଲରେ ଜଗା ୟୁନାଇଟେଡ୍ କ୍ଲବ ଭୁବନେଶ୍ୱରକୁ ଭେଟିବ।

ସମଲେଶ୍ୱରୀ ସ୍ପୋର୍ଟିଂ ଓ ଏମ୍‌କେଏସ୍‌ସି ବିହାର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ

# ହକି ଇଣ୍ଡିଆ ଲିଗ୍ ଟ୍ରଫି ଉନ୍ମୋଚିତ

**ନୂଆଦିଲ୍ଲୀ,୧୭।୧୨(ପି.ଟି.)**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୭ ବର୍ଷର ବ୍ୟବଧାନରେ ପ୍ରତ୍ୟାବର୍ତ୍ତନ କରୁଥିବା ବେଳେ ମଙ୍ଗଳବାର ଏହାର ଟ୍ରଫି ଉନ୍ମୋଚିତ ହୋଇଯାଇଛି। ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଓ ରାଞ୍ଚିର ମାରାଙ